# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଫେବୃୟାରୀ ୨୮/୨୦୨୧ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, February 28/2021 | ★★★★

୪୭ଶ ଭାଗ ୯୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-





**ଗ୍ଲାମର୍ସ ଲୁକ୍‌ରେ ହୀନା**

ଅଭିନେତ୍ରୀ ହୀନା ଖାନ୍ ଲାଟେଷ୍ଟ ଫଟୋଶୁଟ୍‌ର କିଛି ଫଟୋ ଇନ୍‌ଷ୍ଟାରେ ଶେୟାର କରିବା ପରେ ଏବେ ଏହା ଭାଇରାଲ ହୋଇଛି।

୧୪

୧୬

**ଦୀପକଙ୍କୁ ରୌପ୍ୟ ପଦକ**

ଷ୍ଟ୍ରାଣ୍ଡଜା ମେମୋରିଆଲ ବକ୍ସିଂ ଟୁର୍ନାମେଣ୍ଟରେ ଭାରତୀୟ ବକ୍ସର ଦୀପକ କୁମାର ରୌପ୍ୟ ପଦକ ହାସଲ କରିଛନ୍ତି।






ଦିଲ୍ଲୀର ଗାଜିପୁର ସୀମାରେ କେନ୍ଦ୍ରର କୃଷି ଆଇନ ବିରୋଧରେ ଆନ୍ଦୋଳନରତ ଶତାୟୁ ଚାଷୀ ଶରଣ ସିଂହ ମୋବାଇଲ ଫୋନ୍‌ରେ ଘର ଲୋକଙ୍କ ସହ କଥା ହେଉଛନ୍ତି।

# ଯାତ୍ରା କଳାକାର ଆଶ୍ୱସ୍ତ

**ମାର୍ଚ୍ଚ ପାଇଁ କୋଭିଡ୍ ଗାଇଡ୍‌ଲାଇନ**

- ୨ ହଜାର ଦର୍ଶକରେ ଯାତ୍ରା ଅନୁମତି
- ଅନ୍‌ଲାଇନ୍‌ରେ ହେବ ନବମ, ଏକାଦଶ ପରୀକ୍ଷା
- ୫ ଶହ ଲୋକରେ ବିବାହ, ଦଶାହ

**ଭୁବନେଶ୍ୱର,୨୭।୨(ବ୍ୟୁରୋ)**

ଯାତ୍ରା କଳାକାରଙ୍କୁ ଆଶ୍ୱସ୍ତି ମିଳିଛି। ରାଜ୍ୟ ସରକାର ୨ହଜାର ଲୋକଙ୍କୁ ନେଇ ଯାତ୍ରା କରିବାକୁ ଅନୁମତି ଦେଇଛନ୍ତି। ତେବେ ଯାତ୍ରା ଆୟୋଜକ ସ୍ଥାନୀୟ ପ୍ରଶାସନର ଅନୁମତି ନେଇ କୋଭିଡ୍-୧୯ କଟକଣାକୁ ପାଳନ କରିବା ସର୍ତ୍ତରେ ଏହି ଅନୁମତି ଦିଆଯିବ। ଶନିବାର ରାଜ୍ୟ ସରକାର ମାର୍ଚ୍ଚ ମାସ ପାଇଁ କୋଭିଡ୍-୧୯ ଗାଇଡ୍‌ଲାଇନ ଜାରି କରିଛନ୍ତି । ଏହା ମାର୍ଚ୍ଚ ପହିଲାରୁ ୩୧ ତାରିଖ ଯାଏ ବଳବତ୍ତର ରହିବ।

ଅପେରା ଦେଖିବାକୁ ଯାଉଥିବା ଲୋକମାନେ ମୁହଁରେ ମାସ୍କ ଲଗାଇବା, ସାମାଜିକ ଦୂରତା ରକ୍ଷାକରିବା ସହ ଥର୍ମାଲ୍ ସ୍କ୍ରିନିଂକୁ ବାଧ୍ୟତାମୂଳକ କରାଯାଇଛି। ୬ଫୁଟ ଦୂରତାକୁ ନେଇ ସିଟ୍ ବ୍ୟବସ୍ଥା କରିବାକୁ ହେବ। ଯଦି କୌଣସି ବ୍ୟକ୍ତିଙ୍କର ଥଣ୍ଡା, ଜ୍ୱର କିମ୍ବା ଜଟିଳ ଶ୍ୱାସକ୍ରିୟା ସଂକ୍ରମଣ ଭଳି ଲକ୍ଷଣ ଥିବ ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଯାତ୍ରାସ୍ଥଳକୁ ପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ। ଭିଡ଼କୁ ଏଡ଼େଇବା ପାଇଁ ବହୁସଂଖ୍ୟାରେ ଟିକେଟ କାଉଣ୍ଟର ଖୋଲିବା ସହ ଅନ୍‌ଲାଇନ ଜରିଆରେ ଟିକେଟ ବ୍ୟବସ୍ଥା କରିବାକୁ କୁହାଯାଇଛି। ଯାତ୍ରା ପୂର୍ବରୁ ଆଗୁଆ ଟିକେଟ ପ୍ରଦାନ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଛି। କୋଭିଡ୍ ଗାଇଡ୍‌ଲାଇନ ଉଲ୍ଲଂଘନ ହେଲେ ଆୟୋଜକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଚେତାବନୀ ଦିଆଯାଇଛି।

ଏଠାରେ ସୂଚନାଯୋଗ୍ୟ, କୋଭିଡ୍-୧୯ ମହାମାରୀ ଯୋଗୁ ୨୦୨୦ ମାର୍ଚ୍ଚ ଶେଷ ସପ୍ତାହରୁ ପ୍ରାୟ ୧୧ମାସ ହେବ ଯାତ୍ରା ଉପରେ କଟକଣା ଲଗାଯାଇଥିଲା। ଫଳରେ ଦୀର୍ଘଦିନ ଜୀବିକା ହରାଇଥିବା କଳାକାରମାନେ ବିଧାନସଭା ସମ୍ମୁଖରେ ଧାରଣାରେ ବସିଥିଲେ। ବିଧାନସଭାରେ ମଧ୍ୟ ଏହି ପ୍ରସଙ୍ଗକୁ କଂଗ୍ରେସ ଦଳ ଉଠାଇଥିଲା। ଯାତ୍ରାପାର୍ଟି ୨ ହଜାର ଲୋକଙ୍କୁ ନେଇ ଖୋଲିବାକୁ ଦାବି କରିଥିଲା। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଯାତ୍ରା କଳାକାରଙ୍କ କଥା ବୁଝିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ସେହିପରି ବିବାହ ଏବଂ ଦଶାହକର୍ମ ପାଇଁ ୫୦୦ ଲୋକଙ୍କୁ ଅନୁମତି ଦିଆଯାଇଛି। କ୍ରୀଡ଼ା, ରାଜନୈତିକ ଏବଂ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟକ୍ରମରେ ୫୦୦ ଲୋକଙ୍କୁ ଏକାଠି ହେବାକୁ ଅନୁମତି ମିଳିବ। ଏଥିପାଇଁ ସ୍ଥାନୀୟ ପ୍ରଶାସନଠାରୁ ଅନୁମତି ଆଣିବାକୁ ହେବ। ଆବଶ୍ୟକସ୍ଥଳେ ଆୟୋଜକ ଅତିଥିଙ୍କ ପାଇଁ ମାସ୍କ ବ୍ୟବସ୍ଥା କରିବେ। ପ୍ରବେଶ ପଥରେ ଥର୍ମାଲ୍ ସ୍କ୍ରିନିଂ କରିବାକୁ କୁହାଯାଇଛି। ଯେଉଁ ଲୋକମାନେ ମାସ୍କ ପିନ୍ଧି ନ ଥିବେ ଆୟୋଜକଙ୍କ ତରଫରୁ ସେମାନଙ୍କୁ ମାସ୍କ ଯୋଗାଇ ଦେବାକୁ ପରାମର୍ଶ ଦିଆଯାଇଛି।

ବନ୍ଦ ଥିବା ସ୍ଥାନରେ ୫୦ ପ୍ରତିଶତରୁ ଅଧିକ ଜନସମାଗମକୁ ବାରଣ କରାଯାଇଛି। ଖୋଲା ସ୍ଥାନରେ ସାମାଜିକ ଦୂରତା ରକ୍ଷା କରିବା ସହ ମୁହଁରେ ମାସ୍କ ଲଗାଇବା ସହିତ ହାତ ଧୋଇବା, ଥର୍ମାଲ୍ ସ୍କ୍ରିନିଂ କରିବାକୁ ଗାଇଡ୍‌ଲାଇନରେ ପରାମର୍ଶ ଦିଆଯାଇଛି। ବାଣିଜ୍ୟ ମେଳା ଅନୁଷ୍ଠିତ ହେଉଥିବା ହଲ୍‌ଗୁଡ଼ିକରେ ୫୦ ପ୍ରତିଶତ ସ୍ଥାନକୁ ବ୍ୟବହାର କରିବାକୁ କୁହାଯାଇଛି। ୨୦୨୦ ଡିସେମ୍ବର ପହିଲାରୁ ଖୋଲିଥିବା ସମସ୍ତ ମେଡିକାଲ କଲେଜଗୁଡ଼ିକ କେନ୍ଦ୍ର ଓ ରାଜ୍ୟ ସରାରଙ୍କ ଏସ୍‌ଓପିକୁ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ର ସରକାର ଜାରି କରିଥିବା ଏସ୍‌ଓପି ଏବଂ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାରି ହୋଇଥିବା ☞ପୃଷ୍ଠା-୧୩

# ପୁଣି ବଢ଼ିଲା ତେଲ ଦର

## ପେଟ୍ରୋଲ ୨୪, ଡିଜେଲ ୧୬ ପଇସା



**ନୂଆଦିଲ୍ଲୀ,୨୭।୨**

୩ ଦିନ ପରେ ପୁଣି ଥରେ ବଢ଼ିଛି ତେଲ ଦର। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍(ଆଇଓସିଏଲ୍) ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଶନିବାର ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୨୪ ପଇସା ଏବଂ ଡିଜେଲ ଉପରେ ୧୬ ପଇସା ବୃଦ୍ଧି ପାଇଛି। ଫଳରେ ଏଠାରେ ପେଟ୍ରୋଲ ୯୧.୯୦ ଟଙ୍କା ହୋଇଥିବା ବେଳେ ଡିଜେଲ ଦର ୮୮.୭୯ ଟଙ୍କାରେ ପହଞ୍ଚିଛି।

ଅନ୍ୟପକ୍ଷରେ ନୂଆଦିଲ୍ଲୀରେ ପେଟ୍ରୋଲ ଉପରେ ୨୪ ପଇସା ଏବଂ ଡିଜେଲରେ ୧୫ ପଇସା ବୃଦ୍ଧି ପାଇଛି। ଏହି ଦର ବୃଦ୍ଧି ଫଳରେ ନୂଆଦିଲ୍ଲୀରେ ପେଟ୍ରୋଲ ଦର ଲିଟର ପିଛା ୯୧.୧୭ ଟଙ୍କା ଓ ଡିଜେଲ ଲିଟର ପିଛା ୮୧.୪୭ ଟଙ୍କାରେ ପହଞ୍ଚିଛି। ସେହିଭଳି ଦେଶର ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଦର ଲିଟର ପିଛା ☞ପୃଷ୍ଠା-୧୩

# ପରିକ୍ରମା ସଂକଳ୍ପ ଗୃହୀତ

**ଶ୍ରୀମନ୍ଦିର ସୁରକ୍ଷା, ଭକ୍ତଙ୍କ ନିରାପତ୍ତା ଓ ଆଧ୍ୟାତ୍ମିକ ପରିବେଶକୁ ଗୁରୁତ୍ୱ**

**ଭୁବନେଶ୍ୱର,୨୭।୨(ବ୍ୟୁରୋ)**

ପୁରୀ ଶ୍ରୀକ୍ଷେତ୍ରକୁ ବିଶ୍ୱପ୍ରସିଦ୍ଧ ଐତିହ୍ୟରେ ପରିଣତ କରିବା ପାଇଁ ଶନିବାର ବିଧାନସଭାରେ ସର୍ବସମ୍ମତିକ୍ରମେ ଶ୍ରୀମନ୍ଦିର ପରିକ୍ରମା ଯୋଜନା ସଂକଳ୍ପ ଗୃହୀତ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ଜରିଆରେ ଏହି ସଂକଳ୍ପକୁ ଉପସ୍ଥାପନ କରିବା ପରେ ଏହା ବାଚନିକ ଭୋଟରେ ପାରିତ ହୋଇଛି। ଏଥିରେ ମୁଖ୍ୟତଃ ୩ଟି ବିଷୟକୁ ଗୁରୁତ୍ୱ ଦିଆଯାଇଛି। ସେଗୁଡ଼ିକ ହେଲା ଶ୍ରୀମନ୍ଦିର ସୁରକ୍ଷା, ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଲକ୍ଷ ଲକ୍ଷ ଭକ୍ତମାନଙ୍କର ନିରାପତ୍ତା ଓ ଭକ୍ତ ପାଇଁ ଏକ ସୁନ୍ଦର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବା। ଭକ୍ତମାନେ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

ଯେପରି ଏକ ଆଧ୍ୟାତ୍ମିକ ପରିବେଶରେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ଓ ଦିବ୍ୟ ଅନୁଭବ ନେଇ ଫେରିବେ ସେଥିପାଇଁ ପରିକ୍ରମା ଯୋଜନାରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

ସଂକଳ୍ପ ଆଗତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଆ ଜାତିର ସବୁଠାରୁ ବଡ଼ ପରିଚୟ ହେଉଛନ୍ତି ଶ୍ରୀଜଗନ୍ନାଥ। ଆମ ଇତିହାସ, ସଂସ୍କୃତି, ପରମ୍ପରା ଓ ଆମ ବିଶ୍ୱାସ ସବୁକିଛି ମହାପ୍ରଭୁଙ୍କୁ କେନ୍ଦ୍ରକରି ଗଢ଼ିଉଠିଛି। ସେ ହେଉଛନ୍ତି ଓଡ଼ିଆ ଅସ୍ମିତାର ପ୍ରତୀକ। ଆମର ସୌଭାଗ୍ୟ ଯେ ଆମ ସମୟରେ ହିଁ ମହାପ୍ରଭୁଙ୍କ ଧାମର ବିକାଶ ପାଇଁ ସେ ଆମକୁ ସୁଯୋଗ ଦେଇଛନ୍ତି। ମହାପ୍ରଭୁଙ୍କ ଦର୍ଶନ ପାଇଁ ☞ପୃଷ୍ଠା-୧୩

# ନଜରରେ ୫ ରାଜ୍ୟ ଫେରନ୍ତା

**ଭୁବନେଶ୍ୱର, ୨୭।୨(ବ୍ୟୁରୋ)**

ରାଜ୍ୟରେ ମହାମାରୀ କରୋନାର ଦ୍ୱିତୀୟ ପର୍ଯ୍ୟାୟ ଆଶଙ୍କାକୁ ନେଇ ପୁଣି କଟକଣା ଜାରି ହୋଇଛି। ଶୁକ୍ରବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସଂକ୍ରମଣ ପ୍ରବଣ ରାଜ୍ୟ ଫେରନ୍ତାଙ୍କ ପାଇଁ କଡ଼ା କଟକଣା ଲାଗୁ କରାଯାଇଥିଲା। ଶନିବାର ଏଥିରେ ସାମାନ୍ୟ ବଦଳାଯାଇଛି। ଏଣିକି ୧୧ ରାଜ୍ୟ ଓ ଚଣ୍ଡିଗଡ଼ ନୁହେଁ, କେବଳ ୫ ରାଜ୍ୟ ଫେରନ୍ତାଙ୍କ ଉପରେ କଡ଼ା ନଜର ରହିବ। ମହାରାଷ୍ଟ୍ର, କେରଳ, ପଞ୍ଜାବ, ଛତିଶଗଡ଼ ଓ ମଧ୍ୟପ୍ରଦେଶରୁ ଆସୁଥିବା ଲୋକଙ୍କ ଉପରେ ଓଡ଼ିଶା ସରକାର କଡ଼ା କଟକଣା ଲଗାଇଛନ୍ତି। ଏହି ରାଜ୍ୟଗୁଡ଼ିକରେ ଦ୍ରୁତ ସଂକ୍ରମଣକୁ ନଜରରେ ରଖି ସ୍ୱାସ୍ଥ୍ୟ ବିଭାଗ

**ବଦଳିଲା ନିୟମ**

- ବିମାନବନ୍ଦର, ରେଳ ଷ୍ଟେଶନରେ ସ୍କ୍ରିନିଂ ସହ କରୋନା ପରୀକ୍ଷା
- ୭ଦିନ ହୋମ୍ ଆଇସୋଲେଶନରେ ରହିବା ବାଧ୍ୟତାମୂଳକ
- ଆର୍‌ଟି-ପିସିଆର୍ ରିପୋର୍ଟ ନେଗେଟିଭ୍ ଥିଲେ ଜରୁରୀ ନୁହେଁ

ଏପରି ନିଷ୍ପତ୍ତି ନେବା ସହ ପରିବର୍ତ୍ତିତ ଗାଇଡ୍‌ଲାଇନ୍ ଜାରି କରିଛି। ☞ପୃଷ୍ଠା-୧୩

# ୨୫୦ରେ ଟିକା

**ନୂଆଦିଲ୍ଲୀ, ୨୭।୨**


ଘରୋଇ ହସ୍ପିଟାଲ ଓ ସ୍ୱାସ୍ଥ୍ୟକେନ୍ଦ୍ରରେ କୋଭିଡ୍ ଟିକା ଡୋଜ୍ ପିଛା ୨୫୦ ଟଙ୍କାରେ ଉପଲବ୍ଧ ହେବ। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଶନିବାର ଏହା ସ୍ଥିର ହୋଇଛି। ତେବେ ସରକାରୀ ହସ୍ପିଟାଲ ଓ ଟିକାଦାନ କେନ୍ଦ୍ରରେ ଟିକା ମାଗଣାରେ ମିଳିବ। ମାର୍ଚ୍ଚ ୧ରୁ ଦେଶରେ ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣ ଆରମ୍ଭ ହେଉଛି। ଏହି ପର୍ଯ୍ୟାୟରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଏବଂ ବହୁବିଧ ରୋଗ ଥିବା ୪୫ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ କୋଭିଡ୍ ଟିକା ଦିଆଯିବ। ଜନସାଧାରଣ ନିଜ ପସନ୍ଦରେ ଟିକାକେନ୍ଦ୍ର ଚୟନ କରିବେ। ଘରୋଇ ହସ୍ପିଟାଲରେ ଟିକା ନେବାକୁ ଚାହୁଁଥିବା ବ୍ୟକ୍ତି ଡୋଜ୍ ପ୍ରତି ୨୫୦ ଟଙ୍କା ଦେବେ। ସେଥିରୁ ଟିକା ☞ପୃଷ୍ଠା-୧୩





- କମ୍ପାନୀ ନେବ ୧୫୦
- ଘରୋଇ ହସ୍ପିଟାଲ ୧୦୦
- ସରକାରୀ ହସ୍ପିଟାଲରେ ମାଗଣା








**ସ୍ୱତନ୍ତ୍ର**

**କୋଟିଆର କାନ୍ଦ**

ପୃଷ୍ଠା-୧୨

**ଆଜିର ସମ୍ପାଦକୀୟ**

**ଖାତିର ନାହିଁ**


**ଆଜିର ମନ୍ତବ୍ୟ**

“ ଉତ୍ପାଦନକାରୀମାନେ ପ୍ଲାଷ୍ଟିକ୍ କମ୍ ଓ ପରିବେଶ ଅନୁକୂଳ ସାମଗ୍ରୀ ଅଧିକ ବ୍ୟବହାର କରନ୍ତୁ।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ଗୋଦାମ ଅଭାବରୁ ଅବ୍ୟବସ୍ଥା

- ୩୧% ଗୋଦାମରେ ଅଟକିଛି ସରକାରୀ ବ୍ୟବସ୍ଥା
- ଅଭାବୀ ବିକ୍ରି ବଢ଼ାଉଛି ଚାଷୀଙ୍କ ଦୁର୍ଦ୍ଦଶା

**ହର୍ଷବର୍ଦ୍ଧନ ବେହେରା**

**ଯାଜପୁର ଅଫିସ,୨୭।୨**

ରାଜ୍ୟରେ ୨୦୨୦-୨୧ ଖରିଫ ବର୍ଷର ଧାନ ସଂଗ୍ରହ ପ୍ରକ୍ରିୟା ଚାଲିଛି। ତେବେ ଧାନସଂଗ୍ରହ ଠିକ୍ ଭାବେ ହେଉ ନ ଥିବାରୁ ବିଭିନ୍ନ ମଣ୍ଡିରେ ଶତାଧିକ କୁଇଣ୍ଟାଲ ଧାନବସ୍ତା ପଡ଼ି ରହିଛି। ଏହାକୁ ନେଇ ଚଳିତ ବିଧାନସଭାରେ ବାରମ୍ବାର ହଟ୍ଟଗୋଳ ଦେଖିବାକୁ ମିଳିଛି। ମଣ୍ଡି ଆଗରେ ଗଦା ହୋଇରହିଥିବା ସବୁ ଧାନ ସରକାର ତୁରନ୍ତ ନେବାକୁ ବିରୋଧୀ ଦଳଗୁଡ଼ିକ ଅଡ଼ିବସିଛନ୍ତି। ହେଲେ ସରକାରଙ୍କ

**ସ୍ୱାଭାବିକ ହୋଇପାରୁନି ଧାନ ସଂଗ୍ରହ**



ପାଇଁ ତାହା ସମ୍ଭବ ହେବା ଭଳି ମନେ ହେଉନାହିଁ। କାରଣ ରାଜ୍ୟର ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ଏବଂ ଧାନ ସଂଗ୍ରହ କେନ୍ଦ୍ର(ପିପିସି) ସଂଖ୍ୟା ତୁଳନାରେ ଆବଶ୍ୟକ ଗୋଦାମ ନ ଥିବାରୁ ମଣ୍ଡି ଆଗରେ ପାହାଡ଼ ଭଳି ଧାନ ପଡ଼ି ରହିଥିବା ଦେଖିବାକୁ ମିଳିଛି। ସମବାୟ ବିଭାଗର ତଥ୍ୟ ଅନୁଯାୟୀ, ରାଜ୍ୟରେ ଧାନ ସଂଗ୍ରହ ପାଇଁ ୨,୬୧୬ ପ୍ୟାକ୍ସ ଓ ୩,୩୩୭ ☞ପୃଷ୍ଠା-୧୩

# ଧାନ ବିକି ନ ପାରି ବିଷ ପିଇଲେ ଚାଷୀ

**ଭଦ୍ରକ ଅଫିସ,୨୭।୨**

ଟୋକନ ପାଇ ମଧ୍ୟ ଧାନ ବିକି ପାରିଲେ ନାହିଁ। ଏଥିରେ ନିରାଶ ହୋଇ ସରକାରୀ ଧାନ ସଂଗ୍ରହ କେନ୍ଦ୍ର ଆଗରେ ବିଷ ପିଇଲେ ଚାଷୀ। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଭଦ୍ରକ ଜିଲା ସଦର ବ୍ଲକ ବନ୍ଧଗାଁ ପଞ୍ଚାୟତରେ ଶନିବାର ଏଭଳି ଅଭାବନୀୟ ଘଟଣା ଘଟିଛି। ସୂଚନା ଅନୁଯାୟୀ, ଏହି ପଞ୍ଚାୟତରେ ବାବା ରାମେଶ୍ୱର ମହିଳା ଗୋଷ୍ଠୀକୁ ଧାନକିଣା ଦାୟିତ୍ୱ ଦିଆଯାଇଛି। ଟୋକନ ତାରିଖ ବିତିଯାଇଥିଲେ ମଧ୍ୟ ଧାନ କ୍ରୟ ହେଉ ନ ଥିବାରୁ ରାମକୃଷ୍ଣ ପଣ୍ଡା ନାମକ ଚାଷୀ ବାରମ୍ବାର କେନ୍ଦ୍ରକୁ ଯାଇ ଫେରୁଥିଲେ। ଟୋକନ ତାରିଖ ଯିବା ପରେ ମଧ୍ୟ ତାଙ୍କ ଧାନ ନିଆଯାଇ ନ ଥିଲା। ଶନିବାର ସେ ☞ପୃଷ୍ଠା-୧୩

## ଟ୍ରକ୍ ଚାଳକଙ୍କୁ ପିଟିପିଟି ହତ୍ୟା

ତ୍ରିପୁରାର ଧଲାଇ ଜିଲାରେ ଟ୍ରକ୍ ଚାଳକ ପ୍ରଦୀପ ଦେବନାଥ(୫୪)ଙ୍କୁ କେତେଜଣ ଦୁର୍ବୃତ୍ତ ଶୁକ୍ରବାର ରାତିରେ ପିଟିପିଟି ହତ୍ୟା କରିଛନ୍ତି। ଦେବନାଥ ଆସାମରୁ ଅଗରତାଲା ଯାଉଥିବାବେଳେ ଦୁର୍ବୃତ୍ତମାନେ ଆମ୍ବାସାଠାରେ ତାଙ୍କୁ ଅଟକାଇ ମାଡ଼ ମାରି ୪୦ ହଜାର ଟଙ୍କା ଲୁଟ୍ କରିଥିବା ଅଭିଯୋଗ ହୋଇଛି। ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡ଼ିନାହିଁ। ଜଣଙ୍କୁ ଅଟକ ରଖି ପୋଲିସ ପଚରାଉଚରା ଚଳାଇଛି।



### ସଂକ୍ଷେପରେ

## ସେରାୱିକ୍ ସମ୍ମାନ ପାଇବେ ପ୍ରଧାନମନ୍ତ୍ରୀ

**ହୋଷ୍ଟନ, ୨୭।୨:** ଭାରତରେ ପରିବେଶ ଓ ଉର୍ଜା କ୍ଷେତ୍ରରେ ସ୍ଥାୟୀ ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସେରାୱିକ୍ ଗ୍ଲୋବାଲ ଏନର୍ଜି ଆଣ୍ଡ ଏନ୍‌ଭାଇରନମେଣ୍ଟ ପୁରସ୍କାର ପ୍ରଦାନ କରାଯିବ। ମାର୍ଚ୍ଚ ୧ରୁ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ଅନ୍ତର୍ଜାତୀୟ ସେରାୱିକ୍ କନ୍‌ଫରେନ୍ସ-୨୦୨୧ରେ ମୋଦିଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯିବ। ଆୟୋଜକ ଆଇଏଚ୍‌ଏସ୍ ମାର୍କିଟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସେରାୱିକ୍‌ର ୩୯ ତମ ସମ୍ମିଳନୀ ଭର୍ଚୁଆଲ ମାଧ୍ୟମରେ ଆୟୋଜନ କରାଯିବ। ଏଥିରେ ମୋଦି ମଧ୍ୟ ବକ୍ତବ୍ୟ ରଖିବେ। ଅର୍ଥନୈତିକ ବିକାଶ, ଦାରିଦ୍ର୍ୟ ହ୍ରାସ ତଥା ନୂତନ ଶକ୍ତିର ଭବିଷ୍ୟତ ଆଡକୁ ଗତି କରିବାରେ ଭାରତ ବିଶ୍ୱ ଶକ୍ତି ଭାବେ ଉଭା ହୋଇଛି ବୋଲି ଆଇଏଚ୍‌ଏସ୍ ମାର୍କିଟର ଉପାଧ୍ୟକ୍ଷ ଡାନିଏଲ ୟର୍ଗିନ କହିଛନ୍ତି। ବିଶ୍ୱର ସବୁଠାରୁ ବଡ଼ ଗଣତାନ୍ତ୍ରିକ ଦେଶ ଭାରତର ପ୍ରଧାନମନ୍ତ୍ରୀ ଭାବେ ମୋଦିଙ୍କ ଦୃଷ୍ଟିକୋଣ ଓ ଆଭିମୁଖ୍ୟ ଜାଣିବା ପାଇଁ ସେ ଉତ୍ସାହିତ ଥିବା ୟର୍ଗିନ କହିଛନ୍ତି। ଏହି ସମ୍ମିଳନୀରେ ମୁଖ୍ୟ ପ୍ରବକ୍ତା ଭାବେ ଜଳବାୟୁ ପାଇଁ ଆମେରିକାର ସ୍ୱତନ୍ତ୍ର ରାଷ୍ଟ୍ରଦୂତ ଜନ୍ କେରୀ, ବିଲ୍ ଏବଂ ମେଲିଣ୍ଡା ଗେଟ୍‌ସ ଫାଉଣ୍ଡେଶନର ସହଅଧ୍ୟକ୍ଷ ଆମିନ୍ ନାସିର ପ୍ରମୁଖ ଉପସ୍ଥିତ ରହିବେ।

## ଗୋଗୋଇଙ୍କ ବିରୋଧରେ ମକଦ୍ଦମା ପାଇଁ ଅନୁମତି ଦେଲେନି ଏଜି



ନୂଆଦିଲ୍ଲୀ, ୨୭।୨: ସର୍ବୋଚ୍ଚ ନ୍ୟାୟାଳୟ ବିରୋଧରେ ମନ୍ତବ୍ୟ ଦେଇଥିବା ଭାରତର ପୂର୍ବତନ ପ୍ରଧାନ ବିଚାରପତି ତଥା ରାଜ୍ୟ ସଭା ସଦସ୍ୟ ରଞ୍ଜନ ଗୋଗୋଇଙ୍କ ବିରୋଧରେ ଅଦାଲତ ଅବମାନନା ମକଦ୍ଦମା ଚଳାଇବା ପାଇଁ ଆଟର୍ନି ଜେନେରାଲ କେ.କେ. ବେଣୁଗୋପାଳ ଅନୁମତି ଦେବାକୁ ମନା କରିଦେଇଛନ୍ତି। ଏକ କାର୍ଯ୍ୟକ୍ରମରେ ଯୋଗଦେଇ ପୂର୍ବତନ ସିଜେଆଇ କହିଥିଲେ, ଦେଶର ନ୍ୟାୟପାଳିକା ଭୁଶୁଡ଼ିବା ଅବସ୍ଥାରେ। ତେଣୁ ଜଣେ ବ୍ୟକ୍ତି ଠିକ୍ ସମୟରେ ନ୍ୟାୟ ପାଇବା ସମ୍ପୂର୍ଣ୍ଣ ଅସମ୍ଭବ ବୋଲି ସେ କହିଥିଲେ। ଗୋଗୋଇଙ୍କ ଏଭଳି ମନ୍ତବ୍ୟ ଲାଗି ତାଙ୍କ ବିରୋଧରେ କଣ୍ଟେମ୍ପ୍ଟ ପ୍ରୋସିଡିଂ ପାଇଁ ସାମାଜିକ କର୍ମୀ ସାକେତ୍ ଗୋଖଲେ ଆଟର୍ନି ଜେନେରାଲଙ୍କ ଅନୁମତି ଲୋଡ଼ିଥିଲେ।

## ଜେଲରେ ବାଂଲାଦେଶୀ ଲେଖକଙ୍କ ମୃତ୍ୟୁ



ମୁସ୍ତାକ ଅହମଦ

**ଢାକା, ୨୭।୨:** ସୋସିଆଲ ମିଡିଆ ପୋଷ୍ଟ ପାଇଁ ବର୍ଷେ ହେଲା ଜେଲରେ ଥିବା ବାଂଲାଦେଶୀ ଲେଖକ ମୁସ୍ତାକ ଅହମଦଙ୍କର ମୃତ୍ୟୁ ହୋଇଛି। ମହାମାରୀ ପରିଚାଳନାରେ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ବିଫଳତା ଓ ଦୁର୍ନୀତି ଅଭିଯୋଗ କରି କେତେଜଣ ସୋସିଆଲ ମିଡିଆରେ ସମାଲୋଚନା କରିବା ସହ ବ୍ୟଙ୍ଗଚିତ୍ର ପୋଷ୍ଟ କରିଥିଲେ। ଏଥିପାଇଁ ମୁସ୍ତାକଙ୍କ ସମେତ ୧୧ ଜଣଙ୍କୁ ଗତବର୍ଷ ଜେଲ ପଠାଯାଇଥିଲା। ମୁସ୍ତାକଙ୍କ ରହସ୍ୟଜନକ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଭିନ୍ନ ମତବାଦୀଙ୍କ ଉପରେ ସରକାରଙ୍କ ଦମନଲୀଳା ବିରୋଧରେ ସ୍ୱର ଉଠିଛି। ବାଂଲାଦେଶ ଡିଜିଟାଲ ସିକ୍ୟୁରିଟି ଆକ୍ଟ ଅନୁଯାୟୀ ଦେଶର ଏକତା, ଆର୍ଥିକ କାର୍ଯ୍ୟ, ସୁରକ୍ଷ, ପ୍ରତିରକ୍ଷା, ଧର୍ମୀୟ ମୂଲ୍ୟବୋଧର ଉଲ୍ଲଂଘନ ଓ ବିଶୃଙ୍ଖଳା ସୃଷ୍ଟି କରୁଥିବା ବ୍ୟକ୍ତିଙ୍କୁ ସରକାର ଦଣ୍ଡିତ କରିପାରିବେ। ଭିନ୍ନ ମତବାଦୀଙ୍କ ମୁହଁ ବନ୍ଦ କରିବା ପାଇଁ ଏହି ଆଇନକୁ ବ୍ୟବହାର କରାଯାଉଛି। ହାସିନା ସରକାରଙ୍କୁ ସମାଲୋଚନା କରିଥିବା ଖବରଦାତା, ଛାତ୍ରୀଛାତ୍ର ଓ ରାଜନୈତିକ କର୍ମୀଙ୍କ ସମେତ ୧୩୮ ଜଣଙ୍କୁ ଗତବର୍ଷ ଗିରଫ କରାଯାଇଥିଲା।

# କଂଗ୍ରେସରେ ବିରୋଧର ସ୍ୱର

## ଜମ୍ମୁରେ ୨୩ ଅସନ୍ତୁଷ୍ଟ ନେତା ଏକାଠି

**ନୂଆଦିଲ୍ଲୀ, ୨୭।୨**

ବିଭିନ୍ନ ନିର୍ବାଚନରେ କଂଗ୍ରେସ କ୍ରମାଗତ ଭାବେ ଖରାପ ପ୍ରଦର୍ଶନ କରିଆସୁଛି। ଏହାର ସମୀକ୍ଷା ପାଇଁ ଗତବର୍ଷ ଅଗଷ୍ଟରେ ଦଳର ୨୩ ଜଣ ଅସନ୍ତୁଷ୍ଟ ନେତା (ଜି-୨୩) ଅନ୍ତରୀଣ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ପତ୍ର ଲେଖିଥିଲେ। ସେମାନେ ଦଳର ନେତୃତ୍ୱକୁ ନେଇ ପ୍ରଶ୍ନ ଉଠାଇବା ସହ ସାଂଗଠନିକ ସ୍ତରରେ ପରିବର୍ତ୍ତନ ପାଇଁ ପରାମର୍ଶ ଦେଇଥିଲେ। ଏହାକୁ ନେଇ ଦଳରେ ଫାଟ ସୃଷ୍ଟି ହୋଇଥିବା ଚର୍ଚ୍ଚା ଜୋର୍ ଧରିଥିଲା। ଆଗକୁ ପଶ୍ଚିମବଙ୍ଗ, ତାମିଲନାଡୁ ସମେତ ୪ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳ ବିଧାନସଭା ନିର୍ବାଚନ ଥିଲାବେଳେ କଂଗ୍ରେସ ଏକ ନିର୍ଣ୍ଣାୟକ ସମୟର ସାମ୍ନା କରିବାକୁ ଯାଉଛି। ଏହି ଅବସରରେ ଶନିବାର ଗୁଲାମ ନବୀ ଆଜାଦଙ୍କ ସମେତ ଅସନ୍ତୁଷ୍ଟ ବରିଷ୍ଠ ନେତାମାନେ ଜମ୍ମୁରେ ଏକ ବୈଠକରେ ଏକାଠି ହୋଇଛନ୍ତି। ଦଳରେ ଫାଟ ବଢୁଥିବା ଏଥିରୁ ସ୍ପଷ୍ଟ ସୂଚିତ ହୋଇଛି।

କଂଗ୍ରେସର କେନ୍ଦ୍ରୀୟ ନେତୃତ୍ୱକୁ ସେମାନଙ୍କର ପୂର୍ବ ଦାବି ସମ୍ପର୍କରେ ସ୍ମରଣ କରାଇଦେବା ପାଇଁ ଅସନ୍ତୁଷ୍ଟମାନେ ଏକାଠି ହୋଇଥିବା କୁହାଯାଉଛି। ନିକଟରେ ରାଜ୍ୟ ସଭାରୁ ଅବସର ନେଇଥିବା ବରିଷ୍ଠ ନେତା ଗୁଲାମ ନବୀ ଆଜାଦ, କପିଲ୍ ସିବଲ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଆନନ୍ଦ ଶର୍ମା, ରାଜ୍ୟ ସଭା ସଦସ୍ୟ ବିବେକ ଟଙ୍ଖା, ଲୋକ ସଭା ସଦସ୍ୟ ମନୀଷ ତିୱାରୀ, ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂ ହୁଡା ଏବଂ ଅଭିନେତା-ରାଜନେତା ରାଜ



ଜମ୍ମୁରେ ଅନୁଷ୍ଠିତ ବୈଠକରେ ବରିଷ୍ଠ କଂଗ୍ରେସ ନେତା ଗୁଲାମ ନବୀ ଆଜାଦ, ଆନନ୍ଦ ଶର୍ମା, କପିଲ ସିବଲ, ଭୁପିନ୍ଦର ସିଂ ହୁଡା ଓ ରାଜ୍ ବବର।

ବବର ପ୍ରମୁଖ ବୈଠକରେ ସାମିଲ ଥିଲେ।

ପ୍ରକୃତ ସତ୍ୟ ହେଲା କଂଗ୍ରେସ ଦୁର୍ବଳ ହେବାରେ ଲାଗିଛି। ଗୁଲାମ ନବୀଙ୍କ ଭଳି ବରିଷ୍ଠ ନେତାମାନଙ୍କ ଅଭିଜ୍ଞତାକୁ ଦଳ କାମରେ ଲଗାଉନାହିଁ। ସେଥିପାଇଁ ଆମେ ଏକାଠି ହୋଇଛୁ ବୋଲି ଅସନ୍ତୁଷ୍ଟ ନେତାମାନେ କହିଛନ୍ତି। ସମସ୍ତେ ଏକାଠି ହୋଇ ଦଳକୁ ସୁଦୃଢ଼ କରିବାକୁ ହେବ ବୋଲି ସିବଲ ସୂଚନା ଦେଇଛନ୍ତି। ନିକଟରେ କେରଳ ଭୋଟରଙ୍କ ସମ୍ପର୍କରେ କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟକୁ ନେଇ ବିବାଦ ଦେଖାଦେଇଥିଲା। ଭାଜପା ଏହାକୁ ଦୃଢ଼ ବିରୋଧ କରିଥିବାବେଳେ ସିବଲ ସମାଲୋଚନା କରିଥିଲେ। ଭୋଟରଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରାଯାଉଛି ବୋଲି ସେ ରାହୁଲ ଏବଂ ଦଳକୁ ସତର୍କ କରାଇ ଦେଇଥିଲେ।

ଜମ୍ମୁ-କଶ୍ମୀରରେ ଥାଉ କି ଲଦାଖରେ ଆମେ ସବୁ ଧର୍ମ, ବ୍ୟକ୍ତି ଓ ଜାତିକୁ ସମାନ ଭାବେ ସମ୍ମାନ ଦେଉ ବୋଲି ଗୁଲାମ ନବୀ କହିଛନ୍ତି। ଏହା ହେଉଛି ଦଳର ଶକ୍ତି ଏବଂ ଏହାକୁ ବଜାୟ ରଖାଯିବ ବୋଲି ସେ କହିଥିଲେ। ରାହୁଲଙ୍କ ମନ୍ତବ୍ୟକୁ ପ୍ରତ୍ୟାଖ୍ୟାନ କରିବା ସହ ଜି-୨୩ର ପ୍ରକୃତ ପରିବର୍ତ୍ତନ ସଂକଳ୍ପ ଉପରେ ଗୁଲାମ ନବୀ ଜୋର୍ ଦେଇଥିଲେ।

ଜମ୍ମୁରେ ଜି-୨୩ର ଏହି ବୈଠକ ରାହୁଲଙ୍କ ପ୍ରତି କଡ଼ା ବାର୍ତ୍ତା। ଉତ୍ତରରୁ ଦକ୍ଷିଣ, ଭାରତ ଏକ, ଏହା ଆମେ ଦେଶବାସୀଙ୍କୁ ଜଣାଇଦେବୁ ବୋଲି ଜଣେ ବରିଷ୍ଠ ନେତା କହିଛନ୍ତି। ଅନ୍ୟପକ୍ଷରେ ଅସନ୍ତୁଷ୍ଟ ନେତାମାନେ ନିର୍ବାଚନ ହେବାକୁ ଥିବା ରାଜ୍ୟରେ କାମ କଲେ ଦଳ ସୁଦୃଢ଼ ହୋଇପାରିବ ବୋଲି ଅନ୍ୟ ଗୋଷ୍ଠୀର ନେତା ଅଭିଷେକ ମନୁ ସିଙ୍ଘଭି କହିଛନ୍ତି। ୪ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ନିର୍ବାଚନ ହେବାକୁ ଯାଉଥିବାବେଳେ ଅସନ୍ତୁଷ୍ଟମାନେ ନିଜ ଭିତରେ ଲଢ଼େଇ ନ କରି ସେଠାରେ କାର୍ଯ୍ୟ କରିବା ଦଳ ପାଇଁ ସବୁଠୁ ବଡ଼ ଅବଦାନ ହେବ ବୋଲି ସିଙ୍ଘଭି କହିଛନ୍ତି।

ସୂଚନାଯୋଗ୍ୟ, ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସର ନୈରାଶ୍ୟଜନକ ପ୍ରଦର୍ଶନ ପରେ ରାହୁଲ ଦଳ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ। ଫଳରେ ସୋନିଆଙ୍କୁ ଦଳର ଅନ୍ତରୀଣ ଅଧ୍ୟକ୍ଷ କରାଯାଇଥିଲା। ଗତବର୍ଷ ଡିସେମ୍ବରରେ ସୋନିଆ ଅସନ୍ତୁଷ୍ଟ ନେତାମାନଙ୍କୁ ଭେଟି ସାଂଗଠନିକ ସ୍ତରରେ ପରିବର୍ତ୍ତନ ଲାଗି ଯୋଜନା ପ୍ରସ୍ତୁତ କରିଥିଲେ। ୫ ବିଧାନସଭା ନିର୍ବାଚନ ଶେଷ ହେବା ପରେ ଜୁନ୍‌ରେ ନୂଆ କଂଗ୍ରେସ ଅଧ୍ୟକ୍ଷ ନିର୍ବାଚିତ ହେବା ନେଇ ନିଷ୍ପତ୍ତି ହୋଇଥିଲା। ତୁରନ୍ତ ସାଂଗଠନିକ ନିର୍ବାଚନ ପାଇଁ ଅସନ୍ତୁଷ୍ଟମାନଙ୍କ ଦାବିକୁ ଅଗ୍ରାହ୍ୟ କରାଯାଇଥିଲା। ଦଳରେ ଯାହା ଘଟୁଛି ସିଡବ୍ଲ୍ୟୁସିର ଡିସେମ୍ବର ବୈଠକରେ ହୋଇଥିବା ଚୁକ୍ତିନାମାର ସମ୍ପୂର୍ଣ୍ଣ ଉଲ୍ଲଂଘନ। ଦଳରେ ସଂସ୍କାର କିମ୍ବା ନିର୍ବାଚନର ସୂଚନା ଦେଖାଯାଉ ନାହିଁ ବୋଲି ଜି-୨୩ର ଜଣେ ବରିଷ୍ଠ ନେତା କହିଛନ୍ତି।

## ଭାରତ ସହ ସବୁ ପ୍ରସଙ୍ଗର ସମାଧାନ ପାଇ ପାକ୍ ପ୍ରସ୍ତୁତ



**ଇସ୍‌ଲାମାବାଦ, ୨୭।୨**

ଭାରତ ସହ ପାକିସ୍ତାନର ଅସ୍ତ୍ରବିରତି ରାଜିନାମାକୁ ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଶନିବାର ସ୍ୱାଗତ କରିଛନ୍ତି। ତେବେ ଦ୍ୱିପାକ୍ଷିକ ସମ୍ପର୍କରେ ଅଧିକ ଉନ୍ନତି ଲାଗି ଉପଯୁକ୍ତ ପରିବେଶ ସୃଷ୍ଟି କରିବା ଭାରତର ଦାୟିତ୍ୱ ବୋଲି ସେ କହିଛନ୍ତି। ନିୟନ୍ତ୍ରଣ ରେଖା ଓ ଅନ୍ୟାନ୍ୟ ସେକ୍ଟରରେ ଅସ୍ତ୍ରବିରତି ନିୟମ କଡ଼ାକଡ଼ି ପାଳନ ପାଇଁ ଦୁଇ ଦେଶର ସୈନ୍ୟବାହିନୀ ପକ୍ଷରୁ ଗୁରୁବାର ଘୋଷଣା କରାଯାଇଥିଲା। ଆଲୋଚନା ମାଧ୍ୟମରେ ଭାରତ ସହ ସମସ୍ତ ବକେୟା ପ୍ରସଙ୍ଗର ସମାଧାନ ପାଇଁ ପାକିସ୍ତାନ ପ୍ରସ୍ତୁତ ବୋଲି ଖାନ୍ ଟୁଇଟ୍ କରିଛନ୍ତି। ଜାତିସଂଘ ସୁରକ୍ଷା ପରିଷଦର ପ୍ରସ୍ତାବ ଅନୁଯାୟୀ ଜମ୍ମୁ-କଶ୍ମୀରବାସୀଙ୍କୁ ସ୍ୱନିର୍ଣ୍ଣୟ ଅଧିକାର ଦେବା ଲାଗି ଦୀର୍ଘଦିନର ଦାବି ପୂରଣ ଦିଗରେ ଭାରତ ଆବଶ୍ୟକ ପଦକ୍ଷେପ ନେବାକୁ ସେ ଆହ୍ୱାନ ଦେଇଛନ୍ତି। ୨୦୧୯ ଫେବୃୟାରୀ ୨୬ରେ ଭାରତୀୟ ବାୟୁସେନା ବାଲାକୋଟ୍‌ସ୍ଥିତ ଜୈଶ-ଇ-ମହମ୍ମଦ ଆତଙ୍କବାଦୀଙ୍କ ପ୍ରଶିକ୍ଷଣ ଶିବିର ଉପରେ ଏୟାରଷ୍ଟ୍ରାଇକ୍ କରିଥିଲା। ଏହାର ଦୁଇବର୍ଷ ପୂର୍ତ୍ତି ଅବସରରେ ଇମ୍ରାନ୍ କେତେକ ଟୁଇଟ୍ କରିଛନ୍ତି। ପାକିସ୍ତାନ ସବୁବେଳେ ଶାନ୍ତି ଚାହିଁ ଆସିଛି ବୋଲି ସେ କହିଛନ୍ତି।

## ଦିଲ୍ଲୀ ସୀମାରୁ କମୁଛି ଚାଷୀଙ୍କ ସଂଖ୍ୟା

**ନୂଆଦିଲ୍ଲୀ, ୨୭।୨:** କେନ୍ଦ୍ରର ନୂଆ କୃଷି ଆଇନକୁ ବିରୋଧ କରି ୩ ମାସରୁ ଊର୍ଦ୍ଧ୍ୱ ହେଲା କୃଷକ ସଙ୍ଗଠନ ପକ୍ଷରୁ ଦିଲ୍ଲୀ ସୀମାରେ ଆନ୍ଦୋଳନ ଚାଲିଛି। ହେଲେ ଧିରେ ଧିରେ ଆନ୍ଦୋଳନସ୍ଥଳୀରୁ କୃଷକଙ୍କ ସଂଖ୍ୟା କମୁଥିବା ଦେଖିବାକୁ ମିଳିଛି। ଜାନୁୟାରୀ ୨୬ ପରେ ଗାଜିପୁର ସୀମାରେ ଆନ୍ଦୋଳନକାରୀଙ୍କ ସଂଖ୍ୟା ଢେର କମିଥିବା ଜଣାଯାଇଛି। ତେବେ ଫସଲ ଅମଳ ସମୟ ହୋଇଥିବାରୁ ଚାଷୀମାନେ ନିଜ ନିଜ ଘରକୁ ଯାଇ ପର୍ଯ୍ୟାୟ କ୍ରମେ ଫେରୁଥିବା ସଙ୍ଗଠନଗୁଡ଼ିକ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ କୃଷକ ନେତା ଧର୍ମେନ୍ଦ୍ର ମଲ୍ଲିକ କହିଛନ୍ତି, ରବିବାର ଶାହରନପୁରରେ ହେବାକୁ ଥିବା ରାଲିରେ ବହୁ ସଂଖ୍ୟାରେ କୃଷକ ଯୋଗଦେବାକୁ ଯାଇଛନ୍ତି।



ହରିଦ୍ୱାରଠାରେ କୁମ୍ଭମେଳା ଅବସରରେ ନିରଞ୍ଜନୀ ଆଖଡ଼ା ସାଧୁମାନେ ଶନିବାର ଧ୍ୱଜାରୋହଣ ଉତ୍ସବରେ ଭାଗ ନେଇଛନ୍ତି।

## ‘ଚାଇନାକୁ ଡରୁଛନ୍ତି ମୋଦି’

**ନୂଆଦିଲ୍ଲୀ, ୨୭।୨**

ଦେଶରେ ଗଣତନ୍ତ୍ରର ମୃତ୍ୟୁ ହୋଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର କହିଛନ୍ତି। ନିର୍ବାଚିତ ଅନୁଷ୍ଠାନ ଲୋକ ସଭା, ବିଧାନସଭା, ପଞ୍ଚାୟତ, ନ୍ୟାୟପାଳିକା ଏବଂ ମୁକ୍ତ ଗଣମାଧ୍ୟମ ସହ ଗୋଟିଏ ରାଷ୍ଟ୍ରର ସନ୍ତୁଳନ ରହିବା ଆବଶ୍ୟକ। ଗତ ୬ ବର୍ଷ ହେଲା ଉପରୋକ୍ତ ଅନୁଷ୍ଠାନଗୁଡ଼ିକ ବ୍ୟବସ୍ଥିତ ଢଙ୍ଗରେ ଆକ୍ରମଣର ସମ୍ମୁଖୀନ ହୋଇଆସୁଛନ୍ତି। ଆର୍‌ଏସ୍‌ଏସ୍‌ର ଏହି କାର୍ଯ୍ୟ ଦେଶର ସନ୍ତୁଳନକୁ ନଷ୍ଟ କରିଦେଇଛି। ଆର୍‌ଏସ୍‌ଏସ୍ ଏବଂ ଭାଜପା ରାଜ୍ୟଗୁଡ଼ିକୁ କ୍ଷମତାହୀନ କରିଦେଇଛନ୍ତି ବୋଲି ତାମିଲନାଡୁରେ ପ୍ରଚାର ବେଳେ ରାହୁଲ କହିଛନ୍ତି। କଂଗ୍ରେସ ନେତା ଓ ବିଧାୟକମାନଙ୍କୁ ଟାର୍ଗେଟ କରିବାକୁ କେନ୍ଦ୍ର ସରକାର ଇଡି, ସିବିଆଇ ଏବଂ ଆୟକର ବିଭାଗର ଦୁରୁପଯୋଗ କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚାଇନାକୁ ଭୟ କରୁଥିବା ବେଜିଂ ଜାଣେ। ସେଥିପାଇଁ ଚାଇନା ପ୍ରଥମେ ଡୋକଲାମ ଏବଂ ପରେ ଲଦାଖ ଏବଂ ଅରୁଣାଚଳ ପ୍ରଦେଶକୁ ଅକ୍ତିଆର କଲାଣି। ପ୍ରଧାନମନ୍ତ୍ରୀ ଏହାକୁ ଅସ୍ୱୀକାର କରୁଥିବା ରାହୁଲ ସମାଲୋଚନା କରିଛନ୍ତି।

## ଟିକାକରଣ ଲାଗି ୨୦ ରୋଗ ଚିହ୍ନଟ

**ନୂଆଦିଲ୍ଲୀ, ୨୭।୨**



ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ଏବଂ ବିଭିନ୍ନ ରୋଗ ଥିବା ୪୫ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ କୋଭିଡ୍ ଟିକା ଦିଆଯିବ। କେଉଁସବୁ ରୋଗ ଥିଲେ ଟିକା ପାଇଁ ଅନୁମତି ମିଳିବ ତାହା ସ୍ଥିର ହୋଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ୨୦ଟି ରୋଗର ତାଲିକା ପ୍ରକାଶ ପାଇଛି। ସେଗୁଡ଼ିକ ହେଲା ହୃଦ୍‌ଘାତ କାରଣରୁ ବର୍ଷେ ପୂର୍ବେ ହସ୍ପିଟାଲରେ ଭର୍ତ୍ତି ହୋଇଥିବେ, ହୃଦ୍‌ପିଣ୍ଡ କିମ୍ବା ବାମ ଭେଣ୍ଟ୍ରିକୁଲାର ଆସିଷ୍ଟ ଡିଭାଇସ୍ ପ୍ରତିରୋପଣ, ବାମ ଭେଣ୍ଟ୍ରିକୁଲାର ସିଷ୍ଟୋଲିକ୍ ଡାଇଫଙ୍କ୍‌ଶନିଂ, ମଧ୍ୟମ କିମ୍ବା ଗୁରୁତର ଭାଲଭୁଲାର ହୃଦ୍‌ରୋଗ, ଗୁରୁତର ପିଏଚ୍ କିମ୍ବା ଇଡିଓପାଥିକ୍ ପିଏଚ୍ ସହ ଜନ୍ମରୁ ରହିଥିବା ହୃଦ୍‌ରୋଗ, କରୋନାରି ଆର୍ଟେରି ରୋଗ, ଆଞ୍ଜିନା ଏବଂ ରକ୍ତଚାପ/ମଧୁମେହ ଚିକିତ୍ସା, ସିଟି/ଏମ୍‌ଆର୍‌ଆଇ ରିପୋର୍ଟରେ ଷ୍ଟ୍ରୋକ୍ ଏବଂ ଉଚ୍ଚ ରକ୍ତଚାପ/ମଧୁମେହ ଚିକିତ୍ସା, ପଲ୍‌ମୋନାରି ଆର୍ଟେରି ହାଇପରଟେନ୍‌ଶନ, ହାଇପରଟେନ୍‌ସନ/ ମଧୁମେହ ଚିକିତ୍ସା, ୧୦ ବର୍ଷରୁ ଊର୍ଦ୍ଧ୍ୱ କିମ୍ବା ଜଟିଳତା ଥିବା ମଧୁମେହ ଏବଂ ଉଚ୍ଚ ରକ୍ତଚାପ, କିଡ୍‌ନୀ/ଲିଭର/ହେମାଟୋପୋଏଟିକ୍ ଷ୍ଟେମ୍ ସେଲ୍ ପ୍ରତିରୋପଣ, କିଡ୍‌ନୀ ରୋଗ ହେମୋଡାଇଲିସିସ୍/ସିଏପିଡି ଶେଷ ପର୍ଯ୍ୟାୟ, ଡିକମ୍ପେନ୍‌ସେଟେଡ୍ ସିରୋସିସ୍, ଶ୍ୱାସକ୍ରିୟା ଜନିତ ରୋଗରେ ଗତ ଦୁଇବର୍ଷରେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ, ଲିମ୍ଫୋମା/ଲ୍ୟୁକେମିଆ, ମ୍ୟେଲୋମା, ୨୦୨୦ ଜୁଲାଇ ୧ କିମ୍ବା ଏହା ପରେ କ୍ୟାନ୍‌ସର ଚିହ୍ନଟ ହୋଇଥିଲେ କିମ୍ବା ଚିକିତ୍ସାରେ ଥିଲେ, ସିକିଲ୍ ସେଲ୍/ବୋନ୍ ମାରୋ ଫେଲୋର, ଆପ୍ଲାଷ୍ଟିକ୍ ଆନେମିଆ, ଥାଲାସେମିଆ, ପ୍ରାଥମିକ ଇମ୍ୟୁନୋଡେଫିସିଏନ୍ସି ରୋଗ/ଏଚ୍‌ଆଇଭି ସଂକ୍ରମଣ ଏବଂ ବୌଦ୍ଧିକ ଅସାମର୍ଥ୍ୟ/ମସ୍କୁଲାର ଡାଇଷ୍ଟ୍ରୋଫି/ଏସିଡ୍ ଆକ୍ରମଣ ଯୋଗୁ ରେସ୍ପିରେଟୋରି ସିଷ୍ଟମ କ୍ଷତିଗ୍ରସ୍ତ ହୋଇଥିଲେ/ସହାୟତା ଆବଶ୍ୟକ କରୁଥିବା ଭିନ୍ନକ୍ଷମ/ମୂକ-ଦୃଷ୍ଟିହୀନ ଆଦି ବିଭିନ୍ନ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ କୋଭିଡ୍ ଟିକା ଦିଆଯିବ।

# ନିଯୁକ୍ତି ମାଗୁଛନ୍ତି ଆଶାୟୀ

**ମାଇକ୍ରୋବ୍ଲଗିଂ ପ୍ଲାଟ୍‌ଫର୍ମ ଟୁଇଟର୍‌ରେ ଏବେ ନମ୍ବର ୱାନ ଟ୍ରେଣ୍ଡ ପାଲଟିଛି ହାଶଟ୍ୟାଗ୍ ମୋଦି ଜବ୍ ଦୋ, ହାଶଟ୍ୟାଗ୍ ମୋଦି ରୋଜଗାର ଦୋ। ୫୦ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ତଥା ଚାକିରି ଆଶାୟୀ ଏହି ହାଶଟ୍ୟାଗ୍ ବ୍ୟବହାର କରି ଟୁଇଟ କରିଲେଣି। ରୋଜଗାର ଦେବାର ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ଭାଜପା ସରକାର ନିଜ କଥା ରଖିବାକୁ ଭୁଲିଯାଇଥିବା ଅଭିଯୋଗ ବଢ଼ିବାରେ ଲାଗିଛି। ଚାକିରି ଅପେକ୍ଷାରେ ଥିବା ଛାତ୍ରୀଛାତ୍ର ଏହି ହାଶଟ୍ୟାଗ୍‌ର ବହୁଳ ବ୍ୟବହାର କରି ସୋସିଆଲ ମିଡିଆରେ ଏକ ପ୍ରକାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ମାତ୍ର କିଛି ଦିନରେ ଏହା ଗ୍ଲୋବାଲ ଟୁଇଟର ଟ୍ରେଣ୍ଡ୍ ପାଲଟିଛି।**

**ନୂଆଦିଲ୍ଲୀ, ୨୭।୨**

ଟୁଇଟରରେ ‘ହାଶଟ୍ୟାଗ୍ ମୋଦି ରୋଜଗାର ଦୋ’ ଟ୍ରେଣ୍ଡ ଚଳିତ ସପ୍ତାହରେ ବହୁଳ ମାତ୍ରାରେ ବ୍ୟବହାର କରାଯାଇଛି। ଏବେ ସୁଦ୍ଧା ୫୦ ଲକ୍ଷରୁ ଅଧିକ ରୋଜଗାର ଆଶାୟୀ ଏହି ହାଶଟ୍ୟାଗ୍ ବ୍ୟବହାର କରି ସରକାରଙ୍କୁ ଚାକିରି ମାଗୁଛନ୍ତି। ଷ୍ଟାଫ୍ ସିଲେକ୍ସନ କମିଶନ(ଏସ୍‌ଏସ୍‌ସି) ପକ୍ଷରୁ କମ୍ବାଇନ୍‌ଡ୍ ଗ୍ରାଜୁଏଟ ଲେଭଲ(ସିଜିଏଲ୍) ପରୀକ୍ଷା ପରିଚାଳନାରେ ବ୍ୟାପକ ଅବ୍ୟବସ୍ଥା ଯୋଗୁ ଅନେକ ଛାତ୍ରୀଛାତ୍ର ବଞ୍ଚିତ ହେଉଥିବା ଅଭିଯୋଗ କରି ସେମାନେ ଏଥିରେ ପରିବର୍ତ୍ତନ ପାଇଁ ଦାବି କରିଛନ୍ତି। ଏହାସହ ଅଧିକ ସଂଖ୍ୟାରେ




- ୫୦ ଲକ୍ଷରୁ ଅଧିକ ଟୁଇଟ
- ଏସ୍‌ଏସ୍‌ସି ପରୀକ୍ଷା ପରିଚାଳନାରେ ଅନିୟମିତତା
- ବର୍ଷ ବର୍ଷ ଧରି ବାହାରୁନି ରେଜଲ୍ଟ
- ଘରୋଇକରଣକୁ ଦାୟୀ କରୁଛନ୍ତି ଛାତ୍ରୀଛାତ୍ର
- ସହରାଞ୍ଚଳରେ ରୋଜଗାର ହୀନଙ୍କ ସଂଖ୍ୟା ବେଶି

ସରକାରୀ ପଦବୀରେ ଚାକିରି ମାଗିବା ଏବଂ ସରକାରୀ ସଂସ୍ଥା ଗୁଡ଼ିକର ଘରୋଇକରଣ ବନ୍ଦ କରିବା ପାଇଁ ଜୋର୍‌ଦାର ଦାବି ଉଠିଛି।

ପ୍ରତି ବର୍ଷ ଲକ୍ଷ ଲକ୍ଷ ସଂଖ୍ୟାରେ ଛାତ୍ରୀଛାତ୍ର ସରକାରୀ ଚାକିରି ପାଇଁ ଏସ୍‌ଏସ୍‌ସି ମାଧ୍ୟମରେ ପରୀକ୍ଷା ଦେବାକୁ ଆବେଦନ କରିଥାନ୍ତି। ଏହି କ୍ରମରେ ଏସ୍‌ଏସ୍‌ସି ସିଜିଏଲ ୨୦୧୯ର ଟାୟାର-୨ ପରୀକ୍ଷା ୩ଟି ଶିଫ୍ଟରେ ନଭେମ୍ବର ୨୦୨୦ରେ ଅନୁଷ୍ଠିତ ହୋଇଥିଲା। ୨୦୨୧ ଫେବୃୟାରୀ ୧୯ରେ ଏହାର ଫଳାଫଳ ବାହାରିଥିଲା। ଏଥିରେ ଅନିୟମିତତା କରାଯାଇଥିବା ନେଇ ଛାତ୍ରୀଛାତ୍ରମାନେ ଅଭିଯୋଗ ଉଠାଇଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ଏକାଧିକ ଶିଫ୍ଟରେ ଅଲଗା ଅଲଗା ଦିନରେ ଏହି ପରୀକ୍ଷା କରାଯାଇଥିଲା। ପ୍ରଥମ ଓ ଦ୍ୱିତୀୟ ଦିନ ଅପେକ୍ଷା କଷ୍ଟକର ପ୍ରଶ୍ନ ଆସୁଥିବା କୁହାଯାଇ ଶେଷ ସିଫ୍ଟରେ ପରୀକ୍ଷା ଦେଇଥିବା ପିଲାଙ୍କ ମାର୍କ ପୂର୍ବ ସିଫ୍ଟ ପିଲାଙ୍କ ମାର୍କଠାରୁ ବହୁତ କମ୍ ପ୍ରତିଶତ ଥିଲେ ବି ସେମାନଙ୍କୁ ଚୟନ କରାଯାଇଛି। ଏଭଳି ବ୍ୟବସ୍ଥାରେ ସୁଧାର ଆଣିବା, ଅଧିକ ସଂଖ୍ୟାରେ ସରକାରୀ ଚାକିରି ଉପଲବ୍ଧ କରାଇବା ଆଦି ଦାବିରେ ଉକ୍ତ ହାଶଟ୍ୟାଗ୍ ଟ୍ରେଣ୍ଡ କରୁଛି। ଏହାବାଦ୍ ପୂର୍ବରୁ ଏସ୍‌ଏସ୍‌ସି ପରୀକ୍ଷା ଦେଇଥିବା ଅନେକ ପରୀକ୍ଷାର୍ଥୀ ଫଳାଫଳକୁ ଅପେକ୍ଷା କରି ରହିଛନ୍ତି।

### ଭାରତରେ ବେରୋଜଗାରି

ଥିଙ୍କ ଟ୍ୟାଙ୍କ ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ ଇକୋନୋମି(ସିଏମ୍‌ଆଇଇ)ର ରିପୋର୍ଟ ମୁତାବକ ଜାନୁୟାରୀ ୨୦୨୧ରେ ଦେଶରେ ବେକାର ଯୁବତୀଯୁବକଙ୍କ ସଂଖ୍ୟା ପ୍ରାୟ ୪ କୋଟି ରହିଛି। ମହାମାରୀ ପୂର୍ବରୁ ବେରୋଜଗାର ହାର ଗତ ୪୫ ବର୍ଷରେ ସର୍ବାଧିକ ରହିଥିଲା। ମହାମାରୀବେଳେ ଏହି ହାର ବ୍ୟାପକ ମାତ୍ରାରେ ବଢ଼ିଛି। ୨୦୧୯-୨୦ ଆର୍ଥିକ ବର୍ଷ ଶେଷଆଡ଼କୁ ୩.୫ କୋଟି ବେରୋଜଗାର ରହିଥିଲେ। ଏହାବାଦ୍ ଭାରତରେ ପ୍ରତିବର୍ଷ ୧୫ରୁ ୫୯ ବର୍ଷ ବୟସର ୨ କୋଟିରୁ ଊର୍ଦ୍ଧ୍ୱ ଲୋକ ଚାକିରି ସନ୍ଧାନରେ ଥିବା ବ୍ୟକ୍ତିଙ୍କ ତାଲିକାରେ ଯୋଡ଼ି ହେଉଛନ୍ତି। ଜାନୁୟାରୀ ୨୦୨୧ ସୁଦ୍ଧା ସହରାଞ୍ଚଳରେ ବେରୋଜଗାରଙ୍କ ହାର ୮ ପ୍ରତିଶତ ରହିଥିବାବେଳେ ଗ୍ରାମାଞ୍ଚଳରେ ଏହା ୫.୮ ପ୍ରତିଶତ ରହିଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୧,୪୧,୭୧,୨୭୬ | ୨୫,୩୨,୭୧୯ | ୮,୯୬,୮୧,୫୯୫ |
| ଭାରତ | ୧,୧୦,୯୫,୮୫୨ | ୧,୫୭,୦୭୮ | ୧,୦୭,୭୨,୬୯୧ |
| ଓଡ଼ିଶା | ୩,୩୭,୧୦୪ | ୧୯୧୫(+୫୩) | ୩,୩୪,୫୧୯ |

ଶନିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର



# ସବୁ ଜିଲାରେ ହେବ ସାଇନ୍ସ ପାର୍କ

## ୬ ନୂଆ ପ୍ଲାନେଟୋରିୟମ୍‌କୁ ସରକାରଙ୍କ ମଞ୍ଜୁରୀ

ଭୁବନେଶ୍ୱର,୨୭।୨(ବ୍ୟୁରୋ)

ରାଜ୍ୟର ପ୍ରତ୍ୟେକ ଜିଲାରେ ସାଇନ୍ସ(ବିଜ୍ଞାନ) ପାର୍କ ନିର୍ମାଣ କରାଯିବ। ପ୍ରଥମେ ୨୦ଟି ଜିଲାରେ ପାର୍କନିର୍ମାଣ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧୦ଟି ଜିଲାରେ ନିର୍ମାଣ ହେବ। ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୨୦ଟି ଜିଲାରେ ପାର୍କ ନିର୍ମାଣ କରାଯିବ। ଏଥିସହିତ ୬ଟି ପ୍ଲାନେଟୋରିୟମ୍ ନିର୍ମାଣ ହେବ। କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜାଙ୍କ ମୂଳ ପ୍ରଶ୍ନର ଉତ୍ତରରେ ବିଜ୍ଞାନ ଓ ବୈଷୟିକ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏହି ସୂଚନା ଦେଇଛନ୍ତି।

ମନ୍ତ୍ରୀ କହିଛନ୍ତି, ୨ଟି ପ୍ଲାନେଟୋରିୟମ୍ ଭୁବନେଶ୍ୱର ଓ ବୁର୍ଲାରେ ରହିଛି। ଆଉ ୬ଟି ମଧ୍ୟରୁ ରାଉରକେଲା, ବଲାଙ୍ଗୀର, ବାରିପଦା, କେନ୍ଦୁଝର, ଗୋପାଳପୁର ଓ ରାୟଗଡ଼ାଠାରେ ନିର୍ମାଣ କରାଯିବ। ସାଇନ୍ସ ପାର୍କ ନିର୍ମାଣ କରିବାକୁ ୫ ଏକର ଜାଗା ଆବଶ୍ୟକ। ଜିଲାପାଳମାନଙ୍କୁ ଜମି ଚିହ୍ନଟ କରିବାକୁ କୁହାଯାଇଥିଲା। ସେଥିରୁ କେତେକ ଜିଲାରେ ଜାଗା ଚିହ୍ନଟ ହୋଇସାରିଛି। ବିଜ୍ଞାନ ପାର୍କ ପାଇଁ ୬.୫ କୋଟି ଟଙ୍କାର ଆବଶ୍ୟକ ଥିବାବେଳେ ପ୍ଲାନେଟୋରିୟମ୍ ପାଇଁ ୧୫ କୋଟି ଖର୍ଚ୍ଚ ହେବ। କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା ପଚାରିଲେ, ବଲାଙ୍ଗୀରଠାରେ ବିଜ୍ଞାନ ପାର୍କ ଓ ପ୍ଲାନେଟୋରିୟମ୍ ନିର୍ମାଣ ହେବ। ଜମି ଅଧିଗ୍ରହଣ କେବେ ସରିବ। ତୁରନ୍ତ ଡିପିଆର ପ୍ରସ୍ତୁତ କରି ପାର୍କ ନିର୍ମାଣ ଆରମ୍ଭ କରାଯାଉ। ମନ୍ତ୍ରୀ କହିଲେ, ୨୦୧୮ ଅଗଷ୍ଟ ୧ ତାରିଖରେ ବଲାଙ୍ଗୀରରେ ପାର୍କ ନିର୍ମାଣ ପାଇଁ ବିଜ୍ଞପ୍ତି ପ୍ରକାଶିତ ହୋଇଥିଲା। ପ୍ରଥମେ ଯେଉଁ ଜମି ଚିହ୍ନଟ ହୋଇଥିଲା ତାହା ଅନୁପଯୋଗୀ ହେବାରୁ ଅନ୍ୟ ଏକ ଜମି ଚିହ୍ନଟ କରିବାକୁ ଜିଲାପାଳଙ୍କୁ କୁହାଯାଇଥିଲା। ଏଥିପାଇଁ ୯.୬୧୪ ଏକର ଜମି ଚିହ୍ନଟ ହୋଇଛି। ପାର୍କ ନିର୍ମାଣ ପାଇଁ ୩୦ ମାସ ସମୟ ଲାଗିବ। ଖୁବ୍‌ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ବଲାଙ୍ଗୀରଠାରେ ସାଇନ୍ସ ପାର୍କ ଓ ପ୍ଲାନେଟୋରିୟମ୍ ନିର୍ମାଣ ପାଇଁ ସରକାର ନିଷ୍ପତ୍ତି ନେଇଥିବାରୁ ମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ପାର୍କ ନିର୍ମାଣ ଜମିରୁ ଜବରଦଖଲ ହଟାଯାଇଛି। ସେଠାରେ ଯେଉଁ ଗରିବ, ବାସହୀନ ଲୋକ ରହୁଥିଲେ ସେମାନଙ୍କୁ ସରକାର ଥଇଥାନ କରନ୍ତୁ ବୋଲି ପ୍ରସ୍ତାବ ଦେଇଥିଲେ। ଏଥିସହିତ ପ୍ରକଳ୍ପ କେବେ ସୁଦ୍ଧା ଆରମ୍ଭ ହେବ ବୋଲି ସେ ଜାଣିବାକୁ ଚାହିଁଥିଲେ। ମନ୍ତ୍ରୀ କହିଥିଲେ, ସାଇନ୍ସ ପାର୍କ ପାଇଁ ୫ ଏକର ଜମି ଦରକାର। ୯ ଏକର ଚିହ୍ନଟ ହୋଇଛି। କେବଳ ସାଇନ୍ସ ପାର୍କ ନୁହେଁ, ସେଠାରେ ପ୍ଲାନେଟୋରିୟମ୍ ନିର୍ମାଣ କରାଯିବ।

ବିଜେଡି ସଭ୍ୟ ପ୍ରଦୀପ ଅମାତ କହିଲେ, ବୌଦ୍ଧ ଜିଲାରେ ସାଇନ୍ସ ପାର୍କ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି। ମନ୍ତ୍ରୀ କହିଲେ, ପ୍ରଥମ ପର୍ଯ୍ୟାୟରେ ବୌଦ୍ଧ ଜିଲାରେ ସାଇନ୍ସ ପାର୍କ ନିର୍ମାଣ ହେବ। ୧୦ଟି ସାଇନ୍ସ ପାର୍କ ପାଇଁ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇସାରିଛନ୍ତି। ବିଜେଡି ସଭ୍ୟ ଅମର ଶତପଥୀ ଚଣ୍ଡିଖୋଲଠାରେ ସାଇନ୍ସ ପାର୍କ ନିର୍ମାଣ କରିବାକୁ ସରକାରଙ୍କ ପ୍ରସ୍ତାବ ଅଛି କି ବୋଲି ପଚାରିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ, ଚଣ୍ଡିଖୋଲରେ ଅଧିକ ଫୁଟ୍‌ଫଲ ହେଉଥିଲେ ସେଠାରେ ପାର୍କ କରାଯିବ। ପ୍ରଥମ ପର୍ଯ୍ୟାୟରେ ହେଉଥିବା ସାଇନ୍ସ ପାର୍କରେ ଭଦ୍ରକ ଜିଲା ରହିଛି।

# ରାଜ୍ୟରେ ୨,୩୩୦ ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀ ଖାଲି

■ ଏଣିକି ବାହାର ରାଜ୍ୟର ଡାକ୍ତର ନିଯୁକ୍ତି ପାଇବେ
■ ଯୋଗ୍ୟ ପ୍ରାର୍ଥୀ ଚୟନ ନିମନ୍ତେ ଓପିଏସ୍‌ସିକୁ ଦାୟିତ୍ୱ



ଭୁବନେଶ୍ୱର, ୨୭।୨(ବ୍ୟୁରୋ)

ରାଜ୍ୟ ପାଇଁ ଆବଶ୍ୟକ ଥିବା ବିଭିନ୍ନ କ୍ୟାଡରର ମୋଟ ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀ ସଂଖ୍ୟା ୮,୭୧୯ ରହିଛି। ସେଥିମଧ୍ୟରୁ ୬,୩୮୯ ପଦବୀରେ ନିୟମିତ ଡାକ୍ତର କାର୍ଯ୍ୟରତ ଥିବାବେଳେ ୨,୩୩୦ ଖାଲି ରହିଛି। ପ୍ରତିବର୍ଷ ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ଦ୍ୱାରା ଚୟନ ପରୀକ୍ଷା କରାଯାଉଥିଲେ ମଧ୍ୟ ଯୋଗ୍ୟ ଡାକ୍ତର ଅଭାବ ଯୋଗୁ ଖାଲି ପଦବୀ ପୂରଣ ହୋଇପାରୁନି। ରାଜ୍ୟ ବାହାରେ ଥିବା ଯୋଗ୍ୟ ଡାକ୍ତରଙ୍କୁ ଓଡ଼ିଶା ଡାକ୍ତରୀ ଓ ସ୍ୱାସ୍ଥ୍ୟସେବା କ୍ୟାଡରରେ ଯୋଗଦେବା ପାଇଁ ସୁଯୋଗ ଦେବାର ଆବଶ୍ୟକ ରହିଥିବା ରାଜ୍ୟ ସରକାର ଅନୁଭବ କରୁଥିଲେ ମଧ୍ୟ ପୂର୍ବରୁ ପ୍ରଚଳିତ ଓଡ଼ିଶା ଡାକ୍ତରୀ ଓ ସ୍ୱାସ୍ଥ୍ୟସେବା(ଚୟନ ପ୍ରବିଧି ଓ ସେବାସର୍ତ୍ତ) ନିୟମାବଳୀ ବାଧକ ସାଜୁଛି। ଫଳରେ ଅନ୍ୟ ରାଜ୍ୟର ଯୋଗ୍ୟ ଇଚ୍ଛୁକ ଡାକ୍ତରମାନେ ଚୟନ ପ୍ରକ୍ରିୟାରେ ଯୋଗଦେବାରୁ ବଞ୍ଚିତ ହେଉଛନ୍ତି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି। ବିଧାନସଭାରେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକଙ୍କ ଏ ସଂକ୍ରାନ୍ତ ପ୍ରଶ୍ନରେ ମନ୍ତ୍ରୀ ଦାସ ଏହା କହିଛନ୍ତି।

ମନ୍ତ୍ରୀ କହିଛନ୍ତି, ଏହି ବାଧକତାର ସମାଧାନ ପାଇଁ ରାଜ୍ୟ ସରକାର ରହିଥିବା ନିୟମକୁ ସଂଶୋଧନ କରି ଓଡ଼ିଶା ଡାକ୍ତରୀ ଓ ସ୍ୱାସ୍ଥ୍ୟ ସେବା(ଚୟନ ପ୍ରବିଧି ଓ ସେବାସର୍ତ୍ତ) ନିୟମାବଳୀ-୨୦୨୦ ପ୍ରଣୟନ କରିଛନ୍ତି। ଯଦି ଜଣେ ପ୍ରାର୍ଥୀ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷାରେ ଓଡ଼ିଆ ଏକ ଭାଷା ବିଷୟ ନେଇ ଉତ୍ତୀର୍ଣ୍ଣ ହୋଇ ନ ଥିବେ, ତେବେ ସେ ଚାକିରୀରେ ଯୋଗ ଦେବାର ୪ବର୍ଷ ମଧ୍ୟରେ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ। ସେହିପରି ଯଦି ଜଣେ ରାଜ୍ୟ ବାହାରର ପ୍ରାର୍ଥୀ ଓଡ଼ିଶା ଡାକ୍ତରୀ ପଞ୍ଜୀକୃତ ପରିଷଦରେ ନାମ ପଞ୍ଜୀକରଣ କରି ନ ଥିବେ ତେବେ ସେ ଚାକିରୀରେ ଯୋଗ ଦେବା ପାଇଁ ନିଯୁକ୍ତି ନିର୍ଦ୍ଦେଶନାମା ପାଇବା ପୂର୍ବରୁ ପଞ୍ଜୀକୃତ କରିବାକୁ ହେବ। ତଦନୁଯାୟୀ ଚଳିତବର୍ଷ ରାଜ୍ୟ ସରକାର ୨,୪୫୨ଜଣ ଡାକ୍ତର ଚୟନ ନିମନ୍ତେ ଓଡ଼ିଶା ଲୋକସେବା ଆୟୋଗକୁ ଅନୁରୋଧ କରିଛନ୍ତି ବୋଲି ମନ୍ତ୍ରୀ ଦାସ କହିଛନ୍ତି।

**ମୁଲତବୀ ଆଲୋଚନା**


# ଆଇନଶୃଙ୍ଖଳାକୁ ନେଇ ବିରୋଧୀଙ୍କ ଟାର୍ଗେଟ

ଭୁବନେଶ୍ୱର,୨୭।୨(ବ୍ୟୁରୋ)

ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ନିଖୋଜ ଶିଶୁଙ୍କ ସଂଖ୍ୟା ବଢ଼ିଚାଲିଛି। ଦିନ ଦ୍ୱିପ୍ରହରରେ ଗୁଳି ଫୁଟୁଛି। ରାଜନୈତିକ ହତ୍ୟା ବଢ଼ିଚାଲିଛି। ରାଜ୍ୟରେ ଲୋକଙ୍କ ଧନଜୀବନ ସୁରକ୍ଷିତ ନାହିଁ। ପୋଲିସ ଶାସକ ଦଳ ପାଇଁ କାର୍ଯ୍ୟ କରୁଛି। ରାଜନୈତିକ ଆକ୍ରୋଶ ରଖି ବିରୋଧୀ ଦଳଙ୍କ ବିରୋଧରେ ମିଥ୍ୟା ମକଦ୍ଦମା କରାଯାଉଛି। ଶାନ୍ତିପ୍ରିୟ ରାଜ୍ୟ ଓଡ଼ିଶାରେ ଆଜି ବିହାର, ପଶ୍ଚିମବଙ୍ଗ ଭଳି ଦୈନିକ ହତ୍ୟା, ବଳାତ୍କାର ଭଳି ଅପରାଧ ବଢ଼ିଚାଲିଛି। ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଭାଜପା ପକ୍ଷରୁ ଦିଆଯାଇଥିବା 'ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ନାହିଁ, ଲୋକମାନେ ତ୍ରାହି ତ୍ରାହି' ଶୀର୍ଷକ ମୁଲତବୀ ଆଲୋଚନାରେ ବିରୋଧୀ ସରକାରଙ୍କୁ ଜୋରଦାର ଆକ୍ରମଣ କରିଛନ୍ତି।

ଶନିବାର ବିଧାନସଭାରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ମୁଲତବୀ ଆଲୋଚନା ଆରମ୍ଭ କରି କହିଲେ, ଓଡ଼ିଶାରେ ଧନଜୀବନ ଅସୁରକ୍ଷିତ ହୋଇଛି। ବୟସ୍କ ଲୋକ ବ୍ୟାଙ୍କକୁ ପଇସା ଆଣିବାକୁ ଯାଇପାରୁନାହାନ୍ତି। ପରୀ, ପିହୁ ଭଳି ଅନେକ ଶିଶୁ ନିଖୋଜହୋଇ ଯାଇଛନ୍ତି। ଗତ ୫ ବର୍ଷରେ ୨୭ ହଜାର ଶିଶୁ ନିଖୋଜ ଅଛନ୍ତି। ରାଜ୍ୟରେ ୧୨,୯୧୬ରୁ ମାତ୍ର ୫୧୬୪ ଶିଶୁ ଉଦ୍ଧାର ହୋଇଛନ୍ତି। ମାସକରେ ୨୩୭ ଶିଶୁ ନିଖୋଜ ହେଉଥିବାବେଳେ ବର୍ଷକୁ ୧୨୮୭ ନିଖୋଜ ହେଉଛନ୍ତି। ଦୈନିକ ହାରାହାରି ୧୫ ନିଖୋଜ ହେଉଛନ୍ତି। ମାହାଙ୍ଗାରେ କୁଳମଣି ବରାଳ ଓ ଦିବ୍ୟ ସିଂ ବରାଳଙ୍କୁ ରାଜନୈତିକ ଆକ୍ରୋଶରୁ ହତ୍ୟା କରାଗଲା। ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ନାମ ଏଫ୍‌ଆଇଆରରେ ଥିଲେ ମଧ୍ୟ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ଭାଜପା ସଭ୍ୟ ବିଷ୍ଣୁ ଚରଣ ସେଠୀ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ସେ କହିଥିଲେ, କଟକ ମାନସିଂପାଟଣାରେ ଜଣେ କଲେଜ ଛାତ୍ରୀଙ୍କୁ ପୋଡ଼ି ମାରିଦେବାକୁ ଉଦ୍ୟମ କରାଗଲା। ରାୟଗଡ଼ାରେ ଜଣେ ଯୁବକଙ୍କୁ ପିଟିପିଟି ମାରିଦିଆଗଲା। ୫ ହଜାର ଝିଅ ହଜିଗଲେଣି। ରକ୍ଷକ ଆଜି ଭକ୍ଷକ ସାଜିଛି। ଭାଜପା ସଭ୍ୟ ଜୟନାରାୟଣ ମିଶ୍ର କହିଲେ, ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବିରୋଧୀ ଦଳଙ୍କୁ ପୋଲିସ ଲଗାଇ ଧମକ ଦିଆଯାଉଛି। ନିର୍ବାଚନରେ ଟଙ୍କା ବାଣ୍ଟିବା, ବିରୋଧୀଙ୍କ ବିରୋଧରେ ମିଥ୍ୟା କେସ୍ କରିବା ପୋଲିସର ମୂଳକାମ ହୋଇଛି। କଂଗ୍ରେସ ସଦସ୍ୟ ନରସିଂହ ମିଶ୍ର କହିଲେ, ମନ୍ତ୍ରୀଙ୍କ ଉତ୍ତର ଦୁର୍ଭାଗ୍ୟଜନକ। ଗାଁଗଣ୍ଡାରେ ଡ୍ରଗ୍‌ମାଫିଆ ଘୂରି ବୁଲୁଛନ୍ତି। ନିଯୁକ୍ତି ନ ଥିବାରୁ ବେକାର ଯୁବକମାନେ ନିଶାଗ୍ରସ୍ତ ହୋଇ ଅପରାଧ କରୁଛନ୍ତି। ଆଇନଶୃଙ୍ଖଳା ରକ୍ଷା ଓ ତଦନ୍ତକୁ ଅଲଗା କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ରାଜ୍ୟରେ ତାହା କାର୍ଯ୍ୟକାରୀ କରାଯାଉ ନାହିଁ। କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା କହିଲେ, ରାଜ୍ୟ ସରକାର ବାହୁବଳ, ଧନବଳ ଓ ସରକାରୀ କଳକୁ ବ୍ୟବହାର କରୁଛନ୍ତି। ପ୍ରଶ୍ନ ପଚାରିଲେ ତଥ୍ୟ ସଂଗ୍ରହ ଉତ୍ତର ମିଳୁଛି। ବିରୋଧୀ ସରକାରଙ୍କୁ ଘେରିବା ବେଳେ ଶାସକ ଦଳ ସଭ୍ୟ ପ୍ରତାପ କେଶରୀ ଦେବ ବିରୋଧୀଙ୍କୁ ପାଲଟା ଆକ୍ରମଣ କରିଥିଲେ। ସେ କହିଥିଲେ, ରାଜ୍ୟରେ ଯଦି ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ି ଥାଆନ୍ତା ତେବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଓଡ଼ିଶାବାସୀ ୫ ଥର ଗାଦିରେ ବସାଇ ନ ଥାଆନ୍ତେ। ରାଜ୍ୟରେ ନିଖୋଜ ହୋଇଥିବା ୧୨୦୦ ଶିଶୁଙ୍କ ମଧ୍ୟରୁ ୮୦୦ ଉଦ୍ଧାର ହୋଇଛନ୍ତି।

ମୁଲତବୀ ଜବାବରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଛନ୍ତି, ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଶାନ୍ତିପୂର୍ଣ୍ଣ ରହିଛି। ଛାତ୍ର ବିଶୃଙ୍ଖଳା ନାହିଁ। କୋଭିଡ୍ ପରିଚାଳନାକୁ ପୋଲିସ ଠିକ୍ ଢଙ୍ଗରେ କାର୍ଯ୍ୟକାରୀ କରିଛି। କର୍ତ୍ତବ୍ୟ ପାଳନ ବେଳେ ୪୮ଜଣ ପୋଲିସ କର୍ମଚାରୀ କରୋନା ଯୋଦ୍ଧା ଭାବେ ଶହୀଦ ହୋଇଛନ୍ତି। ୧୫ଟି ନକ୍ସଲ ପ୍ରଭାବିତ ଜିଲାରୁ ୫ଟି ମୁକ୍ତ ହୋଇଛି। ୨୦୨୦ରେ ୧୬ଜଣ ମାଓବାଦୀ ପୋଲିସ ସହ ଗୁଳିବିନିମୟରେ ମୃତ୍ୟୁବରଣ କରିଛନ୍ତି। ୪୪ ମାଓବାଦୀ ଗିରଫ ହୋଇଥିବାବେଳେ ୨୧ ଜଣ ଆତ୍ମସମର୍ପଣ କରିଛନ୍ତି। ମାଲକାନଗିରି ସ୍ୱାଭିମାନ ଅଞ୍ଚଳରେ ପୋଲିସ ପାଇଁ ୩ଟି ସେତୁ ନିର୍ମାଣ କରାଯାଇଛି। ୨୦୨୦ରେ ଡକାୟତି ୧୨.୫ ପ୍ରତିଶତ, ଲୁଣ୍ଠନ ୧୩ ଓ ଚୋରି ୩ ପ୍ରତିଶତ କମିଛି। ରାଜ୍ୟରେ ଚୋରାଚାଲାଣ ବିରୋଧରେ ସ୍ୱତନ୍ତ୍ର ଡ୍ରାଇଭ କରାଯାଇ ୩୧୧ଟି ମକଦ୍ଦମା ରୁଜୁ କରାଯାଇଥିବା ବେଳେ ୪୦୨ ଜଣଙ୍କୁ ଗିରଫ କରାଯାଇଛି। ବେଆଇନ ବାଲିଖନନ ଓ ପରିବହନ ବିରୋଧରେ ୧୭୩ଟି ମାମଲା ରୁଜୁ ହୋଇଛି। ୨୪୫ ଜଣଙ୍କୁ ଗିରଫ କରାଯାଇଛି। ବିରୋଧୀଙ୍କ ମୁଲତବୀ ପ୍ରସ୍ତାବକୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଖାରଜ କରି ଦେଇଥିଲେ।



**ସ୍ୱର୍ଗତ ହେମନ୍ତ କୁମାର ସାହା**

ଆବିର୍ଭାବ: ନଭେମ୍ବର ୨୯, ୧୯୧୨ • ତିରୋଧାନ: ଫେବୃୟାରୀ ୨୮, ୧୯୮୦

ପ୍ରତିଷ୍ଠାତା: କାରୁକ୍ରିତ୍ ଆଡ୍‌ଭର୍ଟାଇଜିଂ ପ୍ରା. ଲିଃ

**୪୧ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**

ଏହି ଦିନରେ ଆମେ ଆପଣଙ୍କୁ ଆମର ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଶ୍ରଦ୍ଧାର ସହ ଆପଣଙ୍କ ସ୍ମୃତିଚାରଣ କରୁଛୁ। ଆପଣ ଦେଖାଇଥିବା ପଥରେ ଚାଲି ଆପଣଙ୍କ ଆଦର୍ଶରେ ସ୍ଥିର ଓ ଅଟଳ ରହିବା ପାଇଁ ଆମେ କାମନା କରୁଛୁ।

ପରିବାରବର୍ଗ, ଆତ୍ମୀୟସ୍ୱଜନ, କର୍ମଚାରୀ ଏବଂ ଶୁଭେଚ୍ଛୁବୃନ୍ଦ

KARUKRIT®
13A, Madanmohantala Street, Kolkata: 700 005
Telephones: 2554-1512, 2554-3633, 2555-2977; FAX : 2554-1802
Website: www.karukrit.com ; E-mail: karukrit1932@karukrit.com

ଏହି ମହାନ ଆତ୍ମାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପାଇଁ, ଆମର ସମସ୍ତ କାର୍ଯ୍ୟାଳୟ ଆଜି ବନ୍ଦ ରହିବ

# ନକଲି ବିଦେଶୀ ମଦ କାରଖାନା ଠାବ

## କଲିକତାରୁ ଆସୁଥିଲା କଞ୍ଚାମାଲ୍

## ମାଷ୍ଟରମାଇଣ୍ଡ ସମେତ ୫ ଗିରଫ, ବିଭିନ୍ନ ସାମଗ୍ରୀ ଜବତ

ବ୍ରହ୍ମପୁର ଅଫିସ,୨୭।୨

ବ୍ରହ୍ମପୁରରେ ନକଲି ଖାଦ୍ୟ ସାମଗ୍ରୀ ପରେ ଏବେ ନକଲି ବିଦେଶୀ ମଦ କାରଖାନା ଠାବ ହୋଇଛି। ଅବକାରୀ ବିଭାଗ ଶନିବାର ବଡ଼ବଜାର ଥାନା ଅନ୍ତର୍ଗତ ତୃପ୍ତି ନଗରରେ ଏକ ଘରେ ଚଢ଼ାଉ କରି ବିଭିନ୍ନ ବ୍ରାଣ୍ଡର ନକଲି ବିଦେଶୀ ମଦ, କଞ୍ଚାମାଲ, ସ୍ପିରିଟ ଆଦି ଜବତ କରିଛି। ଏହି ଘଟଣାରେ ମାଷ୍ଟରମାଇଣ୍ଡ ସମେତ ୫ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କାଳୁପାତ୍ର ସାହିର ନାରାୟଣ ବିଶୋୟୀ, ସୁକୁଣ୍ଡାର ରବୀନ୍ଦ୍ର ପାଣିଗ୍ରାହୀ, ହରିଡ଼ାଖଣ୍ଡି ଶାନ୍ତିନଗରର ଏମ. ଆଶିଷ କୁମାର ରାଓ, ବେଗୁନିଆପଡ଼ା ଥାନା ଅନ୍ତର୍ଗତ କେ.ବରିଡ଼ା ଗ୍ରାମର ଶ୍ରୀକାନ୍ତ କୁମାର ବେହେରା ଓ ଗଣେଶ ନଗରର ସନ୍ତୋଷ ସ୍ୱାଇଁ।



ଜବତ ନକଲି ବିଦେଶୀ ମଦ ପ୍ୟାକେଟ ଓ ସାମଗ୍ରୀ।

ତୃପ୍ତି ନଗରରେ ନକଲି ମଦ କାରଖାନା ଚାଲିଥିବା ଜଣାପଡ଼ିବା ପରେ ଅବକାରୀ ଇନ୍ସପେକ୍ଟର ହୃଦୟ ଚନ୍ଦ୍ର ସାମନ୍ତଙ୍କ ସମେତ ଏସଆଇ ବିଶ୍ୱଜିତ ଦାଶ, ଏସଆଇ ସଞ୍ଜୟ କୁମାର ପାଣ୍ଡି ପ୍ରମୁଖ ସେଠାରେ ଚଢ଼ାଉ କରିଥିଲେ। ମାଷ୍ଟରମାଇଣ୍ଡ ନାରାୟଣ ଘରଭଡ଼ା ନେଇ ଏହି କାରଖାନା ଚଳାଉଥିଲେ। ତାଙ୍କର ୨ ପାର୍ଟନର ହେଉଛନ୍ତି ରବୀନ୍ଦ୍ର ଓ ଆଶିଷ।

ଶ୍ରୀକାନ୍ତ ଏବଂ ସନ୍ତୋଷ ଅଟୋ ଚାଳକ ବୋଲି ଜଣାପଡ଼ିଛି। କଲିକତାରୁ କଞ୍ଚାମାଲ ଆଣି ଏଠାରେ ନକଲି ମଦ ପ୍ରସ୍ତୁତ କରାଯାଇ ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲାର ବିଭିନ୍ନ ସ୍ଥାନରେ ବିକ୍ରି କରାଯାଉଥିଲା। ନକଲି ମଦ କିଭଳି ପ୍ରସ୍ତୁତ କରାଯାଉଥିଲା ମୁଖ୍ୟ ଅଭିଯୁକ୍ତ ତାହାର ଡେମୋ ଦେଖାଇଥିଲେ। ଏ ନେଇ ଅବକାରୀ ବିଭାଗ ଦୁଇଟି ମାମଲା ରୁଜୁ କରିଛି। ନଂ.୨୦୫/୨୦-୨୧ରେ ନାରାୟଣ ଓ ତାଙ୍କର ୨ ପାର୍ଟନରଙ୍କୁ ଏବଂ ନଂ.୨୦୬/୨୦-୨୧ରେ ୨ ଅଟୋ ଚାଳକଙ୍କୁ ଗିରଫ କରାଯାଇଥିବା ଅବକାରୀ ଇନ୍ସପେକ୍ଟର ସାମନ୍ତ କହିଛନ୍ତି। ଘଟଣାସ୍ଥଳରୁ ୪୦ ପ୍ୟାକେଟ ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ ବୋତଲ, ୧୦୦ ଲିଟର ସ୍ପିରିଟ, ୨୦ ଲିଟର ରଙ୍ଗ, ୫ ହଜାର ଷ୍ଟିକର, ୫ ହଜାର ଠିପି, ୪୦ ବସ୍ତା ଖାଲି ବୋତଲ ଜବତ କରାଯାଇଛି। ଜବତ ସାମଗ୍ରୀର ମୂଲ୍ୟ ପ୍ରାୟ ୫ ଲକ୍ଷ ଟଙ୍କା ହେବି ବୋଲି ସେ କହିଛନ୍ତି।

# ୩ଦିନ ଅସମ୍ଭାଳ ତାତି

## ୫ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବ ପାରଦ

ଭୁବନେଶ୍ୱର,୨୭।୨(ବ୍ୟୁରୋ)

ରାଜ୍ୟରେ ଏବେଠୁ ଅସମ୍ଭାଳ ହେଲାଣି ତାତି। ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଟାଇଁ ଟାଇଁ ଖରା ହେଉଥିବାବେଳେ ୧୧ଟାରୁ ୪ଟା ତତଲା ପବନ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ଫେବୃୟାରୀରୁ ଏଭଳି ସ୍ଥିତିକୁ ନେଇ ପାଣିପାଗ ବିଭାଗ ସତର୍କ କରିଛି। ଇତିମଧ୍ୟରେ ପାରଦ ୪୦ ଡିଗ୍ରୀ ଡେଇଁଥିବାବେଳେ ଆସନ୍ତା ୩ଦିନରେ ସ୍ଥିତି ଆହୁରି ଅସମ୍ଭାଳ ହୋଇପଡିବ। ରାଜ୍ୟର ଅଧିକାଂଶ ଜିଲାରେ ତାପମାତ୍ରା ୫ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ଖୋର୍ଦ୍ଧା, କଟକ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, ବାଲେଶ୍ୱର, ମୟୂରଭଞ୍ଜ ଓ ଅନୁଗୋଳ ଆଦି ୮ ଜିଲାରେ ତାତି ଅଧିକ ବଢ଼ିବା ସମ୍ଭାବନା ରହିଥିବାବେଳେ ରାଜଧାନୀ ଭୁବନେଶ୍ୱରରେ ପୂର୍ବଭଳି ସର୍ବାଧିକ ରହିବ। ତେଣୁ ଏ ସମସ୍ତ ଅଞ୍ଚଳରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବାହାରକୁ ଯିବାବେଳେ ପ୍ରତିଷେଧାତ୍ମକ ବ୍ୟବସ୍ଥା ଆପଣାଇବା ପାଇଁ ପରାମର୍ଶ ଦେଇଛି ପାଣିପାଗ କେନ୍ଦ୍ର। ଶନିବାର ଭୁବନେଶ୍ୱରର ତାପମାତ୍ରା ପୁଣି ବଢ଼ିଛି। ଶୁକ୍ରବାର ସହରର ସର୍ବାଧିକ ତାପମାତ୍ରା ୪୦.୪ ଡିଗ୍ରୀ ସେଲ୍‌ସିୟସ ରହିଥିବାବେଳେ ଶନିବାର ୪୦.୬ ଡିଗ୍ରୀକୁ ବୃଦ୍ଧି ପାଇଛି। ଫଳରେ ଲଗାତାର ତିନିଦିନ ହେଲା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି ଭୁବନେଶ୍ୱର। ସେହିଭଳି ଅନୁଗୋଳ ୩୮.୯, ବାରିପଦା ୩୮.୬, ସମ୍ବଲପୁର ୩୭.୩, କଟକ ୩୮.୧, ନୟାଗଡ଼, ତାଳଚେର ଓ ଟିଟିଲାଗଡ଼ ୩୮, ବଲାଙ୍ଗୀର ୩୭.୬, ଝାରସୁଗୁଡ଼ା ୩୭.୫, ସୋନପୁର ୩୭.୨, ହୀରାକୁଦ ୩୬.୯, ଭବାନୀପାଟଣା ୩୬.୬, ଚାନ୍ଦବାଲି, ବାଲେଶ୍ୱର ୩୬.୨, ମାଲକାନଗିରି ୩୬ ଓ କେନ୍ଦୁଝରଗଡ଼ରେ ୩୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ ଜେନା ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ଗ୍ରୀଷ୍ମ ପ୍ରବାହଜନିତ ଅସୁସ୍ଥତା ସମ୍ପର୍କରେ ଲୋକଙ୍କୁ ସଚେତନ କରିବାକୁ ଉକ୍ତ ଚିଠିରେ ଉଲ୍ଲେଖ ରହିଛି। ସଚେତନତା କାର୍ଯ୍ୟରେ ସାମାଜିକ ସଂସ୍ଥାକୁ ସାମିଲ ଲାଗି ପରାମର୍ଶ ଦିଆଯାଇଛି। ସେହିପରି ଜଳାଭାବ ସମ୍ଭାବନା ଥିବା ସ୍ଥାନଗୁଡ଼ିକୁ ଚିହ୍ନଟ ଲାଗି ଚିଠିରେ ପରାମର୍ଶ ଦିଆଯାଇଛି। ଟ୍ୟୁବ୍‌ୱେଲ୍ ଓ ପାଇପ୍ ଲାଇନ୍‌ର ମରାମତି ଉପରେ ଚିଠିରେ ଗୁରୁତ୍ୱ ଦିଆଯାଇଛି। କେନାଲରେ ଆବଶ୍ୟକ ଜଳ ଛାଡ଼ିବାକୁ ଜଳସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସର୍ବସାଧାରଣ ସ୍ଥାନରେ ପାନୀୟ ଜଳସେବା କେନ୍ଦ୍ର ଖୋଲିବାକୁ କୁହାଯାଇଛି। ସୂଚନାଯୋଗ୍ୟ, ପ୍ରବଳ ଖରା ପାଇଁ ସ୍କୁଲ ସମୟରେ ମଧ୍ୟ ରାଜ୍ୟ ସରକାର ପରିବର୍ତ୍ତନ କରି ସକାଳୁଆ କରିଛନ୍ତି।





ଏଲଆଇସିର ଜୀବନ ଲାଭ
ସୀମିତ ପ୍ରିମିଅମ୍ ଏଣ୍ଡୋମେଣ୍ଟ ପ୍ଲାନ୍
Plan No.: 936 UIN No. 512N304V02
ଆକର୍ଷଣୀୟ ଲାଭ ସହିତ ଜୀବନବୀମା ସୁରକ୍ଷା

| ପଲିସି ଅବଧି | ପ୍ରିମିଅମ୍ ପୈଠ ଅବଧି |
|---|---|
| 16 | 10 |
| 21 | 15 |
| 25 | 16 |

- ସର୍ବନିମ୍ନ ମୂଳ ବୀମା ରାଶି : ₹200,000/-.
- ସର୍ବାଧିକ ମୂଳ ବୀମା ରାଶି : କୌଣସି ସର୍ବୋଚ୍ଚ ସୀମା ନାହିଁ
- ପ୍ରବେଶ ପାଇଁ ସର୍ବନିମ୍ନ ବୟସ : 8 ବର୍ଷ
- ପ୍ରବେଶ ପାଇଁ ସର୍ବାଧିକ ବୟସ : ପଲିସି ଅବଧି 25/21/16 ବର୍ଷ ପାଇଁ 50/54/59 ବର୍ଷ
- ଏଲଆଇସିର ଦୁର୍ଘଟଣାବଶତଃ ମୃତ୍ୟୁ ଏବଂ ଅକ୍ଷମତା ହିତଲାଭ ରାଇଡର ଏବଂ ଏଲଆଇସିର ନୂତନ ଟର୍ମ ଇନ୍ସ୍ୟୁରାନ୍ସ ରାଇଡର ଇଚ୍ଛାଧିନ ଭାବରେ ଉପଲବ୍ଧ ରହିଛି।

ନିଜ ଏଜେଣ୍ଟ / ଶାଖାକୁ ସମ୍ପର୍କ କରନ୍ତୁ ବା ଦେଖନ୍ତୁ ଆମ ୱେବ୍‌ସାଇଟ୍ www.licindia.in ବା SMS କରନ୍ତୁ ନିଜ ସହର ନାମ 56767474 କୁ
Follow us: LIC India Forever IRDAI Regn No.: 512
ଭ୍ରାମକ ଫୋନ କଲ୍ / ଇମେଲ୍ ଏବଂ ମିଛ / ଶଠ ଅଫର୍ ଠାରୁ ସାବଧାନ। ଆଇଆର୍‌ଡିଏଆଇ ଏତଦ୍ୱାରା ଜନସାଧାରଣଙ୍କୁ ଜଣାଉଛି ଯେ
• ଆଇଆର୍‌ଡିଏଆଇ ବା ଏହାର ଅଧିକାରୀ କୌଣସି ପ୍ରକାର ବୀମା ବିକ୍ରୀ ଅଥବା ଫାଇନାନ୍ସିଅଲ୍ ପ୍ରଡକ୍ଟ ବା ପ୍ରିମିଅମ ବିନିଯୋଗ ଭଳି କାମ କରନ୍ତି ନାହିଁ।
• ଆଇଆର୍‌ଡିଏଆଇ କୌଣସି ବୋନସ ଘୋଷଣା କରେ ନାହିଁ। ଏଭଳି ଫୋନ କଲ୍ ପାଉଥିବା ବ୍ୟକ୍ତି ଉକ୍ତ ଫୋନ କଲ୍, ବିବରଣୀ ସହିତ ପୁଲିସରେ ଅଭିଯୋଗ ଦାୟର କରିବାକୁ ଅନୁରୋଧ।
LIC ଲାଇଫ ଇନ୍‌ସିଓରେନ୍ସ କର୍ପୋରେଶନ ଅଫ ଇଣ୍ଡିଆ LIFE INSURANCE CORPORATION OF INDIA
LIC/AR/19-20/31/ORI
ଆପଦାବଳୀ, ସର୍ତ୍ତ ଓ ନିୟମାବଳୀର ଅଧିକ ବିବରଣୀ ପାଇଁ, ବିକ୍ରୟ ସମ୍ପନ୍ନ କରିବା ଆଗରୁ ବିକ୍ରୟ ପୁସ୍ତିକା ଧ୍ୟାନପୂର୍ବକ ପଢ଼ିବାକୁ ଅନୁରୋଧ।
ଜୀବନର ସାଥିରେ ବି, ଜୀବନର ପରେ ବି।

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................



ସତ୍ୟଜିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜେଲରୁ ୨ କଏଦୀ ଫେରାର

**ଜଣଙ୍କୁ ଧରିଲା ପୋଲିସ**

ଆର.ଉଦୟଗିରି,୨୭।୨(ଡି.ଏନ୍.ଏ.)- ଗଜପତି ଜିଲା ଆର.ଉଦୟଗିରି ସବ୍‌ଜେଲରୁ ଶନିବାର ୨ କଏଦୀ ଚମ୍ପଟ୍ ମାରିଥିଲେ। ସେମାନେ ହେଲେ ଅଡ଼ବା ଗ୍ରାମର କରୁଣାକର ଗମାଙ୍ଗ ଏବଂ ପୁରୀ ଜିଲା ବ୍ରହ୍ମଗିରିର ଶରତ କୁମାର ଦେଓ। ଗଞ୍ଜେଇ ଚାଲାଣ ମାମଲା ନଂ. ୫୬/୨୦ ଅନୁଯାୟୀ ଗିରଫ ହୋଇଥିବା ଅଭିଯୁକ୍ତମାନେ ପାରଳାଖେମୁଣ୍ଡି ଜେଲରେ ରହୁଥିଲେ। ଜାନୁୟାରୀ ୧୭ରେ ସେମାନଙ୍କୁ ଆର.ଉଦୟଗିରି ସବ୍‌ଜେଲକୁ ଅଣାଯାଇଥିଲା। ସକାଳେ ସବ୍‌ଜେଲ ନିକଟ ଏସ୍‌ଡିପିଓ ଅଫିସରେ କାମ କରୁଥିବା ଜଣେ ହୋମଗାର୍ଡ ଦୁଇ ଅଭିଯୁକ୍ତ କାନ୍ଥ ଡେଇଁ ପଳାଇଥିବା ଜେଲ ଅଧିକାରୀଙ୍କୁ ଜଣାଇଥିଲେ। ପରେ ଜେଲ ଅଧିକାରୀ ଷ୍ଟାଫଙ୍କୁ ଧରି ଶରତଙ୍କୁ ତୁମନ ନିକଟସ୍ଥ ଗ୍ରାମ ଜଙ୍ଗଲରୁ ଧରିଥିଲେ। ଅଭିଯୁକ୍ତମାନେ ଶିଡ଼ି ପକାଇ ଡେଇଁ ପଳାଇଥିଲେ ବୋଲି ଜେଲ ସୁପରିଣ୍ଟେଣ୍ଡେଣ୍ଟ କେଦାର ନାଥ ବେହେରା ସୂଚନା ଦେଇଛନ୍ତି। ଆର.ଉଦୟଗିରି ପୋଲିସ ନଂ. ୩୪/୨୧ରେ ମାମଲା ରୁଜୁ କରି ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଉଦ୍ୟମ ଚଳାଇଥିବା ଥାନାଧିକାରୀ ମମତା ନାୟକ ପ୍ରକାଶ କରିଛନ୍ତି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହାତ ଅଳସେ ନିଶ ବଙ୍କା**
**ନିଶ କହେ ମତେ ଖଉରି ପକା।**

ଏତେ ଅଳସୁଆ ଯେ ନିଜ ନିଶ ସଳଖ କରିବା ପାଇଁ ବେଳ ନ ପାଇବା। ଅଳସୁଆ ପାଇଁ ସବୁ ଭଲ କଥା ମନ୍ଦ ହୋଇଯାଏ। ପରୋକ୍ଷରେ ଅପଦାର୍ଥ ବ୍ୟକ୍ତି ଦ୍ୱାରା କୌଣସି ଗଠନମୂଳକ କାର୍ଯ୍ୟ ହୋଇପାରୁ ନ ଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ହାତର ମୁଦି, ଗୋଡ଼ ପାହୁଡ଼**
**ଚାଲିଗଲେ ରଣଝଣ**
**ଭାଉଜ ଭାତ, ସୁଆଦ ଲାଗେ**
**ଭାରିଯା ତ ହଇରାଣ।**

ଯେତେ ଅଳଙ୍କାରରେ ସଜ୍ଜିତ ହୋଇଥିଲେ ସୁଦ୍ଧା ଯଦି ନାରୀଠାରେ ସ୍ନେହ, ଆଦର, ସେବା ତଥା ପତିବ୍ରତା ଭଳି ବିଶେଷ ଗୁଣର ଅଭାବ ଥାଏ ତେବେ ସେ ସେତେଟା ଆଦରଣୀୟ ହୋଇ ପାରି ନ ଥାଏ। ଭଲ ରନ୍ଧାବଢ଼ା ଶିଖିଥିଲେ ମଧ୍ୟ ଯଦି ସେ ମନ୍ଦଗୁଣ ଯୁକ୍ତ ହୋଇଥାଏ ତା'ହେଲେ ସେ ପତିର ମନକୁ ଆକୃଷ୍ଟ କରିପାରି ନ ଥାଏ। ଫଳସ୍ୱରୂପ ଏପରି ନାରୀଠାରୁ ସ୍ୱାମୀ ମୁହଁ ଫେରାଇନେବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବିସ୍ଫୋରକ ଜବତ

**ନାରାୟଣପାଟଣା/କୋରାପୁଟ, ୨୭।୨(ସ୍ୱ.ପ୍ର.)**

ନାରାୟଣପାଟଣା ବ୍ଲକର ତେନ୍ତୁଳିପଦରସ୍ଥିତ ବିଏସ୍ଏଫ-୧୫୫ ବାଟାଲିୟନ ପକ୍ଷରୁ ଶନିବାର ତଲାସି ବେଳେ ମାଓବାଦୀଙ୍କ ଦ୍ୱାରା ରଖାଯାଇଥିବା ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀକୁ ଯବାନମାନେ ଜବତ କରିଛନ୍ତି। ଜବତ ବିସ୍ଫୋରକ ମଧ୍ୟରେ ୫୦ଟି ଇଲେକ୍ଟ୍ରି ଡିଟୋନେଟର, ୬୦ଟି ଜିଲେଟିନ ଷ୍ଟିକ୍, ୨.୫ କେଜି ଧଳା ବିସ୍ଫୋରକ ପାଉଡର, ୬ ବଣ୍ଡଲ ତାର, ୩୦ଟି ଲୁହା ପିଲେଟ ସହ ଅନ୍ୟାନ୍ୟ ସାମଗ୍ରୀ ରହିଛି। ନାରାୟଣପାଟଣା ଥାନା ଅନ୍ତର୍ଗତ ଭରତପୁର ଗ୍ରାମରେ ୫ ଜଣ ମାଓବାଦୀ ରହିଥିବା ନେଇ ବିଏସ୍ଏଫ ବାଟାଲିୟନକୁ ଖବର ମିଳିବା ପରେ ବିଏସ୍ଏଫ ପକ୍ଷରୁ ତେନ୍ତୁଳିପଦର ଗ୍ରାମ ଆଖପାଖ ଅଞ୍ଚଳରେ କୋମ୍ବିଂ ଅପରେଶନ କରାଯାଇଥିଲା। ଏହି ସମୟରେ ଉପରୋକ୍ତ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଥିଲା ବୋଲି ବିଏସ୍ଏଫ ପକ୍ଷରୁ କୁହାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ୍ୟ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**



କର୍ମକ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବାର ସମ୍ଭାବନା ରହିଛି। କୃତ୍ତିକା ନକ୍ଷତ୍ର ସକାଶେ ଭ୍ରାତୃବର୍ଗ ଦ୍ୱାରା ସମସ୍ୟା ସୃଷ୍ଟି ହୋଇ ପାରିବାରିକ ଶାନ୍ତି ନଷ୍ଟ ହୋଇପାରେ। ବନ୍ଧୁଙ୍କ ସହଯୋଗ ଅଭାବରୁ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିବ। ବ୍ୟବସାୟିକ ଦୃଷ୍ଟିକୋଣରୁ ଦିନଟି ବହୁତ ଭଲରେ ବିତିବ।

**ବୃଷ**



ସମସ୍ୟା ମଧ୍ୟରେ ଗତିକରି ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ଆବଶ୍ୟକତା ପୂରଣ ସକାଶେ ଅର୍ଥ ସଂଗ୍ରହର ପ୍ରଚେଷ୍ଟା ଫଳବତୀ ହେବ। ଅଫିସ୍‌ରେ କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ। ରୋହିଣୀ ନକ୍ଷତ୍ର ବନ୍ଧୁଙ୍କ ସହ ଦୂର ଭ୍ରମଣର ଚିନ୍ତା କରିପାରନ୍ତି।

**ମିଥୁନ**



ଶତ୍ରୁମାନେ ବିବାଦକରି କାର୍ଯ୍ୟକୁ ସାମୟିକ ଅଟକାଇ ଦେଇପାରନ୍ତି। ଅନ୍ୟମାନଙ୍କ ସହ ତୁଳନାତ୍ମକ ବିଚାର ଦ୍ୱାରା ନିଜକୁ ହେୟ ମନେ କରିପାରନ୍ତି। ସନ୍ଧ୍ୟାରେ ପିଲାଙ୍କ ସହ ଖୁସିଗପ କରିବାର ମଉକା ଜୁଟିବ। ମୃଗଶିରା ନକ୍ଷତ୍ର ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡିବ।

**କର୍କଟ**



ସାମୟିକ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ଆର୍ଥିକ ଅନଟନ ରହିଥିଲେ ମଧ୍ୟ ପରି)ସ୍ଥିତିକୁ ସମ୍ଭାଳି ନେବେ। ପୁଷ୍ୟା ନକ୍ଷତ୍ର ପୂର୍ବ ନିର୍ଦ୍ଧାରିତ ଯାତ୍ରା ଓ ମାଙ୍ଗଳିକ କାମରୁ ଖୁସି ରହିବେ। ଧାର କରଜ, ଭଡ଼ା ସୂତ୍ରରୁ କିମ୍ବା ବକେୟା ଟଙ୍କା ପାଇପାରନ୍ତି।

**ସିଂହ**



ଉପରିସ୍ଥ କର୍ମଚାରୀଙ୍କ ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝି ପାରିବେନି। ବ୍ୟବସାୟ କ୍ଷେତ୍ରରୁ ଅଂଶଧନ ହିସାବରେ ଅଧିକ ଧନ ପାଇ ଖୁସି ହେବେ। ତଥାପି ପାରିବାରିକ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବ। ମଘା ନକ୍ଷତ୍ର ଆକସ୍ମିକ ଭାବରେ ଦୂରଯାତ୍ରା କରିବାକୁ ପଡିପାରେ।

**କନ୍ୟା**



ଦୀର୍ଘ ଦିନର ଆଶା ପୂରଣ ହେବା ସଙ୍ଗକୁ ସମ୍ପର୍କୀୟଙ୍କ ଶୁଭ ସୂଚନାରୁ ଖୁସି ହେବେ। ହସ୍ତା ନକ୍ଷତ୍ରର କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ ନୂତନ କର୍ମସଂସ୍ଥାନ ପାଇଁ ମନ ବଳାଇ ପାରନ୍ତି। ଭାଇଙ୍କ ଆରୋଗ୍ୟଲାଭ ସକାଶେ ଚିନ୍ତା କରିବେ।

**ତୁଳା**



ଆଜି ଅର୍ଥ ଓ ସମ୍ମାନ ପାଇବା ସଙ୍ଗକୁ ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମମୁଖର ହେବେ। ବିଶାଖା ନକ୍ଷତ୍ର ସାମାଜିକ ସ୍ତରରେ ନିଜ ପରିସରରେ ପ୍ରତିଷ୍ଠିତ ହେବେ। ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ। ସହକର୍ମୀ ମାନଙ୍କ ସହାନୁଭୂତିରୁ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି।

**ବିଛା**



ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ। ଜ୍ୟେଷ୍ଠା ନକ୍ଷତ୍ର ପରିବାରରେ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢିପାରେ। ଆଶା ପୂରଣ ହୋଇଯିବାରୁ ଅନୁରାଧା ନକ୍ଷତ୍ରର ମାନସିକ ଅବସାଦ ଦୂର ହେବ। କର୍ମକ୍ଷେତ୍ରରେ ବିଶେଷ କାରଣ ନ ଥାଇ ମଧ୍ୟ ଦୋଷୀ ସାବ୍ୟସ୍ତ ହେବେ।

**ଧନୁ**



ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ଅବଶ୍ୟ ଉପକାର ମିଳିବ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି ,ଏଣୁ ସାବଧାନ ରହିବା ଭଲ। ନୀଚ ସଂସର୍ଗରୁ ଦୂରେଇ ନ ରହିଲେ ପରୋକ୍ଷ ସମାଲୋଚନାରୁ ବାଦ୍ ପଡିବେ ନାହିଁ। ମୂଳା ନକ୍ଷତ୍ରର ନିର୍ମାଣାଧୀନ କାମ, ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ।

**ମକର**



ଆଜିର ସକାଳ ସକାଳ ଯାତ୍ରା ବେଶ୍ ପ୍ରୀତିପ୍ରଦ ରହିବ। ଶ୍ରବଣା ନକ୍ଷତ୍ରର ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ। ଅଫିସ୍‌ରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ। କିଛି କହି ନ ପାରିଲେ ମଧ୍ୟ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ।

**କୁମ୍ଭ**



ଆଶା କରିଥିବା ଖବରଟି ପଡ଼ୋଶୀଙ୍କଠାରୁ ପାଇ ଖୁସି ହେବେ। ପରିବାରରେ ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ସହକର୍ମୀମାନଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ଶତଭିଷା ନକ୍ଷତ୍ର ପାଇଁ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ।


**ମୀନ**



ବିଭିନ୍ନ ପ୍ରକାରର ଅତୀତ ଦୁଶ୍ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ସନ୍ଦେହ ବୃଦ୍ଧି କାରଣରୁ ବ୍ୟବସାୟରେ ମନାନ୍ତର ସୃଷ୍ଟି ହେବାର ସୂଚନା ରହିଛି। ଉତ୍ତରଭାଦ୍ରବ ନକ୍ଷତ୍ରର ଧାତୁଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। କୌଣସି କାମରେ ଅଧୈର୍ଯ୍ୟ ନ ହୋଇ ସମୟକୁ ଅପେକ୍ଷା କରନ୍ତୁ ବିଳମ୍ବ ହେଲେ ମଧ୍ୟ କାର୍ଯ୍ୟ ସାଧିତ ହେବ।

ଆଜି ଫାଲ୍‌ଗୁନ କୃଷ୍ଣ ପ୍ରତିପଦାଯୁକ୍ତ ଦ୍ୱିତୀୟା ରବିବାର। ଫେବୃୟାରୀ ୨୮ ତାରିଖ, ରାଷ୍ଟ୍ରୀୟ ବିଜ୍ଞାନ ଦିବସ। ଡ. ରାଜେନ୍ଦ୍ରପ୍ରସାଦଙ୍କ ତିରୋଧାନ ଦିବସ। ବୀର ସୁରେନ୍ଦ୍ରସାଏଙ୍କ ତିରୋଧାନ ଦିବସ। ରାଶି ନକ୍ଷତ୍ର-ଘ.୦୯.୩୪ମି. ପର୍ଯ୍ୟନ୍ତ ପୂର୍ବଫାଲଗୁନୀ/ସିଂହ, ମେଷ ରାଶିର ଘାତବାର। ପ୍ରତିପଦାର ଏକୋଦ୍ଦିଷ୍ଟ ଓ ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୫୭ମି. ଗତେ ଘ.୧୦.୦୩ମି. ମଧ୍ୟେ, ସନ୍ଧ୍ୟା ଘ.୦୭.୨୬ମି. ଗତେ ଘ.୦୯.୦୫ମି. ମଧ୍ୟେ ଅମୃତବେଳା। ସକାଳ ଘ.୦୬.୧୦ମି. ଗତେ ଘ.୦୬.୫୭ମି. ମଧ୍ୟେ, ଘ.୦୧.୦୯ମି. ଗତେ ଘ.୦୧.୫୫ମି. ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ନ ଘ.୦୪.୨୦ମି. ଗତେ ଘ.୦୫.୪୭ମି. ମଧ୍ୟେ ରାହୁକାଳ।


# classifieds Everyday 0674-2580101, 2549302





## BRIDE WANTED

Son age 29 cast Brahmin B. Tech ITER currently working as infosys annually 9.5 lakhs Parents number 9439726139. D-20041

Match for my M.Tech (IIT,Bombay)Internship (Steinbeis University Germany) qualified commander son in IndiaNnavy. Contact: +919438183860. D-20025

Khandayat boy 1993 B.Tech IIT, Kanpur, MBA-XLRI Manager Pune. 9439901263. D-20036

Wanted Karan girl for Karan boy age-26+, Kumbha, 5'7" working in MNC at Chennai, 7lakhs per annum Contact: 9776241883, 8464066599. D-69039

Kaibart boy age 30 Diploma engineering private job salary 15000 month, Bhubaneswar resident. Contact: 8249089785. D-20096

## GROOM WANTED

Suitable bride required for brahmin groom. Contact: 7978409094. D-63995

28ବୟସ୍କା Government Bankରେ ଚାକିରି କରୁଥିବା ଗୁଡ଼ିଆ ଜାତିର divorcee ଝିଅଙ୍କୁ any caste ପୁଅ ଦରକାର। 7381460070. D-67973

ବ୍ରାହ୍ମଣ ଜାତି Government ଚାକିରିଆ ବିଧବା ନିଃସନ୍ତାନ 39ବୟସ୍କା ସୁନ୍ଦରୀ ଝିଅଙ୍କୁ general casteର ଘରଜ୍ୱାଇଁ ଦରକାର। 7681060810. D-67974





## SALE

BDA Duplex House area 2925sqft. at Palaspalli near Main Road having 5-Bedrooms, 2-Drawing, 5-Toilets and Car Parking. 9124984169. D-20075

**12,000 sft IDCO Plot for immediate sale at Mancheswar Bhubaneswar. Buyers please contact Deepak- 9937329999.** D-69974

Commercial Office space fully furnished, 2nd floor, 1000sqft. near Rabi Talkies Square, Lewise road side for sale @42lac. 7978584549. D-70544

**Residential plot at Trisulia Square(100 mtr. from Trisulia chhak) Cuttack. Gharabari plot with boundary wall, 30ft. road & Electrification provision. Contact:- 7064926383.** D-20026

Gharabadi converted plot sale with Bank Loan facility in Pradhansahi and AIIMS area. Contact: 8118050420. D-65912

**Gita College ଦେଉଳିଆପାଟଣା ନିକଟରେ developed gharabari plot 5,50,000/- କିଣନ୍ତୁ। 8457092465.** D-20069

**Bhubaneswar, Khordha NH side Pitapalli Chhaka ନିକଟରେ plot ମିଳୁଛି। 6372852525.** D-70192

**3200 Sqft. sthitiban Gharabari corner plot with Boundary Wall near ITER, Panchasakha Nagar, Bhubaneswar. 9958003695, 9861805658.** D-19996

Plot near KIIT University backside of Prasanti Vihar sqft.1150/-. Contact: 9658999848, 6371808737. D-70195

**Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession ଅଗ୍ରିମ boundarywall, electricity with 30ft. road sqft.650/-ରେ ମିଳୁଛି। Contact: 7008045582, 9692003948.** D-20052

**Bhubaneswar AIIMS Hospital ପାଖରେ 30'road ଥାଇ yellowzone plot sale. 8456850883.** D-70193

ପ୍ଲଟ୍ ବିକ୍ରିହେବ ଭୁବନେଶ୍ୱର ଉତ୍ତରା KEC କଲେଜ ପାଖ, ଘରବାରି ପାଚେରି ସହିତ। 9178660666. D-70535

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Demarcated gharabari plot sale Gudiapokhari near KEC Puri road, advance boundarywall 30ft. road electricity. Patta 9238902929, 8763887357.** D-70187

Ready to move simplex 2BHK-33,00,000/-, 1BHK-23,00,000/-, near Hanspal. 8908015464, 9853347909. D-70196

**Developed, demarcated gharabari plot ବାଲିଅନ୍ତା ଏବଂ ଉତ୍ତରା ନିକଟରେ କିଣନ୍ତୁ। 7008492511.** D-69377

**Ready to move Duplex for sale at DHPL Villa One Kalarahanga. Contact: 9937059891.** D-19937

ଭୁବନେଶ୍ୱର ପଟିଆ ଷ୍ଟେସନ ପାଖରେ 30' ରାସ୍ତା, boundary ସହିତ sqft.750/- ରୁ 1200/-ରେ ପ୍ଲଟ୍ ନିଅନ୍ତୁ। 9938734349, 9937686826. D-70190

**Plot for sale near Pipili Toll Gate, just 16kms from Bhubaneswar, Kalpana Square, 9937446498.** D-70547

Cuttack prime location 4000sqft. three storied building for sale. Only for SC caste buyers. M- 90784 69434. D-20098

**Bhubaneswar AIIMS Hospital and Sum Hospital, Times Gurukul ନିକଟରେ 30' ରାସ୍ତା ଘରବାରି ଇଲେକ୍ଟ୍ରିସିଟି ଥାଇ plot ବିକ୍ରିହେବ। 9937819395.** D-70166

**Ready to move 1BHK at DHPL Villa One Kalarahanga. Cost 2300000/-, Contact- 9937059891.** D-19868

**Residential land with 30feet road available near OEC College, Chhatabar & Gangapatna immediate registration & construction. 7656070001, 8249139982.** D-70177





Want a dream home on your own plot with engineer's supervision. Contact: 7008268129, 9439143273. D-67585





Independent four Bedroom Duplex-1 at Behera Sahi, Metro residency with Garage, behind Kalinga Stadium, Rent Rs. 15,000/- for one family. 9437185201. D-67783


Shoproom available opposite Bijupatnaik College, Mainroad, Jayadevvihar, Bhubaneswar. Contact: 9938511622. D-20095

2BR, Drawing-Cum-Dining, Balcony at Nilakantha Nagar, Nayapalli. Opposite CBI Colony. Walkable distance from Unit-VIII, DAV/Stewart School. 9437142067. D-70541

**4400 Sqft. Hall in First and Second Floor for Office or Commercial on 100ft. Bhimatangi Main Road, Bhubaneswar. 9958003695, 9861805658.** D-19997

Two Bedroom house with Dinning at Lingraj Vihar Pokhariput. Contact: 8249595404. D-20037

Furnished Office space available on Janpath behind Kalsi Petrolpump 850sqft. full furnished office with Pantry Toilet, 26 workstations, lift facility also available on 3rd floor. Contact: 9437001845. D-69695





Ayurvedic full body massage by experienced (M/F) therapist. 7008773793, 8018656899. D-59982

New opened Saikrupa Panchakarma and Spa, Jointpain, Fullbody Massage. 8984068077. D-65911

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

Zen salon and SPA positively health benefits with expert therapeutic&genuinely massage appointment. 7205084157. D-70534

Refreshing your mind & body with best therapy at Lotus SPA. 8018234866. D-59981

Swarna SPA newly open positively health benefits with expert therapist. 9556978408. D-70545





SMS sending କାମକରି ଯୁବକ/ଯୁବତୀ, ଗୃହିଣୀମାନେ ମାସିକ 12000/-35,000/-+ Laptop + Mobile + other facilities free (Part/ full time). 9667693638, 9667693639. D-70540

## AFFIDAVIT

By virtue of an affidavit before the Notary Public Bhubaneswar my name may be mentioned as Gouri Ranjan Mishra instead of Gauri Ranjan Misra for all purposes since both relate to one and the same person. D-70196

By virtue of an affidavit before Notary, Khordha, I, Dibakar Panda, S/o Bidyadhar Panda, At - Basudebpur , P.O.Malipadar, P.S. Begunia, Khordha, were missing my all documents like Voter I'd, Sale - Deed No.1111100952, valuable Bank Documents including a bag in Baghamari Bazar on 25.02.2011. D-68861

I, Parsuram Patri, 43 years, S.o.- Laxman Patri, A-12, 1st floor old double storey, Lajpatnagar-4, Amar Colony, New Delhi-110024. The correct name of my wife is Mausumi Panda. Aadhaar Card bearing No.- 306012440948 and Passport No.- S6893625 issued by competent authority where her name was correctly as Mausuni Panda. That I have issued a Passport No.- P5451953 where the name of my wife has prepared as Mausumi Patri. D-20082

## LEGAL NOTICE

In The High Court of Orissa, Cuttack
CMAPL NO.-274 2019
(Arising out of RSA No.- 182/2002)

Manas Ranjan Pattanaik and others .... Petitioners.
Versus
Gyana Ranjan Das and others ..... Opp. parties.

NOTICE U/O. 5 RULE 20 C.P.C.

To
1. Gyana Ranjan Das, Son of Padma Charana Das, At/P.O.- Duttatota, P.S.- Kumbharapada, Dist.- Puri, at present Bipra Kumar Mohanty, Vill- Chudangasahi, P.S.- Puri Town, Dist.- Puri.
2. Prafulla Das, son of Late Digambar Das, At- Pasiapada, P.O./P.S.- Kanasa, Dist.- Puri.
3. Niranjan Das, son of Late Nimai Charan Das, At- Pasiapada, P.O./P.S.- Kanasa, Dist.-Puri.

Take Notice that the abovenamed petitioners have filed CMAPL No. 274/2019 for restoration of proceedings in connection with RSA No.- 182/2002 pending in the Hon'ble High Court of Orissa.


As the notice of admission and limitation in aforementioned CMAPL could not be served upon you despite several attempts, you are hereby directed to appear before this court in person or through a counsel on 26.03.2021 at 10:30 AM positively, failing which the aforesaid case will be heard and determined in accordance with law in your absence.


Given under my hand and seal of the Court this the 26th day of February, 2021.

By order of the Court.
Registrar (Judicial)
Orissa High Court, Cuttack.

D-20081

## ଜନ୍ମଦିନର ହାର୍ଦ୍ଦିକ ଶୁଭକାମନା





**ସତ୍ୟଜିତ୍ ବେହେରା (ମହାବୀର)**
ରାମେଶ୍ୱରପାଟଣା, ଓଲ୍ଡ ଟାଉନ୍, ଭୁବନେଶ୍ୱର

ଆଜି ମୋ' ନାତିର ୫ମ ପବିତ୍ର ଜନ୍ମଦିବସ ଅବସରରେ ପ୍ରଭୁ ଶ୍ରୀ ଲିଙ୍ଗରାଜ, ମହାବୀର ଓ ସାଇନାଥଙ୍କ କୃପାରୁ ତୋ ଚଲାପଥ କୁସୁମିତ ହେଉ। ସେ ତୋତେ ଦୀର୍ଘାୟୁ କରିବା ସହ ସବୁଦା ଖୁସିରେ ରଖନ୍ତୁ। ଏତିକି ଶ୍ରୀଜଗନ୍ନାଥଙ୍କ ପାଖରେ ମୋର ପ୍ରାର୍ଥନା।


-:ଇତି:-
ଆଈ, ମାଆ, ମାମୁ, ମାଇଁ, ମଉସା, ମାଉସୀ, ରୋସନ, ରୋସ୍ନି, ତପୁ, ଦୀପୁ, ପ୍ରାଚୀ, ଗୁଗୁ, ଲୁସି ଆଣ୍ଡି।

ଧ-୨୦୦୮୦

# ୩ଜଣିଆ କମିଟି ଗଠନ କଲେ ହାଇକୋର୍ଟ

## ଅଲିଭ୍ ରିଡ୍‌ଲେ କଇଁଛ ମୃତ୍ୟୁ ଘଟଣା

### ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୧୫



କଟକ ଅଫିସ୍, ୨୭।୨

କେନ୍ଦ୍ରାପଡ଼ା ଜିଲା ଗହୀରମଥା ମୁହାଣରେ ୮୦୦ ଅଲିଭ୍ ରିଡ୍‌ଲେ କଇଁଛଙ୍କ ମୃତ୍ୟୁ ଘଟଣାରେ ନିଜ ଆଡ଼ୁ ଜନସ୍ୱାର୍ଥ ମାମଲା ରୁଜୁ କରିଥିବା ହାଇକୋର୍ଟ ଏବେ ଏକ ୩ଜଣିଆ କମିଟି ଗଠନ କରିଛନ୍ତି। ଶୁକ୍ରବାର ମାମଲାର ଶୁଣାଣି କରି ହାଇକୋର୍ଟ ଏହି ଘଟଣାର ତଦନ୍ତ ସହ ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ଏବଂ ସଂରକ୍ଷଣ ନିମନ୍ତେ ସରକାର କିକି ପଦକ୍ଷେପ ନେଇଛନ୍ତି ତାହା ଜଣାଇବାକୁ କମିଟି ଗଠନ କରିଛନ୍ତି। ଏହି କମିଟିରେ ବାଙ୍ଗାଲୋରସ୍ଥିତ ଇଣ୍ଡିୟାନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍‌ସ ଏବଂ ସେଣ୍ଟର ଫର ଇକୋଲୋଜିକାଲ ସାଇନ୍ସର ଆସୋସିଏଟ ପ୍ରଫେସର କାର୍ତ୍ତିକ ଶଙ୍କର, ରାଜ୍ୟ ଜଙ୍ଗଲ ଏବଂ ପରିବେଶ ବିଭାଗର ନିର୍ଦ୍ଦେଶକ ସୁଶାନ୍ତ ନନ୍ଦ ଏବଂ ଏହି ମାମଲାରେ ହାଇକୋର୍ଟଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ଆମିକସ୍ କ୍ୟୁରୀ ମୋହିତ ଅଗ୍ରୱାଲ ରହିଛନ୍ତି। ଉକ୍ତ କମିଟି ଗହିରମଥା ଏବଂ ଋଷିକୁଲ୍ୟା ମୁହାଣ ଗସ୍ତ କରିବା ସହ ସେଠାକାର ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିବେ। ଏପରି କି ମତ୍ସ୍ୟଜୀବୀ ଏବଂ ଅଲିଭ୍ ରିଡ୍‌ଲେଙ୍କ ସଂରକ୍ଷଣ ଏବଂ ସୁରକ୍ଷା ତଥା ଉକ୍ତ ଅଞ୍ଚଳରେ ଜୈବବିବିଧତା ରକ୍ଷା କରିବାରେ କାର୍ଯ୍ୟ କରୁଥିବା ଲୋକଙ୍କ ସହ ମିଶି ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ନେଇ କ'ଣ କରାଯାଇପାରିବ ସେନେଇ ଆଲୋଚନା କରିବେ। ଏପରି କି କୋର୍ଟ ପୂର୍ବରୁ ସରକାରଙ୍କୁ ଦେଇଥିବା ନିର୍ଦ୍ଦେଶର କିଭଳି ଅନୁପାଳନ କରାଯାଇଛି ସେନେଇ ତର୍ଜମା କରିବେ। କମିଟି ଏହାର ରିପୋର୍ଟ ଆସନ୍ତା ମାର୍ଚ୍ଚ ୧୦ତାରିଖ ମଧ୍ୟରେ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି। ଏଥିସହ ମାମଲାର ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୧୫କୁ ଅଦାଲତ ଧାର୍ଯ୍ୟ କରିଛନ୍ତି। କମିଟି ସଦସ୍ୟମାନେ ଉକ୍ତ ଅଞ୍ଚଳକୁ ଗସ୍ତ ସମୟରେ ରାଜ୍ୟ ସରକାରଙ୍କ ଅଧିକାରୀ ଯେଭଳି ସହଯୋଗ କରିବେ ସେଥିପାଇଁ ଦୃଷ୍ଟି ଦେବାକୁ ହାଇକୋର୍ଟ କହିଛନ୍ତି।

ପ୍ରକାଶ ଯେ, ଗହୀରମଥା ସାମୁଦ୍ରିକ ଅଞ୍ଚଳରେ ମାସକ ମଧ୍ୟରେ ପ୍ରାୟ ୮୦୦ ଅଲିଭ୍ ରିଡ୍‌ଲେ କଇଁଛଙ୍କ ମୃତ୍ୟୁ ଘଟିବା ନେଇ ଗତ ୪ତାରିଖରେ ଜାତୀୟସ୍ତରର ଏକ ପତ୍ରିକାରେ ରିପୋର୍ଟ ପ୍ରକାଶ ପାଇଥିଲା। ଉକ୍ତ ରିପୋର୍ଟକୁ ଆଧାର କରି ଓଡ଼ିଶା ହାଇକୋର୍ଟ ଗତ ମଙ୍ଗଳବାର ନିଜ ଆଡ଼ୁ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ମୁଖ୍ୟବିଚାରପତି ଏସ୍. ମୁରଲୀଧର, ବିଚାରପତି ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିବା ସହ ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ପାଇଁ କି ପଦକ୍ଷେପ ନିଆଯାଇଛି, ସେନେଇ ୨୬ତାରିଖ ମଧ୍ୟରେ ଅଦାଲତଙ୍କୁ ଜଣାଇବାକୁ କହିଥିଲେ। ଜଙ୍ଗଲ ଓ ପରିବେଶ ବିଭାଗର ସଚିବ, ରାଜନଗର ହେନ୍ତାଳ ବନଖଣ୍ଡର ସହକାରୀ ବନ ଅଧିକାରୀ, କେନ୍ଦ୍ରାପଡ଼ା ଅତିରିକ୍ତ ଜିଲାପାଳ, ମତ୍ସ୍ୟ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ, କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ଏହି ନୋଟିସ୍ କରାଯାଇଥିଲା। ଉକ୍ତ ନୋଟିସ ବଳରେ ରାଜନଗର ବନଖଣ୍ଡ ଅଧିକାରୀ ୨୫ତାରିଖରେ ହାଇକୋର୍ଟରେ ସତ୍ୟପାଠ ଦାଖଲ କରିଥିଲେ। ସେଥିରେ ସେ ଉଲ୍ଲେଖ କରିଛନ୍ତି ଯେ, କଇଁଛ ସୁରକ୍ଷା କ୍ୟାମ୍ପରୁ ମିଳିଥିବା ତଥ୍ୟ ଅନୁସାରେ ଗହୀରମଥା ସାମୁଦ୍ରିକ ଅଞ୍ଚଳରେ ୪୦୬ ଅଲିଭ୍ ରିଡ୍‌ଲେଙ୍କ ମୃତ୍ୟୁ ଘଟିଛି। କଇଁଛ ପ୍ରଜନନ ଋତୁରେ ସାଧାରଣଭାବେ ମୃତ କଇଁଛମାନେ ବେଳାଭୂମିରେ ଭାସନ୍ତି। ଆଉ ଏହା ବିଶେଷକରି ମାଛଧରା ଜାଲରେ ଛନ୍ଦି ହୋଇ କିମ୍ବା ଟ୍ରଲରରେ ପିଟି ହୋଇ ମୃତ୍ୟୁବରଣ କରୁଛନ୍ତି। ବେଳାଭୂମିରେ ପଡୁଥିବା କଇଁଛର ମୃତଦେହ କେବଳ ସେଠାକାର ନୁହେଁ ବରଂ ଗଭୀର ସମୁଦ୍ରରେ ମରିଯାଉଥିବା କଇଁଛଗୁଡ଼ିକ ପବନ ଓ ଢେଉରେ ଭାସି ଆସି ବେଳାଭୂମିରେ ଲାଗିଥାନ୍ତି ବୋଲି ବନ ଅଧିକାରୀ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ଚଳିତ ବର୍ଷ ଗହୀରମଥା ଅଭୟାରଣ୍ୟ ଅଞ୍ଚଳରେ ୨୦ଟି ବୋଟ ଜବତ କରାଯାଇଥିବାବେଳେ ୧୬୭ଜଣଙ୍କୁ ଗିରଫ କରାଯାଇଛି। ସରକାରୀ ଅଧିକାରୀଙ୍କ ସମ୍ମିଳିତ ଉଦ୍ୟମରେ କଇଁଛ ମୃତ୍ୟୁର ହାର ପୂର୍ବ ବର୍ଷ ଅପେକ୍ଷା ପ୍ରାୟ ୫୦% କମିପାରିଛି ବୋଲି ସତ୍ୟପାଠରେ ଉଲ୍ଲେଖ କରାଯାଇଛି।




କଳା କୃଷି ଆଇନ, ଲେବର କୋଡ୍, ଘରୋଇ ମଣ୍ଡି ବାତିଲ ଦାବିରେ କିଷାନ ଓ ମଜଦୁର ଏକତା ଦିବସରେ ଶନିବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିଭିନ୍ନ କୃଷକ ଏବଂ ଶ୍ରମିକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

## ଆନ୍ଦୋଳନକାରୀଙ୍କୁ ରବର ଗୁଳି

**ନେପିତାଉ, ୨୭।୨:** ମ୍ୟାନମାନରେ ନିର୍ବାଚିତ ସରକାରଙ୍କଠାରୁ ସେନା କ୍ଷମତା ଛଡ଼ାଇନେବା ପରେ ଲୋକେ ଆନ୍ଦୋଳନ ଜାରି ରଖିଛନ୍ତି। ଆନ୍ଦୋଳନକାରୀଙ୍କୁ ହଟାଇବା ପାଇଁ ସେନା ଦମନଲୀଳା ଚଳାଇଛି। ଦେଶର ୟାଙ୍ଗୁନ୍ ସମେତ ଅନ୍ୟ ପ୍ରମୁଖ ସହରରେ ଆନ୍ଦୋଳନରତ ଲୋକଙ୍କ ଉପରେ ଶନିବାର ମ୍ୟାନମାର ପୋଲିସ ପକ୍ଷରୁ ରବର ବୁଲେଟ ଫାୟାରିଂ କରାଯାଇଛି। ଜାତିସଂଘରେ ଥିବା ମ୍ୟାନ୍‌ମାର ପ୍ରତିନିଧି କ୍ୟୁ ମୋଇ ତୁନ୍ ଦେଶରେ ଚାଲିଥିବା ବିଦ୍ରୋହ ବନ୍ଦ କରିବା ଉପରେ ଜାତିସଂଘ ପଦକ୍ଷେପ ନେବାକୁ ଆବେଗଭରା ନିବେଦନ କରିବା ପରେ ଦେଶର ବିଭିନ୍ନ ସ୍ଥାନରେ ବହୁ ସଂଖ୍ୟାରେ ଲୋକ ବିକ୍ଷୋଭରେ ସାମିଲ ହୋଇଥିଲେ। ଶନିବାର ୟାଙ୍ଗୁନରେ ବିକ୍ଷୋଭକାରୀ ଓ ଖବରଦାତାଙ୍କ ସହ ପୋଲିସର ଜୋରଦାର ସଂଘର୍ଷ ହୋଇଥିଲା।

# ରାଜଧାନୀର ୨୨ ହସ୍ପିଟାଲରେ ଦିଆଯିବ କୋଭିଡ୍ ଟିକା

ଭୁବନେଶ୍ୱର, ୨୭।୨(ବ୍ୟୁରୋ)

କରୋନା ମୁକାବିଲା ପାଇଁ ମାର୍ଚ୍ଚ ୧ରୁ ରାଜ୍ୟରେ ତୃତୀୟ ପର୍ଯ୍ୟାୟ ଟିକାକରଣ ଆରମ୍ଭ ହେବ। ବୟସ୍କ ଏବଂ ବହୁବିଧ ରୋଗାକ୍ରାନ୍ତଙ୍କୁ ଟିକା ଦିଆଯିବ। ଟିକାକରଣ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ଏ ସମ୍ପର୍କରେ ସୂଚନା ଦେଇ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି, ୨୦ ପ୍ରକାର ରୋଗରେ ଆକ୍ରାନ୍ତ ଥିବା ୪୫ ବର୍ଷରୁ ଅଧିକ ବ୍ୟକ୍ତିଙ୍କୁ ପ୍ରଥମେ ଟିକା ମିଳିବ। ଭୁବନେଶ୍ୱରର ୨୨ଟି ହସ୍ପିଟାଲରେ ଟିକା ଦିଆଯିବା ପାଇଁ ବ୍ୟବସ୍ଥା ହୋଇଛି। ୧୨ଟି ସରକାରୀ ଏବଂ ୧୦ଟି ଘରୋଇ ହସ୍ପିଟାଲରେ ଟିକା ଦିଆଯିବ। ଏହି ଘରୋଇ ହସ୍ପିଟାଲଗୁଡ଼ିକ ହେଲା ସମ୍, କିମ୍ସ, କଳିଙ୍ଗ, ବ୍ଲୁ ହୁଇଲ୍, ଅଶ୍ୱିନୀ, ଆମ୍ରି, ଉତ୍କଳ, ନୀଳାଚଳ, କେୟାର ଓ ହାଇଟେକ୍ ହସ୍ପିଟାଲ। ଘରୋଇ ହସ୍ପିଟାଲ ପାଇଁ ଦେୟ ନିର୍ଦ୍ଧାରିତ ହୋଇଥିବାବେଳେ ସରକାରୀ ହସ୍ପିଟାଲରେ ଟିକା ସମ୍ପୂର୍ଣ୍ଣ ମାଗଣାରେ ମିଳିବ। ସରକାରୀ ହସ୍ପିଟାଲରେ ପୂର୍ବରୁ ତାଲିକାଭୁକ୍ତ ବୟସ୍କ ଓ ରୋଗଗ୍ରସ୍ତ ଲୋକଙ୍କୁ ଟିକା ଦିଆଯିବାକୁ ଥିବାବେଳେ ଘରୋଇ ହସ୍ପିଟାଲରେ ଅଣପଞ୍ଜୀକୃତ ବ୍ୟକ୍ତି ଟିକା ନେବା ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଅଣପଞ୍ଜୀକୃତ ବ୍ୟକ୍ତି କୋୱିନ ୨.୦ରେ ବା ଆରୋଗ୍ୟ ସେତୁ ଆପ୍‌ରେ ପ୍ରଥମେ ନାମ ପଞ୍ଜୀକରଣ କରିବେ। ସୋମବାରଠାରୁ ଘରୋଇ ହସ୍ପିଟାଲ ପାଇଁ ନାମ ପଞ୍ଜୀକରଣ ଆରମ୍ଭ ହେବ। ପଞ୍ଜୀକରଣ ପରେ କେଉଁ ହସ୍ପିଟାଲରେ ଟିକା ନେବାକୁ ଚାହୁଁଛନ୍ତି, ତାହା ନିଜେ ଚୟନ କରିପାରିବେ ବୋଲି କମିଶନର କହିଛନ୍ତି।

# ବିବାହ ବନ୍ଧନରେ ଏଚ୍‌ଆଇଭି ସଂକ୍ରମିତ

- ଆଶୀର୍ବାଦ ଦେଲେ ମୁଖ୍ୟମନ୍ତ୍ରୀ, କନ୍ୟାଦାନ କଲେ ଜିଲାପାଳ
- ସୁଖୀ ଦାମ୍ପତ୍ୟ ଜୀବନ କାମନା କଲେ ୫-ଟି ସଚିବ



ବାହାଘର ଉତ୍ସବରେ ଉପସ୍ଥିତ ଦମ୍ପତିଙ୍କ ସହ ଜିଲାପାଳ।

ଗୋପାଳପୁର, ୨୭।୨

ଯେଉଁଠି ମଣିଷ ବଞ୍ଚିବାର ଆଶା ଛାଡ଼ିଦେଉଛି, ସେଇଠୁ ଜୀବନ ଆରମ୍ଭ କରିଛନ୍ତି ଏମାନେ। ସମାଜ ଆଡ଼ଆଖିରେ ଦେଖିଲେ ବି ଏମାନଙ୍କର ବି ବଞ୍ଚିବାର ଓ ସୁନେଲି ସ୍ୱପ୍ନ ଦେଖିବାର ଅଧିକାର ରହିଛି। ଗଞ୍ଜାମ ଜିଲା ପ୍ରଶାସନ ଏଚ୍‌ଆଇଭି ସଂକ୍ରମିତ ପୁଅ ଓ ଝିଅଙ୍କ ବାହାଘର କରି ଏପରି ଏକ ଭିନ୍ନ ବାର୍ତ୍ତା ସମାଜକୁ ଦେଇଛି। ଏହି ବାହାଘର ମଧ୍ୟ କୌଣସି ବଡ଼ବଡ଼ିଆଙ୍କ ବାହାଘରଠାରୁ କମ୍ ନଥିଲା। ଜିଲାପାଳ କନ୍ୟାଦାନ କରିଥିବାବେଳେ ମୁଖ୍ୟମନ୍ତ୍ରୀ ଆଶୀର୍ବାଦ ଦେଇଥିଲେ।

ଗଞ୍ଜାମ ଜିଲା ଗୋପାଳପୁରସ୍ଥିତ ଶ୍ରଦ୍ଧା ସଞ୍ଜୀବନୀ ଶିଶୁଯତ୍ନ ଗୃହରେ ଶନିବାର ଜଗନ୍ନାଥପ୍ରସାଦ ବ୍ଲକ ଅଞ୍ଚଳର ଜଣେ ପୁଅଙ୍କ ସହ କୁକୁଡ଼ାଖଣ୍ଡି ଅଞ୍ଚଳର ଜଣେ ଝିଅଙ୍କର ବିବାହ ଆୟୋଜନ ଚାଲିଥିଲା। ଉଭୟ ଏଚ୍‌ଆଇଭି ସଂକ୍ରମିତ। ହିନ୍ଦୁ ରୀତିନୀତି ଅନୁଯାୟୀ ବାହାଘର ହୋଇଥିବାବେଳେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କନ୍ୟାଦାନ କରିଥିଲେ। ଅରୁଣା ସ୍ୱେଚ୍ଛାସେବୀ ସଙ୍ଗଠନର ନିର୍ଦ୍ଦେଶକ ଲୋକନାଥ ମିଶ୍ର ବରପିତା ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସି ଜରିଆରେ ନବ ଦମ୍ପତିଙ୍କୁ ଶୁଭେଚ୍ଛା ଓ ଆଶୀର୍ବାଦ ଦେବା ସହ ଭୁବନେଶ୍ୱର ଆସିଲେ ଦେଖା କରିବାକୁ କହିଥିଲେ। ଉଭୟଙ୍କ ଦାମ୍ପତ୍ୟ ଜୀବନ ସୁଖମୟ ହେଉ ବୋଲି କହିଥିଲେ ୫-ଟି ସଚିବ ଭି. କାର୍ତ୍ତିକେୟ ପାଣ୍ଡିଆନ୍। ଅନ୍ୟପଟେ ବିଜୁ ଶିଶୁ ସୁରକ୍ଷା ଯୋଜନାରେ ବରଙ୍କୁ ୪୦ହଜାର ଓ କନ୍ୟାଙ୍କୁ ୫୦ହଜାର ଟଙ୍କା ଜିଲା ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଥିଲା। ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତ୍ତାତ୍ରୟ ଭାଉ ସାହେବ, ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର, ପିଡ଼ି ଦ୍ରୁତା ସୁଦାମ ଚରଣ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। ୨୦୦୮ରେ ଏମାନେ ଶିଶୁ ଥିବାବେଳେ ଏଚ୍‌ଆଇଭି ସଂକ୍ରମିତ ଜଣା ପଡ଼ିବା ପରେ ଶ୍ରଦ୍ଧା ସଞ୍ଜୀବନୀ ଶିଶୁଯତ୍ନ ଗୃହରେ ରହିଥିଲେ। ପାଠ ପଢ଼ିବା ପରେ ଦୀନଦୟାଲ୍ ବିକାଶ ଯୋଜନାରେ ତାଲିମ ନେଇ ତେଲଙ୍ଗାନାର ଏକ କମ୍ପାନୀରେ ଚାକିରି କରିଛନ୍ତି।

# ଘର ପ୍ରତି ଆଗ୍ରହ ବଢ଼ୁଛି



**ରାଜଧାନୀରେ ଘର ଖଣ୍ଡିଏ କରିବା ସମସ୍ତଙ୍କ ସ୍ୱପ୍ନ। ଏହି ସ୍ୱପ୍ନକୁ ଦୀର୍ଘ ବର୍ଷ ଧରି ସାକାର କରିଆସୁଥିବା ରିୟଲ ଇଷ୍ଟେଟ୍ ସେକ୍ଟର ଆଗରେ ମହାମାରୀ କରୋନା ସୃଷ୍ଟି କରିଛି ସବୁଠୁ ବଡ଼ ଚ୍ୟାଲେଞ୍ଜ। କରୋନା କାଳର ନିଜ ଅନୁଭୂତି ଏବଂ ସାମ୍ପ୍ରତିକ ଆହ୍ୱାନର ମୁକାବିଲା ପାଇଁ ରହିଥିବା ଯୋଜନା ସମ୍ପର୍କରେ ଧରିତ୍ରୀ ସହ ଆଲୋଚନା କରିଛନ୍ତି ସମଷ୍ଟି ଇନ୍‌ଫ୍ରାଷ୍ଟ୍ରକ୍ଚର୍ସ ପ୍ରାଇଭେଟ୍ ଲିମିଟେଡ୍‌ର ମ୍ୟାନେଜିଂ ଡାଇରେକ୍ଟର ନିଶୀଥ ରଞ୍ଜନ ନନ୍ଦ।**

ଧରିତ୍ରୀ | OrissaPOST
BUSINESS EMINENCE AWARDS

**➥ରିୟଲ ଇଷ୍ଟେଟ କ୍ଷେତ୍ରକୁ କରୋନା କିଭଳି ପ୍ରଭାବିତ କରିଛି?**

କରୋନା ଯୋଗୁ ରିୟଲ ଇଷ୍ଟେଟ୍ ସେକ୍ଟର ଅନେକ ଚ୍ୟାଲେଞ୍ଜକୁ ସାମ୍ନା କରିଛି। ଯେଉଁ ଯୋଜନା ନେଇ ବିଲ୍ଡର ଆଗକୁ ବଢୁଥିଲେ ସେହି କାମ ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା। ପ୍ରକଳ୍ପ ଲାଗି ଋଣ କରିଥିବା ବିଲ୍ଡର ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଲେ। ଘର କିଣିବାକୁ ଋଣ ନେଇଥିବା ଲୋକଙ୍କୁ କିସ୍ତିର ସୁଧ ଦେବାକୁ ପଡ଼ିଲା। ଶ୍ରମିକ ସମସ୍ୟା ଦୂର ନ ହେବାରୁ ୬ରୁ ୮ ମାସ କାମ ବ୍ୟାହତ ହେଲା। ଫଳରେ ଯୋଗାଣ ସମସ୍ୟା ସୃଷ୍ଟି ହେଲା। ଏ ସମୟର କ୍ଷତି ଭରଣା ଲାଗି ସୁଧ ଛାଡ଼ ଭଳି ବ୍ୟବସ୍ଥା ମଧ୍ୟ ଘୋଷଣା ହୋଇନାହିଁ। ଏହି କ୍ଷତିର ଭରଣା କିଭଳି ହେବ ?

**➥ରେରା ନିୟମରେ କରାଯାଇଥିବା କୋହଳକୁ କିଭଳି ଦେଖୁଛନ୍ତି?**

ବଜାର ଅବ୍ୟବସ୍ଥାକୁ ଦେଖି ରେରାରେ ୬ ମାସର କୋହଳ ବ୍ୟବସ୍ଥା କରାଯାଇଛି। ବିଡିଏ, ବିଏମ୍‌ସି ଭଳି ମଞ୍ଜୁରୀ ଦେଉଥିବା କର୍ତ୍ତୃପକ୍ଷ ମଧ୍ୟ ସମାନ ସୁବିଧା ଦେବା ଆବଶ୍ୟକ ଥିଲା। ରେରା ମଞ୍ଜୁରୀର ବୈଧତା ପାଇଁ ଆଉ ୬ ମାସ ସମୟ ଦେଲେ ପ୍ରକଳ୍ପ ଲାଗି ଭଲ ହୁଅନ୍ତା।

**➥ବିଲ୍ଡରମାନେ ମୋଟା ଅଙ୍କର ମାର୍ଜିନ ପାଉଥିବା ଅନେକେ ମନେକରନ୍ତି। ଏହାକୁ ନେଇ ଆପଣଙ୍କ ମତ?**

ଚଷା ବୁଡ଼ିଲେ ବରଷେ ନ୍ୟାୟରେ ବିଲ୍ଡରମାନଙ୍କ ପାଇଁ ଗୋଟିଏ ସିଜନ ଗଲା ପରେ ଅନେକ ସମସ୍ୟା ଉପୁଜୁଥାଏ। ଯୋଗାଣ ଶୃଙ୍ଖଳ ବନ୍ଦ ହେଲେ କାମ ପ୍ରଭାବିତ ହୋଇଥାଏ। ସବୁ ଜିନିଷର ପ୍ରତ୍ୟକ୍ଷ ପ୍ରଭାବ ନିର୍ମାଣ କ୍ଷେତ୍ର କାର୍ଯ୍ୟକଳାପ ଉପରେ ପଡୁଛି। କନଷ୍ଟ୍ରକ୍‌ଶନ ବିଜ୍‌ନେସ ପୁରୁଣାକାଳିଆ ଧାରାରେ ଚାଲିନାହିଁ। ଲେବର କଷ୍ଟ ଏବଂ ନିର୍ମାଣ ସାମଗ୍ରୀ ମୂଲ୍ୟ ବଢ଼ିବାରେ ଲାଗିଛି। ସରକାରୀ ଅନୁମୋଦନ ପାଇଁ ବିଭିନ୍ନ ଫିସ୍, ଚାର୍ଜ, ପ୍ରକଳ୍ପ ଫାଇନାନ୍ସର ସୁଧ ମିଶିବା ପରେ ଲାଭ ଯାହା ରହିବ ସେଥିରେ ଲୋକେ ଭାବୁଥିବା ମାର୍ଜିନ ମିଳିବ ବୋଲି ମନେହେଉ ନାହିଁ।

**➥କୋଭିଡ୍ ସ୍ଥିତି ସୁଧୁରୁଛି। ଏବେ କିଭଳି ପରିବର୍ତ୍ତନ ଦେଖୁଛନ୍ତି?**

ଆଗଭଳି ଶ୍ରମିକ ମିଳୁ ନ ଥିବାରୁ ଅଧିକ ଲେବର ଚାର୍ଜ ଦେବାକୁ ପଡୁଛି। କୋଭିଡ୍ ଦ୍ୱାରା ଶ୍ରମିକ କ୍ଷତିଗ୍ରସ୍ତ ହୋଇଥିବାରୁ କଣ୍ଟ୍ରାକ୍ଟରମାନେ ଅଧିକ ଲେବର ଚାର୍ଜ ଚାହୁଁଛନ୍ତି। ଷ୍ଟିଲ ମୂଲ୍ୟ ୬୦% ବଢ଼ିଛି। ଲୁହା କଣ୍ଟା, ଆଲୁମିନିୟମ ଫିଟିଂ, ବାଥ୍‌ରୁମ୍ ଫିଟିଂସ୍ ସହ ଅନ୍ୟ ଷ୍ଟେନ୍‌ଲେସ ସାମାଗ୍ରୀ ମୂଲ୍ୟ ବଢ଼ିଛି। ଫଳରେ ପ୍ରକଳ୍ପ ଉପରେ ପ୍ରଭାବ ପଡ଼ିଛି। ବିଲ୍ଡର ଚାପରେ ରହୁଥିବାରୁ ଘରର ମୂଲ୍ୟ ପ୍ରାୟ ୧୦% ବଢ଼ାଇପାରନ୍ତି। ସରକାର ଷ୍ଟାମ୍ପ୍ ଡ୍ୟୁଟି କୋହଳ କଲେ ଲୋକଙ୍କୁ ସୁବିଧା ହେବ ଓ ଚାହିଦା ବଢ଼ିବ।

**➥ବ୍ୟାଙ୍କଗୁଡିକର ସୁଧ ହାର ହ୍ରାସ ରିୟଲ ଇଷ୍ଟେଟ କ୍ଷେତ୍ରକୁ କିଭଳି ଫାଇଦା ଦେବ?**

ବ୍ୟାଙ୍କଗୁଡ଼ିକ ସୁଧ କମାଇବା ସ୍ୱାଗତଯୋଗ୍ୟ ପଦକ୍ଷେପ। ବାସଗୃହ ଋଣ ୭% ତଳକୁ କେବେ ଆସି ନ ଥିଲା। ଏହା ପ୍ରାୟ ୬.୮%କୁ ଖସିଥିବାରୁ ଲୋକେ ଲାଭବାନ ହେବେ। ଲୋକେ ଏବେ ନିଜ ପାଇଁ ଘର ନେବାକୁ ଚାହୁଁଛନ୍ତି। ବିଶେଷକରି ମଧ୍ୟମ ଆୟକାରୀଙ୍କଠାରେ ଘର ଚାହିଦା ବଢ଼ିବାରେ ଲାଗିଛି। ୨୦୦୮ ଭଳି ୨୦୨୦-୨୧ରେ ଘର ବିକ୍ରି ବଢ଼ିବ ବୋଲି ଆଶା।

**➥କୋଭିଡ୍-୧୯ ଅନେକ ଶିକ୍ଷା ଦେଇଛି। ଏ ନେଇ ଆପଣଙ୍କ ମତ କ'ଣ?**

ହଁ, କୋଭିଡ୍ ଅନେକ କିଛି ଶିକ୍ଷା ଦେଇଛି। ଲକ୍‌ଡାଉନରେ ସମୟ ମିଳିବାରୁ ବ୍ୟକ୍ତିଗତ ଭାବେ ମୁଁ ନିଜକୁ ଭଲ ଲାଗିବା ଭଳି ଅନେକ କାମ କରିଛି। ଏକ ବହି ମଧ୍ୟ ଲେଖିବାକୁ ସକ୍ଷମ ହେଲି। ସରକାର ଅନେକ ପଦକ୍ଷେପ ନେଉଥିବାରୁ ୨୦୨୧-୨୨ରେ ବାଉନ୍ସବ୍ୟାକ୍ କରିବା ନେଇ ଆଶାବାଦୀ।



ଧରିତ୍ରୀ
DHARITRI
ରବିବାର, ୨୮ ଫେବୃୟାରୀ, ୨୦୨୧

ଯଦି ଭଗବାନଙ୍କର ଗୋଟିଏ ହାତ ମୋତେ ଊର୍ଦ୍ଧ୍ୱସ୍ଥ ସ୍ୱର୍ଗ ଆଡ଼କୁ ଟାଣୁଥାଏ ଏବଂ ଅନ୍ୟ ହାତଟି ମୋତେ ନିମ୍ନସ୍ଥ ନରକ ଭିତରେ ଦାବି ରଖୁଥାଏ– ତେବେ ମୁଁ ନିଶ୍ଚୟ ଊର୍ଦ୍ଧ୍ୱଗାମୀ ହେବା ଲାଗି ପ୍ରୟାସ କରି ଚାଲିବି। –ଶ୍ରୀଅରବିନ୍ଦ



# ଖାତିର ନାହିଁ



ଆକାର ପଟେଲ

ୱାଶିଂଟନ ପୋଷ୍ଟ ସମ୍ପାଦକୀୟ ବୋର୍ଡ ଲେଖିଛି ଯେ,ଭାରତର ଗଣତନ୍ତ୍ର ଦାବି ଉପରେ ପ୍ରଶ୍ନ ଉଠାଇବା ଉଚିତ। ସଂସଦରେ ବିନା ଭୋଟରେ କୃଷି ଆଇନ ପ୍ରଣୟନ ହେବାଠାରୁ ଯୁବତୀମାନଙ୍କୁ ଜେଲରେ ରଖିବା ଯାଏ,ସରକାରରେ ଯାହାସବୁ ଘଟୁଛି ସେ ସମ୍ପର୍କିତ ଉପଲବ୍ଧ ତଥ୍ୟକୁ ଠିକ୍ ଭାବେ ସମୀକ୍ଷା କରି ଏହା ପ୍ରକାଶ କରାଯାଇଥିଲା। ଭାରତର ବୈଦେଶିକ ମନ୍ତ୍ରଣାଳୟ ଏହା ଉପରେ କୌଣସି କଡ଼ା ପ୍ରତିକ୍ରିୟା ପ୍ରକାଶ କରିନାହିଁ, ଯେପରି ପୂର୍ବରୁ ଜଣେ ପପ୍ ଷ୍ଟାରଙ୍କ କ୍ଷେତ୍ରରେ ଘଟିଥିଲା। ଭାରତରେ ପ୍ରାୟ କେହି ବି ଫେବୃୟାରୀ ୨ରେ ଏହି ପପ୍ ଷ୍ଟାରଙ୍କ ଦ୍ୱାରା ସିଏନ୍ଏନ୍‌ରେ ପ୍ରକାଶିତ ୬ଟି ଶବ୍ଦ (ଆମେ କାହିଁକି ଏହା ବିଷୟରେ କହୁ ନାହୁଁ) ସମ୍ପର୍କରେ କିଛି ଶୁଣି ନ ଥିବେ। ଭାରତର ସାହସୀ ଯୋଦ୍ଧା ଅକ୍ଷୟ କୁମାର ଏବଂ ସଚିନ୍ ତେନ୍ଦୁଲକର ରିହାନ୍ନାଙ୍କ କ୍ଷେତ୍ରରେ ଯେଭଳି ପ୍ରତିକ୍ରିୟା ପ୍ରକାଶ କରିଥିଲେ, ୱାଶିଂଟନ୍ ପୋଷ୍ଟକୁ ବି ସେଭଳି ପ୍ରତିକ୍ରିୟା ଦେଲେ ନାହିଁ। ୱାଶିଂଟନ ପୋଷ୍ଟ ଯାହା ଲେଖିଛି, ପପ୍ ଷ୍ଟାରଙ୍କର ଲକ୍ଷ ଲକ୍ଷ ଫଲୋଅର ଥିଲେ ବି ମୋଦି ସେଥିପ୍ରତି ଧ୍ୟାନ ଦେଇନାହାନ୍ତି।

ବିଶ୍ୱର ସବୁଠାରୁ ସମ୍ମାନଜନକ ପତ୍ରିକା 'ଇକୋନୋମିଷ୍ଟ' ଏହାର ସଦ୍ୟତମ ସଂସ୍କରଣରେ ଏକ ଶୀର୍ଷକ ପ୍ରକାଶ କରିଛି,ଯେଉଁଥିରେ ଲେଖା ଅଛି– 'ଭାରତ ସରକାରଙ୍କ ସମାଲୋଚନା, ପରିକଳ୍ପନା ଉପରେ ଆଧାରିତ ଓ ସମାଲୋଚକଙ୍କୁ ଅନୁସରଣ କରିବା ଅନ୍ୟାୟ।' ୱାଶିଂଟନ ପୋଷ୍ଟ ଭଳି ଏହି ମାଗାଜିନ୍ ମଧ୍ୟ ଭାରତର ସବୁ ଘଟଣା ବିଷୟରେ ଅବଗତ ଅଛି। ଏଥିରେ କୁହାଯାଇଛି ଯେ ମୋଦି ସରକାରଙ୍କ କାର୍ଯ୍ୟକଳାପ ଏହାକୁ ବିଶ୍ୱସ୍ତରରେ ଲଜ୍ଜିତ କରିବା ସହ ମୂର୍ଖାମିର ପରିଚୟ ଦେଇଛି। ସରକାର ଏହା ଉପରେ କୌଣସି ପ୍ରତିକ୍ରିୟା ପ୍ରକାଶ କରିନାହାନ୍ତି। ଏହାର ଗୋଟିଏ କାରଣ ହେଉଛି, ଫେବୃୟାରୀ ପ୍ରାରମ୍ଭରେ ସରକାରଙ୍କ ଦ୍ୱାରା ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଗୁରୁଜୀ ଗୋଲୱାଲକରଙ୍କ ପ୍ରଚାର ସମ୍ପର୍କରେ ଦି ଇକୋନୋମିଷ୍ଟ ଉଲ୍ଲେଖ କରିଛି। ଇହୁଦିମାନଙ୍କ ସମସ୍ୟା ପାଇଁ ନାଜି ଜର୍ମାନୀର ନୀତି ହିନ୍ଦୁସ୍ତାନରେ ଆମମାନଙ୍କ ପାଇଁ ଏକ ଉତ୍ତମ ଶିକ୍ଷଣ ବିଷୟ ବା ଉଦାହରଣ ଯାହାକୁ ଆମେ ଶିଖିବା ଓ ସେଥିରୁ ଲାଭ ଉଠାଇବା ଦରକାର– ଏହା ମିଷ୍ଟର ଗୋଲୱାଲକରଙ୍କ ବିଶ୍ୱାସ ଥିଲା ବୋଲି ଉକ୍ତ ମାଗାଜିନ ଏହାର ପାଠକଙ୍କୁ ଅବଗତ କରିଛି। ୱାଶିଂଟନ ପୋଷ୍ଟ ଦାବି କରିଛି କି, ଆମେ ଏକ ଗଣତନ୍ତ୍ର ନୋହୁଁ। ଆସନ୍ତୁ ଏହା ଉପରେ ନଜର ଦେବା। ଗଣତନ୍ତ୍ରକୁ ନାଗରିକ ସ୍ୱାଧୀନତା, ମୌଳିକ ଅଧିକାର ଏବଂ ନ୍ୟାୟ ପ୍ରଦାନ ସହ ରହିବାକୁ ପଡ଼ିବ। ଏହି ସବୁ ବିଷୟ ଏକାଠି ସରକାରୀ ବ୍ୟବସ୍ଥାରେ ରହିଲେ ତାହାକୁ ଗଣତନ୍ତ୍ର କୁହାଯିବ। ଆମେ କେବଳ ନିର୍ବାଚନକୁ ଗଣତନ୍ତ୍ର ବୋଲି ଭାବୁ। କିନ୍ତୁ ଏଠାରେ ଏକ ସମସ୍ୟା ରହିଛି। ଭାରତ ୧୯୪୭ରେ ସ୍ୱାଧୀନତା ପାଇଲା। କିପରି ଶାସନ କରିବେ ତାହା ନିର୍ଦ୍ଧାରଣ କରିବା ଓ ଆଇନ ପ୍ରଣୟନ କରି ବ୍ୟକ୍ତି ସ୍ୱାଧୀନତା ଏବଂ ନାଗରିକ ଅଧିକାର ଉପଭୋଗ କରିବାକୁ ଏହା ଭାରତୀୟ ନାଗରିକମାନଙ୍କୁ ଏକ ସୁଯୋଗ ଦେଲା। ସାମୂହିକ ସ୍ତରରେ ସ୍ୱାଧୀନତା ଏବେ ମୁଖ୍ୟତଃ ଭୋଟ ଦେବା ଅଧିକାରକୁ ବୁଝାଉଛି। ଏହା ମଧ୍ୟ ଇଂରେଜଙ୍କ ସମୟରେ ଥିଲା, ଯଦିଓ ସେ ସମୟରେ ଏହା ଉପରେ କଟକଣା ରହିଥିଲା। ଯେଉଁ ଶାସନ ବ୍ୟବସ୍ଥାରୁ ଭାରତକୁ ସ୍ୱାଧୀନ କରାଗଲା, ସେଥିରେ ବି ଭାରତୀୟମାନଙ୍କର ଭୋଟ ଦେବାର ଅଧିକାର, ବ୍ୟବସ୍ଥାପକ ସଭା ଏବଂ ଆଇନ ଗଢ଼ିବାର କ୍ଷମତା ରହିଥିଲା। ତେବେ କେତେକ ସୀମିତ ବିଷୟ ଉପରେ ଏହା ରହିଥିଲା।

୧୯୪୭ ପରେ ଭାରତ ବ୍ୟକ୍ତି ସ୍ୱାଧୀନତାକୁ ଅଧିକ ଦୃଢ଼ କରିବା ଉପରେ ଧ୍ୟାନ ଦେବା ଉଚିତ ଥିଲା। କିନ୍ତୁ ଭାରତ ଭୁଲ୍ କଲା। ନାଗରିକମାନଙ୍କୁ ସରକାର ଅଧିକାର ଛାଡ଼ିଲେ ନାହିଁ କି ଏହାକୁ ବିସ୍ତାର କଲେ ନାହିଁ। ସ୍ୱାଧୀନତାକୁ ନେଇ ନାଗରିକଙ୍କ ଉପରେ ବଳ ପ୍ରୟୋଗ କରାଗଲା। ଅଭିବ୍ୟକ୍ତିର ସ୍ୱାଧୀନତା, ବୃତ୍ତିଗତ ଓ ବ୍ୟବସାୟ କରିବାର ଅଧିକାର, ଶାନ୍ତିପୂର୍ଣ୍ଣ ସମାବେଶ, ସଂଘ ଗଢ଼ିବା, ସ୍ୱତନ୍ତ୍ର ଭାବେ ଧର୍ମ ପ୍ରଚାର ଓ ପ୍ରସାର ଭଳି ମୌଳିକ ଅଧିକାରଗୁଡ଼ିକ ଏବେ ଭାରତରେ ନାହିଁ। ସମ୍ବିଧାନ ସଭା ଚାହିଁଥିଲେ ବି ଭାରତୀୟଙ୍କୁ ଏହା ଏବେ ମିଳୁନାହିଁ। ସରକାର ଏଗୁଡ଼ିକୁ ନାଗରିକମାନଙ୍କଠାରୁ ଛଡ଼ାଇ ନେଇ ଯାଇଛନ୍ତି। ବାକ୍‌ସ୍ୱାଧୀନତାର ନିୟନ୍ତ୍ରଣ ଏବଂ ଅପରାଧୀକରଣ କରାଯାଇଛି। ରାଜଦ୍ରୋହ, ଆପରାଧିକ ମାନହାନୀ, ଆପରାଧିକ ଅବମାନନାରୁ ଏହା ଆରମ୍ଭ ହେଉଛି।

୧୯୫୦ରେ ସର୍ବୋଚ୍ଚ ନ୍ୟାୟାଳୟ ତାଙ୍କ ରାୟରେ ଦର୍ଶାଇଥିଲେ ଯେ, ସମ୍ବିଧାନ ସଭା କୌଣସି ବୃତ୍ତି କିମ୍ବା ବ୍ୟବସାୟ କରିବାର ସ୍ୱାଧୀନତାକୁ ନିଶ୍ଚିତ କରିଥିବାବେଳେ ଏହା ଗୋ ହତ୍ୟାକୁ ଅନୁମତି ଦେଇ ନ ଥିଲା, କାରଣ ଏହା ହିନ୍ଦୁମାନଙ୍କୁ ଆଘାତ ଦେଇଥିଲା। ସମ୍ବିଧାନ ସର୍ବୋଚ୍ଚରେ ଥିଲାବେଳେ ହିନ୍ଦୁମାନଙ୍କ ଭାବନା ତା'ଠାରୁ ଆହୁରି ଉଚ୍ଚରେ ରହିଥିଲା। ଶାନ୍ତିପୂର୍ଣ୍ଣ ଭାବେ ସମାବେଶ ଏବଂ ପ୍ରତିବାଦ ଅଧିକାର, ପ୍ରଚାର କରିବାର ଅଧିକାର ଓ ବୃତ୍ତିଗତ ଅଧିକାରର ଆପରାଧୀକରଣ କରାଯାଇଛି। ଏବେ ସରକାର ଏହି ଅଧିକାରଗୁଡ଼ିକୁ ଓଲଟପାଲଟ କରିଦେଇଛନ୍ତି। ଏବେକାର ସରକାର ଭାରତୀୟମାନଙ୍କ ଅଧିକାର ଉପରେ ତାଙ୍କ ଅଧିକାରକୁ ଏମିତି ଲଦି ଦେଇଛନ୍ତି ଯେ, ଯିଏ ଦେଶ ବିରୋଧରେ ସ୍ୱର ଉଠାଇବ ତାକୁ ପୂରା ତଳିତଳାନ୍ତ କରିଦେବେ। ଏହା ସେହି ଘଟଣା ଯାହା ୱାଶିଂଟନ ପୋଷ୍ଟ ଏବଂ ଦି ଇକୋନୋମିଷ୍ଟ ଲେଖୁଛନ୍ତି। ସେମାନେ ବାଢ଼ିଥିବା ଅଭିଯୋଗ ଉପରେ ଭାରତ ସରକାର ନୀରବ ରହିବାର କାରଣ ହେଉଛି ସେମାନଙ୍କ ଲେଖା ସତ। ଆମେ ଜଣେ ପପ ଗାୟିକାଙ୍କ ମୁହଁ ବନ୍ଦ କରିପାରିବା, କାରଣ ସେ ଜଣେ ଯୁବତୀ। ୱାଶିଂଟନ ପୋଷ୍ଟ ଏବଂ ଦି ଇକୋନୋମିଷ୍ଟକୁ ଏଥିରୁ ଦୂରେଇ ରହିବାକୁ କହିବା ଅତ୍ୟନ୍ତ କଷ୍ଟକର। ଏଣୁ ଚୁପ୍ ରହିବା ସବୁଠୁ ଭଲ ବିକଳ୍ପ। ଭାରତ ସରକାର ଲଗାତର କାର୍ଯ୍ୟାନୁଷ୍ଠାନ ନେବା ଏବଂ ନାଗରିକମାନଙ୍କ ପ୍ରତି ଯାହା କରୁଛନ୍ତି, ସେଥିରେ ଭାରତର ଅନ୍ତଃରାଷ୍ଟ୍ରୀୟ ଭାବମୂର୍ତ୍ତି ନକାରାତ୍ମକ ହୋଇଛି। ଠିକ୍ ସମୟରେ ଆମେ ଘଟଣା ସବୁକୁ ଖୁବ ନିକଟରୁ ଦେଖୁଛେ। ଏହାଦ୍ୱାରା ଆମର କ'ଣ କ୍ଷତି ହୋଇଛି ତାହା ହିସାବ କରିବାକୁ ଆମେ ସକ୍ଷମ ହେବା। କିନ୍ତୁ ଏହା ଗୌଣ ହୋଇଯାଇଛି ଓ ଏହାକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଛି। ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଲେ ବି ଏଥିପ୍ରତି ସରକାରଙ୍କର ଖାତିର ନାହିଁ।

Email:aakar.patel@gmail.com

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 0 | 4 | | B | 2 | | 6 | | | | | | 3 | |
| | C | 5 | | 0 | 3 | | 1 | | 6 | 9 | D | 2 | | |
| | 7 | | 6 | E | | 5 | | | | | A | | 4 | |
| | | D | 8 | | | | | 3 | | | | 7 | | |
| | | | | | | | 2 | A | 5 | | | 8 | | |
| | 2 | 3 | B | | 5 | | | 9 | 4 | 1 | | | 6 | |
| | B | | | | | | 0 | 8 | | | E | | 2 | 7 |
| 0 | | | A | 8 | | | | | | | 3 | D | | E |
| | | | | 9 | 0 | | | 2 | A | | 8 | | | |
| | D | 6 | E | | | | A | | 7 | | | | | 5 |
| | A | | 9 | 6 | | | 8 | | | D | 1 | | | |
| | | | | | B | 2 | | 0 | C | 3 | 7 | | | |
| | | B | | | | | | 1 | | | 9 | 4 | | |
| D | | | | | | | | E | 2 | | | | | |
| | | | | 4 | | | B | | | | | 0 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 1 | D | B | 6 | 2 | 0 | C | 7 | 3 | 8 | 5 | E | 4 | A |
| 4 | 0 | C | 3 | 9 | D | 5 | 8 | E | 1 | A | B | 2 | 6 | 7 |
| 6 | B | 7 | 4 | E | A | 1 | 2 | 3 | C | 0 | 9 | 5 | D | 8 |
| 8 | 3 | A | 7 | 5 | C | 6 | 9 | D | 4 | 2 | E | 1 | 0 | B |
| E | 2 | 5 | 8 | 0 | 1 | B | 4 | A | D | 7 | 6 | 3 | C | 9 |
| 3 | E | 6 | 1 | B | 8 | 7 | A | 2 | 9 | 4 | 0 | D | 5 | C |
| 5 | 9 | 0 | 2 | 7 | 6 | C | B | 4 | A | D | 1 | 8 | E | 3 |
| B | 8 | 2 | 0 | 3 | 4 | E | D | 9 | 7 | 5 | C | A | 1 | 6 |
| D | A | 1 | 9 | C | 5 | 8 | 0 | 6 | 2 | E | 3 | 7 | B | 4 |
| 7 | C | 4 | D | A | E | 3 | 5 | 1 | 6 | B | 8 | 0 | 9 | 2 |
| 2 | 5 | 3 | 6 | 1 | B | 4 | E | 0 | 8 | C | 7 | 9 | A | D |
| C | D | 8 | A | 2 | 0 | 9 | 1 | B | 5 | 3 | 4 | 6 | 7 | E |
| 0 | 6 | B | C | 8 | 7 | A | 3 | 5 | E | 9 | D | 4 | 2 | 1 |
| A | 7 | 9 | E | 4 | 3 | D | 6 | C | 0 | 1 | 2 | B | 8 | 5 |
| 1 | 4 | E | 5 | D | 9 | 2 | 7 | 8 | B | 6 | A | C | 3 | 0 |

ଗତକାଲିର ଉତ୍ତର

# ମହାଜାଗତିକ ଆହ୍ୱାନ



ପ୍ରଫେସର ଡ. ଅଜୟ କୁମାର ପାତ୍ର

### ଜାତୀୟ ବିଜ୍ଞାନ ଦିବସ ଉପଲକ୍ଷେ

ଯାହାର ଭୂଗୋଳ ଯେତେ ସୁନ୍ଦର, ତାହାର ଇତିହାସ ସେତେ କଳଙ୍କିତ। ପୃଥିବୀ ଓ ଦ୍ୱିତୀୟ ପୃଥିବୀ ମହାସମରର ଭୟାବହତା, ନାଗାସାକି ଓ ହିରୋଶିମାର ବୀଭତ୍ସ ରୂପ ଏବଂ ବିଗତ ବର୍ଷର ଖାଡ଼ିଯୁଦ୍ଧ ପର୍ଯ୍ୟନ୍ତ ଯେତେ ଛୋଟବଡ଼ ଯୁଦ୍ଧ ଓ ପ୍ରାକୃତିକ ଦୁର୍ଯୋଗ ଘଟିଛି, ତାହାର ମୂକସାକ୍ଷୀ ଆମର ଏ ପୃଥିବୀ। ସବୁ ଦେଖିଛି, ସବୁ ସହିଛି। ତଥାପି ଏ ପୃଥିବୀ ବଞ୍ଚିଛି, ବଞ୍ଚାଇ ଚାଲିଛି ଅସୁମାରୀ କୀଟପତଙ୍ଗଠାରୁ ଆରମ୍ଭ କରି ସ୍ତନ୍ୟପାୟୀ ମଣିଷ ପର୍ଯ୍ୟନ୍ତ। ସମସ୍ତଙ୍କୁ ଖାଦ୍ୟ, ବସ୍ତ୍ର ଓ ବାସଗୃହ ଯୋଗାଇ ସମସ୍ତଙ୍କର ଆଶା ଓ ଆକାଂକ୍ଷା ପୂରଣ କରିବାରେ ସତତ ଚେଷ୍ଟିତ। ଅସରନ୍ତି ଏହାର ପ୍ରାକୃତିକ ସମ୍ପଦ, ମହାଶୂନ୍ୟରେ, ମହାକାଶରେ ଏକ ଗତିଶୀଳ ବସ୍ତୁ। ଅନ୍ୟ ଗ୍ରହ ଓ ଉପଗ୍ରହ ଏବଂ କୋଟି କୋଟି ନକ୍ଷତ୍ରଠାରୁ ସମ୍ପୂର୍ଣ୍ଣ ଭିନ୍ନ ଏ ପୃଥିବୀ ଆଜି ଭୀତତ୍ରସ୍ତ। ବିଜ୍ଞାନୀ ମଣିଷର ଅପରିଣାମଦର୍ଶିତା, ଅବିବେକ ପଣିଆ ଏହି ପୃଥିବୀକୁ ଏକ ବିରାଟ ସଙ୍କଟ ଆଡ଼କୁ ଟାଣିନେଉଛି।

ସୁପ୍ରସିଦ୍ଧ ବୈଜ୍ଞାନିକ ନୋବେଲ ବିଜେତା ସି.ଭି. ରମଣଙ୍କ ବିଜ୍ଞାନ ପ୍ରତି ଅତୁଳନୀୟ ଅବଦାନ ରମଣ ରଶ୍ମିକୁ ମନେପକାଇବା ଲାଗି ପ୍ରତିବର୍ଷ ଫେବୃୟାରୀ ୨୮ରେ ଜାତୀୟ ବିଜ୍ଞାନ ଦିବସ ପାଳନ କରାଯାଇଆସୁଛି। ଏହି ଦିନ ସେ ରମଣ ରଶ୍ମି ଆବିଷ୍କାର କରିଥିଲେ, ଯେଉଁଥିପାଇଁ ତାଙ୍କୁ ନୋବେଲ ପୁରସ୍କାର ମିଳିଥିଲା। ବିଜ୍ଞାନର କଲ୍ୟାଣକାରୀ ଦିଗ ଉପରେ ଗୁରୁତ୍ୱ ଦେଇ ବିଶ୍ୱକୁ ସରସ ସୁନ୍ଦର କରି ଗଢ଼ିବା ଲାଗି ଏହି ଦିବସ ଯୁବପିଢ଼ିଙ୍କୁ ପ୍ରେରଣା ଯୋଗାଇଆସୁଛି। ହେଲେ ଏବେ ବିଜ୍ଞାନର ସଦ୍ ଉପଯୋଗ ଯେତିକି ହେଉଛି, ତା'ଠାରୁ ଏହାର ଦୁରୁପଯୋଗ ଅଧିକ ହେଉଛି। ଏହାଦ୍ୱାରା ପୃଥିବୀ ଧ୍ୱଂସମୁଖକୁ ଠେଲି ହୋଇଯାଉଛି। ତେବେ ପୃଥିବୀକୁ ଧ୍ୱଂସମୁଖରୁ ବଞ୍ଚାଇବା ଲାଗି ଆଜି ଭଳି ଦିନରେ ଆମକୁ ଶପଥ ନେବାକୁ ପଡ଼ିବ।

ଆଜି ଆମେ ଏଭଳି ଏକ ବିଶ୍ୱମଞ୍ଚ ଉପରେ ଦଣ୍ଡାୟମାନ; ଯେଉଁଠାରେ ଅନ୍ୟୂନ ଅଶୀ ହଜାରରୁ ବେଶି ପରମାଣୁ ଅସ୍ତ୍ର ମହଜୁଦ ଅଛି। ଅର୍ଥାତ୍ ଆମେ ପ୍ରତ୍ୟେକ ମଣିଷ ଗୋଟିଏ ପାଞ୍ଚ ଟନ୍ ଓଜନର ଡିନାମାଇଟ ସ୍ତୁପ ଉପରେ ଛିଡ଼ାହୋଇଛୁ। ଏ ସବୁର ଯଦି ବିସ୍ଫୋରଣ ଘଟେ ତା'ହେଲେ ପୃଥିବୀ ପୃଷ୍ଠରେ ଯେତେ ଉଦ୍ଭିଦ ଓ ପ୍ରାଣୀ ଅଛନ୍ତି, ସମସ୍ତେ ନିମିଷକ ମଧ୍ୟରେ ନିଶ୍ଚିହ୍ନ ହୋଇଯିବେ। ପରମାଣୁ ବିସ୍ଫୋରଣର ଭୟାବହତା ବିଷୟରେ ଏହା ଯଥେଷ୍ଟ ନୁହେଁ। ପୃଥିବୀ ପୃଷ୍ଠର ଜୀବଜନ୍ତୁ ସଂଖ୍ୟାର ବାରଗୁଣ ଜୀବସଂଖ୍ୟାକୁ ଏହି ପରମାଣୁ ଦୈତ୍ୟ ନିଶ୍ଚିହ୍ନ କରିବାକୁ ସମର୍ଥ ହେବ। ବିଗତ ଷାଠିଏ ବର୍ଷ ଧରି ଏହି ପରମାଣୁ ଶକ୍ତି ଯେଭଳି ନିଜ କଳେବର ବିସ୍ତାର କରିଚାଲିଛି ଏଥିରୁ ସହଜରେ ଅନୁମେୟ ହୁଏ ଯେ, ଏ ଦୁର୍ଲଭ ପୃଥିବୀର ଅକାଳ ମୃତ୍ୟୁ କ୍ରମଶଃ ଘନେଇ ଆସିଲାଣି। ବିଜ୍ଞାନର ଭୁଲ ଉପଯୋଗ ଏହାର ମୁଖ୍ୟ କାରଣ। ବିଶ୍ୱ ସଭ୍ୟତା ଉପରେ ଶାଣିତ ଖଡ୍ଗ ଝୁଲୁଛି। ଟିକିଏ ଏପଟସେପଟ ହେଲେ ମହାବିସ୍ଫୋରଣ ଘଟି ସମସ୍ତ ଜୀବସତ୍ତାର ବିଲୟ ଘଟିପାରେ।

ଯୁକ୍ତରାଷ୍ଟ୍ର ଆମେରିକା ଏକଦା ୧୦ଟି ନିମିଜ ପରମାଣୁବାହୀ ଜାହାଜ ନିର୍ମାଣ ନିମନ୍ତେ ଯେତିକି ଖର୍ଚ୍ଚ କରିଥିଲା ସେଥିରେ ୧ଶହ କୋଟି ଲୋକଙ୍କୁ ମ୍ୟାଲେରିଆ ଆକ୍ରାନ୍ତରୁ ସମ୍ପୂର୍ଣ୍ଣ ଆରୋଗ୍ୟ କରାଯାଇ ପାରିଥାନ୍ତା। କେବଳ ଆଫ୍ରିକା ମହାଦେଶରେ ହିଁ ୧୪ ନିୟୁତ ଶିଶୁଙ୍କୁ ମୃତ୍ୟୁମୁଖରୁ ରକ୍ଷା କରିବା ସମ୍ଭବ ହୋଇଥାଆନ୍ତା। 'ଫାଓ' ଦେଇଥିବା ତଥ୍ୟ ଅନୁସାରେ ଏକଦା ପୃଥିବୀରେ ୫୨୫ ନିୟୁତ ଲୋକ ଦୁର୍ଭିକ୍ଷ କବଳରେ ପଡ଼ିଥିଲେ। ସେମାନଙ୍କୁ ବଞ୍ଚାଇବା ପାଇଁ ଯେତେ ପରିମାଣ କ୍ୟାଲୋରୀ ଖାଦ୍ୟ ଆବଶ୍ୟକ ଥିଲା ତାହାର ଯାହା ମୂଲ୍ୟ ତା' ତୁଳନାରେ ଅଧିକ ଅର୍ଥ କେବଳ ୧୪୯ଟି ଏମ୍.ଏକ୍ସ. କ୍ଷେପଣାସ୍ତ୍ର ତିଆରିରେ ବ୍ୟୟ ହୋଇଥିଲା। ପଶ୍ଚିମ ୟୁରୋପ ଏକଦା ୨୨୩ଟି ଏମ.ଏକ୍ସ. କ୍ଷେପଣାସ୍ତ୍ର ତିଆରି କରିଥିଲା। ଏଥିରୁ ମାତ୍ର ୨୨ଟି କ୍ଷେପଣାସ୍ତ୍ରରେ ଯାହା ଖର୍ଚ୍ଚ ହୋଇଥିଲା, ତାହାଦ୍ୱାରା ଗରିବ ଦେଶଗୁଡ଼ିକ ପାଇଁ କୃଷି ସରଞ୍ଜାମ ସଂଗ୍ରହ କରାଗଲେ ସେମାନେ କାର୍ଯ୍ୟ କ୍ଷେତ୍ରରେ ସ୍ୱାବଲମ୍ବନଶୀଳ ହୋଇପାରିଥାନ୍ତେ।

ଯେତେବେଳେ ମଣିଷ ଦୁଇଓଳି ଗଣ୍ଡାଏ ଖାଇବାକୁ ପାଉନି, ଦାଦନ ଶ୍ରମିକ ସାଜି ଦେଶାନ୍ତର ଗମନ କରୁଛି, ପେଟର କ୍ଷୁଧା ମେଣ୍ଟାଇବା ପାଇଁ ଭୋକିଲା ଶିଶୁଟି ଅଳିଆ ଗଦାରେ କୁକୁର ସହିତ ଲଢ଼େଇ କରୁଛି, ଟୋପାଏ କ୍ଷୀର ପାଇଁ ମାଆ କୋଳରେ ଶିଶୁ ମୃତ୍ୟୁବରଣ କରୁଛି, ପଇସା ଅଭାବରୁ ଗରିବ ପିଲାଟି ମେଧାବୀ ହୋଇ ବି ପଢ଼ାରୁ ବଞ୍ଚିତ ହେଉଛି; ସେତେବେଳେ ଉନ୍ନତ ଦେଶର ଯୁଦ୍ଧଖୋର ସରକାର ସାମରିକ ଖର୍ଚ୍ଚ ବଢ଼ାଇ, ମଣିଷକୁ ବଞ୍ଚିବାର ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ କରୁଛନ୍ତି।

ହିରୋଶିମାରୁ ଖାଡ଼ିଯୁଦ୍ଧ, ଖାଡ଼ିଯୁଦ୍ଧରୁ ତାରକାଯୁଦ୍ଧ ଆଦି ପ୍ରଗତିଶୀଳ ଦେଶର ସରକାରଙ୍କୁ ଘାରିଛି। ସମୂହ ଧ୍ୱଂସ ପାଇଁ ଏହା ଏକ ଅତି ସହଜ ଓ ସୁଗମ ପଥ। ଏହା କ'ଣ ବିଜ୍ଞାନର ଉଦ୍ଦେଶ୍ୟ। ୧୯୪୫ ମସିହାରୁ ୨୦୨୧, ୭୬ବର୍ଷ କାଳ ମଣିଷ ସେହି ଘୋର ଭୟାବହ ବିଷର ଜ୍ୱାଳାରେ ଘାରି ହୋଇ ମରଣ ଯନ୍ତ୍ରଣା ଭୋଗ କରୁଛି। ଏକଦା ଆମେରିକା ସରକାର ୨୫ଟି ପରମାଣବିକ ସବ୍‌ମେରିନ୍ ତିଆରି କରିଥିଲା। ଅନ୍ୟ ଦିଗରେ ପ୍ରତିକ୍ରିୟାଶୀଳ ହୋଇ ରୁଷ୍ ସରକାର ମଧ୍ୟ ଅନୁରୂପ ଶକ୍ତିସମ୍ପନ୍ନ ଟାଇଫୁନ ସବ୍‌ମେରିନ ତିଆରି କରିଥିଲା। ଅଥଚ ଏଥିରୁ ମାତ୍ର ୨ଟିରେ ଯାହା ବ୍ୟୟ ହୋଇଥିଲା ତାହା ଦ୍ୱାରା ହିଁ ସମଗ୍ର ପୃଥିବୀରେ ନିରକ୍ଷରତା ଦୂରୀକରଣ ସମ୍ଭବ ହୋଇପାରିଥାନ୍ତା।

ସୁପ୍ରସିଦ୍ଧ ବୈଜ୍ଞାନିକ ଜୋସେଫ ଏଲ ମାୟାଲାର କହିଥିଲେ, 'ଆମେ, ମଣିଷ ବାସ୍ତବିକ ଏକ କଦର୍ଯ୍ୟ ପଶୁ ଅଟୁ ଏବଂ ଆମ୍ଭେମାନେ ଏକ କଦର୍ଯ୍ୟ ପୃଥିବୀରେ ବାସ କରୁଛୁ।' ମଣିଷ ମନର ଦୟା, କ୍ଷମା ଓ ଧର୍ମ ଧୀରେ ଧୀରେ ଦୂରେଇ ଯାଉଛି। ମଣିଷ କ୍ରୋଧ ଓ ନିଷ୍ଠୁରତାର ନିକଟବର୍ତ୍ତୀ ହେଉଛି। ଭାରତ ଭଳି ଶାନ୍ତିକାମୀ, ଧର୍ମନିରପେକ୍ଷ ଦେଶ ବି ତାହାର ସୁରକ୍ଷା ନିମନ୍ତେ ଆଣବିକ ସମ୍ପନ୍ନ ଅସ୍ତ୍ର ମହଜୁଦ କରିବାରେ ଲାଗି ପଡ଼ିଛି ଓ ପ୍ରତିଯୋଗିତାରେ ସାମିଲ ହୋଇଛି। ଗୋଟିଏ ଆଣବିକ ବୋମା ତିଆରି କରିବାରେ ଯେତେ ଅର୍ଥ ଖର୍ଚ୍ଚ ହେଉଛି, ସେହି ଅର୍ଥରେ ଗୋଟିଏ ପଞ୍ଚବାର୍ଷିକ ଯୋଜନା ସୁନ୍ଦର ଭାବରେ ସଫଳ ହୋଇପାରନ୍ତା।

ପ୍ରକୃତିର ସମସ୍ତ ଚିର ଶକ୍ତି ଆଜି ଧୀରେ ଧୀରେ ନଷ୍ଟ ହେବାକୁ ବସିଛି। ଏହି ଜୀବଧାରୀ ପୃଥିବୀରେ ଯେଉଁଦିନ ପ୍ରଥମ ଜୀବନର ସ୍ପନ୍ଦନ ଘଟିଥିଲା, ତା'ପରେ ମଧ୍ୟ ଗୋଟିଏ ପ୍ରଜାପତିକୁ ଡେଣା ମେଲି ଉଡ଼ି ଶିଖିବା ପାଇଁ ୩୮୦ ନିୟୁତ ବର୍ଷ ଲାଗିଥିଲା। ଗୋଟିଏ ପଦ୍ମଫୁଲକୁ ସୁନ୍ଦର ଭାବେ ଫୁଟି ଉଠିବା ପାଇଁ ପ୍ରାୟ ୧୮୦ ନିୟୁତ ବର୍ଷ ଲାଗିଥିଲା। ପ୍ରକୃତିକୁ ଦୁଇ ଇଞ୍ଚ ମୃତ୍ତିକା ଗଢ଼ିବା ପାଇଁ ପ୍ରାୟ ଦୁଇଶହ ବର୍ଷ ଅକ୍ଳାନ୍ତ ପରିଶ୍ରମ କରିବାକୁ ପଡ଼େ। ମାତ୍ର ଅବିବେକୀ ମଣିଷ ଆଜି ପ୍ରକୃତିର ଅନବଦ୍ୟ ଦାନକୁ ନିମିଷକେ ଧ୍ୱଂସ କରି ଦେଉଛି। ଏବେ ଶକ୍ତିଶାଳୀ ରାଷ୍ଟ୍ରର ରାଷ୍ଟ୍ରନାୟକଙ୍କ ପାଦତଳେ ଗୋଟିଏ ବୋତାମ ଟିପିଲେ ନିମିଷକ ମଧ୍ୟରେ ସବୁ ଶେଷ ହୋଇଯିବ। ଭାବନ୍ତୁ ତ ଦେଖି, ପ୍ରକୃତି ଯାହାକୁ ଗଢ଼ିତୋଳିବା ପାଇଁ, ଯାହାର ସୁନ୍ଦର ରୂପାୟନ କରିବା ଲାଗି ନିୟୁତବର୍ଷ ଅକ୍ଳାନ୍ତ ପରିଶ୍ରମ କଲା, ମଣିଷକୁ ଶ୍ରେଷ୍ଠ ଆସନରେ ବସାଇ ସବୁକିଛି ବହୁମୂଲ୍ୟ ସମ୍ପଦ ଭରିଦେଲା, ସେହି ମଣିଷ ଗୋଟିଏ ସେକେଣ୍ଡ ବା ତା'ଠୁ କମ୍ ସମୟରେ ସୃଷ୍ଟିକୁ ଧ୍ୱଂସ କରିବାକୁ ବସିଛି। ସୌରମଣ୍ଡଳ ଭିତରେ ଏକମାତ୍ର ଏହି ଜୀବଧାରୀ ଗ୍ରହରେ ଏପରି ଏକ ଦାନବୀୟ ଅଭିଯାନ ଚାଲିଛି, ଯାହା ଆମର ସକଳ ବୋଧଶକ୍ତିର ବିଲୋପ ସାଧନ ପାଇଁ ସର୍ବଦା ଉଦ୍ୟତ।

ବିଜ୍ଞାନର ବିଜୟବାନା ଆଜି ପୃଥିବୀର କୋଣେ କୋଣେ ଉପଲବ୍ଧି ହୋଇପାରୁଛି। ସବୁଜ ବିପ୍ଳବ, ନୀଳ ବପ୍ଳବ, ଦୁଗ୍ଧ ବିପ୍ଳବକୁ ସାର୍ଥକ କରିବାରେ ବିଜ୍ଞାନର ଦାନ ଅତୁଳନୀୟ। କରୋନାଜନିତ ବିଶ୍ୱ ମହାମାରୀ ସମୟରେ ବିଦ୍ୟାର୍ଥୀମାନେ ଘରେ ରହି ମଧ୍ୟ ଶିକ୍ଷାଦାନରୁ ବଞ୍ଚିତ ହୋଇନାହାନ୍ତି; ଚାକିରିଆମାନେ ଯେ ଯାହାର ଚାକିରି ବଞ୍ଚାଇପାରିଛନ୍ତି କେବଳ କମ୍ପ୍ୟୁଟର ଯୁଗର ଅତୁଳନୀୟ ଉତ୍ଥାନ ଯୋଗୁ। ସ୍ୱାସ୍ଥ୍ୟ କ୍ଷେତ୍ରରେ ସ୍ୱାସ୍ଥ୍ୟର ଉନ୍ନତି ଘଟିଛି, କରୋନା ଭଳି ମାରାତ୍ମକ ମହାମାରୀକୁ ସାହସର ସହିତ ମୁକାବିଲା କରିବାରେ ସକ୍ଷମ ହୋଇପାରିଛନ୍ତି। ଖୁବ୍ କମ୍ ସମୟ ମଧ୍ୟରେ ଉନ୍ନତ ବିଜ୍ଞାନ ଚିନ୍ତା ଓ ଜ୍ଞାନ ବଳରେ 'କୋଭାକ୍ସିନ୍' ଓ 'କୋଭିଶିଲ୍ଡ' ଭଳି ବିଶ୍ୱଲ୍ୟକରଣୀ ଟିକା ଉଦ୍ଭାବନ କରି ଓ ଅପୂର୍ବ ସଫଳତା ଲାଭକରି ବିଶ୍ୱ ଦରବାରରେ ଭାରତ ନିଜସ୍ୱ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। 'ଆତ୍ମନିର୍ଭର ପନ୍ଥା' ଆପଣେଇ କୋଟି କୋଟି ବେକାର ଯୁବତୀ ଓ ଯୁବକ ସ୍ୱାବଲମ୍ବନଶୀଳ ହୋଇପାରୁଛନ୍ତି। ଏଥିରେ ଅନ୍ତର୍ଭୁକ୍ତ ରହିଛି, 'ପରିବେଶ ଅର୍ଥନୀତି', 'ଜଙ୍ଗଲ ଅର୍ଥନୀତି', 'ମତ୍ସ୍ୟ ପ୍ରଜନନ ଅର୍ଥନୀତି', 'ବାଡ଼ି ପନିପରିବା ଅର୍ଥନୀତି', 'ସୂର୍ଯ୍ୟକିରଣ ଅର୍ଥନୀତି' ଆଦି ବହୁମୁଖୀ ଅର୍ଥ ଉଜାଗରର ପନ୍ଥା। 'ଜୟ ଜବାନ,ଜୟ କିଷାନ' ସ୍ଲୋଗାନ୍ ସହ ଏବେ ଘରେ ଘରେ ପହଞ୍ଚିପାରିଛି 'ଜୟ ବିଜ୍ଞାନ'। ଜାଣିରଖ, ଏ ସୁନ୍ଦର ପୃଥିବୀ କେବଳ ତୁମର ନୁହେଁ, ସମଗ୍ର ଜୀବଜନ୍ତୁ, କୀଟପତଙ୍ଗ ଓ ଉଦ୍ଭିଦ ଆଦିଙ୍କର ଜନ୍ମଭୂମି ମଧ୍ୟ। ତେଣୁ ପ୍ରତ୍ୟେକ ପରସ୍ପର ସହିତ ସହାବସ୍ଥାନ କରି ପ୍ରାକୃତିକ ଭାରସାମ୍ୟ ରକ୍ଷା କରିବାକୁ ପଡ଼ିବ। ବିଜ୍ଞାନର କଲ୍ୟାଣକାରୀ ଦିଗ ଉପରେ ଅଧିକ ଗୁରୁତ୍ୱ ଦେବା ହିଁ ଆମମାନଙ୍କର ଲକ୍ଷ୍ୟ ହେବା ଉଚିତ। ଏହା ହିଁ ଜାତୀୟ ବିଜ୍ଞାନ ଦିବସର ବାର୍ତ୍ତା ହେଉ।

ମୋ– ୯୪୩୮୬୨୧୩୯୧

# ଦୁର୍ନୀତିନାଶିନୀ

### ବ୍ୟକ୍ତିତ୍ୱ



ଅଞ୍ଜଳି ଭରଦ୍ୱାଜ

ଦୁର୍ନୀତି ଅନ୍ୟତମ ବିଶ୍ୱ ସମସ୍ୟା ହୋଇ ଠିଆହୋଇଛି। ଉତ୍ତମ ଶାସନ, ନିରାପତ୍ତା ଓ ଅର୍ଥନୈତିକ ସ୍ଥିରତା ପ୍ରତି ଏହା ସର୍ବଦା ଧକ୍କା ପହଞ୍ଚାଇ ଆସୁଥିବାରୁ ତାହାକୁ ପ୍ରତିହତ କରିବା ଲାଗି ଅନ୍ତର୍ଜାତୀୟ ପ୍ରଚେଷ୍ଟା ଜରୁରୀ। ୨୦୧୮ରେ ଜାତିସଂଘ ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ବିଶ୍ୱରେ ପ୍ରତ୍ୟେକ ବର୍ଷ ୧ ଟ୍ରିଲିୟନ ବା ୧ ଲକ୍ଷ କୋଟି ଆମେରିକୀୟ ଡଲାର ଲାଞ୍ଚ କାରବାର ହେଉଥିବା ବେଳେ ପ୍ରାୟ ୨.୬ ଟ୍ରିଲିୟନ ଆମେରିକୀୟ ଡଲାର ଦୁର୍ନୀତି ମାଧ୍ୟମରେ ହଡ଼ପ ହୋଇଯାଉଛି। ଏତକ ଅର୍ଥକୁ ହିସାବ କରାଗଲେ ବିଶ୍ୱର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୫ ପ୍ରତିଶତରୁ ଅଧିକ ହେବ। ବିକାଶଶୀଳ ଦେଶ କଥା ଦେଖିଲେ ସରକାରୀ ଉନ୍ନତି ଲାଗି ଖର୍ଚ୍ଚ କରାଯାଉଥିବା ଅର୍ଥର ୧୦ ଗୁଣା ଦୁର୍ନୀତିରେ ଯାଉଛି। ତେଣୁ ଏହି ଦୁର୍ନୀତିରୂପୀ ମହାବିପତ୍ତିରୁ ରକ୍ଷା ପାଇବା ପାଇଁ ଏବେ ଆମେରିକାର ଜୋ ବାଇଡେନ ପ୍ରଶାସନ ପଦକ୍ଷେପ ନେଇଛି। ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ଜେ. ବ୍ଲିଙ୍କେନ କହିଛନ୍ତି ଯେ, ଯେଉଁ ବ୍ୟକ୍ତି ଦୁର୍ନୀତି ହଟେଇବା ପାଇଁ ନେତୃତ୍ୱ ନେଉଛନ୍ତି, ସାହସ ଦେଖାଉଛନ୍ତି ଏବଂ ନିଜ ଦେଶରେ ସ୍ୱଚ୍ଛତା ବଜାୟ ରଖିବା ସହିତ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ଲାଗି ଉଦ୍ୟମ କରୁଛନ୍ତି, ସେମାନଙ୍କୁ ଚିହ୍ନଟ କରାଯାଇ ସମର୍ଥନ ଦେବା ସକାଶେ ଅନ୍ତର୍ଜାତୀୟ ଦୁର୍ନୀତିନିରୋଧୀ ଚାମ୍ପିୟନ ପୁରସ୍କାର (ଇଣ୍ଟରନ୍ୟାଶନାଲ ଆଣ୍ଟି କରପ୍ସନ ଚାମ୍ପିୟନ୍ସ ଆୱାର୍ଡ) ଶୁଭାରମ୍ଭ କରାଯାଇଛି। ବିଭିନ୍ନ ଦେଶର ୧୨ ଜଣ ଏଭଳି ବ୍ୟକ୍ତିତ୍ୱଙ୍କୁ ଆମେରିକା ସମ୍ମାନିତ କରିଥିବା ବେଳେ ସେମାନଙ୍କ ମଧ୍ୟରେ ଭାରତୀୟ ସାମାଜିକ କର୍ମୀ ଅଞ୍ଜଳି ଭରଦ୍ୱାଜ ସ୍ଥାନ ପାଇବା ନିଶ୍ଚିତ ଭାବେ ଦେଶ ପାଇଁ ଗୌରବର କଥା।

୧୯୭୩ରେ ଜନ୍ମଗ୍ରହଣ କରିଥିବା ଅଞ୍ଜଳି ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧୀନ ଲେଡି ଶ୍ରୀରାମ କଲେଜରୁ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରୁ ଏମ୍ଏସ୍‌ସି ଏବଂ ଦିଲ୍ଲୀ ସ୍କୁଲ ଅଫ୍ ଇକୋନମିକ୍ସରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ ନିଜକୁ ଦୁର୍ନୀତି ବିରୋଧରେ ସଂଗ୍ରାମ କରିବା ଲାଗି ସାହସ ଜୁଟାଇଥିଲେ। ଭାରତରେ ସୂଚନା ଅଧିକାର ଆନ୍ଦୋଳନରେ ୧୯୯୯ରୁ ସେ ନିଜକୁ ସାମିଲ କରିଆସିଛନ୍ତି। ଉତ୍ତରଦାୟିତ୍ୱ ଓ ସ୍ୱଚ୍ଛତା ଆଣିବା ଦିଗରେ ଅଞ୍ଜଳି ଏକ ସ୍ୱର ମଧ୍ୟ ପାଲଟି ଯାଇଛନ୍ତି। ଜନସାଧାରଣଙ୍କ ସୂଚନା ଅଧିକାର ସଂକ୍ରାନ୍ତ ଜାତୀୟ ଅଭିଯାନ (ଏନ୍‌ସିପିଆରଆଇ)ର ସେ ସହ–ଆବାହକ ଅଛନ୍ତି। ସୂଚନା ଅଧିକାର ଆଇନ–୨୦୦୫, ହ୍ୱିସିଲ ବ୍ଲୋୟର୍ସ ପ୍ରୋଟେକ୍ସନ ଆଇନ–୨୦୧୧, ଦି ଲୋକପାଳ ଓ ଆୟୁକ୍ତ ଆଇନ–୨୦୧୩ ଏବଂ ଅଭିଯୋଗ ସମାଧାନ ବିଲ୍ ଦିଗରେ ଅଞ୍ଜଳି ନିଷ୍ଠାପର ଭାବେ କାର୍ଯ୍ୟ କରିଛନ୍ତି। ସେ ମଧ୍ୟ ସତର୍କ ନାଗରିକ ସଙ୍ଗଠନ (ଏସ୍ଏନ୍ଏସ୍)ର ପ୍ରତିଷ୍ଠାତା ସଦସ୍ୟ। ୨୦୦୩ରେ ଗଢ଼ି ଉଠିଥିବା ଏହି ସଙ୍ଗଠନ ସୂଚନା ଅଧିକାର ଆଇନ ବଳରେ ଭାରତ ସରକାରଙ୍କ ଉତ୍ତରଦାୟିତ୍ୱ ବଢ଼ାଇବା ଦିଗରେ ପ୍ରୟାସରତ। ଏସ୍ଏନ୍ଏସ୍ ଆଇନ ପ୍ରଣେତାଙ୍କ ପ୍ରଦର୍ଶନର ରିପୋର୍ଟ କାର୍ଡ ପ୍ରସ୍ତୁତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ଓ ତାହା ଗଣମାଧ୍ୟମରେ ପ୍ରକାଶିତ ହେବା ଅଞ୍ଜଳିଙ୍କ ଦକ୍ଷତାର ପରିଚୟ ଦେଇଛି। ୨୦୦୮ରେ ଗଠିତ ଆର୍‌ଟିଆଇ ଆସେସ୍‌ମେଣ୍ଟ ଆଣ୍ଡ ଆଡ୍‌ଭୋକେସି (ଆର୍ଏଏଜି)ରେ କାମ କରି ସେ ଆର୍‌ଟିଆଇ କାର୍ଯ୍ୟକାରିତାରେ ଅଭିନବ ପ୍ରୟୋଗ କରିଛନ୍ତି।

୪୮ ବର୍ଷ ବୟସରେ ସେ ଅନେକ ପୁରସ୍କାରର ଅଧିକାରୀ ହୋଇପାରିଛନ୍ତି। ୨୦୦୯ରେ ସାମାଜିକ ଉଦ୍ୟୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଅଶୋକା ଫେଲୋଶିପ୍ ସମ୍ମାନ ତାଙ୍କୁ ସର୍ବତ୍ର ପରିଚିତ କରାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ନିର୍ବାଚିତ ପ୍ରତିନିଧିଙ୍କ କାର୍ଯ୍ୟରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବଜାୟ ରଖିବାରେ ଆର୍‌ଟିଆଇ ଆଇନ ବଳରେ ସେ ନେଇଥିବା ପଦକ୍ଷେପ ଯୋଗୁ ଏହି ପୁରସ୍କାର ପାଇଥିଲେ। ସେହିଭଳି ୨୦୧୧ରେ ଶାସନ କ୍ଷେତ୍ରରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ଆଣିବାରେ ତାଙ୍କ ଅବଦାନକୁ ସ୍ୱୀକୃତି ସ୍ୱରୂପ ଅନର୍ ରୋଲ୍ ଅଫ୍ ଲେଡି ଶ୍ରୀରାମ କଲେଜ ଆଖ୍ୟା ଦିଆଯାଇଥିଲା। ଗଣମାଧ୍ୟମରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ଉପରେ ତାଙ୍କ ଲେଖା ପ୍ରକାଶ ପାଇଚାଲିଛି। ଏବେ ତାଙ୍କୁ ଆମେରିକା ପକ୍ଷରୁ ଇଣ୍ଟରନ୍ୟାଶନାଲ ଆଣ୍ଟି କରପ୍ସନ ଚାମ୍ପିୟନ୍ସ ଆୱାର୍ଡ ମିଳିବା ତାଙ୍କ ବ୍ୟକ୍ତିତ୍ୱକୁ ଅଧିକ ଉଜ୍ଜ୍ୱଳ କରି ଦେଇଛି। ଅତଏବ ସାମାଜିକ ନେତୃତ୍ୱ ନେବା ଦିଗରେ ଯେଉଁ ଯୁବବର୍ଗ ଲକ୍ଷ୍ୟ ରଖି କାର୍ଯ୍ୟ କରୁଛନ୍ତି, ସେମାନଙ୍କ ପାଇଁ ଅଞ୍ଜଳି ପ୍ରେରଣାଦାୟୀ ପାଲଟିଯିବା ସ୍ୱାଭାବିକ।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ବେଳେବେଳେ କୃଷକମାନେ ଯାହା ଆବିଷ୍କାର କରନ୍ତି ତାହାକୁ ବୈଜ୍ଞାନିକମାନେ ବି ଗ୍ରହଣ କରିଥାନ୍ତି। ଏଭଳି ଜଣେ କୃଷକ ହେଉଛନ୍ତି ତେଲଙ୍ଗାନାର ଚିନ୍ତଲା ଭେଙ୍କଟ ରେଡ୍ଡୀ। ସେ ବିକାଶ କରିଥିବା ନୂଆ କିସମର ଧାନ ଓ ଗହମରୁ ଭିଟାମିନ 'ଡି' ମିଳୁଛି। ସିକନ୍ଦରାବାଦର ୭୦ ବର୍ଷୀୟ ଚାଷୀ ଚିନ୍ତଲା ଆଜକୁ ବହୁବର୍ଷ ଧରି ଚାଷ କରିଆସୁଛନ୍ତି ଓ କୃଷି ସମ୍ପର୍କିତ ସବୁ ବିବରଣୀ ଏକ ଡାଏରୀରେ ଉଲ୍ଲେଖ କରିଛନ୍ତି। ତେବେ ଧାନ ଓ ଗହମରୁ କିଭଳି ଭିଟାମିନ ଡି' ମିଳିପାରିବ ତା'ଉପରେ ସେ ତାଙ୍କ ଡାଏରୀର ସବୁ ତଥ୍ୟ ଉପରେ ଅନୁଧ୍ୟାନ କରିଥିଲେ। ଏ ସମ୍ପର୍କରେ ବି କୃଷି ବିଶେଷଜ୍ଞଙ୍କ ସହଯୋଗ ବି ଲୋଡ଼ିଥିଲେ। ସେ ଧାନ ଓ ଗହମ ଲାଗି ବେଡ୍ ବା ପଟାଳି ତିଆରି କରି ପ୍ରଥମ ବେଡ୍‌ରେ ଅତ୍ୟଧିକ ଘିଅ,ଛେନା, ଅଣ୍ଡା, ଦୁଗ୍ଧ ଏବଂ ଅନ୍ୟ ପ୍ରାଣୀ ଆଧାରିତ ଭିଟାମିନ ଡି' ଉତ୍ସକୁ ସେଥିରେ ପ୍ରୟୋଗ କରିଥିଲେ। ଦ୍ୱିତୀୟ ବେଡ୍‌ରେ ଭିଟାମିନ ଡି' ଦ୍ରବଣ ଓ ତୃତୀୟ ବେଡ୍‌ରେ ଗାଜର, କନ୍ଦମୂଳ ଏବଂ ମକା ଅଟାର ପେଷ୍ଟ ପ୍ରୟୋଗ କରିଥିଲେ। ଦୁଇବର୍ଷ ଗବେଷଣା କରିବା ପରେ ତୃତୀୟ ବେଡ୍‌ରେ ଥିବା ଧାନ ଓ ଗହମ ଭିଟାମିନ ଏ'କୁ ଡି'ରେ ରୂପାନ୍ତରିତ କରିବାକୁ ସକ୍ଷମ ହୋଇଥିଲା। ଚିନ୍ତଲାଙ୍କ ଏହି କିସମର ଧାନ ଓ ଗହମକୁ ତେଲଙ୍ଗନା ଷ୍ଟେଟ୍ ଏଗ୍ରିକଲଚର ୟୁନିଭର୍ସିଟିର ପ୍ରାଧ୍ୟାପକ ଜୟଶଙ୍କର ଏବଂ ସରକାରୀ ଅଧିକାରୀମାନେ ପରୀକ୍ଷା କରି ଏଥିରେ ଭିଟାମିନ ଡି' ରହିଥିବା ପ୍ରକାଶ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ଫେବୃୟାରୀ ୧୯୯୬

- ଆମେରିକାର ଦୁଇଟି ବେସାମରିକ ବିମାନକୁ ଗୁଳିକରି ଖସାଇଦେବା ଘଟଣାର ପ୍ରତିଶୋଧ ସ୍ୱରୂପ ରାଷ୍ଟ୍ରପତି କ୍ଲିଣ୍ଟନ କ୍ୟୁବା ବିରୁଦ୍ଧରେ ନୂଆ କଟକଣା ଜାରି କରିଛନ୍ତି।
- ସର୍ବୋତ୍ତମ ଚଳଚ୍ଚିତ୍ର ଭାବେ ଆଙ୍ଗ–ଲିଙ୍କ୍ ନିର୍ଦ୍ଦେଶିତ କଥା ଆମେରିକା–ବ୍ରିଟେନ୍ ମିଳିତ ପ୍ରଯୋଜନାରେ ନିର୍ମିତ ଚଳଚ୍ଚିତ୍ର 'ସେନ୍ସ ଆଣ୍ଡ ସେନ୍ସିବିଲିଟି' ମର୍ଯ୍ୟାଦାପୂର୍ଣ୍ଣ ଗୋଲ୍ଡେନ୍ ଗ୍ଲୋବ ପୁରସ୍କାର ବିଜୟୀ ହୋଇଛି।

## ଚିରନ୍ତନୀ

ନୟନ ତଳେ ଦେଖି କଜଳ
ପରାଣ ନାହିଁ ହୁଏ ସଜଳ
କପୋଳ ସ୍ୱେଦ ଶୋଭା ନିରେଖି ଏ ଅଧର
ତୃଷାରେ ହୁଏ ନାହିଁ ବିକଳ।

(ବ୍ୟାଖ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ହାତଛଡ଼ା ହେଲା କୋଟିଆ

ମହାଶୟ,

ପ୍ରବଳ ବିରୋଧ ଏବଂ ଅନୁରୋଧ ତଥା ସର୍ବୋଚ୍ଚ ନ୍ୟାୟାଳୟରେ ଅଦାଲତ ଅବମାନନା ମାମଲାକୁ ବେଖାତିର କରି ଯେଉଁଭଳି ଭାବେ କୋଟିଆରେ ଆନ୍ଧ୍ର ନିର୍ବାଚନ କଲା ତାହା ଇତିହାସ ପାଇଁ ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟିକଲା। ଏପରି କି ଏହା ଓଡ଼ିଶାର ସ୍ୱାଭିମାନ ଏବଂ ଅସ୍ତିତ୍ୱ ଉପରେ କୁଠାରାଘାତ କଲା। କେବଳ ସେତିକି ନୁହଁ, ରାଜ୍ୟ ସରକାର ଏବଂ ବିରୋଧୀ ରାଜନୈତିକ ଦଳ ଯେତିକି ତତ୍ପରତା ପ୍ରକାଶ କରିବା କଥା ତାହା କରିନାହାନ୍ତି। କୋଟିଆକୁ କେନ୍ଦ୍ରକରି ରାଜନୈତିକ ଚର୍ଚ୍ଚା ବି ଅଧିକ ଜୋର ଧରିଛି। କୋଟିଆ ହାତଛଡ଼ା ହେଲା ବୋଲି ରାଜ୍ୟବାସୀ ଆଲୋଚନା କରୁଛନ୍ତି। ପୂର୍ବରୁ ଖରସୁଆଁ ଓ ଷଢ଼େଇକଳାର ଦୁଃଖ ଆଜି ବି ରାଜ୍ୟବାସୀ ଭୁଲି ନ ଥିବାବେଳେ ପୁଣି କୋଟିଆ ଦୁଃଖ ଆଜି ଓଡ଼ିଶାବାସୀଙ୍କ ମନରେ ଅଧିକ ଯନ୍ତ୍ରଣା ଦେଇଛି। ଅନ୍ୟପକ୍ଷେ, ଗତ କିଛିଦିନ ଧରି ଗଣମାଧ୍ୟମରେ ବାରମ୍ବାର ଏଥିପାଇଁ ଖବର ପ୍ରକାଶ ପାଇଥିଲେ ମଧ୍ୟ ସମସ୍ତ ସ୍ତରରୁ ଯେଭଳି ତତ୍ପରତା ପରିଲକ୍ଷିତ ହେବା କଥା ତାହା ହେଉ ନାହିଁ। ସେହିଭଳି ସମ୍ପୃକ୍ତ ଅଞ୍ଚଳର ବିକାଶ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆ ନ ଯିବା,ପ୍ରଶାସନିକ ନୀରବତା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସମସ୍ତେ ନୀରବ ରହିବା ଘଟଣା ଯୋଗୁ ଓଡ଼ିଶାରୁ କୋଟିଆ ହାତଛଡ଼ା ହୋଇଗଲା ବୋଲି ସ୍ପଷ୍ଟ ହୋଇଛି।

ବିଷ୍ଣୁ ପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଖେଳନା ଶିଳ୍ପରେ ଦେଶର ଶକ୍ତି ଲୁଚି ରହିଛି

**ନୂଆଦିଲ୍ଲୀ,୨୭।୨:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଭିଡିଓ କନଫେରେନ୍ସିଂ ଜରିଆରେ ଭାରତୀୟ ଖେଳଣା ମେଳା ଉଦଘାଟନ କରିଛନ୍ତି। ଏହି ମେଳାର ଉଦଘାଟନୀ ଉତ୍ସବରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆମ ଦେଶର ଖେଳନା ଶିଳ୍ପ ମଧ୍ୟରେ ଅନେକ କାହାଣୀ ସହିତ ଏକ ବିରାଟ ଶକ୍ତି ଲୁଚି ରହିଛି। ଏହି ଶକ୍ତିକୁ ବୃଦ୍ଧି କରିବା ସହ ଏହାର ପରିସରକୁ ଆଗକୁ ନେବା ହେଉଛି ଆତ୍ମନିର୍ଭରଶୀଳ ଭାରତ ଅଭିଯାନର ଏକ ବଡ ଅଂଶ। ପ୍ରଥମ ଖେଳନା ମେଳା କେବଳ ବ୍ୟବସାୟ କିମ୍ବା ଆର୍ଥିକ କାର୍ଯ୍ୟକ୍ରମ ପାଇଁ ନୁହେଁ, ଏହି କାର୍ଯ୍ୟକ୍ରମ ଦେଶର ପୁରାତନ କ୍ରୀଡା, ମନୋରଞ୍ଜନ, ସଂସ୍କୃତିକୁ ମଜଭୂତ କରିବା ପାଇଁ ଏକ ମାଧ୍ୟମ ଅଟେ। ଏହା ସହ ଆମ ଦେଶର ବିଭିନ୍ନ ଶାସ୍ତ୍ରରେ ଖେଳାନା ବିଷୟରେ ବର୍ଣ୍ଣନା କରାଯାଇଛି।

### ସଙ୍କଟରେ ରିଲାଏନ୍ସ ହୋମ୍ ଫାଇନାନ୍ସ

**ନୂଆଦିଲ୍ଲୀ,୨୭।୨:** ଅନୀଲ ଅମ୍ବାନୀଙ୍କ କମ୍ପାନୀ ରିଲାଏନ୍ସ ହୋମ୍ ଫାଇନାନ୍ସ ବର୍ତ୍ତମାନ ସମୟରେ ଗୁରୁତର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଛି। କମ୍ପାନୀ ଡିସେମ୍ବର ୨୦୨୦ରେ ୧୦୦କୋଟି ଟଙ୍କାର ଋଣ ପରିଶୋଧରେ ଖିଲାପ କରିଥିବା ଜଣାପଡିଛି। ଦେଶର ପ୍ରମୁଖ ବ୍ୟାଙ୍କ ଯଥା ବ୍ୟାଙ୍କ ଅଫ୍ ବରୋଦା, ପିଏନ୍‌ବି, ଆଇସିଆଇସିଆଇ ବ୍ୟାଙ୍କ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, କାନାରା ବ୍ୟାଙ୍କ, ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ ଇଣ୍ଡିଆନ୍ ବ୍ୟାଙ୍କର ଋଣ ପରିଶୋଧ କରିବାରେ ରିଲାଏନ୍ସ ହୋମ୍ ଫାଇନାନ୍ସ ବିଫଳ ହୋଇଛି। ରିଲାଏନ୍ସ ହୋମ୍ ଫାଇନାନ୍ସ ଉପରେ ବର୍ତ୍ତମାନ ୪୨୮୦ କୋଟି ଟଙ୍କାର ଋଣ ପରିଶୋଧ କରିବାର ବୋଝ ରହିଛି। ସେହିଭଳି ରିଲାଏନ୍ସ ହୋମ୍ ଫାଇନାନ୍ସର ମାମଲା ସମାଧାନ ଲାଗି ୭ଜୁନ୍ ୨୦୧୯ରେ ଏହି ଋଣ ପ୍ରଦାନକାରୀ ସଂସ୍ଥାଗୁଡ଼ିକ ଇଣ୍ଟର କ୍ରେଡିଟର ଏଗ୍ରିମେଣ୍ଟରେ ସ୍ୱାକ୍ଷର କରିଥିଲେ। ରିଲାଏନ୍ସ ହୋମ୍ ଫାଇନାନ୍ସ ନିକଟରେ ନଗଦ ୧୦୦୦ କୋଟି ଟଙ୍କା ଥିବା କୁହାଯାଇଛି।

# ଭାରତଠାରୁ ଋଣ ନେଲା ଆମେରିକା

ନୂଆଦିଲ୍ଲୀ,୨୭।୨

**୨୧୬ ବିଲିୟନ ଆମେରିକା ଡଲାର**



ବିଶ୍ୱର ସବୁଠାରୁ ବିକାଶଶୀଳ ଓ ଧନୀ ରାଷ୍ଟ୍ର ଆମେରିକା ବର୍ତ୍ତମାନ ସମସ୍ୟାରେ ଘେରରେ ରହିଛି। ଫଳରେ ବିଶ୍ୱର ବଡ଼ ଅର୍ଥବ୍ୟବସ୍ଥା କୁହାଯାଉଥିବା ଆମେରିକାର ଅର୍ଥବ୍ୟବସ୍ଥା ଭୁଷୁଡ଼ି ପଡିଛି। ଏହି ଅର୍ଥବ୍ୟବସ୍ଥାର ଋଣ ଭାର ବର୍ତ୍ତମାନ ସମୟରେ ବ୍ୟାପକ ଭାବରେ ବୃଦ୍ଧି ପାଇଛି। ଯାହା ଫଳରେ ଆମେରିକା ଭାରତଠାରୁ ୨୧୬ ବିଲିୟନ୍ ଆମେରିକାନ ଡଲାର ଋଣ ନେଇଥିବା ବିଭିନ୍ନ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ଏହି ଋଣ ପରେ ଆମେରିକାର ମୋଟ ଋଣ ୨୯ ଟ୍ରିଲିୟନକୁ ବୃଦ୍ଧି ପାଇଥବବା ଜଣାପଡିଛି। ଏହାକୁ ନେଇ ଆମେରିକାର ଜଣେ ସାଂସଦ କହିଛନ୍ତି ଯେ, ବର୍ତ୍ତମାନ ସମୟରେ ବୈଦେଶିକ ଋଣକୁ ନେଇ ଦେଶବାସୀଙ୍କ ଚିନ୍ତା ବଢ଼ିଛି। ଏହି ଋଣର ଅଧିକାଂଶ ଅଂଶ ଚାଇନା ଏବଂ ଜାପାନ ଭଳି ରାଷ୍ଟ୍ର ନିକଟରୁ ଅଣାଯାଇଥିବା ସଂସାଦ ଜଣକ କହିଛନ୍ତି।

୨୦୨୦ରେ ୟୁଏସରେ ଜାତୀୟ ଋଣ ୨୩.୪ ଟ୍ରିଲିୟନ୍ ରହିଥିଲା, ଫଳରେ ଆମେରିକାରେ ଜଣଙ୍କ ମୁଣ୍ଡ ପିଛା ୭୨,୩୦୯ ଡଲାରର କରଜ ରହିଥିଲା। ଆମେରିକା କଂଗ୍ରେସ ଆଲେକ୍ସ ମୁନି ଏ ନେଇ ସୂଚନା ଦେଇଛନ୍ତିଯେ, ଆମେ ଆଗକୁ ବଢ଼ିବାକୁ ଯାଉଛୁ କାରଣ ଆମର ଜାତୀୟ ଋଣ ୨୯ ଟ୍ରିଲିୟନ୍ ୟୁଏସ୍ ଡଲାରକୁ ବୃଦ୍ଧି ପାଇଛି। ଏହି ଋଣ ବୃଦ୍ଧି ଆମେରିକାବାସୀଙ୍କ ମୁଣ୍ଡ ଉପରେ ପୁଣି ବୋଝ ଲଦି ବର୍ତ୍ତମାନ ସମୟରେ ଦେଶର ଋଣ ବ୍ୟବସ୍ଥା ବହୁତ ଖରାପ ସ୍ଥିତି ଆଡ଼କୁ ଗତି କରୁଛି। ସେହିଭଳି ଚାଇନା ଏବଂ ଜାପାନା ଭଳି ରାଷ୍ଟ୍ରରୁ ଅତ୍ୟଧିକ ଋଣ କରାଯାଇଥିବା ସେ ତାଙ୍କ ମନ୍ତବ୍ୟରେ କହିଛନ୍ତି। ଯେଉଁମାନେ କି ଆମେରିକାର ବନ୍ଧୁ ରାଷ୍ଟ୍ର ନୁହନ୍ତି ସେହି ସବୁ ଦେଶଠାରୁ ଋଣ କରାଯାଉଛି।

# ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମହଙ୍ଗା ଭତ୍ତା ୧୬୯.୯୨%



ଭୁବନେଶ୍ୱର,୨୭।୨

ଶିଳ୍ପ ଶ୍ରମିକଙ୍କ ପାଇଁ ସର୍ବଭାରତୀୟ ଖାଉଟି ମୂଲ୍ୟସୂଚୀ ପ୍ରକାଶ ପାଇଛି। ଏହି ସୂଚୀ ଅନୁସାରେ ୨୦୨୦ ଡିସେମ୍ବରରେ ୧୧୮.୮ ପଏଣ୍ଟ ରହିଥିଲା, ଯାହା ୨୦୨୧ ଜାନୁୟାରୀରେ ୦.୬ ପଏଣ୍ଟ ହ୍ରାସ ପାଇ ୧୧୮.୨ ପଏଣ୍ଟରେ ରହିଛି। ସେହିଭଳି ତାଳଚେର ଓ ଅନୁଗୋଳରେ ମଧ୍ୟ ଏହା ୧୨୬.୭ ପଏଣ୍ଟରେ ଥିବା ବେଳେ ଜାନୁୟାରୀରେ ଏହା ୧.୭ ପଏଣ୍ଟ କମି ୧୨୫.୪ ପଏଣ୍ଟ ହୋଇଛି। ସେହିପରି କଟକରେ ୧୨୬ ଥିଲା ବେଳେ ଏହା ୧.୪ ପଏଣ୍ଟ କମି ଜାନୁୟାରୀରେ ୧୨୪.୬ ପଏଣ୍ଟରେ ପହଞ୍ଚିଛି। କେନ୍ଦୁଝରରେ ମଧ୍ୟ ଏହା ୧୨୪.୬ ପଏଣ୍ଟରେ ରହିଥିଲା। ଜାନୁୟାରୀରେ ଏହା ୦.୨ ପଏଣ୍ଟ ବଢି ୧୨୪.୮ପଏଣ୍ଟ ହୋଇଛି।

ଅନ୍ୟପକ୍ଷରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗର କର୍ମଚାରୀମାନେ ମଧ୍ୟ ବର୍ତ୍ତମାନ ୧୭୧.୬% ଭତ୍ତା ପାଉଛନ୍ତି। ଜାନୁୟାରୀରେ ଏହା ୧.୬୮% ହ୍ରାସ ପାଇ ୧୬୯.୯୨% ରେ ରହିଛି। ଏହି ଦରକୁ ସେମାନେ ଏପ୍ରିଲ ପହିଲାଠାରୁ ପାଇପାରିବେ ବୋଲି ଜଣାପଡିଛି। ବ୍ୟାଙ୍କ କର୍ମଚାରୀମାନେ ବର୍ତ୍ତମାନ ସମୟରେ ୮୫.୨% ଭତ୍ତା ପାଉଛନ୍ତି। ଏହି ଭତ୍ତା ୨% କମିଥିବା ଜଣାପଡିଛି। ବର୍ତ୍ତମାନ ସମୟରେ ୮୩.୨% ସଂଶୋଧିତ ହାରରେ ୨୪.୫% ସେମାନଙ୍କୁ ମେ'ମାସ ଠାରୁ ମିଳିବ ବୋଲି ଜଣାପଡ଼ିଛି। ବୀମା କର୍ମଚାରୀମାନେ ବର୍ତ୍ତମାନ ସମୟରେ ୬୮.୫% ପାଉଥିବା ବେଳେ ୨% ହ୍ରାସ ପାଇଛି। ଫଳରେ ସେମାନେ ୭୬.୫ % ମେ ୧ଠାରୁ ପାଇପାରିବେ ବୋଲି ସୂଚନା ମିଳିଛି। ସରକାରୀ କର୍ମଚାରୀ ଏବେ ୧୭% ଭତ୍ତା ପାଉଛନ୍ତି । ବର୍ତ୍ତମାନ ଏହା ୧୧% ବୃଦ୍ଧି ପାଇଛି। ଏହି ବୃଦ୍ଧି ପରିମାଣକୁ ସେମାନଙ୍କୁ ୨୦୨୦ ଜାନୁୟାରୀରେ ୪%, ୨୦୨୦ ଜୁଲାଇରୁ ୩% ଏବଂ ୨୦୨୧ ଜାନୁୟାରୀରେ ୪% ଏବଂ ଜୁଲାଇରେ ବଳକା ୪% ମିଳିବ ବୋଲି ଜଣାପଡିଛି।

# କିକ୍ସ ଆଣ୍ଡ କ୍ରଲ୍ ପକ୍ଷରୁ ନୂଆ ପ୍ରଡକ୍ଟ

ଭୁବନେଶ୍ୱର,୨୭।୨



ଦେଶର ଅଗ୍ରଣୀ କମ୍ପାନୀ କିକ୍ସ ଆଣ୍ଡ କ୍ରଲ୍ ପକ୍ଷରୁ ଗର୍ଭଧାରଣ ସମୟରେ ମାଆ ଓ ପିଲାଙ୍କ ପାଇଁ ଆବଶ୍ୟକ ବିଭିନ୍ନ ପ୍ରକାର ପ୍ରଡକ୍ଟର ଶୁଭାରମ୍ଭ କରାଯାଇଛି। କମ୍ପାନୀର ଏହି ନୂତନ ସାମଗ୍ରୀ ବିଶେଷକରି ପ୍ରଥମ ଥର ପାଇଁ ମା' ହେବାକୁ ଯାଉଥିବା ମହିଳାଙ୍କୁ ଅନେକ ପ୍ରକାର ପୋଷାକଠାରୁ ଆରମ୍ଭକରି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯାଉଛି। ସେହିଭଳି ନୂତନ ଭାବରେ ଜନ୍ମ ଗ୍ରହଣ କରିଥିବା ଶିଶୁର ସବୁ ପ୍ରକାର ଆବଶ୍ୟକ ସାମଗ୍ରୀ ଉପଲବ୍ଧ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। କମ୍ପାନୀର ଏହିସବୁ ଆବଶ୍ୟକ ସାମଗ୍ରୀ ଓ ଉତ୍ପାଦଗୁଡିକ ବିଷୟରେ ଦେଶ ଓ ବିଦେଶର ଗ୍ରାହକମାନେ ସେମାନଙ୍କ ମତ ଓ ଏହାର ଉତ୍ପାଦ ସମ୍ପର୍କରେ ମତବ୍ୟକ୍ତ କରିଛନ୍ତି। ସେମାନଙ୍କ କହିବା କଥା ଯେ କିକ୍ସ ଆଣ୍ଡ କ୍ରଲ୍‌ର ସମସ୍ତ ଆବଶ୍ୟକ ସାମଗ୍ରୀ ନୂଆ କରି ମା' ହେବାର ଅନୁଭୂତିକୁ ଆହୁରି ତାଜା କରିଛି। ସେହିଭଳି ନବଜାତ ଶିଶୁର କୋମଳ ଶରୀର ପାଇଁ ଏହାର ସବୁ ଉତ୍ପାଦ ବେଶ୍ ଉପଯୋଗୀ ବୋଲି ଉପଭୋକ୍ତାମାନେ ମତ ଦେଇଛନ୍ତି।

# ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ବିମାନ କଟକଣା

**ନୂଆଦିଲ୍ଲୀ,୨୭।୨:** ଆନ୍ତର୍ଜାତିକ ଯାତ୍ରୀବାହୀ ବିମାନ ଉପରେ ୩୧ ମାର୍ଚ୍ଚ ପର୍ଯ୍ୟନ୍ତ କଟକଣା ଲାଗୁ କରାଯାଇଥିବା ସମ୍ପର୍କରେ ଡାଇରେକ୍ଟୋରେଟ୍ ଜେନେରାଲ ଅଫ୍ ସିଭିଲ ଆଭିଏସନ (ଡିଜିସିଏ) ପକ୍ଷରୁ ଏକ ପ୍ରେସ୍ ବିବୃତିରେ ସବିଶେଷ ସୂଚନା ଦିଆଯାଇଛି। ୨୦୨୧ ମାର୍ଚ୍ଚ ୩୧ ତାରିଖ ରାତି ୨୩. ୫୯ ପର୍ଯ୍ୟନ୍ତ ଭାରତରୁ ଯାଉଥିବା ଏବଂ ଭାରତକୁ ଆସୁଥିବା ନିୟମିତ ଆନ୍ତର୍ଜାତିକ ବାଣିଜ୍ୟିକ ଯାତ୍ରୀବାହୀ ବିମାନ ଚଳାଚଳ ଉପରେ କଟକଣା ବଳବତ୍ତର ରହିବ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ୨୦୨୦ ଜୁନ୍ ୨୬ ତାରିଖରେ ଡିଜିସିଏ ଏଭଳି କଟକଣା ଜାରି କରିଥିଲା। ଉକ୍ତ କଟକଣା ସଂକ୍ରାନ୍ତ ଆଦେଶନାମାକୁ ସାମାନ୍ୟ ସଂଶୋଧନ କରାଯାଇ ଶୁକ୍ରବାର ଡିଜିସିଏ ପକ୍ଷରୁ ଏହି କଟକଣା ଜାରି କରାଯାଇଛି।

# ବିଟ୍ କଏନ୍ ମୂଲ୍ୟ ହ୍ରାସର ସମ୍ମୁଖୀନ

ନୂଆଦିଲ୍ଲୀ,୨୭।୨

ବିଶ୍ୱର ସବୁଠୁ ମୂଲ୍ୟବାନ ଡିଜିଟାଲ ମୁଦ୍ରା କୁହାଯାଉଥିବା କ୍ରିପ୍ଟୋ କରେନ୍ସି ବା ବିଟ୍ କଏନ୍ ବର୍ତ୍ତମାନ ସମୟରେ ମୂଲ୍ୟ ହ୍ରାସର ସମ୍ମୁଖୀନ ହୋଇଛି। ଗତ କିଛି ଦିନ ହେବ ଏହା ଦ୍ରୁତଗତିରେ ବୃଦ୍ଧି ପାଉଥିବା ବେଳେ ୨ଦିନ ହେଲା ସେଥିରେ ଅସ୍ଥିରତା ଦେଖାଦେଇଛି। ପୂର୍ବରୁ ଏହାର ମୂଲ୍ୟ ୫୬ ହଜାର ଡଲାରରେ ଥିବାବେଳେ ଶନିବାର ଏହି କଏନ ଦର ୪୬ ହଜାର ୩୦୦ ଡଲାରରେ କାରବାର କରୁଥିବା ଦେଖାଯାଇଛି। ବିଟ୍‌କଏନ୍ ଗୋଟିଏ ବର୍ଷରେ ନିବେଶକଙ୍କୁ ୫୪.୮୫% ରିଟର୍ନ ଦେଇଥିବା ଜଣାପଡିଛି। ଏଥିରେ ଏଲନ ମସ୍କ ନିବେଶ କରିବା ପରଠାରୁ ଏହାର ଦର ଅନିୟନ୍ତ୍ରିତ ହୋଇଚାଲିଥିଲା। ଫଳରେ ପ୍ରାୟ ୩୫୦ ବିଲିୟନ ଡଲାର ମାର୍କେଟ କ୍ୟାପିଟାଲ ବୃଦ୍ଧି ସହ ବିଟ୍ କଏନ୍ ବିଶ୍ୱର ସବୁଠୁ ମୂଲ୍ୟବାନ ମୁଦ୍ରାରେ ପରିବର୍ତ୍ତିତ ହୋଇସାରିଥିଲା। ସାରା ବିଶ୍ୱ ୨୦୦୯ ମସିହାରେ ଗୁରୁତର ଭାବେ ଆର୍ଥିକ ସଙ୍କଟରେ ଗତି କରୁଥିବା ବେଳେ ଏହି ଡିଜିଟାଲ ମୁଦ୍ରାର ନୂଆକରି ନିବେଶ ଆରମ୍ଭ ହୋଇଥିଲା। ଏହା ୨୦୧୭ ବେଳକୁ ବିଶ୍ୱବାସୀଙ୍କୁ ଆକୃଷ୍ଟ କରିବା ସହ ନିବେଶର ମାଧ୍ୟମ ହୋଇସାରିଥିଲା। ତେବେ ୨୦୧୮ ମସିହାରେ ଅଚାନକ ଏହାର କାରବାର ହ୍ରାସ ହେବା ନିବେଶକଙ୍କୁ କ୍ଷତିରେ ପକାଇଥିଲା।

ଭାରତୀୟ ରିଜର୍ଭ ବ୍ୟାଙ୍କ
www.rbi.org.in

**ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥା କିମ୍ବା ରିଜର୍ଭ ବ୍ୟାଙ୍କର କୌଣସି ବିଭାଗ ବିରୁଦ୍ଧରେ ଅଭିଯୋଗର ନିରାକରଣ**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଦେଶସାରା ନିଜର କାର୍ଯ୍ୟାଳୟରେ ଅଭିଯୋଗର ନିରାକରଣ ପାଇଁ ବିଭିନ୍ନ ମାଧ୍ୟମ ସ୍ଥାପନ କରିଅଛି।

ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥା ଯଥା: ବାଣିଜ୍ୟକ ବ୍ୟାଙ୍କ, ଆଞ୍ଚଳିକ ଗ୍ରାମ୍ୟବ୍ୟାଙ୍କ, ସମବାୟ ବ୍ୟାଙ୍କ କିମ୍ବା ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ (ଭାରତୀୟ ରିଜର୍ଭ ବ୍ୟାଙ୍କ ଆଇନ ୧୯୩୪ର ଧାରା ୪୫-IA ଅନୁଯାୟୀ ପଞ୍ଜୀକୃତ) ଅଣବ୍ୟାଙ୍କିଙ୍ଗ୍ ସଂସ୍ଥାମାନଙ୍କର ଡ଼ିଜିଟାଲ୍ ନେଣ ଦେଣ (ଦେୟ ପ୍ରଦାନ ଏବଂ ବନ୍ଦୋବସ୍ତ ବ୍ୟବସ୍ଥା ଅଧିନିୟମ ୨୦୦୭ ଅଧୀନସ୍ତ) ଜମା ବୀମା ଓ ଋଣ ନିକ୍ଷେପ ନିଗମ କିମ୍ବା ନିଜର କୌଣସି ବିଭାଗ ବିରୁଦ୍ଧରେ ଯଦି କୌଣସି ବ୍ୟକ୍ତିଙ୍କର ସେବା ଅବହେଳା ଜନିତ ଅଭିଯୋଗ ଥାଏ ତେବେ ସେ ଭାରତୀୟ ରିଜର୍ଭ ବ୍ୟାଙ୍କର **କମ୍ପ୍ଲେଣ୍ଟ୍ ମ୍ୟାନେଜ୍‌ମେଣ୍ଟ୍ ସିଷ୍ଟମ୍ (ସି.ଏମ୍.ଏସ୍.) ୱେବ୍‌ସାଇଟ୍ https://www.rbi.org.in>> lodge a complaint>>** ମାଧ୍ୟମରେ ତାଙ୍କ ଅଭିଯୋଗକୁ ପୂର୍ଣ୍ଣ ବିବରଣୀ ଏବଂ ସମର୍ଥିତ କାଗଜପତ୍ର ସହିତ ଦାଖଲ କରିପାରିବେ।

ଗ୍ରାହକଙ୍କୁ ଅଭିଯୋଗ ସମାଧାନ ବ୍ୟବସ୍ଥା ସମ୍ବନ୍ଧରେ ସଚେତନତା ବଢ଼ାଇବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କର ଲୋକପାଳ ଯୋଜନାଗୁଡ଼ିକ ଏବଂ ସମ୍ବନ୍ଧିତ ଏଫ୍.ଏ.କ୍ୟୁ (FAQ) ସି.ଏମ୍.ଏସ୍. ପୋର୍ଟାଲରେ ଦିଆଯାଇଅଛି। ସମସ୍ତ ଅଭିଯୋଗକର୍ତ୍ତାଙ୍କୁ ଅନୁରୋଧ ଯେ ଅଭିଯୋଗ ଦାଖଲ କରିବା ପୂର୍ବରୁ ଦୟାକରି ଏ ସବୁକୁ ପଢ଼ନ୍ତୁ ଯଦି କୌଣସି ବ୍ୟକ୍ତି ଉପଭୋକ୍ତା ଅଭିଯୋଗ ଉପରେ ଅନ୍‌ଲାଇନ୍ ଅଭିଯୋଗ ଦାଖଲ କରିନପାରନ୍ତି, ତେବେ ନିମ୍ନଲିଖିତ ଠିକଣାରେ ତାଙ୍କ ଅଭିଯୋଗକୁ ପୋଷ୍ଟ/ବ୍ୟକ୍ତିଗତ କିମ୍ବା ଇ-ମେଲ୍ ମାଧ୍ୟମରେ ଦାଖଲ କରିପାରିବେ।

ଭାଗ 'କ'

୧. **ବ୍ୟାକିଙ୍ଗ୍ ଲୋକପାଳ, ଯୋଜନା 2006 (BO Scheme, 2006)**
(ବ୍ୟାକିଙ୍ଗ୍ ଲୋକପାଳ ଯୋଜନା, ୨୦୦୬ ର ଧାରା ୮ ରେ ନିର୍ଦ୍ଦିଷ୍ଟ ଅଭିଯୋଗର ନିରାକରଣ)
**ବ୍ୟାକିଙ୍ଗ୍ ଲୋକପାଳ କାର୍ଯ୍ୟାଳୟ** (ଭୁବନେଶ୍ୱର)
ମାର୍ଫତ୍-ଭାରତୀୟ ରିଜର୍ଭ ବ୍ୟାଙ୍କ, ତୃତୀୟ ମହଲା, ପଣ୍ଡିତ ଜବାହରଲାଲ୍ ନେହେରୁ ମାର୍ଗ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୧
ଟେଲିଫୋନ୍-୦୬୭୪-୨୩୯୬୨୦୭
ଇମେଲ୍-cms.bobhubaneswar@rbi.org.in
କାର୍ଯ୍ୟାଳୟ ସମୟ-ପୂର୍ବାହ୍ନ ୯.୩୫ ରୁ ଅପରାହ୍ନ ୫.୩୫

୨. **ଲୋକପାଳ ଯୋଜନା-ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ (NBFC-O Scheme, 2018)**
(ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ, କୋଲକତା କେନ୍ଦ୍ର ଲୋକପାଳ ଯୋଜନା ୨୦୧୮ ଅନ୍ତର୍ଗତ ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ ବିରୁଦ୍ଧରେ ଏବଂ ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ ଲୋକପାଳ ଯୋଜନାର ଧାରା ୮ ଅଧୀନରେ ଆସୁଥିବା ଅଭିଯୋଗର ନିରାକରଣ ପାଇଁ)
**ଲୋକପାଳ-ଅଣବ୍ୟାକିଙ୍ଗ ବିତ୍ତୀୟ** କମ୍ପାନୀ- କୋଲକତା କେନ୍ଦ୍ର (ପୂର୍ବ କ୍ଷେତ୍ର)*
ମାର୍ଫତ: ଭାରତୀୟ ରିଜର୍ଭ ବ୍ୟାଙ୍କ
ଠିକଣା: ୧୫, ନେତାଜୀ ସୁଭାଷ ମାର୍ଗ, କୋଲକତା-୭୦୦୦୦୧
ଟେଲିଫୋନ୍ ନମ୍ବର : ୦୩୩-୨୩୩୦୪୯୮୨
ଇମେଲ୍-cms.nbfckolkata@rbi.org.in
କାର୍ଯ୍ୟାଳୟ ସମୟ-ପୂର୍ବାହ୍ନ ୯.୩୦ ରୁ ଅପରାହ୍ନ ୫.୩୦

**ଟିପଣୀ*** କୋଲକତା ଅଣବ୍ୟାଙ୍କିଙ୍ଗ୍ ଲୋକପାଳଙ୍କ କ୍ଷେତ୍ରାଧିକାରରେ ପଶ୍ଚିମବଙ୍ଗ, ସିକ୍କିମ୍, ଓଡ଼ିଶା, ଆସାମ, ଅରୁଣାଚଳ ପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲ୍ୟାଣ୍ଡ, ତ୍ରିପୁରା, ବିହାର ଓ ଝାଡ଼ଖଣ୍ଡ ସାମିଲ୍ ଅଛି।

୩. **ଡ଼ିଜିଟାଲ୍ ନେଣଦେଣ ପାଇଁ ଲୋକପାଳ ଯୋଜନା (OSDT 2019)**
(ଓ.ଏସ୍.ଡ଼ି.ଟି. ଅଧିନରେ ଆସୁଥିବା ଦେୟ ପ୍ରଦାନ ଏବଂ ବନ୍ଦୋବସ୍ତ ବ୍ୟବସ୍ଥା ଅଧିନିୟମ ୨୦୦୭ ଅନୁଯାୟୀ ବ୍ୟବସ୍ଥା ପ୍ରତିଯୋଗୀ (ସିଷ୍ଟମ୍ ପାର୍ଟିସିପ୍ୟାଣ୍ଟସ୍)ଙ୍କ ବିରୁଦ୍ଧରେ ଓଏସ୍.ଡ଼ି.ଟି ର ଧାରା ୮ରେ ସୂଚୀତ ଆଧାର ଅନୁସାରେ ଅଭିଯୋଗ ନିରାକରଣ ପାଇଁ)
**ଲୋକପାଳ, ଡ଼ିଜିଟାଲ୍ ନେଣ ଦେଣ (ଭୁବନେଶ୍ୱର)**
ମାର୍ଫତ: ଭାରତୀୟ ରିଜର୍ଭ ବ୍ୟାଙ୍କ
ଠିକଣା:ପଣ୍ଡିତ୍ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଟେଲିଫୋନ୍ ନମ୍ବର-୦୬୭୪-୨୩୯୬୨୦୭, ୨୩୯୬୦୦୮, ଫାକ୍ସ ନଂ. ୨୩୯୩୯୦୬
ଇ-ମେଲ୍-cms.odtbhubaneswar@rbi.org.in
କାର୍ଯ୍ୟାଳୟ ସମୟ-ପୂର୍ବାହ୍ନ-୯.୩୫ ରୁ ଅପରାହ୍ନ-୫.୩୫

ଭାଗ 'ଖ'

୪. **ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା କକ୍ଷ (CEPC)**
(ଭାରତୀୟ ରିଜର୍ଭ ବ୍ୟାଙ୍କର ଲୋକପାଳ ଯୋଜନା ଅନ୍ତର୍ଗତ ହୋଇନଥିବା ଅଭିଯୋଗର ନିରାକରଣ ପାଇଁ)
ସହାୟକ ମହାପ୍ରବନ୍ଧକ
ଠିକଣା: ଭାରତୀୟ ରିଜର୍ଭ ବ୍ୟାଙ୍କ, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୧
ଟେଲିଫୋନ ନମ୍ବର-୦୬୭୪-୨୩୯୦୦୭୪
ଇ-ମେଲ୍-cms.cepcbhubaneswar@rbi.org.in,
କାର୍ଯ୍ୟାଳୟ ସମୟ-ପୂର୍ବାହ୍ନ-୯.୩୫ ଅପରାହ୍ନ-୫.୩୫ଘଣ୍ଟା

୫. **ଜମାବୀମା ଓ ଋଣ ନିକ୍ଷେପ ନିଗମ (DICGC) ବିରୁଦ୍ଧରେ ଅଭିଯୋଗ**
ସାଧାରଣ ବ୍ୟକ୍ତି ଜମାବୀମା ଓ ଋଣ ନିକ୍ଷେପ ନିଗମ ବିରୁଦ୍ଧରେ ଅଭିଯୋଗକୁ ନିମ୍ନୋକ୍ତ ଠିକଣା/ଇ-ମେଲ୍ ମାଧ୍ୟମରେ ଦାଖଲ କରିପାରିବେ।
**ଜମାବୀମା ଓ ଋଣ ନିକ୍ଷେପ ନିଗମ (DICGC)**
ମହାପ୍ରବନ୍ଧକ
ଜମାବୀମା ଓ ଋଣ ନିକ୍ଷେପ ନିଗମ, ଅଭିଯୋଗ ନିରାକରଣ କକ୍ଷ, ଭାରତୀୟ ରିଜର୍ଭ ବ୍ୟାଙ୍କ ଭବନ,
୨ୟ ମହଲା, ମୁମ୍ବାଇ ସେଣ୍ଟ୍ରାଲ୍ ରେଲୱେ ଷ୍ଟେସନ ସମ୍ମୁଖ, ମୁମ୍ବାଇ-୪୦୦୦୦୮,
ଅଭିଯୋଗକାରୀ ଉପ ମହାପ୍ରବନ୍ଧକ ଶ୍ରୀ ଦୀପକ ନାରଙ୍ଗଙ୍କୁ ମଧ୍ୟ ଟେଲିଫୋନ ନମ୍ବର-୦୨୨-୨୩୦୨୬୪୦୦, ବିସ୍ତାର ସଂଖ୍ୟା-୮୨୦୪ କିମ୍ବା ଇ-ମେଲ-dicgc@rbi.org.in ମାଧ୍ୟମରେ ଯୋଗାଯୋଗ କରିପାରିବେ।

**ଗୁରୁତ୍ୱପୂର୍ଣ୍ଣ ସୂଚନା**

**ଟିପ୍ପଣୀ ୧:** ବ୍ୟାଙ୍କ ଲୋକପାଳ ଯୋଜନା, ୨୦୦୬ କିମ୍ବା ଅଣବ୍ୟାଙ୍କିଙ୍ଗ ବିତ୍ତୀୟ କଂପାନୀ ଲୋକପାଳ ଯୋଜନା, ୨୦୧୮ କିମ୍ବା ଡ଼ିଜିଟାଲ ନେଣ-ଦେଣ ଲୋକପାଳ ଯୋଜନା, ୨୦୧୯କିମ୍ବା ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା କକ୍ଷ ଅନ୍ତର୍ଗତ ଅଭିଯୋଗ ଦାଖଲ କରିବା ପାଇଁ ଅଭିଯୋଗକାରୀ ଦୟାପୂର୍ବକ ଧ୍ୟାନ ଦିଅନ୍ତୁ ଯେ ନିଜ ଅଭିଯୋଗର ନିରାକରଣ ପାଇଁ ପ୍ରଥମେ ବ୍ୟାଙ୍କ ଶାଖା/ରିଜର୍ଭ ବ୍ୟାଙ୍କରେ ପଞ୍ଜିକୃତ ହୋଇ ଜମା ଗ୍ରହଣ କରୁଥିବା ଅଣବ୍ୟାଙ୍କିଙ୍ଗ ବିତ୍ତୀୟ କମ୍ପାନୀ ପଦ୍ଧତି ଅଂଶଗ୍ରହଣକାରୀ (ସିଷ୍ଟମ୍ ପାର୍ଟିସିପ୍ୟାଣ୍ଟ)ଙ୍କ ସହ ସମ୍ପର୍କ ସ୍ଥାପନ କରନ୍ତୁ। ଯଦି ସମ୍ବନ୍ଧିତ ବ୍ୟାଙ୍କ/ଅଣବ୍ୟାଙ୍କିକ/ବିତ୍ତୀୟ କମ୍ପାନୀ/ପଦ୍ଧତି ଅଂଶଗ୍ରହଣକାରୀ (ସିଷ୍ଟମ୍ ପାର୍ଟିସିପ୍ୟାଣ୍ଟ) ସେବା ଅବହେଳା ସମ୍ପର୍କିତ ଅଭିଯୋଗର ନିରାକରଣ ୩୦ ଦିନ ଭିତରେ ନ କରନ୍ତି କିମ୍ବା, ଅଭିଯୋଗକାରୀ ତାଙ୍କର ଉତ୍ତରରେ ସନ୍ତୁଷ୍ଟ ନ ହୁଅନ୍ତି, ତେବେ ସେ ତା'ପରେ ଉତ୍ତର ପ୍ରାପ୍ତିର ଏକ ବର୍ଷ ମଧ୍ୟରେ କିମ୍ବା ଉତ୍ତର ପ୍ରାପ୍ତି ନ ହୋଇଥିଲେ ଅଭିଯୋଗ ଦେଇଥିବା ତାରିଖ ଠାରୁ ଏକ ବର୍ଷ ଏକ ମାସ ମଧ୍ୟରେ ସମ୍ପୃକ୍ତ ଲୋକପାଳଙ୍କୁ ଅଭିଯୋଗ କରିପାରିବେ।

**ଟିପ୍ପଣୀ ୨:** ଯଦି କୌଣସି ବ୍ୟାଙ୍କ/ପଦ୍ଧତି ଅଂଶଗ୍ରହଣକାରୀଙ୍କ କାର୍ଯ୍ୟାଳୟ କାର୍ଯ୍ୟାଳୟ ବିରୁଦ୍ଧରେ ଅଭିଯୋଗ ରହିଛି, ତା'ହେଲେ ଶାଖା/କାର୍ଯ୍ୟାଳୟ ଯେଉଁ ଜିଲ୍ଲା/ରାଜ୍ୟରେ ରହିଛି, ସେହି ଅନୁସାରେ ସମ୍ବନ୍ଧିତ ଲୋକପାଳ (ଯୋଜନାର ଭାଗ ୮ ର ଅଧୀନରେ) କିମ୍ବା ଉପଭୋକ୍ତା ଶିକ୍ଷା ଓ ସୁରକ୍ଷା କକ୍ଷ (ଯୋଜନାର ଭାଗ ୮ ର ଅଧୀନରେ ନଥିବା)ଙ୍କ ପାଖରେ ଅଭିଯୋଗ ଦାଖଲ କରନ୍ତୁ।

**ଟିପ୍ପଣୀ ୩:** ଯଦି କୌଣସି ଅଣବ୍ୟାଙ୍କିକ୍ ବିତ୍ତୀୟ କମ୍ପାନୀ, ଲୋକପାଳ ଯୋଜନାର ଅଧୀନରେ ରହିଛି, ତା' ହେଲେ ଅଣବ୍ୟାଙ୍କିକ୍ ବିତ୍ତୀୟ କମ୍ପାନୀର ଶାଖା/କାର୍ଯ୍ୟାଳୟ, ଯେଉଁ ଅଣବ୍ୟାଙ୍କିକ୍ ବିତ୍ତୀୟ କମ୍ପାନୀ ଟ୍ରଲୋକପାଳଙ୍କ କ୍ଷେତ୍ରରେ ଅଛି, ତାଙ୍କ ନିକଟରେ ଅଭିଯୋଗ ଦାଖଲ କରିବା ଜରୁରୀ ଅଟେ। ଯଦି ସମ୍ବନ୍ଧିତ ଅଣବ୍ୟାଙ୍କିକ୍ ବିତ୍ତୀୟ କମ୍ପାନୀ, ଲୋକପାଳ ଯୋଜନା ଅଧୀନରେ ଆସୁନାହିଁ, ତା' ହେଲେ ସେମାନେ, ନିଜ ଠିକଣା ଯେଉଁ ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା କକ୍ଷର ଅନ୍ତର୍ଗତ, ସେହି ଅନୁସାରେ ଅଭିଯୋଗ ଦାଖଲ କରିପାରିବେ।

**ଲୋକପାଳଙ୍କ ନିଷ୍ପତ୍ତିର ପୁନର୍ବିଚାର ପାଇଁ ଆବେଦନ:**

ବ୍ୟାଙ୍କ୍ ଲୋକପାଳ ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ ଲୋକପାଳ ଏବଂ ଡିଜିଟାଲ ନେଣଦେଣ ଲୋକପାଳଙ୍କ ନିଷ୍ପତ୍ତିର ପୁନର୍ବିଚାର ପାଇଁ ଅପିଲ୍ ଲୋକପାଳଙ୍କ ନିଷ୍ପତ୍ତି ସୂଚନା ପ୍ରାପ୍ତିର ୩୦ ଦିନ ମଧ୍ୟରେ ଯଦି ସମାପ୍ତ ହୋଇଥିବା ଅଭିଯୋଗଟି ଏହି ଯୋଜନାରେ ସୂଚୀତ ଧାରା ଅନୁସାରେ ପୁନର୍ବିଚାର ଯୋଗ୍ୟ ହୋଇଥାଏ, ତେବେ ଭାରତୀୟ ରିଜର୍ଭ ବ୍ୟାଙ୍କର **ୱେବ୍‌ସାଇଟ୍‌ର cms ପୋର୍ଟାଲ୍-https://www.rbi.org.in>>lodge a complaint>>file an appeal online** ଦ୍ୱାରା କିମ୍ବା **ପୁନର୍ବିଚାର ଅଧିକାରୀ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା ବିଭାଗ, କେନ୍ଦ୍ରୀୟ କାର୍ଯ୍ୟାଳୟ, ଅମର ଭବନ, ସାର୍ ପି.ଏମ୍ ରୋଡ଼, ଫୋର୍ଟ, ମୁମ୍ବାଇ-୪୦୦୦୦୧** ଙ୍କ ଠାରେ ଡ଼ାକ ଦ୍ୱାରା ଦାଖଲ କରିପାରିବେ।

**ଟିପ୍ପଣୀ : ଅଭିଯୋଗକାରୀ ନିଜର ନାମ ଠିକଣା ଏବଂ ମୋବାଇଲ୍ ନମ୍ବର ଅଭିଯୋଗରେ ଦର୍ଶାଇବା ଆବଶ୍ୟକ।**

## ରାଜ୍ୟ ଖବର

# ବାଇକ୍ ଉପରେ ଗଛ ପଡ଼ି ନାବାଳକଙ୍କ ମୃତ୍ୟୁ

ଯାଜପୁର ଟାଉନ/ବନ୍ତ,୨୭।୨(ଡି.ଏନ.ଏ./ସ୍ୱ.ପ୍ର.)

- ମା'ବାପା, ଭଉଣୀ ଗୁରୁତର
- କ୍ଷତିପୂରଣ ଦାବିରେ ରାସ୍ତାରୋକୋ
- ବେଆଇନ ଗଛକଟା ଯୋଗୁ ଘଟିଲା ଦୁର୍ଘଟଣା

ଯାଜପୁର ଟାଉନ ଥାନା ଅଧୀନ ଯୋଡ଼ିକୂଅ ଛକ ନିକଟରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ରାସ୍ତା କଡ଼ରେ କଟା ଯାଉଥିବା ଏକ ବିରାଟ ଗଛ ପଡ଼ିଯିବାରୁ ମା' ବିରଜାଙ୍କ ଦର୍ଶନ ସାରି ଫେରୁଥିବା ଭଦ୍ରକ ଜିଲା ଆଗରପଡ଼ା ଥାନା ଅଧୀନ ଆଡ଼ିଆ ଗ୍ରାମର ସୁନନ୍ଦ ବିନ୍ଧାଣିଙ୍କ ୪ ବର୍ଷର ପୁଅ ରାହୁଲଙ୍କ ମୃତ୍ୟୁ ହୋଇଛି। ସୁନନ୍ଦ ଓ ତାଙ୍କ ସ୍ତ୍ରୀ ସସ୍ମିତା ଏବଂ ୧୧ ବର୍ଷିଆ ଝିଅ ଯସ୍ମିନ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହି ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିକରି ରାସ୍ତାରୋକୋ କରିଥିଲେ। ପୋଲିସ ପହଞ୍ଚି ଆନ୍ଦୋଳକାରୀଙ୍କୁ ବୁଝାଶୁଝା କରିଥିଲା। ଯାଜପୁର ଅତିରିକ୍ତ ତହସିଲଦାର କ୍ଷୀରୋଦ କୁମାର ଦାଶ ପହଞ୍ଚି ମୃତକଙ୍କ ପରିବାରକୁ ରେଡ୍‌କ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ସହାୟତା ଦେବାକୁ ଘୋଷଣା କରିଥିଲେ। ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ନିଜ ହାତପାଣ୍ଠିରୁ ୫ ଲକ୍ଷ ଟଙ୍କା ଓ ପୂର୍ବତନ ନଗରପାଳ ଭବପ୍ରକାଶ ଦାସ ୫ ହଜାର ଟଙ୍କା ସହାୟତା ଦେବାକୁ ଘୋଷଣା କରିବା ପରେ ରାସ୍ତାରୋକୋ ହଟିଥିଲା।



ବାଇକ୍ ଚୁରମାର ହୋଇଯାଇଛି।

ମିଳିଥିବା ସୂଚନା ଅନୁସାରେ, ସୁନନ୍ଦ ତାଙ୍କ ପରିବାରକୁ ବିରଜା ଦର୍ଶନ କରାଇବା ପାଇଁ ବାଇକ୍‌ରେ ଆସିଥିଲେ। ମା'ଙ୍କ ଦର୍ଶନ ସାରି ଫେରୁଥିବା ସମୟରେ ହଠାତ୍ ବିଶାଳକାୟ ଗଛ ତାଙ୍କ ବାଇକ୍ ଉପରେ ପଡ଼ିଥିଲା। ଦୁର୍ଘଟଣାରେ ବାଇକ୍ ଚୁରମାର ହୋଇଯାଇଛି। ତେବେ ସେଠାରେ ଗଛ କାହିଁକି କଟାଯାଉଥିଲା, ପୂର୍ବରୁ ପୋଲିସକୁ ସୂଚନା ଦିଆଯାଇଥିଲା କି ନାହିଁ, କାହା ଅନୁମତିରେ ଗଛ କଟାଯାଉଥିଲା ବୋଲି ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୋଲିସ ତଦନ୍ତ କରି ତୁରନ୍ତ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ବେଆଇନ ଗଛକଟା ଯୋଗୁ ଅକାଳରେ ବାଳକଙ୍କ ଜୀବନ ଗଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ନାବାଳକଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ୧୦ ଗ୍ରାମ ବ୍ରାଉନ୍‌ସୁଗାର ଜବତ: ଜଣେ ଗିରଫ

କୁଜଙ୍ଗ,୨୭।୨(ଡି.ଏନ୍.ଏ.)

ଜଗତ୍‌ସିଂହପୁର ଜିଲାର କୁଜଙ୍ଗ ବିବି ହାଇସ୍କୁଲ ନିକଟରୁ ଶନିବାର ୧୦ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। କୁଜଙ୍ଗ ପୋଲିସ ଓ ପାରାଦୀପ ଅବକାରୀ ବିଭାଗ ପକ୍ଷରୁ ମିଳିତଭାବେ ଏହି ଚଢ଼ାଉ ହୋଇଥିଲା। ଏହି ଅଭିଯୋଗରେ ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ଦେବାଶିଷ ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏନେଇ ଅବକାରୀ ବିଭାଗ ପକ୍ଷରୁ ମାମଲା (ନଂ.୬୮/୨୧) ରୁଜୁ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଜବତ ବ୍ରାଉନ୍‌ସୁଗାରର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ସବ୍‌ଇନ୍ସପେକ୍ଟର ପ୍ରଭାକର ସେଠୀ କହିଛନ୍ତି। ଏହି ଚଢ଼ାଉରେ କୁଜଙ୍ଗ ଥାନା ଅଧିକାରୀ ପାରାଓ ଟୁଡୁ, ସବ୍‌ଇନ୍ସପେକ୍ଟର ସୁବ୍ରଜିତ ଦାସ ଓ ଅବକାରୀ ବିଭାଗ ଟିମ୍ ସାମିଲ ହୋଇଥିଲେ।

# ବିଦ୍ୟାଳୟରେ ୧୪ ପିଲାଙ୍କ ନାମ ଲେଖାଇଲା ପ୍ରଶାସନ

ଚିତ୍ରକୋଣ୍ଡା,୨୭।୨ (ଡି.ଏନ.ଏ.)

**ଜୁମଡାଙ୍ଗ ଉପରୁ ଆନ୍ଧ୍ର ନଜର ହଟାଇବାକୁ ପ୍ରୟାସ**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ଧୂଳିପୁଟ ପଞ୍ଚାୟତର ଜୁମଡାଙ୍ଗ ଗ୍ରାମକୁ ପୂର୍ବରୁ ବିଇଓ ଗାୟତ୍ରୀ ଦେବୀ ଗସ୍ତକରି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଗ୍ରାମର ପିଲାଙ୍କୁ ଶିକ୍ଷାଦାନ ନେଇ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସେହି ଅନୁସାରେ ଶନିବାର ବିଇଓ ଏହି ଗ୍ରାମରେ ପହଞ୍ଚି ଗ୍ରାମର ୬ ଝିଅ ଓ ୮ପୁଅ ଏପରି ୧୪ ଜଣଙ୍କୁ ନେଇ ବଡପଡା ଆବାସିକ ବିଦ୍ୟାଳୟରେ ନାମ ଲେଖାଇଛନ୍ତି। ସେମାନଙ୍କୁ ବହି, ଖାତା,ପୋଷାକ, ଜୋତା ମିଳିଛି। ଏହି ପିଲାମାନେ ଆଉ ତେଲୁଗୁ ବିଦ୍ୟାଳୟକୁ ଯିବେନାହିଁ। ତେଲୁଗୁ ବଦଳରେ ଓଡ଼ିଆ ପଢିବେ ବୋଲି ବିଇଓ କହିଛନ୍ତି।

ମାଲକାନଗିରି-ଆନ୍ଧ୍ର ସୀମାନ୍ତ ଜୁମଡାଙ୍ଗ ଗ୍ରାମ ଉପରେ ଆନ୍ଧ୍ର ନଜର ପକାଇ ଜୁମଡାଙ୍ଗ ଗ୍ରାମବାସୀଙ୍କୁ ସର୍ବଦା ପ୍ରଲୋଭିତ କରିଚାଲିଛି। ଗ୍ରାମରେ ବିଭିନ୍ନ ଉନ୍ନୟନମୂଳକ ଯୋଜନା କାର୍ଯ୍ୟକାରୀ କରୁଛି। ନିକଟରେ ଆନ୍ଧ୍ରରେ ହେଉଥିବା ପଞ୍ଚାୟତ ନିର୍ବାଚନରେ ଭୋଟ ଦେବାକୁ ଏହି ସୀମାନ୍ତ ଗ୍ରାମବାସୀଙ୍କୁ ପ୍ରବର୍ତ୍ତାଇଥିଲା। ମାତ୍ର ଏନେଇ ଖବର ପାଇ ବିଇଓଙ୍କ ସମେତ ଜିଲା ପ୍ରଶାସନର ଅଧିକାରୀମାନେ ଜୁମଡାଙ୍ଗରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ସେମାନେ ଆନ୍ଧ୍ରର ପଞ୍ଚାୟତ ନିର୍ବାଚନରୁ ଦୂରେଇ ରହିବାକୁ ପ୍ରବର୍ତ୍ତାଇଥିଲେ। ଗ୍ରାମବାସୀ ଆଲୋଚନା ବେଳେ ତାଙ୍କ ଗ୍ରାମରେ ରହିଥିବା ବିଭିନ୍ନ ସମସ୍ୟା ଅଧିକାରୀମାନଙ୍କ ଦୃଷ୍ଟିକୁ ଆଣିବା ସହ ଗ୍ରାମରେ ବିଦ୍ୟାଳୟ ନ ଥିବାରୁ ଗ୍ରାମର ଛୋଟ ପିଲାମାନେ ତେଲୁଗୁ ବିଦ୍ୟାଳୟରେ ପଢ଼ିବାକୁ ବାଧ୍ୟ ହେଉଛନ୍ତି ବୋଲି କହିଥିଲେ। ଏହାକୁ ପ୍ରଶାସନ ଗୁରୁତର ସହ ନେଇ ଉପରୋକ୍ତ ପଦକ୍ଷେପ ନେଇଛି। ବିଇଓଙ୍କ ସହ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅଞ୍ଜନ ଚୌଧୁରୀ, ସିଆର୍‌ସିସି ପୀତାମ୍ବର ଖରା,ପୂର୍ବତନ ସିଆର୍‌ସିସି ନିତାଇ ରାୟ,ଜୁମଡାଙ୍ଗ ଅଞ୍ଚଳର ନଗେଶ ଖିଲ,ସୀତାରାମ ହନ୍ତାଲ,ରାମ ହନ୍ତାଳଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ହତ୍ୟା ଉଦ୍ୟମ, ଜେଲ ଗଲେ ଯୁବକ

**ନୟାଗଡ଼ ଅଫିସ:**ଜଣେ ଯୁବକଙ୍କୁ ପନିକି ଧରି ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ଚଣ୍ଡୀବସ୍ତ ଗାଁର ଦିଲ୍ଲୀପ ପ୍ରଧାନ(୨୫) ଶନିବାର ଜେଲ ଯାଇଛନ୍ତି । ଶୁକ୍ରବାର ପୂର୍ବାହ୍ନରେ ଗାଁ ଗଣ୍ଡଗୋଳକୁ ନେଇ ସେ ସେହି ଗାଁର ଉମେଶ ମାର୍ଥା(୨୩)ଙ୍କୁ ପନିକି ଧରି ହାଣିବାକୁ ଉଦ୍ୟମ କରିଥିଲେ । ଉମେଶ ଖସି ଯାଇ ଥାନାରେ ଅଭିଯୋଗ କରିଥିଲେ । ଏ ନେଇ ଥାନାରେ ଏକ ମାମଲା(ନଂ.୩୯/୨୦) ରୁଜୁ ହୋଇଛି ।

## ଆଜି କ'ଣ କେଉଁଠି

କେନ୍ଦ୍ରାପଡ଼ା

- ବେଦପ୍ରକାଶ ଅଗ୍ରୱାଲା ମେମୋରିଆଲ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍, ସ୍ଥାନ- ଗରାପୁର, କପାଳେଶ୍ୱର, କେନ୍ଦ୍ରାପଡା, ସମୟ- ପୂର୍ବାହ୍ନ ୭ଟା

## ସଂକ୍ଷେପରେ

### ପେଟ୍ରୋଲ ପମ୍ପରୁ ହଟାଇଲେ ମୋଦିଙ୍କ ପୋଷ୍ଟର

**କଂଗ୍ରେସର ଅଭିନବ ପ୍ରତିବାଦ**

**ନୟାଗଡ଼ ଅଫିସ,୨୭।୨:**ପେଟ୍ରୋଲ, ଡିଜେଲ ଓ ଇନ୍ଧନ ଗ୍ୟାସ ଦର ବଢ଼ି ଚାଲିଛି । ଏହି ପରିପ୍ରେକ୍ଷୀରେ ନୟାଗଡ ଜିଲା କଂଗ୍ରେସ ପକ୍ଷରୁ ଅଭିନବ ପ୍ରତିବାଦ କରାଯାଇଛି । ନୟାଗଡ ସହରର ବିଭିନ୍ନ ପେଟ୍ରୋଲ ପମ୍ପରେ ଝୁଲୁଥିବା ମୋଦିଙ୍କ ପୋଷ୍ଟରକୁ କଂଗ୍ରେସ କର୍ମୀମାନେ କାଢ଼ି ଫୋପାଡି ଦେଇଛନ୍ତି। ଜିଲା କଂଗ୍ରେସ ସଭାପତି ରଣଜିତ୍ ଦାଶ, ଜିଲା ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରତୀକ ମହାପାତ୍ର, ଦଶପଲ୍ଲା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଚନ୍ଦନ ମହାଲିକ, ଜିଲା ଛାତ୍ର କଂଗ୍ରେସ ସଭାପତି ଅକ୍ଷୟ ମଲ୍ଲ, ସାଧାରଣ ସମ୍ପାଦକ ଅବଦୁଲ ନିଜାମ ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ । ଚଳିତ ସପ୍ତାହରେ ଜିଲାର ସବୁ ପେଟ୍ରୋଲ ପମ୍ପରୁ ମୋଦିଙ୍କ ପୋଷ୍ଟର ହଟାଇ ତୈଳ ଦର ବୃଦ୍ଧିର ପ୍ରତିବାଦ କରାଯିବ ବୋଲି ଆନ୍ଦୋଳନକାରୀମାନେ କହିଛନ୍ତି ।

### କୋଭିଡ୍ ଟିକା ଦିଆ ନ ଯିବାରୁ ଖବରଦାତାଙ୍କ ଅସନ୍ତୋଷ

**ନୟାଗଡ଼ ଅଫିସ,୨୭।୨:**ସରକାର ଖବରଦାତାମାନଙ୍କୁ କୋଭିଡ୍ ଯୋଦ୍ଧା ଭାବେ ଘୋଷଣା କରିଛନ୍ତି । ହେଲେ ସେମାନଙ୍କୁ ଟିକା ଦିଆଯାଉନାହିଁ। ଏହାକୁ ନେଇ ନୟାଗଡ ଜିଲାର ଖବରଦାତାମାନେ ଅସନ୍ତୋଷ ଓ କ୍ଷୋଭ ପ୍ରକାଶ କରିଛନ୍ତି। ଜିଲାର ବହୁ ଖବରଦାତା କୋଭିଡ୍‌ରେ ଆକ୍ରାନ୍ତ ଥିଲେ। ଏହି ପରିପ୍ରେକ୍ଷୀରେ ଖବରଦାତାମାନଙ୍କୁ ତୁରନ୍ତ ଟିକା ଦିଆଯାଉ ବୋଲି ଦାବି ହୋଇଛି ।

### ଜଙ୍ଗଲ ପୋଡ଼ି ରୋକିବାକୁ ବୁଲିଲା ସଚେତନତା ରଥ

**ଖଣ୍ଡପଡା,୨୭।୨(ସ୍ୱ.ପ୍ର.):** ଜନସଚେତନତାର ଅଭାବରୁ ପ୍ରତିବର୍ଷ ସଂରକ୍ଷିତ ଜଙ୍ଗଲରେ ନିଆଁଲାଗି ବ୍ୟାପକ ଜଙ୍ଗଲ ସମ୍ପଦ ନଷ୍ଟ ହେଉଛି । ଏ ସଂକ୍ରାନ୍ତରେ ସଚେତନତା ସୃଷ୍ଟି ପାଇଁ ଖଣ୍ଡପଡା ବନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି । ଏକ ସଚେତନତା ରଥ ଗାଁ ପରିକ୍ରମା କରିଛି । ଖଣ୍ଡପଡା ବନାଞ୍ଚଳ ଅଧିକାରୀ ଶ୍ରୀଧର ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଏହି ରଥ ଖଣ୍ଡପଡା ଓ ଭାପୁର ବ୍ଲକର ସମସ୍ତ ଗ୍ରାମକୁ ଯାଇ ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଛି ।

### ଶିଶୁ ସୁରକ୍ଷା କର୍ମଶାଳା

**ଖଣ୍ଡପଡ଼ା,୨୭।୨(ସ୍ୱ.ପ୍ର.):** ନୟାଗଡ଼ ଚାଇଲ୍ଡ ଲାଇନ୍ ପକ୍ଷରୁ ଶିଶୁମାନଙ୍କ ସୁରକ୍ଷା ନେଇ ଏକ କର୍ମଶାଳା ଖଣ୍ଡପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଚାଇଲ୍ଡ ଲାଇନର କାଉନସିଲର ଅଳକା ପାହାଡ଼ସିଂଙ୍କ ତତ୍ତ୍ୱାବଧାନରେ ଆୟୋଜିତ କର୍ମଶାଳାରେ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ । ଶିଶୁମାନଙ୍କୁ ସୁରକ୍ଷା ଯୋଗାଇଦେବା, ସେମାନଙ୍କ ଯତ୍ନ ନେବା, ବାଲ୍ୟ ବିବାହ ପରି ଘୃଣ୍ୟ ପ୍ରଥାକୁ ବିରୋଧ କରିବା, ଶିଶୁ ଶ୍ରମିକ ପ୍ରଥାର ବିଲୋପ ସହ ପ୍ରତ୍ୟେକ ଶିଶୁ ଯେପରି ଶିକ୍ଷାଦାନରୁ ବଞ୍ଚିତ ନ ହୁଅନ୍ତି, ସେଥିପ୍ରତି ଦୃଷ୍ଟି ଦେବା ଆଦି ପ୍ରସଙ୍ଗ ଉପରେ ଚାଇଲ୍ଡ ଲାଇନର ସଦସ୍ୟ/ସଦସ୍ୟାମାନେ ଆଲୋକପାତ କରିଥିଲେ ।

### କ୍ରିକେଟ୍ ଟୁର୍ନାମେଣ୍ଟ, ଖଣ୍ଡପଡ଼ା ଚାମ୍ପିୟନ

**ଖଣ୍ଡପଡ଼ା,୨୭।୨(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଗୋଛାବାରୀ ଗାଁ ଖେଳପଡ଼ିଆରେ ମା' ବ୍ରାହ୍ମଣୀ ଦେବୀ କପ୍ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ୟଙ୍ଗ କ୍ରିକେଟ୍ କ୍ଲବ ଖଣ୍ଡପଡ଼ା ୩ ରନରେ ମା' ବ୍ରାହ୍ମଣୀ ଦେବୀ କ୍ରିକେଟ୍ କ୍ଲବକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ପ୍ରଥମେ ଟସ୍ ଜିତି ବ୍ୟାଟିଂ ଆରମ୍ଭ କରି ୟଙ୍ଗ କ୍ରିକେଟ କ୍ଲବ୍ ୧୫ ଓଭରରେ ୭ ଉଇକେଟ ହରାଇ ୧୦୪ ରନ ସଂଗ୍ରହ କରିଥିଲା । ଜବାବରେ ମା' ବ୍ରାହ୍ମଣୀ ଦେବୀ କ୍ରିକେଟ୍ କ୍ଲବ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୧୦୧ ରନ କରିବାକୁ ସକ୍ଷମ ହୋଇଥିଲା। ଖଣ୍ଡପଡାର ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ୩୦୦୧ ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଦଳକୁ ୨୦୦୧ ଟଙ୍କା ପ୍ରଦାନ କରିଥିଲେ ।

# ହିତାଧିକାରୀଙ୍କୁ ଫାଇନାଲ ବିଲ୍ ଚିନ୍ତା

**ନୟାଗଡ଼ ଅଫିସ,୨୭।୨**

- ଆବାସ ଯୋଜନାରେ ଅନିୟମିତତା
- ପ୍ରୋତ୍ସାହନ ରାଶି ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅର୍ଥ ହରାଉଛନ୍ତି ହିତାଧିକାରୀ

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ), ବିଜୁ ପକ୍କାଘର ଯୋଜନାରେ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀଙ୍କୁ ଫାଇନାଲ ବିଲ୍ ପ୍ରଦାନରେ ବିଳମ୍ବ କରାଯାଉଛି। ହିତାଧିକାରୀମାନେ ଏଥିପାଇଁ ବାରମ୍ବାର ଅଫିସକୁ ଦୌଡୁଛନ୍ତି। ବିଭାଗୀୟ ଅଧିକାରୀ ଓ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଗୁହାରି ହେଉଛନ୍ତି । ତଥାପି ସେମାନଙ୍କ କଥା କେହି ଶୁଣୁ ନାହାନ୍ତି । ନିୟମ ଅନୁଯାୟୀ, ପ୍ରଥମ କିସ୍ତି ଟଙ୍କା ପାଇବାର ୪ମାସ ଭିତରେ ଘର ନିର୍ମାଣ ଶେଷ କଲେ ପ୍ରୋତ୍ସାହନ ରାଶି ବାବଦରେ ଏମଜିଏନ୍‌ଆର୍‌ଇଜିଏସ୍ ଅର୍ଥ ମିଳିଥାଏ। ଫାଇନାଲ ବିଲ୍ ମିଳିବାରେ ବିଳମ୍ବ ହେଉଥିବାରୁ ଜିଲାର ବହୁ ହିତାଧିକାରୀ ପ୍ରୋତ୍ସାହନ ରାଶି ବାବଦକୁ ୨୦ ହଜାର ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୧୯ ହଜାର ୬୬୫ ଟଙ୍କା ପାଇବାରୁ ବଞ୍ଚିତ ହେଉଛନ୍ତି । ଖଣ୍ଡପଡା ବ୍ଲକ କିଆଝର ପଞ୍ଚାୟତ ଭଅଁରପଲ୍ଲୀ ଗାଁର ରାମଚନ୍ଦ୍ର ପ୍ରଧାନ, ହୀନ ପ୍ରଧାନ ଓ ସଜନୀ ପ୍ରଧାନ, ରଣପୁର ବ୍ଲକ ରାଜଜଙ୍କିଆ ପଞ୍ଚାୟତ କୃଷ୍ଣଚନ୍ଦ୍ରପୁର ଗାଁର ଆଶାମଣି ପାତ୍ର ନୟାଗଡ ଜିଲାପାଳ ଓ ପିଡି ଡିଆରଡିଏଙ୍କୁ ଭେଟି ଏ ସଂକ୍ରାନ୍ତରେ ଜଣାଇଛନ୍ତି ।

ଅଭିଯୋଗ ଅନୁଯାୟୀ, ଆବାସ ଯୋଜନାରେ କାର୍ଯ୍ୟାଦେଶ ସହିତ ପ୍ରଥମ କିସ୍ତିରେ ୨୦ ହଜାର ଟଙ୍କା ମିଳିଥାଏ। ପ୍ଲିନ୍ଥ କାମ ଶେଷ ହେବା ପରେ ୨ୟ କିସ୍ତିରେ ୩୫ ହଜାର ମିଳିଥାଏ । କାମ ଛାତସ୍ତର ପହଞ୍ଚିବା ପରେ ତୃତୀୟ କିସ୍ତିରେ ୪୫ ହଜାର ଦିଆଯାଏ । ଛାତ କଙ୍କ୍ରିଟ୍ ଢଳେଇ ହେବା ସହ ଶୌଚାଳୟ ନିର୍ମାଣ, ପ୍ଲାଷ୍ଟର, ରଙ୍ଗ ଓ କବାଟ, ଝରକା ଲଗାଇ ଘରେ ବାସ କରିବା ପରେ ଫାଇନାଲ ବିଲ୍ ତଥା ଚତୁର୍ଥ କିସ୍ତିରେ ୩୦ ହଜାର ମିଳିବାର ବ୍ୟବସ୍ଥା ରହିଛି । ହେଲେ ଠିକ୍ ସମୟରେ ଫାଇନାଲ ବିଲ୍ ହିତାଧିକାରୀଙ୍କୁ ମିଳୁନାହିଁ। ଏହି ବିଲ୍ କାହିଁକି ବିଳମ୍ବ ହେଉଛି ତାର ସମୀକ୍ଷା ମଧ୍ୟ କରାଯାଉନାହିଁ। ଏନେଇ ଉପରୋକ୍ତ ହିତାଧିକାରୀମାନେ କୁହନ୍ତି, ଆବାସ ଯୋଜନାରେ ୨୦୧୯-୨୦ ଆର୍ଥିକ ବର୍ଷରେ କାର୍ଯ୍ୟାଦେଶ ପାଇ ଆମେ ବେଶ୍ ଖୁସି ଥିଲୁ । ତୃତୀୟ କିସ୍ତି ପର୍ଯ୍ୟନ୍ତ ଆମେ ସମୁଦାୟ ୧ ଲକ୍ଷ ପାଇଥିଲୁ। ଏଥିରେ କୌଣସି ଅସୁବିଧା ନ ଥିଲା। ହେଲେ ଫାଇନାଲ ବିଲ୍ ମିଳିବାରେ ବିଳମ୍ବ ହେଲା । ଆମେ ବାରମ୍ବାର ଅଫିସକୁ ଦୌଡୁଛୁ । ହେଲେ ଟଙ୍କା ମିଳୁନାହିଁ। ବିଡିଓଙ୍କ ଅଫିସକୁ ବାରମ୍ବାର ଆସି ଆମେ ଖର୍ଚ୍ଚାନ୍ତ ହେଉଛୁ । ଏଭଳି ସ୍ଥଳେ ଛାତ ଘର ନିର୍ମାଣ ପାଇଁ ଧାର କରଜ କରି ଆଣିଥିବା ଟଙ୍କା ପରିଶୋଧ କରିପାରୁ ନାହୁଁ । ନିର୍ଦ୍ଧାରିତ ସମୟରେ ଘର ନିର୍ମାଣ ଶେଷ କରିଥିଲେ ମଧ୍ୟ ପ୍ରୋତ୍ସାହନ ରାଶି ବାବଦକୁ ୩୯ହଜାର ୬୬୫ ଟଙ୍କା ପାଇପାରିଲୁ ନାହିଁ। ଏନେଇ ପିଡି,ଡିଆରଡିଏ ସୁବାସ ଚନ୍ଦ୍ର ରାୟ କୁହନ୍ତି, ମୁଁ ଖଣ୍ଡପଡାର ଅଭିଯୋଗ ପାଇନାହିଁ। ରଣପୁରରୁ ଏପରି ଅଭିଯୋଗ ପାଇଛି। ଫାଇନାଲ ବିଲ୍ ପୈଠ ହେବାରେ କ'ଣ ଅସୁବିଧା ରହୁଛି ତା'ର ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ। ଆବାସ ଯୋଜନାର ହିତାଧିକାରୀ ଯେପରି ହଇରାଣ ନ ହେବେ ସେଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି ।

# ବଳଦେବ ଜୀଉଙ୍କ କନ୍ଦରାସୁର ବଧ ବେଶ



**କେନ୍ଦ୍ରାପଡା ଅଫିସ, ୨୭।୨**

ଶନିବାର ପବିତ୍ର ମାଘ ପୂର୍ଣ୍ଣିମା। ଏହି ଅବସରରେ ତୁଳସୀ କ୍ଷେତ୍ରାଧିପତି ଇଚ୍ଛାପୁରସ୍ଥ ଶ୍ରୀ ବଳଦେବଜୀଉଙ୍କ କନ୍ଦରାସୁର ବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ମନ୍ଦିର ପହଡ ଫିଟାଯାଇ ପୂଜାପଣ୍ଡାମାନେ ଶ୍ରୀଜୀଉଙ୍କ ମଙ୍ଗଳ ଆରତି କରିଥିଲେ । ଦୈନିକ ନୀତିରୀତି ସହ ଅପରାହ୍ନରେ ଶ୍ରୀଜୀଉଙ୍କ ଏହି ବେଶ ସମ୍ପୂର୍ଣ୍ଣ ହୋଇଥିଲା । ମଣି ସିଂହାସନରେ ବିରାଜିତ ଶ୍ରୀଜୀଉଙ୍କ ଶ୍ରୀଚରଣ, ଶ୍ରୀଭୁଜ, ତୁଳସୀ ଦେବୀଙ୍କ ବିଗ୍ରହ ସହ କାଷ୍ଠ ନିର୍ମିତ କନ୍ଦରାସୁରର ବଧ ବେଶରେ ସଜ୍ଜିତ କରାଯାଇଥିଲା। ବାମ ହସ୍ତରେ କନ୍ଦରାସୁରର ମସ୍ତକକୁ ଧାରଣ କରି ଦକ୍ଷିଣ ହସ୍ତରେ ଲଙ୍ଗଳ ଦ୍ୱାରା ବଧ ବେଶ ଅତ୍ୟନ୍ତ ଚିତ୍ତାକର୍ଷକ ଥିଲା । ଏଥିସହ ବେଶ ରୀତିନୀତି ଅନୁଯାୟୀ, ସାନୁଜ ଶ୍ରୀଜଗନ୍ନାଥ ବାମ ହସ୍ତରେ ଚକ୍ର, ଦକ୍ଷିଣ ହସ୍ତରେ ଶଙ୍ଖ ସହ ଶୋଭା ପାଉଥିଲେ । କନ୍ଦରାସୁରଙ୍କ ପାଳିତା କନ୍ୟା ତୁଳସୀ ଦେବୀ ବରଣମାଳା ସହ ଦକ୍ଷିଣ ପାର୍ଶ୍ୱରେ ରହିଥିଲେ । ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ ମହାଭାରତ ଯୁଦ୍ଧରେ ଶ୍ରୀ ବଳରାମ ଭାଗ ନ ନେଇ ବିଭିନ୍ନ ତୀର୍ଥକ୍ଷେତ୍ର ଭ୍ରମଣରେ ଥିଲେ । ଏହି ସମୟରେ ସ୍ଥାନୀୟ କନ୍ଦରାପଡାରେ ପ୍ରବଳପ୍ରତାପୀ କନ୍ଦରାସୁର ଓ ସେନାପତି ଜନଉତ୍ପୀଡନରେ ମାତିଥିଲେ। ଏଠାରେ ଥିବା ମୁନୀ ଋଷିଙ୍କ ଜୀବନଚର୍ଯ୍ୟାକୁ ବ୍ୟାହତ ସହ ଯଜ୍ଞକୁ କନ୍ଦରାସୁରଙ୍କ ଆଦେଶ ଅନୁଯାୟୀ ନଷ୍ଟ କରାଯାଉଥିଲା । ମୁନୀ ଋଷିଙ୍କ ପ୍ରାର୍ଥନାକ୍ରମେ ଶ୍ରୀବଳରାମ ନିକଟସ୍ଥ ଲଳିତଗିରିରେ ଅବସ୍ଥାନ କରୁଥିବା ସେନାପତି ମଧୁଦୈତ୍ୟକୁ ମାରିବା ସହ କନ୍ଦରାସୁର ବଧ କରିଥିଲେ। ଏହାପରେ ପାଳିତା କନ୍ୟା ତୁଳସୀଦେବୀଙ୍କୁ ବିବାହ କରିଥିଲେ। ଏହି ବେଶ ଦେଖିବା ପାଇଁ ଅପରାହ୍ନରୁ ରାତ୍ର ଯାଏ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା।

# ଚାଷୀମାନଙ୍କ ଗଣଧାରଣା ଜାରି




ଧାରଣାରେ ବସିଥିବା ଚାଷୀମାନେ।

**ପଟ୍ଟାମୁଣ୍ଡାଇ,୨୭।୨(ସ୍ୱ.ପ୍ର.)**

**ଧାନ ବିକ୍ରି ନ ହେବା ଯାଏ ଚାଲିବ ଆନ୍ଦୋଳନ**

ସାନଜରିଆ ସେବା ସମବାୟ ସମିତି ଧାନମଣ୍ଡି ସମ୍ମୁଖରେ ଚାଷୀମାନେ ଧାନ କିଣା ହେଉ ନ ଥିବା ପ୍ରତିବାଦ କରି ଶୁକ୍ରବାରଠାରୁ ଗଣଧାରଣାରେ ବସିଛନ୍ତି। ଗତ ୩୦ ତାରିଖରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ଓ ବିଧାୟକ ଧ୍ରୁବ ସାହୁ ମଣ୍ଡି ପରିଦର୍ଶନରେ ଆସିଥିଲେ । ଚାଷୀମାନେ ଧାନବସ୍ତା ମୁଣ୍ଡାଇ ରାସ୍ତାରୋକୋ କରିଥିଲେ । ଆସନ୍ତା ୩ ଦିନ ମଧ୍ୟରେ ମଣ୍ଡିରୁ ସମସ୍ତ ଧାନ ଉଠାଯିବ ବୋଲି ଦାସବର୍ମା ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ଇତିମଧ୍ୟରେ ୨୬ ଦିନ ବିତି ଯାଇଥିଲେ ମଧ ମଣ୍ଡିରୁ ଧାନ ନ ଉଠିବାରୁ ବିଜୟ ଦାସ, ସୁବାସ ବାରିକ, ରବିନ୍ଦ୍ର ବେହେରା, ସୁରେନ୍ଦ୍ର ପରିଡା, ରବିନ୍ଦ୍ର ମାଝି, ସୁନାକର ବେହେରା, ଭରତ ଦାସ, ଧୀରେନ୍ଦ୍ର ନାଥ,ସର୍ବେଶ୍ୱର ବେହେରା,ଗୟାଧର ଧଳ, ସୁରେନ୍ଦ୍ର ସ୍ୱାଇଁ ସମେତ ଶତାଧିକ ଚାଷୀ ଧାନମଣ୍ଡି ଆଗରେ ଗଣଧାରଣା ଦେବା ସହିତ ଯୋଗାଣ ବିଭାଗ ଓ ରାଜ୍ୟ ସରକାରଙ୍କ କଟୁ ସମାଲୋଚନା କରିଛନ୍ତି। ମଣ୍ଡିରୁ ଧାନ ନ ଉଠିବା ପର୍ଯ୍ୟନ୍ତ ଗଣ ଧାରଣା ଜାରି ରହିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି । ଶୁକ୍ରବାର ଅପରାହ୍ନରେ କେନ୍ଦ୍ରାପଡା ସମବାୟ ବିଭାଗ ପ୍ରଶାସକ ସଚ୍ଚିଦାନନ୍ଦ ଜେନା ଓ ୨ ବିଭାଗୀୟ କର୍ମଚାରୀ ଗଣଧାରଣା ସ୍ଥଳରେ ପହଞ୍ଚି ଚାଷୀମାନଙ୍କୁ ବୁଝାସୁଝା କରିଥିଲେ । କିନ୍ତୁ ତାଙ୍କ କଥାକୁ ଚାଷୀମାନେ ଗ୍ରହଣ କରି ନ ଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଚାଷୀମାନେ ଅଭାବୀ ବିକ୍ରୀର ଶିକାର ହୋଇଛନ୍ତି। ଏଣେ ଚାଷୀମାନଙ୍କଠାରୁ ଧାନ କିଣା ନ ଯାଇ ଅଣ ଚାଷୀମାନଙ୍କଠାରୁ ବହୁ ପରିମାଣରେ ଧାନ କିଣାଯାଇଛି ବୋଲି ଆନ୍ଦୋଳନକାରୀମାନେ ଅଭିଯୋଗ କରିଛନ୍ତି।

# ଗଛ ମଣିଷଙ୍କ ସ୍ମୃତି ସମାରୋହ

**ନୟାଗଡ଼ ଅଫିସ,୨୭।୨**

ବିଶିଷ୍ଟ ଶିକ୍ଷାବିତ୍, ସାହିତ୍ୟ ଓ ସଂସ୍କୃତି ପ୍ରେମୀ ଦୁଃଖୀଶ୍ୟାମ ଦାସଙ୍କ ପ୍ରଥମ ସ୍ମୃତି ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ନିର୍ମଳଚନ୍ଦ୍ର ଶୂରଦେଓଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଖବରଦାତା ପ୍ରଦୀପ୍ତ କୁମାର ପଟ୍ଟନାୟକ, ସାହିତ୍ୟିକ ବିଜୟ ଚୌଧୁରୀ, କୃଷ୍ଣଚନ୍ଦ୍ର ଶତପଥୀ ଓ ସାମାଜିକ କର୍ମୀ ପ୍ରମୋଦ କୁମାର ପଟ୍ଟନାୟକ ଯୋଗଦେଇ ଦାସଙ୍କ ସ୍ମୃତିଚାରଣ କରିଥିଲେ । ଦୁଃଖୀଶ୍ୟାମ ବୃକ୍ଷରୋପଣ କରିବା ସହ ଗଛର ଯତ୍ନ ନେଉଥିଲେ । ତେଣୁ ସେ ଗଛ ମଣିଷ ବୋଲି ପରିଚିତ ଥିଲେ। ଏହି ଅବସରରେ ରାଗେଶ୍ରୀ ନିଳୟମ ତରଫରୁ ଏକ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ସ୍ଥାନୀୟ ପିଡବ୍ଲୁଡି ଅଫିସ୍ ସମ୍ମୁଖରେ ଦୁଃଖୀଶ୍ୟାମ ଦାସଙ୍କ ସ୍ମୃତିରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ମା'ଫାଉଣ୍ଡେଶନର ସମ୍ପାଦକ ରଞ୍ଜନରଶ୍ମି ଜେନା ପରିଚାଳନା କରିଥିଲେ।

# ଟ୍ରକ୍ ଚାଳକଙ୍କୁ ଆକ୍ରମଣ କରି ଟଙ୍କା ଲୁଟ୍, ୩ ଗିରଫ

**ମାର୍ଶାଘାଇ,୨୭।୨(ଡି.ଏନ.ଏ.)**



ଗିରଫ ୩ ଅଭିଯୁକ୍ତ।

୫ (କ) ନମ୍ବର ଜାତୀୟ ରାଜପଥର ମାର୍ଶାଘାଇ ଥାନା ଅଧୀନ ମଙ୍ଗଳାଛକରେ ଜଣେ ଟ୍ରକ ଡ୍ରାଇଭରକୁ ଶୁକ୍ରବାର ବିଳମ୍ବିତ ରାତିରେ ମରଣାତ୍ମକ ଆକ୍ରମଣ କରାଯାଇ ଟଙ୍କା ଲୁଟ ହୋଇଥିଲା । ଏଥିରେ ସମ୍ପୃକ୍ତ ୩ ଆକ୍ରମଣକାରୀଙ୍କୁ ଥାନା ପୋଲିସ ଗିରଫ ସହ ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ମାର୍ଶାଘାଇ ଥାନା ଅନ୍ତର୍ଗତ ବଡପାଳ ଗ୍ରାମର ମାନସ ରଞ୍ଜନ ବେହେରା (୨୧), ଅଜୟ ପରିଡା(୧୯) ଓ ସଞ୍ଜୟ ପରିଡା(୨୨) ବୋଲି ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଡିଏସ୍‌ପି କାର୍ତ୍ତିକ ଚନ୍ଦ୍ର ମଲ୍ଲିକ ସୂଚନା ଦେଇଛନ୍ତି ।

ଲୁଟ ସମ୍ପର୍କରେ ଡିଏସ୍‌ପି ମଲ୍ଲିକ କହିଛନ୍ତି, ବିହାର ରାଜ୍ୟ ବୈଶାଳି ଜିଲାର ଇମାଦପୁରର ସନ୍ତୋଷ ସାହାଣୀ ଆଇରନ ପେଲେଟ୍ ବୋଝେଇ ଟ୍ରକ (ନଂ.ଓଡି ୧୬ସି -୨୨୭୧)କୁ ଯାଜପୁରରୁ ପାରାଦୀପ ଅଭିମୁଖେ ନେଉଥିଲେ । ଟ୍ରକରେ ଯାନ୍ତ୍ରିକ ତ୍ରୁଟି ଦେଖା ଦେବାରୁ ମଙ୍ଗଳାଛକ ନିକଟରେ ଅଟକି ରହିଥିଲା। ଅଭିଯୁକ୍ତମାନେ ଦୁଇଟି ବାଇକ୍‌ରେ ଆସି ଡ୍ରାଇଭରଙ୍କୁ ଆକ୍ରମଣ କରିଥିଲେ । ଏଥିରେ ଡ୍ରାଇଭରଙ୍କ ବେକରେ ଗଭୀର ଆଘାତ ଲାଗିଥିଲା । ସେମାନେ ତାଙ୍କଠାରୁ ନଗଦ ୧୬୦୦ଟଙ୍କା, ଡିଏଲ ଓ ଅନ୍ୟାନ୍ୟ କାଗଜପତ୍ର ଛଡାଇ ନେଇ ଫେରାର ହୋଇଯାଇଥିଲେ । ଏନେଇ ଅଭିଯୋଗ ପରେ ମାର୍ଶାଘାଇ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଧରିବାରେ ସକ୍ଷମ ହୋଇଛି । ସେମାନଙ୍କଠାରୁ ଗୋଟିଏ ମୋଟର ସାଇକେଲ, ୨ ଭୁଜାଲି, ୨ ମୋବାଇଲ ଫୋନ ଓ ୧୧୦୦ ଟଙ୍କା ଜବତ ହୋଇଛି।

# ଆସୁଛି, ମୋତେ ଭୁଲିଯିବ ନାହିଁ ...



ନଦୀକୂଳରେ ପଡ଼ିଥିବା ସ୍କୁଟି।

**ରାଜନଗର,୨୭।୨(ଡି.ଏନ.ଏ.)**

ଶୁକ୍ରବାର ରାତି ପ୍ରାୟ ୧ଟା୧୦। ଭଉଣୀଙ୍କ ମୋବାଇଲକୁ ଆସିଥିଲା ସାନ ଭାଇର ମେସେଜ୍। ମୁଁ ଆସୁଛି, ବାପା,ମାଙ୍କୁ ବୁଝାଇଦେବୁ । ତୁମମାନଙ୍କର ଯେମିତି କିଛି ଅସୁବିଧା ନ ହୁଏ। ମୁଁ ଚାହେଁ, ତମେମାନେ ସବୁବେଳେ ଭଲରେ ଓ ଖୁସିରେ ରୁହ। ମୁଁ ଭଲ ଭାଇ ହୋଇପାରିଲି ନାହିଁ କି ବାପା, ମାଆଙ୍କ ଭଲ ପୁଅ ହୋଇପାରିଲି ନାହିଁ । ମୋତେ ଭୁଲି ଯିବନି ... । ଏମିତି ମେସେଜ ପଠାଇଛନ୍ତି ପଟ୍ଟାମୁଣ୍ଡାଇ ଥାନା ଅଧୀନ ପଳସିଙ୍ଗାଗାଁର ଦାମୋଦର ବିଶ୍ୱାଳଙ୍କ ସାନପୁଅ ରଶ୍ମୀ ବିଶ୍ୱାଳ (୨୧) । ଶୁକ୍ରବାର ସନ୍ଧ୍ୟାରେ ସେ ନଳିତାପାଟିଆରେ ପହଞ୍ଚି ସାଙ୍ଗମାନଙ୍କ ସହ ଭୋଜି କରିଥିଲେ। ଏହାପରେ ଜଣେ ସାଙ୍ଗଙ୍କ ଘରେ ରାତିରେ ରହିଥିଲେ। ହେଲେ କୌଣସି କାରଣରୁ ସେ ବିଳମ୍ବିତ ରାତିରେ ଭଉଣୀ ପାଖକୁ ଏପରି ମ୍ୟାସେଜ୍ ପଠାଇଥିଲେ । ରାତି ୩ଟାରେ ଭଉଣୀ ମ୍ୟାସେଜ ଦେଖିବା ପରେ ଭାଇଙ୍କ ସାଙ୍ଗମାନଙ୍କୁ ଫୋନ୍ କରି ସମ୍ପୂର୍ଣ୍ଣ ଘଟଣା ଜଣାଇଥିଲେ। ହେଲେ ସେତେବେଳେକୁ ରଶ୍ମୀ ଘରେ ନ ଥିଲେ। ସାଙ୍ଗମାନେ ତାଙ୍କୁ ଖୋଜାଖୋଜି କରିଥିଲେ । ହେଲେ ତାଙ୍କ ପତ୍ତା ମିଳି ନ ଥିଲା । ନଳିତାପାଟିଆ ଜେଟି ନିକଟରେ ତାଙ୍କ ସ୍କୁଟି ପଡିଥିବା ଦେଖିବାକୁ ମିଳିଥିଲା। ଏହାପରେ ରଶ୍ମୀଙ୍କ ଘର ଲୋକ ଓ ପୋଲିସକୁ ଖବର ଦିଆଯାଇଥିଲା। ତାଳଚୁଆସାମୁଦ୍ରିକ ଥାନା ଆଇଆଇସି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ସ୍କୁଟି ପଡିଥିବା ସ୍ଥାନରେ ମଦ ବୋତଲ, ପାଣି ବୋତଲ ଓ ରକ୍ତ ପଡିଥିବା ଦେଖିବାକୁ ମିଳିଥିଲା। ସାଇଣ୍ଟିଫିକ୍ ଟିମ ରକ୍ତ ନମୁନା ସଂଗ୍ରହ କରିବା ସହ ଭଙ୍ଗା ମଦ ବୋତଲ ଓ ପାଣି ବୋତଲକୁ ଜବତ କରିଛନ୍ତି। ରଶ୍ମୀଙ୍କ ବଡଭାଇ କମଳାକାନ୍ତ ଏ ସଂକ୍ରାନ୍ତରେ ତାଳଚୁଆ ସାମୁଦ୍ରିକ ଥାନାରେ ଅଭିଯୋଗ କରିଛନ୍ତି ।

# ବରିଷ୍ଠ ନାଗରିକଙ୍କ ପାଇଁ ମାଗଣା ଶ୍ରୀକ୍ଷେତ୍ର ଯାତ୍ରା

**ଦଶପଲ୍ଲା,୨୭।୨(ଡି.ଏନ.ଏ.)**

ଯେଉଁ ବୃଦ୍ଧାବୃଦ୍ଧମାନେ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବାକୁ ଚାହୁଁଛନ୍ତି ଅଥଚ ସେଥିପାଇଁ ସୁଯୋଗ ପାଉନାହାନ୍ତି । ଆର୍ଥିକ ଅନଟନ ଏଥିଲାଗି ବାଧକ ସାଜିଛି, ସେପରି ଲୋକଙ୍କୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରାଇବା ପାଇଁ ଅଣ୍ଟା ଭିଡିଛନ୍ତି ଦଶପଲ୍ଲା ବାରପୁରିକିଆ ଗ୍ରାମର ରଶ୍ମିରଞ୍ଜନ ପଟ୍ଟନାୟକ । ଟକନି ସାର୍ ଭାବେ ପରିଚିତ ରଶ୍ମିରଞ୍ଜନ ସେମାନଙ୍କ ଯିବା ଆସିବା, ଖାଇବା ବ୍ୟବସ୍ଥା କରିଛନ୍ତି । ଏପରି କି ପ୍ରତ୍ୟେକଙ୍କୁ ଗୋଟିଏ ନାମାବଳୀ ଗାମୁଛା ଏବଂ ଅଧକିଲୋ ଶୁଖୁଲି ଭୋଗ ପ୍ରଦାନ କରୁଛନ୍ତି । ଗତବର୍ଷଠାରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି । ଚଳିତ ବର୍ଷ ୪୮ଜଣ ବରିଷ୍ଠ ନାଗରିକଙ୍କୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରାଇବା ପାଇଁ ସେ ବ୍ୟବସ୍ଥା କରିଛନ୍ତି। ଶିକ୍ଷକ ଚାକିରିରୁ ଅବସର ନେବା ପରେ ମୁଁ ଏପରି କରିବାର ଲକ୍ଷ୍ୟ ରଖିଛି ବୋଲି ସେ କହିଛନ୍ତି । ଆଗାମୀ ଦିନରେ ପ୍ରତି ୩ ମାସରେ ଥରେ ୫୦ଜଣଙ୍କୁ ତୀର୍ଥ ଦର୍ଶନ କରାଇବାର ଯୋଜନା କରୁଛି ବୋଲି ଟକନି ସାର୍ କହିଛନ୍ତି ।

# ବ୍ୟାସନଗର କଂଗ୍ରେସ କମିଟି ଗଠିତ

**କଳିଙ୍ଗନଗର,୨୭।୨(ଡି.ଏନ.ଏ.)**

ଯାଜପୁର ଜିଲା କଂଗ୍ରେସ କମିଟି ସଭାପତି ମନୋଜ କୁମାର ରାଉତଙ୍କ ଅନୁମୋଦନ କ୍ରମେ ଶନିବାର ବ୍ୟାସନଗର କଂଗ୍ରେସର ନୂତନ କମିଟି ଘୋଷଣା ହୋଇଛି। କମିଟିରେ ସଭାପତିଭାବେ ଦିଲୀପ କୁମାର ମଲ୍ଲିକ, ଉପସଭାପତି ରାଜକିଶୋର ପ୍ରଧାନ, ପ୍ରମୋଦ ରାଉତ, ଅନୁପ କୁମାର ନାୟକ, ସାଧାରଣ ସମ୍ପାଦକଭାବେ ପ୍ରଭାତ ମହାପାତ୍ର, ପରମାନନ୍ଦ ସେଠୀ, ଦୁଃଶାସନ ଦାସ, ସୁରେନ୍ଦ୍ର ନାୟକ, ରଘୁନାଥ ମଲ୍ଲିକ, ସମ୍ପାଦକଭାବେ ପ୍ରଫୁଲ୍ଲ ପାତ୍ର, ସୁଧୀର ମଲ୍ଲିକ, କୃଷ୍ଣଚନ୍ଦ୍ର ମଲ୍ଲିକ, ଦିନବନ୍ଧୁ ହେମ୍ବ୍ରମ, ଅମର ସାମଲ, ସେଖ ଜଲାଲଉଦ୍ଦିନ, ପ୍ରମୋଦ ରାଉତ ଏବଂ କୋଷାଧ୍ୟକ୍ଷ ଭାବେ ଅଜୟ କୁମାର ବିଶ୍ୱାଳ ନିଯୁକ୍ତି ପାଇଥିବା ବ୍ୟାସନଗର କଂଗ୍ରେସ କମିଟି ପକ୍ଷରୁ ଏକ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି।

# ବ୍ରାହ୍ମଣୀ ନଦୀ ପଠାରୁ ଚାଲିଛି ମାଟି, ବାଲି ଉଠାଣ

**ପଟ୍ଟାମୁଣ୍ଡାଇ,୨୭।୨(ସ୍ୱ.ପ୍ର.)**

**ଏନ୍‌ଜିଟିଙ୍କ ନିର୍ଦ୍ଦେଶକୁ ବେଖାତିର**




ବ୍ରାହ୍ମଣୀ ନଦୀ ପଠାରୁ ମେଶିନ୍ ସାହାଯ୍ୟରେ ମାଟି ଉଠାଯାଉଛି।

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀ ପଠାରୁ ପରିବେଶ କ୍ଲିୟରାନ୍ସ ପ୍ରମାଣ ପତ୍ର ନ ଥାଇ ବାଲି ଓ ମାଟି ଉଠାଣ ଚାଲିଛି । ପ୍ରତିଦିନ ଶତାଧିକ ଟ୍ରକରେ ବାଲି ଓ ମାଟି ଉଠାଯାଇ ବିଭିନ୍ନ ସ୍ଥାନକୁ ଯାଉଛି । ଏ ସମ୍ପର୍କରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲଙ୍କ ନିକଟରେ ସ୍ଥାନୀୟ ଲୋକେ ଓ ସାମାଜିକ କର୍ମୀ ଅଭିଯୋଗ କରିଥିଲେ । ଟ୍ରିବ୍ୟୁନାଲ ଏହି ଅଭିଯୋଗରେ ଜିଲାପାଳ, ଜିଲା ମାଇନିଂ ଅଫିସର ଓ ଏସ୍‌ପିଙ୍କଠାରୁ ତଦନ୍ତ ରିପୋର୍ଟ ମାଗିଥିଲେ । ଏହି ରିପୋର୍ଟ ସତ୍ୟପାଠ ଜରିଆରେ ଗ୍ରୀନ ଟ୍ରିବ୍ୟୁନାଲଙ୍କ ନିକଟରେ ଦାଖଲ କରାଯାଇଥିଲା । ମାତ୍ର ଏହି ସତ୍ୟପାଠ ଭୁଲ ଥିବା ଗ୍ରୀନ ଟ୍ରିବ୍ୟୁନାଲଙ୍କ ହୃଦବୋଧ କରିଥିଲେ । ଜିଲା ମାଜିଷ୍ଟ୍ରେଟ ଓ ଏସପି ତାଙ୍କର ଦାୟିତ୍ୱ ଠିକଣା ଭାବେ ନିର୍ବାହ କରିନାହାନ୍ତି ବୋଲି ଗ୍ରୀନ ଟ୍ରିବ୍ୟୁନାଲ ବିଚାର କରି ଆଉ ଏକ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତେବେ ଜିଲାପାଳ ଓ ଏସ୍‌ପିଙ୍କ ସତ୍ୟପାଠ ଆଧାରରେ ବେଆଇନ ବାଲି ଉଠାଣ ବନ୍ଦ କରିବାକୁ ଗ୍ରୀନ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଥିଲେ । ଏଥିସହିତ ବେଆଇନ ବାଲି ଉଠାଣକାରୀଙ୍କଠାରୁ ୫କୋଟି ଟଙ୍କା ଜରିମାନା ଆଦାୟ କରିବାକୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଜରିମାନା ଆଦାୟ ହୋଇ ନ ଥିବା କୁହାଯାଉଥିବା ବେଳେ ଅଳଭା ନିକଟ ବାଲି ଓ ମାଟି ଖାଦାନ ବନ୍ଦ ରହିଥିଲା । ତେବେ ଗତ ୫ ଦିନ ହେବ ପାରାଦୀପ ଭୁତମୁଣ୍ଡାଇର ଜଣେ ବାଲି ମାଫିଆ ଅଳଭା ପାଳକୁ ଯିବାକୁ ଥିବା ଏକ ପାଟନାଳିକୁ ବନ୍ଧାଇ ମାଟିବାଲି ଉଠାଣ କରୁଛନ୍ତି । ଏଥିଯୋଗୁ ଉତିକଣ ବନ୍ୟା ନିୟନ୍ତ୍ରଣ ବନ୍ଧପ୍ରତି ବିପଦ ସୃଷ୍ଟି ହୋଇଛି । ସେହିପରି ବ୍ରାହ୍ମଣୀ ଜଳ ପ୍ରବେଶ କରୁଥିବା ନାଳିରୁ ପାଣି ଉଠାଇ ଚାଷୀମାନେ କରିଥିବା ପନିପରିବା ଫସଲ ମରିବାକୁ ବସିଲାଣି । ପାଣି ବିନା ଫସଲ ନଷ୍ଟ ହୋଇଯିବା ଦେଖି ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ଏ ସଂକ୍ରାନ୍ତରେ ତହସିଲଦାରଙ୍କ ନିକଟରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ସ୍ଥାନୀୟ ଗ୍ରାମବାସୀ କହିଛନ୍ତି। ପଟ୍ଟାମୁଣ୍ଡାଇ ତହସିଲଦାର ଦିଲ୍ଲୀପ ସେଠୀ ଓ ସଦର ଆରଆଇ ଅଭିରାମ ସେଠୀ ମାଟି ଉଠାଣ ସ୍ଥଳକୁ ଯାଇଥିଲେ ମଧ ଜେସିବି,ହାଇୱା, ଟ୍ରାକ୍ଟର ଓ ଟ୍ରକରେ ବାଲିଉଠାଣ ଚାଲିଥିବା ଦେଖି ଫେରି ଆସିଥିଲେ । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କାହା ନିର୍ଦ୍ଦେଶରେ ବାଲିମାଟି ଉଠାଣ ଚାଲିଛି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ତହସିଲଦାର ସେଠୀ କହିଛନ୍ତି, ମାଟି, ବାଲି ଚାଲଣ ବନ୍ଦ ହେବ। ଆବଶ୍ୟକ ପଡିଲେ ପୋଲିସ ଦ୍ୱାରା ଏହି ଗାଡ଼ିଗୁଡିକୁ ଜବତ କରାଯିବ।

### ଜୟବଡ଼ରୁ ବାଇକ୍ ଚୋରି

**ଜଗତ୍‌ସିଂହପୁର ଅଫିସ:** ଜଗତ୍‌ସିଂହପୁର ସହର ଜୟବଡ଼ ଜଗନ୍ନାଥ ମନ୍ଦିର ନିକଟ ସୁଧାକର ମହାପାତ୍ରଙ୍କ ଘର ଅଗଣାରୁ ଏକ ବାଇକ୍ ଚୋରି ହୋଇଯାଇଛି। ଏନେଇ ମହାପାତ୍ରଙ୍କ ଅଭିଯୋଗକ୍ରମେ ଜଗତ୍‌ସିଂହପୁର ଥାନାରେ ମାମଲା (ନଂ.୯୭/୨୧) ରୁଜୁ ହୋଇଛି।

## ସଂକ୍ଷେପରେ

### ଝିଅକୁ ବଳାତ୍କାର ଅଭିଯୋଗରେ ବାପାଙ୍କୁ ମାଡ଼

**ପାରାଦୀପ,୨୭।୨(ସ୍ୱ.ପ୍ର.):** ପାରାଦୀପ ଲକ୍ ଥାନା ଅଞ୍ଚଳର ଏକ ବସ୍ତିରେ ଶନିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ବିବାହିତ ଝିଅକୁ ବଳାତ୍କାର କରିବା ଅଭିଯୋଗରେ ବସ୍ତିବାସିନ୍ଦା ବାପାଙ୍କୁ ଗଛରେ ବାନ୍ଧି ନିସ୍ତୁକ ମାଡ଼ ମାରିଛନ୍ତି। ଖବରପାଇ ଲକ୍ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଉଦ୍ଧାର କରିଛି। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ବସ୍ତିରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏ ସମ୍ପର୍କରେ ଥାନା ଅଧିକାରୀ ପ୍ରଭାସଚନ୍ଦ୍ର ସାହୁ କହିଛନ୍ତି, ଘଟଣା ସମ୍ପର୍କରେ ତଦନ୍ତ ଜାରି ରହିଛି। ଖବରଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା।

### ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବିତ ପୋଷ୍ୟ ବିଦ୍ୟାଳୟର ସ୍ଥିତି ଅନୁଧାନ

**ତିର୍ତ୍ତୋଲ,୨୭।୨(ଡି.ଏନ୍.ଏ.):** ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଶନିବାର ତିର୍ତ୍ତୋଲ ବ୍ଲକ ଆମ୍ଭେରୀ ପଞ୍ଚାୟତ ପତିତପାବନ ଉଚ୍ଚ ବିଦ୍ୟାଳୟକୁ ଯାଇ ସ୍ଥିତି ଅନୁଧାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଗତ୍‌ସିଂହପୁର ଜିଲାର ୧୦ ବିଦ୍ୟାଳୟକୁ ପୋଷ୍ୟଭାବେ ଗ୍ରହଣ କରିବାକୁ ପ୍ରସ୍ତାବ ଦେଇଛନ୍ତି। ତା ମଧ୍ୟରେ ଏହି ବିଦ୍ୟାଳୟ ରହିଛି। ଏନେଇ ଜିଲାପାଳ ମହାପାତ୍ର ବିଦ୍ୟାଳୟ ଗସ୍ତରେ ଆସି ପାରିପାର୍ଶ୍ୱିକ ସ୍ଥିତି ଅନୁଧାନ କରିବା ସହ ଶିକ୍ଷକ, ଅଭିଭାବକ ଓ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ଅଟଳବିହାରୀ ସ୍ୱାଇଁ, ତହସିଲଦାର ସୁଜାତା ପାତ୍ର, ବ୍ଲକ ସାମାଜିକ ସମ୍ପ୍ରସାରଣ ଅଧିକାରୀ ବିଜୟ ପାତ୍ର, ସମିତି ସଭ୍ୟା ମୁକ୍ତିମୟୀ ଦାସ, ବିଦ୍ୟାଳୟ ଉପଦେଷ୍ଟା କମିଟି ସଭାପତି ପି.କେ. ଦାସ ଓ ପ୍ରଧାନ ଶିକ୍ଷକ ସୌରୀଶଙ୍କର ଗିରି ପ୍ରମୁଖ ଯୋଗଦେଇଥିଲେ।

# ସମବାୟ ସମିତିରେ ତାଲା ପକାଇଲେ ଚାଷୀ



ତିରୁଣା ସମବାୟ ସମିତି କାର୍ଯ୍ୟାଳୟ ଆଗରେ ଚାଷୀମାନେ ଧାରଣା ଦେଇଛନ୍ତି।

**ନାଉଗାଁ,୨୭।୨(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଅନ୍ତର୍ଗତ ତିରୁଣା ସମବାୟ ସମିତି କାର୍ଯ୍ୟାଳୟରେ ଶନିବାର ଚାଷୀ ତାଲା ପକାଇ ଧାରଣା ଦେଇଛନ୍ତି। ମଣ୍ଡିରେ ଧାନ ବିକ୍ରି ହେଉ ନଥିବାରୁ ସେମାନେ ଏଭଳି ପଦକ୍ଷେପ ନେଇଛନ୍ତି। ଧାନ ବିକ୍ରି ନ ହେବା ପର୍ଯ୍ୟନ୍ତ ସେମାନେ ଓହରିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଚାଷୀଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇ ନବ ନିର୍ମାଣ କୃଷକ ସଂଗଠନ ସଦସ୍ୟ ଧାରଣାରେ ବସି ରହିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ମଣ୍ଡିରେ ଧାନ ବିକ୍ରି ପାଇଁ ଚାଷୀମାନେ ଇ-ରେଜିଷ୍ଟ୍ରେଶନ ମାଧ୍ୟମରେ ନାମ ପଞ୍ଜୀକୃତ କରିଥିଲେ। କିନ୍ତୁ ଅନେକ ଚାଷୀ ଅନ୍‌ଲାଇନରେ ଟୋକନ ପାଇ ନ ଥିବାରୁ ସେମାନେ ଅମଳ ଧାନ ବିକ୍ରି କରି ପାରୁନାହାନ୍ତି। ଚଳିତବର୍ଷ ଏହି ସମବାୟ ସମିତିରେ ୬୯୦ ଜଣ ଚାଷୀ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିଥିଲେ। ଏପର୍ଯ୍ୟନ୍ତ ୨୦୭ ଜଣ ଚାଷୀ ଧାନ ବିକ୍ରି କରିଥିବା ବେଳେ ୪୮୩ ଜଣ ଧାନ ବିକ୍ରି କରିବାକୁ ଅପେକ୍ଷା କରି ରହିଛନ୍ତି। ଫଳରେ ଦୀର୍ଘ ଦିନ ହେବ ମଣ୍ଡିରେ ଧାନ ଗଦା ହୋଇ ରହିଛି। ଏହି ଧାରଣାରେ କମଳାକାନ୍ତ ପରିଡା, ଅକ୍ଷୟ ବିଶ୍ୱାଳ, ଗୌରାଙ୍ଗ ଚରଣ ବିଶ୍ୱାଳ, ଡମ୍ବରୁଧର ପରିଡା, ନିଗମାନନ୍ଦ ପରିଡା, ପ୍ରତାପ ବିଶ୍ୱାଳ, ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଜିଲା ସହ ସଂଯୋଜକ ଅଶୋକ ସ୍ୱାଇଁ, ପ୍ରଫୁଲ୍ଲ ପରିଡ଼ା ପ୍ରମୁଖ ସାମିଲ ହୋଇଛନ୍ତି। ଏ ବିଷୟରେ ଉପଜିଲାପାଳ ଧର୍ମାନନ୍ଦ ମଲିକ କହିଛନ୍ତି, ସାରା ରାଜ୍ୟରେ ସମାନ ଅବସ୍ଥା ହୋଇଛି। ଚାଷୀମାନେ ଧାରଣାରୁ ଓହରି ଲିଖିତ ଭାବେ ଜଣାନ୍ତୁ। ଏନେଇ ଚାଷୀ ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ମାତ୍ର କୌଣସି ନିଷ୍କର୍ଷ ବାହାରି ନ ଥିବା ଜଣାପଡିଛି।

# ବିଧାୟକଙ୍କ କୁଶପୁତ୍ତଳିକା ଦାହ

**କୁଜଙ୍ଗ,୨୭।୨(ଡି.ଏନ୍.ଏ.):** ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ପାରାଦୀପ ବିଧାୟକ ସମ୍ବିତ ରାଉତରାୟଙ୍କ କୁଶ ପୁତ୍ତଳିକା ଶନିବାର କୁଜଙ୍ଗ ଥାନା ଛକରେ ଦାହ କରାଯାଇଛି। ପଙ୍କପାଳ ଗ୍ରାମର ମୃତ ଉଲ୍ଲାସ ଜେନାଙ୍କ ପରିବାରକୁ ଅଶ୍ଳୀଳ ଭାଷାରେ ବିଧାୟକ ରାଉତରାୟ ଗାଳି କରିଥିବା ଅଭିଯୋଗ କରି ଭାଜପା ମହିଳା ମୋର୍ଚ୍ଚା ଏହି ବିକ୍ଷୋଭ କରିଛି। ଏନେଇ ଜିଲା ଭାଜପା ମହିଳା ମୋର୍ଚ୍ଚା ସଭାପତି କ୍ରିଷ୍ଟା ମହାନ୍ତିଙ୍କ ନେତୃତ୍ୱରେ ପ୍ରଥମେ ମହିଳାମାନେ କୁଜଙ୍ଗ ବ୍ଲକ ପଡ଼ିଆରୁ ବାହାରି ବଜାର ପରିକ୍ରମା କରି ଥାନା ଛକରେ ପହଞ୍ଚିଥିଲେ। ସେଠାରେ ବିଧାୟକ ରାଉତରାୟଙ୍କ କୁଶପୁତ୍ତଳିକା ଦାହ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସୁଶ୍ରୀ ପ୍ରିୟଦର୍ଶିନୀ, ସଞ୍ଜୁ ସାମଲ, ଡଲି ରାଉତ, ମମତା ମାଝି, ଶାନ୍ତିଲତା ବେହେରା, ସଙ୍ଗୀତା ସ୍ୱାଇଁ ପ୍ରମୁଖ ଶତାଧିକ ମହିଳା ସାମିଲ ହୋଇଥିଲେ। ସେହିପରି ପାରାଦୀପ ଓ ରାହାମାରେ ମଧ୍ୟ ବିଧାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଜେନା ପଙ୍କପାଳସ୍ଥିତ ଏକ ମଦ ଦୋକାନରେ ସେଲ୍‌ସମ୍ୟାନ ଭାବେ କାର୍ଯ୍ୟ କରୁଥିଲେ। ୨୦୧୬ ନଭେମ୍ବରରେ ଦୋକାନ ଭିତରୁ ତାଙ୍କ ପୋଡ଼ା ମୃତଦେହ ଉଦ୍ଧାର ହୋଇଥିଲା। ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରି ଫେବୃୟାରୀ ୧୮ରେ ୨ ଭାଇ ଓ ମା' ବିଧାନସଭା ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରିଥିଲେ। ସେହିଦିନଠାରୁ ସେମାନଙ୍କୁ ପୋଲିସ ଗିରଫ କରି ଜେଲରେ ରଖିଛି। ଏନେଇ ପରିବାର ପକ୍ଷରୁ ପାରାଦୀପ ବିଧାୟକ ରାଉତରାୟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ମାତ୍ର ରାଉତରାୟ ମୃତକଙ୍କ ଭାଇବୋହୂଙ୍କୁ ଫୋନ ମାଧ୍ୟମରେ ଅଶାଳୀନ ମନ୍ତବ୍ୟ ଦେଇଥିଲେ ବୋଲି ପରିବାର ସଦସ୍ୟ ଗଣମାଧ୍ୟମରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ବିଧାୟକ ରାଉତରାୟ କହିଛନ୍ତି, ତାଙ୍କ ଉପରେ ଅଣାଯାଇଥିବା ଅଭିଯୋଗ ମିଥ୍ୟା ଓ କପୋଳକଳ୍ପିତ। ରାଜନୈତିକ ଅଭିସନ୍ଧି ରଖି ଅଯଥା ଦୋଷାରୋପ କରାଯାଉଛି।



କୁଜଙ୍ଗ ଥାନା ଛକରେ ବିଧାୟକ ସମ୍ବିତ ରାଉତରାୟଙ୍କ କୁଶ ପୁତ୍ତଳିକା ଦାହ କରାଯାଉଛି।

# ୩ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଅଚଳ

**ନାଉଗାଁ,୨୭।୨(ସ୍ୱ.ପ୍ର)**

ନାଉଗାଁ ବ୍ଲକରେ ୨୦୧୮ରେ ୪ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ମାତ୍ର ସେଥିରୁ ୩ଟି ପ୍ରକଳ୍ପ ଅଚଳ ହୋଇଯାଇଛି। ମରାମତି ଦାୟିତ୍ୱ କେହି ନେଉ ନାହାନ୍ତି। ଆଗକୁ ଗ୍ରୀଷ୍ମ ଋତୁ ଆରମ୍ଭ ହେଉଥିବାରୁ ତୁରନ୍ତ ପାନୀୟ ଜଳ ପ୍ରକଳ୍ପଗୁଡ଼ିକୁ ମରାମତି କରିବା ପାଇଁ ସାଧାରଣରେ ଦାବି ହୋଇଛି। ପାରାଦୀପ ଆଇଓସିଏଲ ପକ୍ଷରୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ନାଉଗାଁ ଥାନା ଓ ତହସିଲ କାର୍ଯ୍ୟାଳୟ ପରିସରରେ ଏସବୁ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ପ୍ରତ୍ୟେକ ପାନୀୟ ଜଳ ପ୍ରକଳ୍ପରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ହୋଇଥିଲା। ପଞ୍ଚାୟତ ସମିତି କାର୍ଯ୍ୟାଳୟ ପାନୀୟ ଜଳ ପ୍ରକଳ୍ପକୁ ଛାଡ଼ି ଦେଲେ ଅନ୍ୟଗୁଡ଼ିକ ଖରାପ ହୋଇଯାଇଛି। ତହସିଲ କାର୍ଯ୍ୟାଳୟକୁ ବିଭିନ୍ନ କାର୍ଯ୍ୟ ପାଇଁ ଦୂରଦୂରାନ୍ତରୁ ଆସୁଥିବା ଲୋକେ ପାନୀୟ ଜଳ ପ୍ରକଳ୍ପରୁ ଥଣ୍ଡା ପାନୀୟ ଜଳ ପାଇ ପାରୁଥିଲେ। ସେହିପରି ନାଉଗାଁ ଥାନାରେ ନିର୍ମାଣ ହୋଇଥିବା ପାନୀୟ ଜଳ ପ୍ରକଳ୍ପରୁ ନିକଟସ୍ଥ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ପାଣି ପିଉଥାନ୍ତି। ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବସିଥିବା ପ୍ରକଳ୍ପରୁ ରୋଗୀ ଉଭୟ ଗରମ ଓ ଥଣ୍ଡା ପାଣି ପାଉଥିଲେ। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ଏସବୁ ପ୍ରକଳ୍ପ ଅଚଳ ହୋଇଯିବା ଯୋଗୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ତହସିଲ କାର୍ଯ୍ୟାଳୟସ୍ଥିତ ପ୍ରକଳ୍ପ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଅଚଳ ହୋଇଯାଇଛି। ଏସମ୍ପର୍କରେ ପାରାଦୀପ ପୋର୍ଟର ପୂର୍ବତନ ଟ୍ରଷ୍ଟି ପ୍ରତାପ ମିଶ୍ର କୁହନ୍ତି, ଆଇଓସିଏଲ୍ ପକ୍ଷରୁ ଏସବୁ ପ୍ରକଳ୍ପ ନିର୍ମାଣ କରାଯାଇ ରାଜ୍ୟ ସରକାରଙ୍କୁ ରକ୍ଷଣାବେକ୍ଷଣ ଦାୟିତ୍ୱ ଦିଆଯାଇଥିଲା। ପ୍ରକଳ୍ପ ଯେଉଁଠି ଲାଗିଛି ଉକ୍ତ କାର୍ଯ୍ୟାଳୟ ଅବା ଗ୍ରାମ୍ୟ ପାନୀୟ ଜଳ ପରିମଳ ବିଭାଗ ପକ୍ଷରୁ ଏହାକୁ ମରାମତି କରଯିବା କଥା। ମାତ୍ର ମରାମତି ଦାୟିତ୍ୱ କେହି ନେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏବିଷୟରେ ନାଉଗାଁ ଜଳ ପରିମଳ ବିଭାଗ ଯନ୍ତ୍ରୀ ପ୍ରଦୀପ୍ତ ବରାଳ କହିଛନ୍ତି, ନିର୍ମିତ ପ୍ରକଳ୍ପ ମରାମତି କରିବା ପାଇଁ ବିଭାଗକୁ କୌଣସି ନିର୍ଦ୍ଦେଶ ଦିଆଯାଇନାହିଁ। ଯଦି ଆମେ ମରାମତି କରିବୁ ତେବେ ଖର୍ଚ୍ଚ ଅର୍ଥ କିଏ ପରିବହନ କରିବ ବୋଲି ସେ ପ୍ରଶ୍ନ କରିଛନ୍ତି। ଏଭଳିସ୍ଥିତିରେ ପ୍ରକଳ୍ପର ମରାମତି ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଭାଇଚାରାର ଉଦାହରଣ ସୃଷ୍ଟିକଲେ ଗ୍ରାମବାସୀ

**ରାହାମା,୨୭।୨(ଡି.ଏନ୍.ଏ.)**

କୁଜଙ୍ଗ ବ୍ଲକ ଅନ୍ତର୍ଗତ ଗରେଇ ପଞ୍ଚାୟତସ୍ଥିତ ଚନ୍ଦ୍ରଧ୍ୱଜପୁର ଗ୍ରାମରେ ଗ୍ରାମବାସୀ ସରକାରୀ ଅନୁଦାନକୁ ଅପେକ୍ଷା ନ କରି ସଞ୍ଚିତ ଅର୍ଥରେ ଗ୍ରାମ ଦେବତୀ ଓ ସୂର୍ଯ୍ୟନାରାୟଣଙ୍କ ମନ୍ଦିର ନିକଟରେ ଏକ ରୋଷ ଗୃହ ନିର୍ମାଣ କରିଛନ୍ତି। ଏହାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିଭାବେ ସାମାଜିକ କର୍ମୀ ସୁନାକର ବେହେରା ଓ ବାବାଜୀ କୃଷ୍ଣଚନ୍ଦ୍ର ଦାସ ଯୋଗଦେଇ ଗ୍ରାମବାସୀ ନିଜ ଉଦ୍ୟମରେ ଅର୍ଥ ଆଦାୟ କରି ଗୃହ ନିର୍ମାଣ କରି ଭାଇଚାରାର ଉଦାହରଣ ସୃଷ୍ଟି କରିଛନ୍ତି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଆଶିଷ କୁମାର ନାୟକ, ଯଶୋବନ୍ତ ପରିଜା, ବିଷ୍ଣୁଚରଣ ମଲ୍ଲ, ବିକ୍ରମ କେଶରୀ ନାୟକ ଓ ଗୌରାଙ୍ଗ ନାୟକ ପ୍ରମୁଖ ଯୋଗଦେଇଥିଲେ।


## ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ

### ଭଣ୍ଡାର ସାମଗ୍ରୀ ଯୋଗାଣ ପାଇଁ ଟେଣ୍ଡର ବିଜ୍ଞପ୍ତି

**ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏନ୍‌ଆଇଟି/୧୪/୨୧/୮, ତାରିଖ: ୨୩।୦୨।୨୦୨୧**

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ ଏକ ଇ-ପ୍ରଣାଳୀର କାର୍ଯ୍ୟାନ୍ୱୟନ କରିଛି। ଭାରତର ରାଷ୍ଟ୍ରପତିଙ୍କ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ ନିମ୍ନଲିଖିତ ସାମଗ୍ରୀର ଯୋଗାଣ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି। ବିଜ୍ଞାପିତ ଟେଣ୍ଡରଗୁଡ଼ିକ ସଂକ୍ରାନ୍ତୀୟ କାରବାର କେବଳ ଇ-ସଂଗ୍ରହଣ ପ୍ରଣାଳୀ ମାଧ୍ୟମରେ କରାଯିବ। କୌଣସି ମାନୁଆଲ ଅଫରକୁ ପ୍ରଶ୍ରୟ ଦିଆଯିବ ନାହିଁ। ଟେଣ୍ଡରଗୁଡ଼ିକୁ ଲିଙ୍କ୍ www.ireps.gov.in ଅଧୀନରେ ଦେଖାଯାଇପାରିବ।

| କ୍ର. ସଂ. | ଟେଣ୍ଡର ନଂ. | ସଂକ୍ଷିପ୍ତ ବର୍ଣ୍ଣନା | ଟେଣ୍ଡର ସମାପ୍ତି/ ଖୋଲାଯିବା ତାରିଖ | ପରିମାଣ |
|---|---|---|---|---|
| ୧ | ୦୫୨୧୧୧୩୧ | ଇଲେକ୍ଟ୍ରିକ୍ ପଏଣ୍ଟ ମେଶିନ | ୧୫।୦୩।୨୦୨୧ | ୨୦ ଗୋଟି |
| ୨ | ୦୨୨୧୧୪୭୩ | ରିଭର୍ସର୍ ସୁଇଚ୍ ଆସେମ୍ବ୍ଲି | ୧୭।୦୩।୨୦୨୧ | ୨୨ ଗୋଟି |
| ୩ | ୦୫୨୧୫୦୫୬ | ସିଗ୍‌ନାଲିଂ କେବୁଲ, କପର୍ କଣ୍ଡକ୍ଟର ୧୨ କୋର୍ x ୧.୫ ବର୍ଗ ମିମିର ଯୋଗାଣ ପାଇଁ ରନିଂ ଠିକା | ୨୪।୦୩।୨୦୨୧ | ୫୨୦୦ କି.ମି. |
| ଟେଣ୍ଡର ସମାପ୍ତି/ଖୋଲାଯିବା ସମୟ: ୧୦.୩୦ ଘଟିକା | | | | |

ଟେଣ୍ଡରଗୁଡ଼ିକ ପାଇଁ କୌଣସି ଶୁଦ୍ଧିପତ୍ର ଜାରି କରିବାର ଅଧିକାର ରେଳପଥ ସଂରକ୍ଷିତ ରଖିଛି। ଶୁଦ୍ଧିପତ୍ର ଏବଂ ବିକ୍ରେତାମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୋଟିସ ଲିଙ୍କ୍ www.ireps.gov.inରେ ଦେଖାଯାଇପାରିବ।

CPR/10/459 ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ/ବିଳାସପୁରଙ୍କ ପାଇଁ

South East Central Railway @secrail


# ପାଇପ୍‌ଲାଇନ ବିଛାକୁ ବିରୋଧ: ଗ୍ରାମବାସୀଙ୍କ ଧାରଣା

**କୁଜଙ୍ଗ,୨୭।୨(ଡି.ଏନ୍.ଏ.)**

ଏରସମା ବ୍ଲକ ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ଡିଙ୍କିଆ ଗ୍ରାମର ଅନାବାଦି ଜମିରେ ବିଛାଯାଉଥିବା ପାରାଦୀପ-ହାଇଦ୍ରାବାଦ ପାଇପ ଲାଇନ ପାଇଁ ବିବାଦ ଲାଗି ରହିଛି। ଏନେଇ ଶୁକ୍ରବାର ଗ୍ରାମବାସୀଙ୍କ ପକ୍ଷରୁ ପ୍ରତିବାଦ ସମାବେଶ ଅନୁଷ୍ଠିତ ହୋଇଥିବା ବେଳେ ଶନିବାର ବିବାଦୀୟ ଜାଗାରେ ଧାରଣା ଦିଆଯାଇଛି। ବିବାଦର ସମାଧାନ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଆଇଓସିଏଲ୍ ପକ୍ଷରୁ ପାଇପଲାଇନ ବିଛା କାର୍ଯ୍ୟକୁ ନେଇ ଡିଙ୍କିଆ ଅଞ୍ଚଳରେ ଦୀର୍ଘଦିନ ହେବ ବିବାଦ ଲାଗିରହିଛି। ଏନେଇ ଗ୍ରାମବାସୀଙ୍କ ତରଫରୁ ସମିତିସଭ୍ୟ ଦେବେନ୍ଦ୍ର ସ୍ୱାଇଁ, ଗୌତମ ଦାସ, ଅକ୍ଷୟ ଦାସଙ୍କ ସମେତ ୧୧ ଜଣ ଉଚ୍ଚନ୍ୟାୟାଳୟଙ୍କ ପାଖରେ ଆବେଦନ କରିଥିଲେ। ଆଲୋଚନା ମାଧ୍ୟମରେ ବିବାଦର ସମାଧାନ କରିବାକୁ ଉଚ୍ଚ ନ୍ୟାୟାଳୟ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଜିଲାପାଳ ଫେବୃୟାରୀ ୧୮ରେ ଆବେଦନକାରୀଙ୍କ ସହ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଆଲୋଚନା କରିଥିଲେ। ଏକ ସପ୍ତାହ ମଧ୍ୟରେ ଗ୍ରାମ ମୁରବି, ପାଇପଲାଇନ କର୍ତ୍ତୃପକ୍ଷ ଓ ପ୍ରଶାସନିକସ୍ତରରେ ତ୍ରିପାକ୍ଷିକ ଆଲୋଚନା କରାଯାଇ ସମସ୍ୟାର ସମାଧାନ କରିବାକୁ ନିଷ୍ପତ୍ତି ହୋଇଥିଲା। ମାତ୍ର ଗୋଟିଏ ସପ୍ତାହ ବିତିଯାଇଥିଲେ ବି ଆଲୋଚନା ପାଇଁ ପ୍ରଶାସନିକ ସ୍ତରରେ କୌଣସି ସୂଚନା ଦିଆଯାଇନାହିଁ। ଫଳରେ ମସୁଧା ଚାଲିଥିବା ଆଶଙ୍କା କରି ଗ୍ରାମବାସୀଙ୍କ ପକ୍ଷରୁ ଏହି ଧାରଣା ଦିଆଯାଇଛି।


## COLLECTORATE, MALKANGIRI (NIZARAT SECTION)

Letter No. 190/XVI-26/2021/Nizarat Date 26.02.2021

**TENDER CALL NOTICE**

In partial modification & continuance of this office previous Tender Call Advertisement No.103 dated 05.02.2021. Sealed tenders in plain paper are invited from the reputed Registered Firms/ Suppliers having branded company authorization to be preferred, subject to favorable cost & quality for supply of Desktop and Server which to be supplied to the Nizarat Section, Collectorate, Malkangiri for use of all Sections of Collectorate, as decided by the District Level Purchase Committee for current financial year 2020-21.

Categorically, itemwise specification is mentioned as follows. The bidder has to superscribe on the envelope that for which item or category of items he/ she intends to participate in the tender. The details of tender along with terms & conditions is available in the District website i.e. www.malkangiri.nic.in and the period of submission of tender papers has been extended for further period upto 09.03.2021.

**Sd./- COLLECTOR & DISTRICT MAGISTRATE MALKANGIRI**



## କୃଷକ ଭାଇ ଓ ଭଉଣୀମାନଙ୍କ ପାଇଁ ସୂଚନା

No. L-75

କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଭୁବନେଶ୍ୱର ଡିବିଟି (DBT) ମାଧ୍ୟମରେ ୨୦୨୦-୨୧ ବର୍ଷରେ ଅତିରିକ୍ତ କୃଷି ଯନ୍ତ୍ରପାତି ପାଇଁ ଅନ୍‌ଲାଇନ୍ (Online) ଆବେଦନ ଆସନ୍ତା **୨ ମାର୍ଚ୍ଚ ୨୦୨୧ ତାରିଖ ଦିବା ୧୦.୩୦** ଠାରୁ ବିଭିନ୍ନ ଯନ୍ତ୍ରପାତି ପାଇଁ ପର୍ଯ୍ୟାୟ କ୍ରମେ ସର୍ବସାଧାରଣଙ୍କ ନିମନ୍ତେ ଖୋଲିବ।

ଇଚ୍ଛୁକ ଆବେଦନକାରୀ ଉପଯୁକ୍ତ କୃଷକ ପଞ୍ଜୀକରଣ ସଂଖ୍ୟା ସହିତ **https://odishafarmmachinery.nic.in** ରେ ଆବେଦନ କରିପାରିବେ।

OIPR-01034/11/0035/2021

କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା


# ଛାତ୍ରୀଙ୍କ ପରିବାରକୁ ହତ୍ୟା ଧମକ

**ଜଗତ୍‌ସିଂହପୁର ଅଫିସ, ୨୭।୨:** ଜଗତ୍‌ସିଂହପୁର ଥାନା ଅଞ୍ଚଳର ଜଣେ ୯ମ ଶ୍ରେଣୀ ଛାତ୍ରୀଙ୍କୁ କିଶୋରନଗର ଥାନା ଅନ୍ତର୍ଗତ ଓଡକିମିର ଅଞ୍ଚଳର ପବିତ୍ର ଦାସ (ପପୁ) ଧମକ ଦେଇଛନ୍ତି। ଏନେଇ ନାବାଳିକା ଜଣକ ଥାନାରେ ଅଭିଯୋଗ କରିବା ପରେ ମାମଲା (ନଂ.୯୮/୨୧)ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ନାବାଳିକାଙ୍କୁ ପପୁ ରାସ୍ତାରେ ଅଟକାଇ ବନ୍ଧୁକ ଦେଖାଇ ହଇରାଣ କରୁଛନ୍ତି। ବାପା ଓ ଦାଦାଙ୍କୁ ହତ୍ୟା କରିବା ପାଇଁ ଧମକ ଦେଇଛନ୍ତି। ଏହାକୁ ଭିତ୍ତି କରି ପୋଲିସ ପପୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଏକଦିବସୀୟ କ୍ରିକେଟ୍: ନୂଆଗାଁ ଚାମ୍ପିୟନ

**ବିରିଡି,୨୭।୨(ଡି.ଏନ୍.ଏ.):** ଇଣ୍ଡିଆନ କ୍ରିକେଟ କ୍ଲବ ହାଜିପୁର ଆନୁକୁଲ୍ୟରେ ହାଜିପୁର ଖେଳ ପଡ଼ିଆଠାରେ ଏକ ଦିବସୀୟ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂଆଗାଁ ଚାମ୍ପିୟନ ହୋଇଛି। ଜିଲା ପରିଷଦ ସଭ୍ୟ ପ୍ରତାପ ବେହେରା ଓ ବ୍ଲକ ବିଜେଡି ଯୁବ ସଭାପତି ସୁଶାନ୍ତ ସାହୁ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ୫ ଓଭର ବିଶିଷ୍ଟ ଏହି ଟୁର୍ନାମେଣ୍ଟରେ ୧୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। ନୂଆଗାଁ କ୍ରିକେଟ ଓ ନାର୍ଦା କ୍ରିକେଟ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ନୂଆଗାଁ ପ୍ରଥମେ ବ୍ୟାଟିଂ କରି ୫ ଓଭରରେ ୭ ଉଇକେଟ ହରାଇ ୩୮ ରନ ସଂଗ୍ରହ କରିଥିଲା। ଜବାବ୍‌ରେ ନାର୍ଦା ଟିମ ୫ ଓଭରରେ ୮ ଉଇକେଟ ହରାଇ ୨୭ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ଡ. ସୁରେଶ ଚନ୍ଦ୍ର ଜେନା ଓ ରଏବର ଅଲ୍ଲୀ ଯୋଗଦେଇ ବିଜୟୀ ନୂଆଗାଁ ଟିମକୁ ଚାମ୍ପିୟନ ଟ୍ରଫି ସହ ୧୫ ହଜାର ଟଙ୍କା ଓ ନାର୍ଦା ଟିମ୍‌କୁ ରନର୍ସ ଅପ୍ କପ ସହ ୧୨ ହଜାର ଟଙ୍କା ପ୍ରଦାନ କରିଥିଲେ। ଶେଷରେ ବିଜୟ କୁମାର ଭୂୟାଁ ଧନ୍ୟବାଦ ଦେଇଥିଲେ।


## OFFICE OF THE EXECUTIVE ENGINEER RURAL WORKS DIVISION No-II, KEONJHAR

### "e" Procurement Notice for Road Works

No.O-1150:- **Identification No. Online NCB - 09/2020-21**

1. Name of the Work : 01 No. Road Work. 2. Total Number of Work : 01 No. 3. Estimated Cost : Rs. 35.36 Lakhs. 4. Class of Contractor : "C" & Equivalent. 5. Period of Completion : 2 (Two) Calendar Months, Sl. No. 1 to 1. 6. Other Details :

| Procurment Officer | Bid Identification No. | Availability of tender online for bidding | | Date & time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, R.W. Divn. No.II, Keonjhar | Road Works Online N.C.B. 09/2020-21 | Dt.02.03.21 at 11.00 A.M. | Dt.10.03.2021 upto 3.00 P.M. | Dt.10.03.2021 at 4.30 P.M. |

Further details can be seen from the Website www.tenderorissa.gov.in

Sd./- Executive Engineer, R.W.Divn.No-II, Keonjhar

OIPR-25093/11/0010/2021



## GOVERNMENT OF ODISHA OFFICE OF THE SUPERINTENDING ENGINEER RURAL WORKS CIRCLE, SAMBALPUR

Tel.-0663-2548268, E-mail id-serwcirclesbp@yahoo.com

e-Procurement No.372 Dated: 23.02.2021

No.O-1148:- Superintending Engineer Rural Works Circle, Sambalpur on behalf of Odisha State Rural Roads Agency invites Percentage (%) bids through e_Procurement from eligible class of experienced bidders for construction of roads and CD works including maintenance for 5 years of rural roads under Pradhan Mantri Gram Sadak Yojana PMGSY-III, Batch-I (2020-21).

| | | | |
|---|---|---|---|
| 1 | Name of work | : | Construction of road and CD works including five year maintenance under PMGSY-II, Batch-I (2020-21) |
| 2 | Class of contractor | : | As per Annexure (Information in DTCN will be Final) |
| 3 | No. of packages | : | 03 Nos. of package |
| 4 | Estimated cost | : | **Varies from Rs.227.41 lakhs to Rs.728.31 lakhs** (Information in DTCN will be Final) |
| 5 | Bid submission fee | : | Rs.10,000/- (Non-refundable) per set of package |
| 6 | Mode of submission of tender | : | Only through online in website www.pmgsytenders.gov.in |
| 7 | Summary of key dates are provided below: | | |

| Procurement Officer | Bid Identification No. | Availability of tender online for bidding | | Last date & time for seeking clarification | Last date & time of submission of Original documents | Date & time of opening of tender | |
|---|---|---|---|---|---|---|---|
| | | From | To | | | Technical bid | Financial bid |
| Superintending Engineer, Rural Works Circle, Sambalpur | PMGSY-Online-RWCSBP-15/2021 | 01.03.2021 from 11.00 A.M. | 15.03.2021 upto 05.00 P.M. | 12.03.2021 upto 4.00 P.M. | 17.03.2021 by 5.00 P.M. | 16.03.2021 at 11.00 A.M. | Will be intimated later |

* **Special conditions:** 1. EMD - 2% of the amount put to tender as per DTCN. 2. EPF registration is mandatory before drawl of agreement. 3. Rate quoted by the contractor shall be excluding GST. 4. Original E.M.D., Bid submission fee and original affidavits should be submitted at the O/o Superintending Engineer, Rural Works Circle, Sambalpur or O/o Executive Engineer of concerned Rural Works Division. * Details can be seen from the e-procurement portal www.pmgsytenders.gov.in
* Subsequent modification/corrigendum/addendum if required shall be appeared in the website only.

Sd./- Superintending Engineer, Rural works Circle, Sambalpur

OIPR-25091/11/0018/2021



## ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
## OFFICE OF THE SUPERINTENDING ENGINEER, RURAL WORKS CIRCLE, BERHAMPUR

At: Ambapua, P.O.- Engineering School, Near Income Tax Office, Berhampur - 760011
E-mail: serwbpr2004@yahoo.com, Tel/Fax: 0680-2404287

**NATIONAL COMPETITIVE BIDDING TRHOUGH e-Procurement**

No. O-1163 Bid Identification No. Online Tender / 26-2020-21/BPR

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 26-2020 - 21/BPR | Road works under Improvement to existing RD road & completion of Incomplete Road & Bridges | 06 Nos. | From Rs.117.74 lakhs to Rs.749.33 lakhs | "B" Class, "A" Class, "Special Class as applicable | 06 (Six), 09 (Nine) & 11 (Eleven) Calendar month as provided |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Superintending Engineer, R.W. Circle, Berhampur | Online Tender / 26-2020-21/BPR | 03.03.2021 at 10.00 A.M. | 17.03.2021 upto 3.00 P.M. |

(i) EMD/Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website: www.tendersodisha.gov.in.

OIPR-25071/11/0022/2021 Sd./- Superintending Engineer, R.W. Circle, Berhampur



## OFFICE OF THE SUPERINTENDING ENGINEER RURAL WORKS CIRCLE, BARIPADA

By E-Mail/e-Despatch
E-Mail ID: serwcbaripada@nic.in
Ph.No.-06792-261343/261344
Gangraj, Baripada

No.O-1146:- **"e" Procurement Notice for Bridge Work**

**Identification No.- Online Tender- Bridge N.C.B. No. 178 for 2020-21**

Letter No.422/ Date 23.2.2021

1. Name of the work : Construction of Bridge over Local Nallah at 0.20 Km on Bakala to Battainsara road under Inter District Inter Block Connectivity Scheme for the year 2020-21 under R.W.Division, Karanjia in the District of Mayurbhanj.
2. Total No. of work : 01. No. (One)
3. Estimated cost : Rs.212.16 lakhs (Approximately)
4. Eligible class of contractor : 'B' & 'A' class (of Odisha P.W.D.) or relevant class of other licencing authorities
5. Period of completion : 12 (Twelve) calendar months for the work
6. Other details :

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender in O/o S.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Baripada | Bridge Online N.C.B. No.178 | Dt.01.03.2021 at 11.00 A.M. | Dt.15.03.2021 upto 5.00 P.M. | Dt.12.03.2021 upto 5.00 P.M. | Dt.16.03.2021 at 11.00 A.M. | Dt.20.03.2021 at 11.00 A.M. |

Further details can be seen from the website: www.tendersorissa.gov.in. Any Corrigendum /Addendum will be displayed in the above e_tender website only.

OIPR-25130/11/0011/2021 Sd./- Superintending Engineer, R.W. Circle, Baripada



ମାଘପୂର୍ଣ୍ଣିମା ତିଥିରେ ମହାନଦୀ ଆରତୀ ଶନିବାର ପାରମ୍ପରିକ ରୀତିରେ ଶେଷ ହୋଇଛି । ଆରତୀ ଦର୍ଶନ ପାଇଁ ଶତାଧିକ ଶ୍ରଦ୍ଧାଳୁ ଭିଡ ଜମାଇ ଥିଲେ । ମହାନଦୀର ଗଙ୍ଗାଦେବୀ ପୀଠରେ ମହାନଦୀ ଆରତୀ କରାଯାଇଥିଲା । ପ୍ରଥମେ ନୀଳମାଧବ ଜୀଉଙ୍କ ସିଂହଦ୍ୱାରଠାରୁ ଶ୍ରୀ ଜୀଉଙ୍କ ଆଜ୍ଞାମାଳ ଓ ପ୍ରଜ୍ୱଳିତ ପ୍ରଦୀପକୁ ଏକ ଶୋଭାଯାତ୍ରାରେ ଗଙ୍ଗାଦେବୀଙ୍କ ପୀଠକୁ ଅଣାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଖଣ୍ଡଗିରି କଳ୍କି ଆଶ୍ରମର ମହନ୍ତ ସ୍ୱାମୀ କୃଷ୍ଣଚନ୍ଦ୍ର ମହାରାଜ ଓ ସାଧୁ ହରିହର ଦାସ ଦେଇ ଗଙ୍ଗା ତଥା ମହାନଦୀକୁ ପ୍ରଦୂଷଣ ମୁକ୍ତ କରିବାକୁ ପରାମର୍ଶ ଦେଇଥିଲେ ।

# ଅଲିଭ ରିଡ୍‌ଲେଙ୍କ ମୃତ୍ୟୁ ସଂଖ୍ୟା ବଢ଼ୁଛି

କେନ୍ଦ୍ରାପଡା ଅଫିସ, ୨୭।୨

ଦିନକୁ ଦିନ ଅସୁରକ୍ଷିତ ହୋଇପଡିଛି ଗହୀରମଥା । ଅଲିଭରିଡ୍‌ଲେଙ୍କ ମୃତ୍ୟୁସଂଖ୍ୟା ବଢ଼ି ଚାଲିଛି । ଗହୀରମଥା ସାମୁଦ୍ରିକ ଅଞ୍ଚଳରେ କଟକଣା ସତ୍ତ୍ୱେ ୪୦୬ ଅଲିଭ ରିଡ୍‌ଲେଙ୍କ ମୃତ୍ୟୁ ହୋଇଥିବା ରାଜନଗର ଡିଏଫ୍‌ଓ ଗତ ୨୫ ତାରିଖରେ ସତ୍ୟପାଠ ମାଧ୍ୟମରେ ହାଇକୋର୍ଟଙ୍କୁ ଜଣାଇଛନ୍ତି । ହେଲେ ଅଲିଭରିଡ୍‌ଲେଙ୍କ ମୃତ୍ୟୁ ସଂଖ୍ୟା ଡିଏଫ୍‌ଓଙ୍କ ରିପୋର୍ଟଠାରୁ ଢେର ଅଧିକ ବୋଲି ଜଣାପଡିଛି । କଟକଣା ସତ୍ତ୍ୱେ ଏହି ନିଷିଦ୍ଧାଞ୍ଚଳ ମାଛ ବ୍ୟବସାୟୀଙ୍କ କବ୍‌ଜାକୁ ଚାଲିଯାଇଛି । ପାଟ୍ରୋଲିଂ ବୋଟ୍ ଅଚଳ ହୋଇଥିବା ବେଳେ ଜବତ ବୋଟଗୁଡିକ କୋର୍ଟରୁ ତୁରନ୍ତ ଖଲାସ କରାଯାଉଛି । ଗହୀରମଥା ସାମୁଦ୍ରିକ ଅଞ୍ଚଳ ଏକ ପ୍ରକାର ଅସୁରକ୍ଷିତ ହୋଇପଡିଛି ବୋଲି ସ୍ଥାନୀୟ ପରିବେଶବିତ୍‌ମାନେ ମତ ଦେଇଛନ୍ତି ।

ଏସମ୍ପର୍କରେ ପ୍ରକୃତିପ୍ରେମୀ ମନୋଜ କୁମାର ନାୟକ କହିଛନ୍ତି, ଗତ ନଭେମ୍ବରରୁ ଆସନ୍ତା ମେ’ମାସ ପର୍ଯ୍ୟନ୍ତ ଗହୀରମଥାର ସାମୁଦ୍ରିକ ଅଞ୍ଚଳକୁ ବିରଳ ଅଲିଭରିଡ୍‌ଲେଙ୍କ ଅଣ୍ଡାଦାନ ପାଇଁ କଟକଣା ଜାରି କରାଯାଇଛି । ଏହି ସମୟରେ ବନବିଭାଗ, ସାମୁଦ୍ରିକ ଥାନା ଓ ତଟରକ୍ଷା ବାହିନୀ ପକ୍ଷରୁ ସମୁଦ୍ରରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବା କଥା । ହେଲେ ସେହି ନିଷିଦ୍ଧାଞ୍ଚଳରେ ହାଟ ବସୁଥିବା ବେଳେ ମାଛଧରା ସୁରୁଖୁରୁରେ ଚାଲିଛି । ଏପରି ବେଆଇନ କାର୍ଯ୍ୟ ପାଇଁ ପ୍ରତିବର୍ଷ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଡିଲ ହେଉଛି ବୋଲି ସେ ଅଭିଯୋଗ କରିଛନ୍ତି । ପରିବେଶବିତ୍ ଦୋଳଗୋବିନ୍ଦ ଜେନା କହିଛନ୍ତି, ବୋଟ୍, ଟ୍ରଲର ଚଳାଚଳ ଫଳରେ ୮୦୦ରୁ ଅଧିକ କଇଁଛଙ୍କ ମୃତ୍ୟୁ ହୋଇଛି । ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ସତ୍ତ୍ୱେ ବୋଟ୍, ଟ୍ରଲରରେ ଟିଇଡି (ଟର୍ଟଲ ଏକ୍ସକ୍ଲୁଡର ଡିଭାଇସ) ବ୍ୟବହାର କରାଯାଉନାହିଁ । ସେହିପରି ୬ କୋଟି ଟଙ୍କା ବ୍ୟୟରେ କ୍ରୟ ହୋଇଥିବା ବନ ବିଭାଗର ୨ ବୋଟ୍ ମଧ୍ୟରୁ ଗୋଟିଏ ଅଚଳ ହୋଇ ଦୀର୍ଘଦିନ ହେବ ପଡିରହିଛି । ପୂର୍ବରୁ କଟକଣା ଅବଧି ମଧ୍ୟରେ ଜବତ ବୋଟ୍, ଟ୍ରଲର ବହୁ ଦିନ ଧରି ପଡି ରହୁଥିଲା । ଏବେ ଜବତ ବୋଟ୍‌ଗୁଡିକ କୋର୍ଟରୁ ତୁରନ୍ତ ରିଲିଜ କରାଯାଉଥିବାରୁ ମାଲିକମାନେ ମାଛଧରା କାର୍ଯ୍ୟରେ ଲଗାଇବାକୁ ସକ୍ଷମ ହେଉଛନ୍ତି ।

## ଅସୁରକ୍ଷିତ ଗହୀରମଥା

- ମାଛ ବ୍ୟବସାୟୀଙ୍କ କବ୍‌ଜାରେ ନିଷିଦ୍ଧାଞ୍ଚଳ
- ପାଟ୍ରୋଲିଂ ବୋଟ୍ ଅଚଳ



ସାମୁଦ୍ରିକ ସୁରକ୍ଷା ସମିତିର ସଭାପତି ସତ୍ୟପ୍ରକାଶ ମହାନ୍ତି କହିଛନ୍ତି, କଇଁଛଙ୍କ ଅଣ୍ଡାଦେବା ସ୍ଥାନ ଏବେ ସଙ୍କଟରେ ଅଛି । ବାବୁବାଲି, ଅଗରନାଶୀ ଆଦି ଦ୍ୱୀପରେ ତଟକ୍ଷୟ ଜାରି ରହିଛି । ବନବିଭାଗ ଏହି ଅଞ୍ଚଳର ତଟକ୍ଷୟ ପ୍ରତି ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବା ସହ ସୁରକ୍ଷା ଯୋଗାଇ ଦେବା କଥା । ତେବେ ଏନେଇ କୌଣସି ତତ୍ପରତା ନାହିଁ । ପରିବେଶବିତ୍ ହେମନ୍ତ କୁମାର ରାଉତ କହିଛନ୍ତି, ପୂର୍ବରୁ ଚନ୍ଦ୍ରଭାଗା ଓ ହରଚଣ୍ଡୀ ତଟାଞ୍ଚଳକୁ ଅଲିଭରିଡଲେ ଆସୁଥିଲେ । ପରିବେଶ ନଷ୍ଟ ଓ ବେଆଇନ ଟ୍ରଲର ଚଳାଚଳ ଯୋଗୁ ୨୦୧୨ରୁ ଏହି ଅଞ୍ଚଳରେ ସମୂହ ଅଣ୍ଡାଦାନ ହେଉନାହିଁ । ପ୍ରାୟ ୧୦୦୦ ଅଣ୍ଡାରୁ ମାତ୍ର ଗୋଟିଏ ଏହି ବିରଳ କଇଁଛ ପ୍ରାପ୍ତ ବୟସ୍କ ହେଉଥିବାରୁ ସେମାନଙ୍କ ସୁରକ୍ଷା ଜରୁରୀ ହୋଇପଡିଛି । ଭିତରକନିକା ଅଞ୍ଚଳରେ ବେଆଇନ ବସବାସ ଓ ଚିଙ୍ଗୁଡି ଘେରି ଅଲିଭରିଡଲେଙ୍କ ପାଇଁ ବିପଦ ହୋଇଛି ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି । ଏସମ୍ପର୍କରେ ଗହୀରମଥା ରେଞ୍ଜ ଅଫିସର ଦେବାଶିଷ ଭୋଇ କହିଛନ୍ତି, କଇଁଛଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି । ଗତ ୪ ମାସ ମଧ୍ୟରେ ୩୦ ବୋଟ୍, ଟ୍ରଲର ଜବତ ହୋଇଛି । ୨୦୦ରୁ ଉର୍ଦ୍ଧ୍ୱ ଅନୁପ୍ରବେଶକାରୀଙ୍କୁ ଗିରଫ କରାଯାଇଛି । ବିଭିନ୍ନ ସ୍ଥାନରେ ପାଟ୍ରୋଲିଂ ସହ ବାବୁବାଲି ଓ ଅଗରନାଶୀରେ ୨ଟି କ୍ୟାମ୍ପ ଶେଡ୍ ତିଆରି କରାଯାଇ ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯାଇଛି ।

## ସଂକ୍ଷେପରେ

### ଗୋରୁ ବ୍ୟବସାୟୀ, ସହଯୋଗୀ ଗିରଫ

କଳିଙ୍ଗନଗର,୨୭।୨(ଡି.ଏନ.ଏ.): ଗୋରୁ ଚୋରା ଚାଲାଣ କରୁଥିବା ଜଣେ ବ୍ୟବସାୟୀ ଓ ତାଙ୍କ ସହଯୋଗୀଙ୍କୁ କଳିଙ୍ଗନଗର ପୋଲିସ ଗିରଫ କରିଛି । ଏଥିସହିତ ଏକ ପିକ୍‌ଅପ ଭ୍ୟାନ ଜବତ କରିଛି । ଏଥିରେ ୫ ଗୋରୁ ଥିଲେ । ଗିରଫ ଅଭିଯୁକ୍ତ ହେଲେ ଯାଜପୁରରୋଡ ଥାନା ତରାପୁର ଲକ୍ଷ୍ମୀନଗରର ଗୋପାଳ ଦାସ ଏବଂ ପହଙ୍ଗାର ହୃଷିକେଶ ପାତ୍ର । ପୋଲିସ ଏନେଇ ଏକ ମାମଲା (ନଂ.୫୧।୨୧) ରୁଜୁ କରିଛି । ଉକ୍ତ ପିକ୍‌ଅପ୍ ଭ୍ୟାନରେ ସେମାନେ ଗୋରୁନେଇ ଯାଜପୁରରୋଡ୍ ଆଡକୁ ଯାଉଥିଲେ । ଥାନା ଅଧିକାରୀ ସୁଶାନ୍ତ ଦାସ ଖବର ପାଇ ସଦଳବଳ ଚଢ଼ାଉ କରିଥିଲେ ।

### ପ୍ରଧାନ ଶିକ୍ଷୟିତ୍ରୀଙ୍କ ପରଲୋକ



ବରୀ,୨୭।୨(ଡି.ଏନ.ଏ.): ବରୀ ବ୍ଲକ ଅଧୀନ କଳାମାଟିଆ ଗ୍ରାମର ପ୍ରଧାନଶିକ୍ଷୟିତ୍ରୀ ପବିତ୍ରା ଜେନାଙ୍କ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୫୭ ବର୍ଷ ବୟସ ହୋଇଥିଲା । ସେ କଳାମାଟିଆ ଶହୀଦ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଥିଲେ । ଶୁକ୍ରବାର ସେ ବିଦ୍ୟାଳୟରୁ ଫେରିବା ପରେ ଅସୁସ୍ଥତା ଅନୁଭବ କରିଥିଲେ । ପରିବାର ଲୋକେ ତାଙ୍କୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ରାତ୍ରିରେ ତାଙ୍କର ମୃତ୍ୟୁ ଘଟିଥିଲା । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସେ ଜଣେ ମେଳାପୀ, ଛାତ୍ର ବତ୍ସଳ ଓ ଧର୍ମପରାୟଣା ମହିଳା ଥିଲେ । ଗ୍ରାମ ସ୍ମଶାନରେ ଶୋକାକୂଳ ପରିବେଶରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି । ବଡ଼ ପୁଅ ରାଜେଶ ମୁଖାଗ୍ନି ଦେଇଥିଲେ । ଶେଷ କୃତ୍ୟ ସମୟରେ ବିଧାୟିକାଙ୍କ ପ୍ରତିନିଧି ଦେବେନ୍ଦ୍ର ଦାସ, ସିଆରସିସି ଉତ୍କଳ ଜେନା, ମନୋଜ ସାହୁ, ସଂଯୁକ୍ତା ସାମଲ, ଅଭୟ ବେଉରିଆ, ସଞ୍ଜୟ ଧଳ ପ୍ରମୁଖଙ୍କ ସମେତ ବନ୍ଧୁ ଓ ପରିବାରବର୍ଗ ଉପସ୍ଥିତ ଥିଲେ ।

### ଚନ୍ଦ୍ରଶେଖର ଆଜାଦଙ୍କ ବଳିଦାନ ଦିବସ

ଯାଜପୁର ରୋଡ,୨୭।୨(ଡି.ଏନ.ଏ.): ଅଖିଳ ଭାରତ କୃଷକ ସଂଘର୍ଷ ସମିତି ପକ୍ଷରୁ ଶନିବାର ବିପ୍ଳବୀ କ୍ରାନ୍ତିକାରୀ ଚନ୍ଦ୍ରଶେଖର ଆଜାଦଙ୍କ ବଳିଦାନ ଦିବସକୁ ଶହୀଦ ଦିବସ ଭାବେ ପାଳନ କରାଯାଇଛି । ଏହି ପରିପ୍ରେକ୍ଷୀରେ ସିଆଇଟିୟୁ ରାଜ୍ୟ ଉପସଭାପତି ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି । ସଭାରେ ଆଇଏନଟିୟୁସିର ଜିଲା ସହ ସମ୍ପାଦକ ପରମାନନ୍ଦ ସେଠୀ, ନୃସିଂହ ପହି ଏବଂ ସିଆଇଟିୟୁର ବେବିନା ଜେନା, ପ୍ରମୁଖ ଚନ୍ଦ୍ରଶେଖର ଆଜାଦଙ୍କ ଜୀବନୀ ସଂକ୍ରାନ୍ତରେ ଆଲୋକପାତ କରିଥିଲେ । ଦିଲ୍ଲୀ କୃଷକ ଆନ୍ଦୋଳନର କୌଣସି ସମାଧାନ ନ କରି କେନ୍ଦ୍ର ସରକାର କୃଷକ ନେତାଙ୍କୁ ମିଥ୍ୟା ମକଦ୍ଦମାରେ ଗିରଫ କରିବା ଘଟଣାକୁ ଦୃଢ଼ ନିନ୍ଦା କରାଯାଇଥିଲା ।

# ନାବାଳିକାଙ୍କୁ ବଳାତ୍କାର, ଯୁବକ ଗିରଫ

କଳିଙ୍ଗନଗର,୨୭।୨(ଡି.ଏନ.ଏ.)

ନାବଳିକାଙ୍କୁ ବଳାତ୍କାର ପରେ ଭିଡିଓ ଭାଇରାଲ ଅଭିଯୋଗରେ ଦାନଗଦୀ ଫାଣ୍ଡି ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ସେ ହେଲେ ଫାଣ୍ଡି ଅଧୀନ ତ୍ରିଜଙ୍ଗା ବିସ୍ଥାପିତ କଲୋନୀର ରାଜନାରାୟଣ ମହାନ୍ତ ଓରଫ(ସିପୁନ) । ନାବାଳିକାଙ୍କ ମା’ଙ୍କ ଅଭିଯୋଗ ମୁତାବକ, ଡିସେମ୍ବର ୧୫ରେ ଘରେ କେହି ନ ଥିବାର ସୁଯୋଗ ନେଇ ରାଜନାରାୟଣ ତାଙ୍କ ୧୬ ବର୍ଷୀୟା ନାବାଳିକାଙ୍କୁ ତ୍ରିଜଙ୍ଗା ଜଙ୍ଗଲକୁ ନେଇ ବଳାତ୍କାର କରିଥିଲେ । ଘଟଣାସ୍ଥଳରେ ନାବାଳିକା ଚିତ୍କାର କରିବାରୁ ସିପୁନ ଫେରାର ହୋଇଯାଇଥିଲେ । ନାବାଳିକା ବହୁ କଷ୍ଟରେ ଘରେ ପହଞ୍ଚିଥିଲେ । ହେଲେ ଲାଜରେ କିଛି କହୁ ନ ଥିଲେ । ତେବେ ଶୁକ୍ରବାର ସିପୁନ ବଳାତ୍କାରର ଭିଡିଓ ଭାଇରାଲ କରିବା ପରେ ନାବାଳିକା ରାତିରେ ତାଙ୍କ ମା’ଙ୍କୁ ସବୁକଥା ଜଣାଇଥିଲେ । ନାବାଳିକାଙ୍କ ମା’ ସିପୁନଙ୍କୁ ପଚାରବାରୁ ସେ ତାଙ୍କୁ ହତ୍ୟା ଧମକ ଦେଇଥିଲେ । ଫଳରେ ନାବାଳିକାଙ୍କ ମା’ ନିରାଶ ହୋଇ ଯାଜପୁର ରୋଡ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

# ଗ୍ରାମାଞ୍ଚଳ କାରିଗରଙ୍କୁ ପରିଚୟ ଦେଉଛି ପ୍ରଦର୍ଶନୀ

ରସୁଲପୁର,୨୭।୨(ଡି.ଏନ.ଏ.)

## ଜିଲାସ୍ତରୀୟ ପ୍ରଦର୍ଶନୀର ୪ର୍ଥ ଦିବସ



ବାଉଁଶରେ ନିର୍ମିତ କଳାକୃତିଙ୍କୁ ଦର୍ଶକ ଦେଖୁଛନ୍ତି ।

କୁଆଖିଆ ବଜାରର ଅଭିମନ୍ୟୁ ସାମନ୍ତ ସିଂହାର ଭବନ ପରିସରରେ ଅନୁଷ୍ଠିତ ଜିଲାସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀରେ କ୍ରମଶଃ ଦର୍ଶକଙ୍କ ଭିଡ଼ବଢୁଛି । ଶନିବାର ଚତୁର୍ଥ ଦିବସରେ ବହୁ ଦର୍ଶକଙ୍କ ସମାଗମ ହୋଇଛି । ପ୍ରଦର୍ଶନୀରେ ଗ୍ରାମାଞ୍ଚଳ କାରିଗରଙ୍କ ହାତଗଢ଼ା ସାମଗ୍ରୀ ଦେଖି ଦର୍ଶକ ବିଭୋର ହୋଇ ଉଠିଛନ୍ତି । ଜିଲାସ୍ତରୀୟ ପ୍ରଦର୍ଶନୀ କୁଆଖିଆରେ ହୋଇଥିବାରୁ ବଜାର ଆଖପାଖ ଗାଁରେ ଲୁକ୍କାୟିତ ଥିବା କାରିଗରଙ୍କ ପ୍ରତିଭା ଦେଖିବାକୁ ମିଳୁଛି । ଯଦିଓ ଏହି ଅଞ୍ଚଳର ଗୋପାଳପୁର ହସ୍ତଶିଳ୍ପ, ଟେରାକୋଟା, ବାଉଁଶ କାରିଗରି ଉପରେ ପ୍ରସିଦ୍ଧିଲାଭ କରିଛି ଓ ଗାଁର ହାତବୁଣା ଟସର ବସ୍ତ୍ର ଦେଶ ବିଦେଶରେ ଖ୍ୟାତି ରହିଛି, ତଥାପି ପ୍ରଦର୍ଶନୀ ମୁଗୁପାଳ ଅଞ୍ଚଳର କାଠ କାରିଗର ବିଶ୍ୱନାଥ ମହାରଣାଙ୍କ ଭଳି ଅନେକ କାରିଗରଙ୍କ କଳାକୃତି ପ୍ରଦର୍ଶନ କରିବାରେ ସୁଯୋଗ ସୃଷ୍ଟି କରିଛି । ବାଉଁଶ କାରିଗର ସୁରେଶ ଗୁଇଁଙ୍କ ମୟୂର ଓ ନୌକା, ନରେନ୍ଦ୍ର ସାହୁଙ୍କ ରାଜା ମୁକୁଟ ଏବଂ ଓଡ଼ିଶୀ ପୋଷାକ, ଟେରାକୋଟା କାରିଗର ନରେନ୍ଦ୍ର ରଣାଙ୍କ କୁମ୍ଭାର ଚକ ଓ ବୁଦ୍ଧମୁଣ୍ଡ, ବିଚିତ୍ର ଚାନ୍ଦଙ୍କ ବାନ୍ଧକାମ ଓ ତାର ପ୍ରସ୍ତୁତି ପ୍ରଣାଳୀ, ଯୋଗେନ୍ଦ୍ର ସ୍ୱାଇଁଙ୍କ ତାଳପତ୍ର ଖୋଦେଇ ରାଧାକୃଷ୍ଣ, ବଳରାମ ବେହେରାଙ୍କ ଶିଙ୍ଘକାମ-ଚଢେଇ ଗଛ, ବ୍ରହ୍ମାନନ୍ଦ ମହାରଣାଙ୍କ ପଥରରେ ତିଆରି ଏକଇଞ୍ଚ ଶଙ୍ଖ ବଜାଉଥିବା ଦେବଦାସୀ, ସୁଷମା ମହାରଣାଙ୍କ ଶିଙ୍ଘକାମ ଚିଙ୍ଗୁଡି ଓ ଇଗଲ ଆଦି ସାମଗ୍ରୀ ପ୍ରଦର୍ଶନୀର ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି । ଏଥିସହିତ ଜାତୀୟ ପୁରସ୍କାରପ୍ରାପ୍ତ କାରିଗର ପ୍ରସ୍ତର ଶିଳ୍ପୀ ମହେଶ୍ୱର ଓଝାଙ୍କ ରାଧାକୃଷ୍ଣଙ୍କ ହୋଲି ଉତ୍ସବ, ଅଭିମନ୍ୟୁ ଓଝା ଓ ଗୋଷ୍ଠୀଙ୍କ ବସ୍ତ୍ରହରଣ, ବ୍ରହ୍ମାନନ୍ଦ ମହାରଣାଙ୍କ ରାଧାକୃଷ୍ଣଙ୍କ ମାନଭଞ୍ଜନ, ସୁଶାନ୍ତ ଦାସଙ୍କ ରାଧାକୃଷ୍ଣ ଯୁଗଳମୂର୍ତ୍ତି, ସରସ୍ୱତୀ ଓଝାଙ୍କ କାଇଁଚରେ ପ୍ରସ୍ତୁତ କୋଣାର୍କ କପ୍, ମାଳତୀ ପ୍ରଧାନଙ୍କ ମୁକୁଟ ଓ ଦିପ୍ତୀରାଣୀ ବେହେରାଙ୍କ ଜଗନ୍ନାଥ ମୂର୍ତ୍ତି ସ୍ଥାନ ପାଇଛି । ଏହିସବୁ କାରିଗର କଳାକୃତି ପାଇଁ ରାଜ୍ୟସ୍ତରରେ ପୁରସ୍କୃତ ହୋଇଛନ୍ତି । ହସ୍ତକଳାପ୍ରତି ଆଗ୍ରହ ଥିବା ବ୍ୟକ୍ତିଙ୍କ ହସ୍ତଶିଳ୍ପ କର୍ମଶାଳା ଷ୍ଟଲ ନିକଟରେ ଭିଡ଼ ପରିଲକ୍ଷିତ ହେଉଛି । ପ୍ରଦର୍ଶନୀସ୍ଥଳରେ ସାମାଜିକ ଦୂରତା ବାଜାଇ ରଖିବା ପାଇଁ ଆୟୋଜକଙ୍କ ପକ୍ଷରୁ ଗୁରୁତ୍ୱାରୋପ କରାଯାଉଛି ।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ, ହତ୍ୟା ଅଭିଯୋଗ

ଧର୍ମଶାଳା/ଚଢ଼େଇଧରା, ୨୭।୨(ଡି.ଏନ.ଏ.)

ଜେନାପୁର ଥାନା ଅଧୀନ ଗଡ଼ମଧୁପୁର ଗ୍ରାମ ଆମ୍ବସାହିର ଜଣେ ମହିଳାଙ୍କ ଶନିବାର ସନ୍ଦେହଜନକ ମୃତ୍ୟୁ ହୋଇଛି । ମୃତକ ହେଲେ ଗ୍ରାମର ଶରତ ବେହେରା(ଦାମ)ଙ୍କ ସ୍ତ୍ରୀ ସୁକାନ୍ତି ଦଳେଇ ଓର୍‌ଫ ରାନୁ(୪୨) । ରାନୁ ତାଙ୍କ ଘରକୁ ଲାଗି ରହିଥିବା ଏକ ଗୁହାଳେରେ ରଶି ଲଗାଇ ଝୁଲି ପଡ଼ିଥିବା ଶାଶୁଘର ଲୋକେ କହିଛନ୍ତି । କିନ୍ତୁ ରାନୁଙ୍କ ବାପଘର ଲୋକେ ଏହାକୁ ଅସ୍ୱୀକାର କରିବା ସହ ତାଙ୍କୁ ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିଛନ୍ତି । ପୋଲିସ ଏକ ହତ୍ୟା ମାମଲା (ନଂ. ୫୬/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି । ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି ।

ରାନୁଙ୍କ ଭାଇ ହିମାଂଶୁ ଶେଖର ଦଳେଇ ଥାନାରେ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି, ବିବାହର କିଛି ବର୍ଷ ପରେ ସୁକାନ୍ତି ସ୍ୱାମୀଙ୍କ ସହ ହାଇଦ୍ରାବାଦରେ ରହୁଥିଲେ । ୬ ମାସ ତଳେ ଏକ ଝିଅ ହେବା ପରେ ସୁକାନ୍ତି ଆସି ଶାଶୁଘରେ ଥିଲେ । ଶୁକ୍ରବାର କୌଣସି କାରଣକୁ ନେଇ ଶାଶୁଘରେ କଳହ ସୃଷ୍ଟି ହୋଇଥିଲା । ଏନେଇ ରାନୁ ବାପଘର ଲୋକଙ୍କୁ ଜଣାଇଥିଲେ । ମାତ୍ର କିଛି ସମୟ ପରେ ପୁଣି ଫୋନ୍ କରି ସବୁ ଠିକ୍‌ଠାକ ଥିବା କହିବାରୁ ବାପଘର ଲୋକେ ଆସି ନ ଥିଲେ । ତେବେ ବିଳମ୍ବିତ ରାତ୍ରିରେ ରାନୁ ରଶି ଲଗାଇ ଦେଇଥିବା ଶାଶୁଘର ଲୋକେ ତାଙ୍କ ବାପ ଘରକୁ ଜଣାଇଥିଲେ । ଏସମ୍ପର୍କରେ ଥାନା ଅଧିକାରୀ ଆଶିଷ କୁମାର ସାହୁ କହିଛନ୍ତି, ଅଭିଯୋଗ ଆଧାରରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି । ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ । ପ୍ରକାଶଯୋଗ୍ୟ, ୧୫ ବର୍ଷ ତଳେ ଜେନାପୁର ନିବାସୀ ଗୋବିନ୍ଦ ଚନ୍ଦ୍ର ଦଳାଇଙ୍କ ଝିଅ ରାନୁ ଆମ୍ବସାହିର ଉତ୍ସବ ଦଳେଇଙ୍କ ପୁଅ ଶରତଙ୍କୁ ବିବାହ କରିଥିଲେ ।

# ପୁଣି ଚମକିବେ ସାଗରିକା, ସତ୍ୟବ୍ରତ

ରସୁଲପୁର,୨୭।୨(ଡି.ଏନ.ଏ.)



ସାଗରିକା, ସତ୍ୟବ୍ରତ ।

## ଜାତୀୟ ନୃତ୍ୟ ପ୍ରତିଯୋଗିତାରେ ଭାଗନେବେ ଦିବ୍ୟାଙ୍ଗ ଭଉଣୀଭାଇ

ଯାଜପୁର ଜିଲା ନାଁକୁ ସଂସଦ ଭବନରେ ଉଚ୍ଚା କରିଥିବା ଯାଜପୁର ବ୍ଲକ ଖାଲପଡ଼ା ଗ୍ରାମର ଦିବ୍ୟାଙ୍ଗ ଭଉଣୀଭାଇ ପୁଣି ଚମିକିବେ । ଏକ ଜାତୀୟସ୍ତରୀୟ ନୃତ୍ୟ ପ୍ରତିଯୋଗିତାରେ ଭାଗନେବାକୁ ସେମାନେ ଶନିବାର ଅରୁଣାଚଳ ପ୍ରଦେଶର ରାଜଧାନୀ ଇଟାନଗର ଗସ୍ତ କରିଛନ୍ତି । ଉନ୍ନତ ପ୍ରଦର୍ଶନ ସହ ଜନ୍ମମାଟି ପାଇଁ ପୁଣି ଗୌରବ ଆଣିବେ ବୋଲି ଆଶା ବାନ୍ଧିଛନ୍ତି ବିପ୍ରଚରଣ ସାହୁଙ୍କ ଝିଅ ସାଗରିକା ଓ ସତ୍ୟବ୍ରତ । ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ କେନ୍ଦ୍ର କଟକ ପକ୍ଷରୁ ଏହି ଦୁଇ ପ୍ରତିଭାଙ୍କୁ ମନୋନୀତ କରାଯାଇଛି । ମାର୍ଚ୍ଚ ୪ରେ ଇଟାନଗର ସ୍ଥିତ ଦୋରଜୀ ଖାଣ୍ଡୁ କନଭେନସନ ହଲରେ ପ୍ରତିଯୋଗିତା ଅନୁଷ୍ଠିତ ହେବ । ପ୍ରତିଯୋଗିତାରେ ଓଡ଼ିଶା ସମେତ ପୂର୍ବାଞ୍ଚଳ ରାଜ୍ୟ ଆସାମ୍, ସିକିମ୍, ଅରୁଣାଚଳପ୍ରଦେଶ, ନାଗାଲାଣ୍ଡ, ମଣିପୁର, ପଶ୍ଚିମବଙ୍ଗ, ତ୍ରିପୁରା, ମେଘାଳୟ ପ୍ରମୁଖ ରାଜ୍ୟର ପ୍ରତିଯୋଗୀ ଅଂଶଗ୍ରହଣ କରିବେ । ସେଠାରେ ଉଭୟ ଦେଶାତ୍ମକ ସଂଗୀତରେ ନୃତ୍ୟ ପରିବେଷଣ କରିବେ । ୨୦୨୦ରେ ଏହି ଦୁଇ ପ୍ରତିଭା ସଂସଦ ଭବନରେ ନୃତ୍ୟ ପ୍ରର୍ଦ୍ଦଶନକରି ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଉପରାଷ୍ଟ୍ରପତି ଭେଙ୍କେୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅନ୍ୟ ଉଚ୍ଚ ପଦାଧିକାରୀଙ୍କଠାରୁ ପୁରସ୍କୃତ ହୋଇଥିଲେ । ସେମାନଙ୍କ ନୃତ୍ୟକୁ ନେଇ ସମଗ୍ର ସଂସଦ ଭବନ ଉତ୍ସାହିତ ହୋଇଥିଲା । ସଫଳତା ପରଠାରୁ ଦିବ୍ୟାଙ୍ଗ ଦୁଇଜଣ ସମାଜରେ ଅବହେଳିତ ଦିବ୍ୟାଙ୍ଗଙ୍କୁ ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ପ୍ରୟାସ ଜାରି ରଖିଛନ୍ତି । ବ୍ରହ୍ମବରଦା ଓ ଯାଜପୁର ଟାଉନଠାରେ ସାଇସତ୍ୟ ନୃତ୍ୟ ଏକାଡେମୀ ସ୍ଥାପନ କରି ଗରିବ ପରିବାର ଶିଶୁ, ଦିବ୍ୟାଙ୍ଗଙ୍କୁ ନୃତ୍ୟ ଶିକ୍ଷା ଦେଉଛନ୍ତି ।

# ସ୍କୁଲ ଫି’ ଛାଡ଼କୁ ନେଇ ମନମାନି

ଯାଜପୁର ରୋଡ୍,୨୭।୨(ଡି.ଏନ.ଏ.)

## ଆନ୍ଦୋଳନ ଚେତାବନୀ ଦେଲା ଅଭିଭାବକ ସଂଘ

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ସ୍କୁଲ ଫି, ରିଆଡମିଶନ ଓ ଅନ୍ୟ ଫି ଛାଡ଼କୁ ନ ମାନି ବେସରକାରୀ ସ୍କୁଲ କର୍ତ୍ତୃପକ୍ଷ ମନମାନି କରୁଛନ୍ତି । ଯାଜପୁର ରୋଡ୍ ଜାଭିୟର ସ୍କୁଲ ଅଭିଭାବକ ସଂଘ ଏବଂ ବ୍ୟାସନଗର ପବ୍ଲିକ ସ୍କୁଲ ଅଭିଭାବକ ସଂଘ ପକ୍ଷରୁ ଏଭଳି ଅଭିଯୋଗ କରାଯିବା ସହ ଆନ୍ଦୋଳନ ଚେତାବନୀ ଦିଆଯାଇଛି । ବ୍ୟାସନଗର ନିକଟ ଶଙ୍ଖଚିଲା ହିଙ୍ଗୁଳା ପୀଠରେ ଶନିବାର ଅନୁଷ୍ଠିତ ସଭାରେ ଓଡ଼ିଶା ଅଭିଭାବକ ସଂଘର ଅଧ୍ୟକ୍ଷ ବାସୁଦେବ ଭଟ୍ଟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହାପରେ ୧୦।୧।୨୧ରେ ହାଇକୋର୍ଟ ଓ ୧୯।୧।୨୧ରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ସ୍କୁଲ ଫି, ରିଆଡମିଶନ ଓ ଅନ୍ୟାନ୍ୟ ଫିଛାଡ଼କୁ ଜିଲାର ସମସ୍ତ ସ୍କୁଲରେ କାର୍ଯ୍ୟକାରୀ କରିବା ପାଇଁ ଆଲୋଚନା ହୋଇଥିଲା । କିନ୍ତୁ ଜିଲାର କେତେକ ସ୍କୁଲ ଏହାକୁ ନ ମାନି ମନଇଚ୍ଛା ଫି ଆଦାୟ କରିବାରୁ ବିଭିନ୍ନ ସମୟରେ ମହାସଂଘ ଆନ୍ଦୋଳନ କରିଆସିଛି । ଜାଭିୟର ସ୍କୁଲ ଅଭିଭାବକ ସଂଘ ସଭାପତି ସଞ୍ଜୀବ ଜେନା, ବ୍ୟାସନଗର ପବ୍ଲିକ ସ୍କୁଲ ଅଭିଭାବକ ସଂଘ ସଭାପତି ଶିଶିର ରାଉତ ଓ ସମ୍ପାଦକ ସରୋଜ ଦେଓ, କୁଳମଣି ଧଳ, ସୂର୍ଯ୍ୟନାରାୟଣ ପଣ୍ଡା, ଲକ୍ଷ୍ମୀ ପ୍ରସାଦ ପଟ୍ଟନାୟକ, ଅଜୟ କୁମାର ବେହେରା, ପବନ କୁମାର ସରାଫ, କାର୍ତ୍ତିକ ପ୍ରମୁଖ ସଭାରେ ଉପସ୍ଥିତ ଥିଲେ । ଜିଲା ଶିକ୍ଷା ଅଧିକାରୀ କାହ୍ନୁଚରଣ ନାୟକ କହିଛନ୍ତି ଯେ, ସ୍କୁଲ କର୍ତ୍ତୃପକ୍ଷଙ୍କୁ ସରକାରଙ୍କ ନିର୍ଦ୍ଦେଶ ଓ ହାଇକୋର୍ଟଙ୍କ ନିର୍ଦ୍ଦେଶନାମା ସମ୍ପର୍କରେ ଅବଗତ କରାଯାଇଛି । ଯଦି କେହି ନ ମାନନ୍ତି, ତା’ହେଲେ ଜିଲା ପ୍ରଶାସନ ଜରିଆରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି ।

# ୩୬ ଲକ୍ଷ ଟଙ୍କା ଗାଏବ, ଅଭିଯୁକ୍ତ ଗିରଫ

ପାରାଦୀପ,୨୭।୨(ସ୍ୱ.ପ୍ର.)

## ପଶ୍ଚିମବଙ୍ଗର ଅନ୍‌ଲାଇନ ଠକେଇ ଲିଙ୍କ୍ ପାରାଦୀପରେ

ପଶ୍ଚିମବଙ୍ଗ ସେଓଡା ଥାନା ଅଞ୍ଚଳର ୩୬ ଲକ୍ଷ ଟଙ୍କା ଅନ୍‌ଲାଇନ ଠକେଇ ଘଟଣାରେ ପାରାଦୀପର ଜଣେ ଯୁବକଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି । ସେ ହେଲେ ପାରାଦୀପ ଜଟାଧାର ମୁହାଣ ସାମୁଦ୍ରିକ ଥାନା ଷଣ୍ଢକୁଦ ବସ୍ତିର ବିଶ୍ୱଜିତ ଜେନା । ପଶ୍ଚିମବଙ୍ଗର ଏକ ଅନ୍‌ଲାଇନ ଠକେଇ ସଂସ୍ଥା ନାଁରେ ସେଠାକାର ୫ଜଣ ଅଭିଯୋଗ କରିଥିଲେ । ପୋଲିସ ତଦନ୍ତରୁ ଜଣାପଡିଲା, ପାରାଦୀପର ବିଶ୍ୱଜିତଙ୍କ ବ୍ୟାଙ୍କ ଆକାଉଣ୍ଟ ନମ୍ବରରେ ୮ଲକ୍ଷ ଟଙ୍କା କାରବାର ହୋଇଛି । ସେହି ଆଧାରରେ ପଶ୍ଚିମବଙ୍ଗ ପୋଲିସ ଜଟାଧାର ମୁହାଣ ସାମୁଦ୍ରିକ ପୋଲିସ ସହାୟତାରେ ବିଶ୍ୱଜିତଙ୍କୁ ଗିରଫ କରିଛି । ବିଶ୍ୱଜିତଙ୍କ କହିବା ଅନୁଯାୟୀ, ସେ ସମ୍ପୃକ୍ତ ସଂସ୍ଥା ଜରିଆରେ ଠକେଇର ଶିକାର ହୋଇଛନ୍ତି । ଗତବର୍ଷ ତାଙ୍କୁ ଚାକିରି ଦେବାକୁ ଫୋନ ଆସିଥିଲା । ତାଙ୍କ କଥା ଅନୁସାରେ ସେ ଆକାଉଣ୍ଟ ଖୋଲିଥିଲେ । ଏହା ପରଠାରୁ ତାଙ୍କ ଆକାଉଣ୍ଟରୁ ୫୦ହଜାର ଟଙ୍କା କଟିଥିଲା । ସେ ଜାଣିବାକୁ ଫୋନ କଲେ କୌଣସି ଉତ୍ତର ନ ମିଳିବାରୁ ଚୁପ ରହିଥିଲେ । ଠକେଇ ସମ୍ପର୍କରେ ସେ କିଛି ଜାଣିନାହାନ୍ତି ବୋଲି କହିଛନ୍ତି । ଉକ୍ତ ଠକେଇ ସଂସ୍ଥାର ଆହୁରି ଅନେକ ଆକାଉଣ୍ଟ ଦେଶର ପ୍ରମୁଖ ସହରରେ ଏଭଳି କାରବାର କରାଯାଇଛି ବୋଲି ପଶ୍ଚିମବଙ୍ଗ ପୋଲିସ କହିଛି ।

# ସିଲ୍ ଭାଙ୍ଗି ପୁଣି ଚାଲିଲା କ୍ରଶର



ଜାତୀୟ ରାଜପଥ କଡ଼ରେ ବେଆଇନ କ୍ରଶର ।

ଯାଜପୁର ଅଫିସ,୨୭।୨

## ଜିଲା ପ୍ରଶାସନର ପଦକ୍ଷେପକୁ ଖୋଲା ଚ୍ୟାଲେଞ୍ଜ

ଯାଜପୁର ଜିଲା ପ୍ରଶାସନ ଜାନୁୟାରୀରେ ଧର୍ମଶାଳା ତହସିଲ ଏବଂ ଚଳିତ ମାସରେ ଦଶରଥପୁର ତହସିଲ ଅଞ୍ଚଳର ବେଆଇନ କ୍ରଶର ୟୁନିଟଗୁଡିକୁ ସିଲ୍ କରିଥିଲା । କିନ୍ତୁ କିଛି ଦିନ ମଧ୍ୟରେ ସେହି ପଦକ୍ଷେପ ଫସର ଫାଟିଛି । କ୍ରଶରଗୁଡ଼ିକର ସିଲ୍ ଭାଙ୍ଗି ରାତି ସମୟରେ ଚଲାଯାଉଛି । ଏହା ମାଧ୍ୟମରେ କ୍ରଶର ମାଲିକ ପ୍ରଶାସନକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି । ଚଣ୍ଡିଖୋଲ ଡାକବଙ୍ଗଳା ଛକଠାରୁ ଚଢ଼େଇଧରା ଛକ ଯାଏ ୫୩ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ତଥା ରାଣୀବନ୍ଧ, ଭଡ଼ଙ୍ଗା, ଆରୁହା, ପାଖର, ବରଡ଼ା, ବଉଳମାଳ ଆଦି ମୌଜାରେ ବହୁ ବେଆଇନ କ୍ରଶର ଚାଲିଛି । ସେଗୁଡ଼ିକୁ ଉଚ୍ଛେଦ ଓ ସିଲ୍ କରିବାର କିଛି ଦିନ ମଧ୍ୟରେ ପୁଣି ଯେଉଁ ଅବସ୍ଥାକୁ ସେହି ଅବସ୍ଥା । ରାତି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ କ୍ରଶରଗୁଡ଼ିକ ଚାଲୁଥିଲେ ମଧ୍ୟ ପ୍ରଶାସନ କିମ୍ବା ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ । ରାଜପଥ ଓ ଜନବସତିକୁ ଲାଗି ପ୍ରଦୂଷଣ ସୃଷ୍ଟି କରୁଥିବା ବେଆଇନ କ୍ରଶରଗୁଡିକ ଉପରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଜିଲା ପ୍ରଶାସନର ମିଳିତ ଉଦ୍ୟମରେ ୨୦୧୫ ଜୁଲାଇ ୨୦ାରୁ ଉଚ୍ଛେଦ ହୋଇଥିଲା । ଜିଲା ପ୍ରଶାସନର ପ୍ରତିଶ୍ରୁତି ମୁତାବକ କ୍ଲଷ୍ଟର ଆକାରରେ କ୍ରଶରଗୁଡିକର ପୁନଃ ସ୍ଥାପନ କରିବାର ପ୍ରତିଶ୍ରୁତି କାର୍ଯ୍ୟକାରୀ ନ ହେବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡ଼ିଛି ।

# ଯାଜପୁର ସହରରେ ଚୋରା ବାଲିଘାଟ

ଯାଜପୁର ଟାଉନ,୨୭।୨(ଡି.ଏନ.ଏ.)

## ତହସିଲ କାର୍ଯ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ଚଳାଉଛନ୍ତି

ଯାଜପୁର ସହରର ବୈତରଣୀ ନଦୀ ବଲ୍ଲଭିଘାଟଠାରେ ଏକ ଚୋରା ବାଲିଘାଟ ଚାଲୁଛି । ଏହି ବାଲିଘାଟରୁ ରାତି ୧୧ଟାରୁ ଭୋର ୫ଟା ପର୍ଯ୍ୟନ୍ତ ବାଲି ପରିବହନ ହେଉଛି । ବାଲି ଚାଲାଣ ପାଇଁ ସ୍ଥାନୀୟ ଲୋକଙ୍କ ୧୪ଟି ଟ୍ରାକ୍ଟର ନିୟୋଜିତ ହୋଇଛି । ଚୋରା ବାଲିଘାଟ ଚଳାଇବାରେ ଯାଜପୁର ତହସିଲ କାର୍ଯ୍ୟାଳୟର ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପ୍ରଚ୍ଛନ୍ନ ହାତଥିବା ବିଶେଷସୂତ୍ରରୁ ଜଣାପଡ଼ିଛି । କର୍ମଚାରୀ ଜଣକ ଟ୍ରାକ୍ଟର ମାଲିକଙ୍କ ସହ ଯୋଗାଯୋଗ କରି ଟ୍ରାକ୍ଟର ପିଛା ମାସିକ ୧ ହଜାର ଟଙ୍କା ନେଉଛନ୍ତି । ଘାଟରୁ ପ୍ରତ୍ୟେକ ରାତିରେ ୭୦ରୁ ୮୦ ଟ୍ରାକ୍ଟର ବାଲି ଉଠାଣ କରାଯାଉଛି । ସହର ମଧ୍ୟରେ ଟ୍ରାକ୍ଟର ପିଛା ୮ଶହରୁ ୯ ଶହ ଟଙ୍କା ପର୍ଯ୍ୟନ୍ତ ବାଲି ବିକ୍ରି କରାଯାଉଛି । ଏଥିପାଇଁ ବାଲି ଘାଟରେ ୨୫ଜଣ ଶ୍ରମିକ ନିୟୋଜିତ କରାଯାଇଛି । ସେମାନେ ଟ୍ରାକ୍ଟର ପିଛି ୧୪୦ ଟଙ୍କା ନେଇ ବାଲି ଲୋଡ୍ କରୁଛନ୍ତି ।

ଚୋରା ବାଲି ଚାଲାଣ ରୋକିବା ପାଇଁ ତହସିଲଦାର ଚେଷ୍ଟା କରୁଥିବା ବେଳେ କର୍ମଚାରୀ ଜଣକ ଚୋରା ବାଲି ବେପାରୀଙ୍କୁ ଖବର ପଠାଇଥାନ୍ତି । ଯଦ୍ୱାରା ତହସିଲଦାର ଚୋରା ବାଲି ଚାଲାଣ ଟ୍ରାକ୍ଟରକୁ ଧରିବାରେ ସମର୍ଥ ହୋଇ ନ ଥାନ୍ତି । ସୂଚନାଯୋଗ୍ୟ, କର୍ମଚାରୀ ଜଣକ ମାସିକ ବଟି ନେଇ ଚୋରା ବେପାରୀଙ୍କୁ ଖବର ଦେଇଥିବା ବେଳେ ମାସେ ୨ ମାସରେ ଗୋଟିଏ ଟ୍ରାକ୍ଟରକୁ ଜବତ ମଧ୍ୟ କରାଇଥାନ୍ତି । ଟ୍ରାକ୍ଟର ମାଲିକ ତହସିଲ ଅଫିସରେ ଫାଇନ୍ ଦେଇ ଟ୍ରାକ୍ଟର ମୁକୁଳାଇ ଥାନ୍ତି । ଚୋରା ବାଲି ଟ୍ରାକ୍ଟର ରାତି ସାରା ଚାଲୁଥିବା ବେଳେ ସହରବାସୀ ଟ୍ରାକ୍ଟର ଶବ୍ଦ ଯୋଗୁ ଶୋଇପାରୁ ନ ଥିବା ଅଭିଯୋଗ ହୋଇଛି । ସହରର ପ୍ରତ୍ୟେକ ରାସ୍ତା ଓ ଗଳିକନ୍ଦିରେ ଅନବରତ ବାଲିପରିବହନ ଯୋଗୁ ଡ୍ରେନ୍‌ଗୁଡ଼ିକରେ ବାଲି ଭର୍ତ୍ତି ହୋଇପଡ଼ିଥିବା ଦେଖାଯାଇଛି । ଚୋରା ବାଲି ଘାଟ ପାଇଁ ସ୍ଥାନୀୟ ତହସିଲ ଲକ୍ଷଲକ୍ଷ ଟଙ୍କା ରାଜସ୍ୱ ହରାଉଥିବା ବେଳେ କର୍ମଚାରୀ ଜଣକ ଲକ୍ଷାଧିକ ଟଙ୍କା ରୋଜଗାର କରୁଥିବା ଅଭିଯୋଗ ହେଉଛି । ଚୋରାବାଲି ଘାଟ ବିରୋଧରେ ସାମାଜିକ ଗଣମାଧ୍ୟମରେ ସହରବାସୀ ଜିଲାପାଳ ଓ ତହସିଲଦାରଙ୍କୁ ଅଭିଯୋଗ କରୁଥିବା ବେଳେ ସେମାନଙ୍କୁ ଚୋରା ବାଲିଚାଲାଣକାରୀ ଧମକ ଦେଉଥିବା ମଧ୍ୟ ଅଭିଯୋଗ ହୋଇଛି । ଏସମ୍ପର୍କରେ ତହସିଲଦାର ସୁଶାନ୍ତ କୁମାର ପତିଙ୍କୁ ପଚାରିବାରେ ସେ କହିଛନ୍ତି, ଏଭଳି ଅଭିଯୋଗ ମୋ ନିକଟକୁ ଆସିନାହିଁ । ଅଭିଯୋଗ ଆସିଲେ ବିଧିବଦ୍ଧ ତଦନ୍ତ କରାଯିବ । ଯାହାର ଏଥିରେ ହାତ ଥିବ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ଆଜିଠାରୁ ଓଡ଼ିଶା ଓମେନ୍ସ ଲିଗ୍

**ଭୁବନେଶ୍ୱର, ୨୭।୨(କ୍ରୀଡ଼ା ପ୍ରତିନିଧି)**

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ମିଳିତ ଆନୁକୂଲ୍ୟରେ 'ଓଡ଼ିଶା ଓମେନ୍ସ ଲିଗ୍' (ଓଡବ୍ଲୁଏଲ୍) ଫୁଟ୍‌ବଲ ପ୍ରତିଯୋଗିତାର ପ୍ରଥମ ସଂସ୍କରଣ ରବିବାରଠାରୁ ଆରମ୍ଭ ହେବାକୁ ଯାଉଛି। ମାର୍ଚ୍ଚ ୨୭ ପର୍ଯ୍ୟନ୍ତ ହେବାକୁଥିବା ଲିଗ୍‌ରେ ମୋଟ ୩୦ଟି ମ୍ୟାଚ ଖେଳାଯିବ। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ସ୍ୱତନ୍ତ୍ର ସଚିବ ବିଶାଳ କୁମାର ଦେବ, ଉପସଚିବ ଶୈଳେନ୍ଦ୍ର କୁମାର ଜେନା, ଫାଓ ସମ୍ପାଦକ ଆଶୀର୍ବାଦ ବେହେରା, ଯୁଗ୍ମ ସମ୍ପାଦକ ଅଭିଜିତ ପାଲ୍ ଏବଂ ୬ ଦଳର ଅଧିନାୟିକାଙ୍କ ଉପସ୍ଥିତିରେ ଶନିବାର ଜର୍ସି ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ମୋଟ ୬ଟି ଦଳ ଅଂଶଗ୍ରହଣ କରିବେ। ଡବଲ୍ ହେଡର ଲିଗ୍ ଭିତ୍ତିରେ ଖେଳ ହେବା ପରେ ସର୍ବାଧିକ ପଏଣ୍ଟ ଜିତିବା ଦଳ ଚାମ୍ପିୟନ ହେବ। ଓଡବ୍ଲୁଏଲ୍‌ର ଚାମ୍ପିୟନ ଦଳ ଇଣ୍ଡିଆନ ଓମେନ୍ସ ଲିଗ୍ ପାଇଁ ଯୋଗ୍ୟତା ଅର୍ଜନ କରିବ। ମ୍ୟାଚଗୁଡ଼ିକ କଳିଙ୍ଗ ଷ୍ଟାଡିୟମ ମୁଖ୍ୟ ଗ୍ରାଉଣ୍ଡ ଓ କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାକୁ ଯାଉଥିବା ଦଳଗୁଡ଼ିକ ହେଲେ ସ୍ପୋର୍ଟ୍ସ ହଷ୍ଟେଲ, ସାଇ-ଏସ୍‌ସିସି, ଓଡ଼ିଶା ସରକାରୀ ପ୍ରେସ୍ (ଓଜିପି), ରାଇଜିଂ ଷ୍ଟୁଡେଣ୍ଟ କ୍ଲବ, ଇଷ୍ଟକୋଷ୍ଟ ରେଲୱେ ଏବଂ ଓଡ଼ିଶା ପୋଲିସ। ଓଡ଼ିଶା ପୋଲିସ ଓ ସ୍ପୋର୍ଟ୍ସ ହଷ୍ଟେଲ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ କଳିଙ୍ଗ ଷ୍ଟାଡିୟମରେ ଅପରାହ୍ନ ୩ଟାରେ ଅନୁଷ୍ଠିତ ହେବ।

ଓଡବ୍ଲୁଏଲ୍‌ରେ ଭାଗ ନେବାକୁ ଯାଉଥିବା ବିଭିନ୍ନ ଦଳର ଅଧିନାୟିକାମାନେ ହେଲେ ବନ୍ୟା କବିରାଜ, ଇଭା ପାଣ୍ଡା, ସସ୍ମିତା ପରିଡ଼ା, ସତ୍ୟବତୀ ଖାଡ଼ିଆ, ମନୀଷା ପାଣ୍ଡା ଓ କରିସ୍ମା ଓରାମ। ଲିଗ୍ ମ୍ୟାଚ ଦେଖିବା ଲାଗି କଳିଙ୍ଗ ଷ୍ଟାଡିୟମର ଇଷ୍ଟ ଷ୍ଟାଣ୍ଡରେ ବ୍ୟବସ୍ଥା କରାଯାଇଛି। ଦର୍ଶକମାନେ ୪ ନମ୍ବର ଗେଟ୍ ଦେଇ ସ୍କାଏୱାକ୍ ୫ରେ ଷ୍ଟାଡିୟମ ମଧ୍ୟକୁ ପ୍ରବେଶ କରିପାରିବେ। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଶରୀରରେ ଅଧିକ ଉତ୍ତାପ ଥିଲେ କିମ୍ବା ମୁହଁରେ ମାସ୍କ ନ ଥିଲେ ଷ୍ଟାଡିୟମକୁ ପ୍ରବେଶ ଅନୁମତି ମିଳିବ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ମ୍ୟାଚଗୁଡ଼ିକ ଅପରାହ୍ନ ୩ଟା ଏବଂ ସକାଳ ୭ଟାରେ ଅନୁଷ୍ଠିତ ହେବ। ପ୍ରକାଶଯୋଗ୍ୟ ପୂର୍ବରୁ ଓଡ଼ିଶାର ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ୨୦୧୬-୧୭ ସର୍ବପ୍ରଥମ ସଂସ୍କରଣରେ ରନର୍ସଅପ୍ ହୋଇଥିବାବେଳେ ୨୦୧୭-୧୮ରେ ଚାମ୍ପିୟନ ହୋଇଥିଲା। "ଓଡ଼ିଶା ସରକାର କ୍ରୀଡ଼ାର ଉନ୍ନତି ପାଇଁ ଅନେକ ପଦକ୍ଷେପ ନେଉଛନ୍ତି। ତେବେ ରାଜ୍ୟ ଆସୋସିଏଶନଗୁଡ଼ିକ ସହିତ ମିଶି କାର୍ଯ୍ୟକଲେ ଏହା ଅଧିକ ଫଳପ୍ରଦ ହୋଇପାରିବ" ବୋଲି ଏହି ଅବସରରେ ଆଶୀର୍ବାଦ ମତବ୍ୟକ୍ତ କରିଥିଲେ।



ଶନିବାର ଜର୍ସି ଉନ୍ମୋଚନ ଉତ୍ସବରେ ୬ ଦଳର ଅଧିନାୟିକାଙ୍କ ସହ ଅତିଥିମାନେ।

- ପ୍ରତିଯୋଗିତାରେ ୩୦ ମ୍ୟାଚ୍
- ଡବଲ୍ ହେଡର ଲିଗ୍‌ଭିତ୍ତିରେ ଖେଳ ହେବ
- ଅଂଶଗ୍ରହଣକାରୀ ଦଳ: ସ୍ପୋର୍ଟ୍ସ ହଷ୍ଟେଲ, ସାଇ-ଏସ୍‌ସିସି, ଓଡ଼ିଶା ସରକାରୀ ପ୍ରେସ୍ (ଓଜିପି), ରାଇଜିଂ ଷ୍ଟୁଡେଣ୍ଟ କ୍ଲବ, ଇଷ୍ଟକୋଷ୍ଟ ରେଲୱେ, ଓଡ଼ିଶା ପୋଲିସ
- ୬ ଦଳର ଅଧିନାୟିକା: ବନ୍ୟା କବିରାଜ, ଇଭା ପାଣ୍ଡା, ସସ୍ମିତା ପରିଡ଼ା, ସତ୍ୟବତୀ ଖାଡ଼ିଆ, ମନୀଷା ପାଣ୍ଡା ଓ କରିସ୍ମା ଓରାମ
- ଭେନ୍ୟୁ: କଳିଙ୍ଗ ଷ୍ଟାଡିୟମ୍, କ୍ୟାପିଟାଲ ହାଇସ୍କୁଲ ପଡ଼ିଆ
- ଓଡ଼ିଶା ପୋଲିସ-ସ୍ପୋର୍ଟ୍ସ ହଷ୍ଟେଲ ଉଦ୍‌ଘାଟନୀ ମ୍ୟାଚ
- ଚାମ୍ପିୟନ ଦଳ ଇଣ୍ଡିଆନ ଓମେନ୍ସ ଲିଗ୍ ପାଇଁ ଯୋଗ୍ୟତା ଅର୍ଜନ କରିବ

## ଏକାଠି ଅଭ୍ୟାସ କରିପାରିନୁ

କୋଭିଡ-୧୯ ଜନିତ କଟକଣା ଯୋଗୁ ଏଥର ଆମେ ଏକାଠି ଅଭ୍ୟାସ କରି ପାରିନାହୁଁ। ବିଭିନ୍ନ ସ୍ଥାନରେ ଖେଳାଳିମାନେ ଅଭ୍ୟାସ କରିଥିବାରୁ ଦଳର ପ୍ରଦର୍ଶନକୁ ନେଇ ଏବେଠାରୁ ବିଶେଷ କିଛି କହିବା ସମ୍ଭବ ନୁହେଁ। ତେବେ ଆମେ ଲିଗ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବୁ ବୋଲି ଓଡ଼ିଶାର ଏକମାତ୍ର ଦଳଭାବେ ଇଣ୍ଡିଆନ୍ସ ଓମେନ୍ସ ଲିଗ୍‌ରେ ଥରେ ଲେଖାଏ ଚାମ୍ପିୟନ ଓ ରନର୍ସଅପ୍ ହୋଇ ସାରିଥିବା ରାଇଜିଂ ଷ୍ଟୁଡେଣ୍ଟ ଅଧିନାୟିକା ସତ୍ୟବତୀ ଖାଡ଼ିଆ ପ୍ରକାଶ କରିଛନ୍ତି। ବିଜୁ ପଟ୍ଟନାୟକ ଓମେନ୍ସ ଏକାଡେମୀରେ ଅଧିନାୟିକା ଦାୟିତ୍ୱ ତୁଲାଇଥିବା ଝାରସୁଗୁଡ଼ାର ସତ୍ୟବତୀ ରାଇଜିଂ ଷ୍ଟୁଡେଣ୍ଟରେ ଏଥର ପ୍ରଥମଥରପାଇଁ ନେତୃତ୍ୱ ନେବାର ଗୁରୁଦାୟିତ୍ୱ ପାଇଛନ୍ତି। ଆଗାମୀ ଲିଗ୍‌ରେ ସେ ନିଜ ଅଭିଜ୍ଞତାର ଉପଯୋଗ କରିବେ ବୋଲି କହିଛନ୍ତି।



ସତ୍ୟବତୀ ଖାଡ଼ିଆ

# ଭୁବନେଶ୍ୱରରେ ହୋଇପାରେ ଆଇଡବ୍ଲ୍ୟୁଏଲ୍

**ଭୁବନେଶ୍ୱର, ୨୭।୨(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ସରକାର କ୍ରୀଡ଼ାକୁ ଅଗ୍ରାଧିକାର ଦେଇ ଆସିଛନ୍ତି। ରାଜ୍ୟରେ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ଉପଲବ୍ଧ କରାଯାଉଥିବାବେଳେ ହକି ପରି ଜାତୀୟ ଦଳର ପ୍ରାୟୋଜକ ରହିଛନ୍ତି। କୌଣସି ନିର୍ଦ୍ଦିଷ୍ଟ କ୍ରୀଡ଼ାରେ ସୀମିତ ନ ରହି ବିଭିନ୍ନ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ଉନ୍ନତି ପାଇଁ ପ୍ରୟାସ ଜାରି ରହିଛି। ଏହି କ୍ରମରେ ରାଜ୍ୟରେ ଫୁଟ୍‌ବଲର ଲୋକପ୍ରିୟତା ବଢ଼ାଇବା ପାଇଁ ମଧ୍ୟ ଉଦ୍ୟମ ଜୋରଦାର ହୋଇଛି। ଏଠାରେ ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ) ଓ ଆଇ-ଲିଗ୍ ପରି ଜାତୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇସାରିଛି। ଏବେ ପ୍ରଥମ ଥର ପାଇଁ ଇଣ୍ଡିଆନ ଓମେନ୍ସ ଲିଗ୍ ଆୟୋଜନର ଆଭାସ ମିଳିଛି। ଶନିବାର ଓଡ଼ିଶା ଓମେନ୍ସ ଲିଗ୍ (ଓଡବ୍ଲୁଏଲ୍)ର ଜର୍ସି ଉନ୍ମୋଚନ ଉତ୍ସବରେ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ଅନୁରୋଧ ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ସ୍ୱତନ୍ତ୍ର ସଚିବ ବିଶାଳ କୁମାର ଦେବ ଏହାକୁ ନେଇ ସବୁଜ ସଙ୍କେତ ଦେଇଛନ୍ତି। ଉଦ୍ୟମ ଜାରି ରହିଛି, ସବୁକିଛି ଠିକ୍ ରହିଲେ ଆମେ ଏହି ପ୍ରତିଯୋଗିତା ଆୟୋଜନ କରିବାକୁ ଚେଷ୍ଟା କରିବୁ ବୋଲି ବିଶାଳ କହିଛନ୍ତି। ଏଆଇଏଫ୍‌ଏଫ୍ ସହିତ ରାଜ୍ୟ ସରକାର ଏବଂ ଫାଓର ଉତ୍ତମ ସମ୍ପର୍କ ରହିଛି। ଫଳରେ ଭୁବନେଶ୍ୱରରେ ଇଣ୍ଡିଆନ୍ସ ଓମେନ୍ସ ଲିଗ୍‌ର ୫ମ ସଂସ୍କରଣ ଆୟୋଜନ ସମ୍ଭାବନା ବଢ଼ି ଯାଇଛି।

**୨୦୨୨ ଗୁରୁତ୍ୱପୂର୍ଣ୍ଣ**

"ଓଡ଼ିଶା ଆଜି କ୍ରୀଡ଼ା କ୍ଷେତ୍ରରେ ଯାହା ବି କିଛି ଅଗ୍ରଗତି କରିଛି ସବୁକିଛି ଶ୍ରେୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ଯାଉଛି। କାରଣ ଏହା ସମ୍ପୂର୍ଣ୍ଣ ଭାବରେ ତାଙ୍କର ଚିନ୍ତାଧାରା। ଏହାକୁ ସାକାର ରୂପ ଦେବାକୁ ଆମେ ସମସ୍ତେ ସୈନିକଭଳି କାର୍ଯ୍ୟ କରୁଛୁ। ଆଜି ଆମ ପାଇଁ ଖୁସିର ଦିନ, ଓଡ଼ିଶା ଓମେନ୍ସ ଲିଗ୍ ପ୍ରଥମ ଥର ପାଇଁ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଆୟୋଜନ ହେବାକୁ ଯାଉଛି। ଫୁଟ୍‌ବଲକୁ ଓଡ଼ିଶା ଅଗ୍ରାଧିକାର ଦେଇ ଆସିଛି। ଲିଗ୍ କଥା ଦେଖିଲେ ଇଣ୍ଡିଆନ ସୁପରଲିଗ୍‌ରେ ମଧ୍ୟ ଆମର ଏକ ଦଳ ଖେଳୁଛି। ଇକୋସିଷ୍ଟମ୍‌ରେ କ୍ରୀଡ଼ାର କିପରି ସାମଗ୍ରିକ ବିକାଶ ହୋଇପାରିବ ତା' ଉପରେ ଧ୍ୟାନ ଦିଆଯାଉଛି। ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଏବଂ ଓଡ଼ିଶା ଏଫ୍‌ସି କ୍ଲବର ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ତୃଣମୂଳ ସ୍ତରରୁ କିପରି ପ୍ରତିଭାମାନେ ଚିହ୍ନଟ ହୋଇପାରିବେ, ହାଇପରଫର୍ମାନ୍ସ ସେଣ୍ଟରରୁ ଫାଇଦା ଉଠାଇ ଖେଳାଳିମାନେ କିପରି ଉଚ୍ଚସ୍ତରରେ ସୁଯୋଗ ପାଇପାରିବେ ତାହା ମଧ୍ୟ ନଜରରେ ରଖାଯାଉଛି। ଫୁଟ୍‌ବଲ କ୍ଷେତ୍ରରେ ୨୦୨୨ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ବର୍ଷ ହେବ। କାରଣ ଏହି ବର୍ଷ ଆମେ ୨ଟି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଆୟୋଜନ କରିବାକୁ ଯାଉଛୁ। ଏଏଫ୍‌ସି କପ୍ ଆୟୋଜନ ପାଇଁ ପ୍ରସ୍ତାବ ଦିଆଯାଇଥିବାବେଳେ ୧୭ ବର୍ଷରୁ କମ୍ ମହିଳା ଫୁଟ୍‌ବଲ ବିଶ୍ୱକପ ଆୟୋଜନ କରିବୁ। ଫୁଟ୍‌ବଲ ହେଉ କିମ୍ବା ହକି ଆମ ରାଜ୍ୟର ଖେଳାଳି କିପରି ଅଧିକରୁ ଅଧିକ ଜାତୀୟ ଦଳରେ ସ୍ଥାନ ପାଇବେ ତାହା ବିଚାର କରାଯାଉଛି" ବୋଲି ବିଶାଳ କହିଛନ୍ତି। ଚଳିତ ଆଇଏସ୍‌ଏଲ୍ ସିଜନରେ ଓଡ଼ିଶା ଏଫ୍‌ସି ପ୍ରଦର୍ଶନ ଖରାପ ରହିଛି। ଏ ସମ୍ପର୍କରେ କ୍ଲବ କର୍ମକର୍ତ୍ତାଙ୍କ ସହିତ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ମଧ୍ୟ ଆଲୋଚନା ହେବ ବୋଲି ବିଶାଳ କହିଛନ୍ତି। ସେହିପରି ଓଡ଼ିଶା ସରକାର ଜାତୀୟ ହକି ଦଳର ପ୍ରାୟୋଜକ ହୋଇଥିଲେ ହେଁ ରାଜ୍ୟ ଆସୋସିଏଶନ ସହଯୋଗୀ ସଦସ୍ୟ ରହିଛି। ତେବେ ଏହା ହକି ଇଣ୍ଡିଆ ଓ ରାଜ୍ୟ ଆସୋସିଏଶନ ଭିତରର କଥା ବୋଲି ବିଶାଳ ପ୍ରକାଶ କରିଛନ୍ତି।

# ବିଜୟ ସହ ଓଡ଼ିଶା ଅଭିଯାନ ଶେଷ



ବିଜୟରେ ଉଲ୍ଲସିତ ଓଡ଼ିଶା ଏଫ୍‌ସିର ଖେଳାଳିମାନେ।

**ବାମ୍ବୋଲିମ୍, ୨୭।୨(ପି.ଟି.)**

**ଆଇଏସ୍‌ଏଲ୍**

ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଓଡ଼ିଶା ଏଫ୍‌ସି ବିଜୟ ସହ ଅଭିଯାନ ଶେଷ କରିଛି। ଲିଗ୍‌ରେ ଓଡ଼ିଶା ତା'ର ବିଂଶତମ ତଥା ସଂଘର୍ଷପୂର୍ଣ୍ଣ ଅନ୍ତିମ ମୁକାବିଲାରେ ଇଷ୍ଟବେଙ୍ଗଲକୁ ୬-୫ ଗୋଲରେ ପରାସ୍ତ କରିଛି। ଏଥିସହିତ ଓଡ଼ିଶା ଲିଗ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ କରି ମୋଟ ୨୦ଟି ମ୍ୟାଚ୍ ଖେଳି ଦୁଇଟି ବିଜୟ, ୬ ଡ୍ର ଓ ୧୨ ପରାଜୟ ସହ ୧୨ ପଏଣ୍ଟ ପାଇ ତାଲିକାର ୧୧ତମ ତଥା ସର୍ବନିମ୍ନ ସ୍ଥାନରେ ରହିଛି। ଅନ୍ୟପଟେ ଇଷ୍ଟବେଙ୍ଗଲ୍ ୨୦ଟି ମ୍ୟାଚ୍ ଖେଳି ୩ ବିଜୟ, ୮ ଡ୍ର ଓ ୯ ପରାଜୟ ସହ ୧୭ ପଏଣ୍ଟ ହାସଲ କରି ତାଲିକାର ନବମସ୍ଥାନରେ ରହି ଅଭିଯାନ ଶେଷ କରିଛି।

ଓଡ଼ିଶା ତରଫରୁ ଲାଲରେଜୁଆଲା ସାଇଲଙ୍ଗ୍ ୩୩ ଓ ଡିଏଗୋ ମୌରିସିଓ ୬୯ ତମ ମିନିଟ୍‌ରେ ଗୋଲ ଦେଇଥିଲେ। ସେହିପରି ପଲ ରାମଫାଙ୍ଗାଜାଭା ୪୮ ଓ ୬୪ତମ ମିନିଟ୍‌ରେ ଦୁଇଟି ଗୋଲ ଦେଇଥିଲେ। ଜେରି ମହିମିଙ୍ଗଥାଙ୍ଗା ମଧ୍ୟ ୫୦ ଓ ୬୬ତମ ମିନିଟ୍‌ରେ ଦୁଇଟି ଗୋଲ ଦେଇଥିଲେ।

ଅପରପକ୍ଷରେ ଇଷ୍ଟବେଙ୍ଗଲ ତରଫରୁ ଆଣ୍ଟୋନୀ ପିଲକିଙ୍ଗଟନ ୨୪ତମ ମିନିଟରେ ପ୍ରଥମ ଗୋଲ ଦେଇଥିଲେ। ଆରୋନ ଆମାଦି- ହୋଲୋୱେ ୫୯ ଓ ଇଞ୍ଜୁରି ଟାଇମର ପଞ୍ଚମ ମିନିଟ୍‌ରେ ଦୁଇଟି ଗୋଲ ଦେଇଥିବା ବେଳେ ଜେଜେ ଲାଲପେଖଲୁଆ ୭୪ତମ ମିନିଟ୍‌ରେ ଗୋଲ ଦେଇଥିଲେ। ଓଡ଼ିଶା ଗୋଲକିପର ରବି କୁମାର ୩୬ତମ ମିନିଟ୍ ଆତ୍ମଘାତୀ ଗୋଲ କରିଥିଲେ। ଫଳରେ ଇଷ୍ଟବେଙ୍ଗଲ ୫ଟି ଗୋଲ ଦେବାକୁ ସକ୍ଷମ ହୋଇଥିଲା।

## ୫ ଭଲିବଲ କୋର୍ଟରେ ଫ୍ଲଡ୍‌ଲାଇଟ ବ୍ୟବସ୍ଥା

**ଭୁବନେଶ୍ୱର, ୨୭।୨(କ୍ରୀଡ଼ା ପ୍ରତିନିଧି)**

ରାଜ୍ୟରେ ଅନ୍ୟ ଖେଳ ସହିତ ତାଳଦେଇ ଭଲିବଲ୍‌ର ପ୍ରଚାର ଓ ପ୍ରସାର ପାଇଁ ଉଦ୍ୟମ ଜୋରଦାର ହୋଇଛି। ବିଶେଷ କରି ଏମ୍‌ପି ଅଚ୍ୟୁତ ସାମନ୍ତ ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆର ସଭାପତି ହେବା ପରେ ଏଥିପ୍ରତି ଅଧିକ ଗୁରୁତ୍ୱ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ କନ୍ଧମାଳ ଜିଲାର ରାଇକିଆ, ବାଲିଗୁଡ଼ା, ଟିକାବାଲି ଏବଂ ଫୁଲବାଣୀର ୨ଟି ସ୍ଥାନ ଏହିପରି ୫ଟି ଭଲିବଲ କୋର୍ଟରେ କିଟ୍ ଓ କିସ୍ ତରଫରୁ ଫ୍ଲଡ୍‌ଲାଇଟ୍‌ର ବ୍ୟବସ୍ଥା କରାଯାଇଛି। ପ୍ରକାଶଯୋଗ୍ୟ ଯେ ଏବେ ରାଜ୍ୟର ବିଭିନ୍ନ ସ୍ଥାନରେ ତୃଣମୂଳ ସ୍ତରରୁ ଭଲିବଲ ଖେଳାଳିଙ୍କୁ ଚିହ୍ନଟ ସହ ପଡ଼ିଆର ବିକାଶକୁ ଅଚ୍ୟୁତ ଗୁରୁତ୍ୱ ଦେଉଛନ୍ତି।



କର୍ମକର୍ତ୍ତାଙ୍କ ସହ ଖେଳାଳିମାନେ।

## ସର୍ବଭାରତୀୟ ବକ୍ସିଂ ଆରମ୍ଭ



ଦୁଇ ପ୍ରତିଯୋଗୀଙ୍କ ମଧ୍ୟରେ ଲଢ଼େଇ।

**ପୁରୀ ଅଫିସ, ୨୭।୨**

ପୁରୀ ବକ୍ସିଂ ଏକାଡେମୀ ଆନୁକୂଲ୍ୟରେ ଶରଧାବାଲିଠାରେ ଶନିବାରଠାରୁ ସର୍ବଭାରତୀୟ ବକ୍ସିଂ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଏହାକୁ ଉଦ୍‌ଘାଟନ କରିଛନ୍ତି। ପୁରୀକୁ ବକ୍ସିଂ କ୍ଷେତ୍ରରେ ଅଗ୍ରଣୀ କରିବା ସହ ଆସନ୍ତା ଅଲିମ୍ପିକ୍ ପାଇଁ ଦକ୍ଷତା ଖୋଜିବାରେ ଏହି ଚାମ୍ପିୟନଶିପ୍ ବିଶେଷ ଭାବେ ସହାୟକ ହେବ ବୋଲି ବିଧାୟକ ଷଡ଼ଙ୍ଗୀ ଆଶା ପ୍ରକାଶ କରିଛନ୍ତି। ଏହି ପ୍ରତିଯୋଗିତା ଦୁଇ ଦିନ ଧରି ଚାଲିବ। ଏଥିରେ ୧୬ ରାଜ୍ୟର ପ୍ରାୟ ୨ଶହ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ତିନୋଟି ବର୍ଗରେ ଖେଳାଳିଙ୍କୁ ବିଭକ୍ତ କରାଯାଇ ପ୍ରତିଯୋଗିତା ହେବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଶୁଭାଶିଷ ଖୁଣ୍ଟିଆ, ଗୌରହରି ପ୍ରଧାନ, ଶଙ୍କର ପରିଡ଼ା, ଭଗବାନ ପ୍ରତିହାରୀ, ବଦ୍ରି ମିଶ୍ର ଓ ଶ୍ୟାମସୁନ୍ଦର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

## ବିବିସିଏ ୧୦ ଉଇକେଟରେ ବିଜୟୀ

**ଭୁବନେଶ୍ୱର, ୨୭।୨(ସ୍ପୋର୍ଟ୍ସ ବ୍ୟୁରୋ)**

ଲାଇଭ୍ ଲିଜେଣ୍ଡ କ୍ରିକେଟ୍ କ୍ଲବ୍ (ଏଲ୍‌ଏଲ୍‌ସିସି) ଆନୁକୂଲ୍ୟରେ ଚାଲିଥିବା ୧୪ ବର୍ଷରୁ କମ୍ କ୍ରିକେଟ୍ ଟୁର୍ନାମେଣ୍ଟର ଶନିବାର ଅନୁଷ୍ଠିତ ମ୍ୟାଚରେ ବିବିସିଏ କ୍ଲବ ୧୦ ଉଇକେଟରେ ଜାଗୃତି କ୍ଲବକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଜାଗୃତି ୨୮ ଓଭରରେ ୧୪୨ ରନକରି ଅଲ୍‌ଆଉଟ ହୋଇଥିଲା। ବିପକ୍ଷ ଦଳର ଚଗନ ପଟ୍ଟନାୟକ ୪ଟି ଓ ବିଶ୍ୱଜିତ ପ୍ରଧାନ ୨ଟି ଉଇକେଟ ନେଇଥିଲେ। ଜବାବରେ ବିବିସିଏ ୧୧.୫ ଓଭରରେ କୌଣସି ଉଇକେଟ ନ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ବିଶ୍ୱଜିତ ୭୭ ରନରେ ଅପରାଜିତ ରହି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଆୟୋଜକ ଏଲ୍‌ଏଲ୍‌ସିସି ରବିବାର କ୍ରାଉନ୍ କ୍ଲବକୁ ଭେଟିବ।

## କରାଟେ ପ୍ରଶିକ୍ଷକ ପ୍ରଶିକ୍ଷଣ ଶିବିର

**ଭୁବନେଶ୍ୱର, ୨୭।୨ (ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଷାଣ୍ମାସିକ ପ୍ରଶିକ୍ଷକ ପ୍ରଶିକ୍ଷଣ ଶିବିର ଶନିବାରଠାରୁ ଆରମ୍ଭ ହୋଇଛି। ଏଥିରେ ଉତ୍କଳ କରାଟେ ସ୍କୁଲ ଦ୍ୱାରା ସ୍ୱୀକୃତିପ୍ରାପ୍ତ ବିଭିନ୍ନ ଶାଖାରୁ ୪୯ ଜଣ ପ୍ରଶିକ୍ଷକ ଯୋଗ ଦେଇଛନ୍ତି। କୋରାପୁଟର ଯୁବ ପ୍ରଶିକ୍ଷକ ମହେଶ ରଥ, ଫୁଲବାଣୀର କିରଣ କୁମାର ଡିଗଲ, ବଲାଙ୍ଗୀରର ଯଦୁମଣି ବିଶି ଓ ଟିଟିଲାଗଡ଼ର କୈଳାସ ଜାଲ ପ୍ରମୁଖଙ୍କ ଅକାଳ ବିୟୋଗ ଯୋଗୁ ଶିବିର ଆରମ୍ଭରେ ସେମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରଶିକ୍ଷଣ ଶିବିରରେ ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ସିହାନ ଡ. ହରିପ୍ରସାଦ ପଟ୍ଟନାୟକ ଉପସ୍ଥିତ ରହି ପ୍ରାଚୀନ କରାଟେ ଏବଂ ଆଧୁନିକ କରାଟେ ସମ୍ପର୍କରେ ଜ୍ଞାନ ପ୍ରଦାନ କରିଥିଲେ। ରବିବାର ବ୍ଲାକବେଲ୍ଟ ପରୀକ୍ଷା ସହ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହେବ।




କରାଟେ ପ୍ରଶିକ୍ଷକ ପ୍ରଶିକ୍ଷଣ ଶିବିରରେ ଭାଗନେଇଥିବା କରାଟେକାମାନେ କର୍ମକର୍ତ୍ତାଙ୍କ ସହ।

# ରାଜ୍ୟ ମହିଳା କୁସ୍ତି ଉଦ୍‌ଯାପିତ

**ଭୁବନେଶ୍ୱର, ୨୭।୨(ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ କୁସ୍ତି ଗୃହଠାରେ ରାଜ୍ୟ କ୍ୟାଡେଟ ଓ ଜୁନିୟର ମହିଳା କୁସ୍ତି ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ୭ଟି ଜିଲାରୁ ପ୍ରାୟ ୫୦ଜଣ ଜୁନିୟର ଓ କ୍ୟାଡେଟ ମହିଳା ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଆଗାମୀ ଜାତୀୟ କ୍ୟାଡେଟ ଓ ଜୁନିୟର ମହିଳା ପ୍ରତିଯୋଗିତା ନିମନ୍ତେ ଏଥିରୁ ରାଜ୍ୟ ଦଳ ମନୋନୀତ ହେବ। ପ୍ରତିଯୋଗିତାକୁ ସମ୍ବଲପୁରର ରବି ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବାବେଳେ ଦେବେନ୍ଦ୍ର ସାହୁ, ଭାରତଭୂଷଣ ସ୍ୱାଇଁ, କିଶୋର ବେହେରା, କାଳନ୍ଦୀ ମାଳିଆ, ସ୍ୱପ୍ନେଶ୍ୱର ନାୟକ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

ବୈଷୟିକ ଅଫିସିଆଲ ଭାବେ ସନ୍ତୋଷ କୁମାର ଦାସ, ଲକ୍ଷ୍ମୀପ୍ରସାଦ ପଟ୍ଟନାୟକ, ଅମ୍ବାଲିକା ଜେନା, ଶ୍ୟାମସୁନ୍ଦର ମହାପାତ୍ର, କୃଷ୍ଣମୋହନ ପାତ୍ର, ସନ୍ତୋଷ କୁମାର ସାହୁ, କୃଷ୍ଣଚନ୍ଦ୍ର ଦାସ, ହରିହର କର ଓ ଅମ୍ରିତ କୁମାର ସାହୁ ପ୍ରତିଯୋଗିତା ପରିଚାଳନା କରିଥିଲେ।




କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

କ୍ୟାଡେଟ ବର୍ଗରେ କୃତୀ ପ୍ରତିଯୋଗୀମାନେ ହେଲେ ନାନୁ କେଓ୍ୱାଟ (୪୦ କେ.ଜି.) ସମ୍ବଲପୁର, ନିତୁ କେଓ୍ୱାଟ (୪୩କେ.ଜି.) ସମ୍ବଲପୁର, ଜସ୍ମିନ୍ ବେଗମ (୪୩ କେ.ଜି.) ଦ୍ୱିତୀୟ ସ୍ଥାନ, କଟକର ବିନୀତା ପାତ୍ର- ପ୍ରଥମ (୪୬ କେ.ଜି.), ଭାରତୀ ଟଣ୍ଡନ- ଦ୍ୱିତୀୟ ସମ୍ବଲପୁର, ମାନସୀ ବଟୁ (୪୯ କେ.ଜି.)- ପ୍ରଥମ (କଟକ), ଲିପା ସାହୁ - ଦ୍ୱିତୀୟ ପୁରୀ, ସୋନମ ମହାପାତ୍ର- ପ୍ରଥମ (୫୩ କେ.ଜି.) ପୁରୀ, ଚଞ୍ଚଳ ଜେନା- ୨ୟ ସମ୍ବଲପୁର, ତମନ୍ନା ଗୋପେ- ପ୍ରଥମ (୫୭ କେ.ଜି.) ସମ୍ବଲପୁର, ପୁଷ୍ପାଞ୍ଜଳି ମହାପାତ୍ର- ୨ୟ ପୁରୀ।

ଜୁନିୟର ମହିଳା ବର୍ଗରେ ସୁପ୍ରିୟା ମହାପାତ୍ର ୫୦ କେ.ଜି.ରେ ପ୍ରଥମ ଓ ଶୁଭଶ୍ରୀ ବେହେରା ଦ୍ୱିତୀୟ ହୋଇଛନ୍ତି। ୫୩ କେ.ଜି.ରେ ପୁରୀର ଆଲୋକ ରଶ୍ମି ପୁରୁ ପ୍ରଥମ, କଟକର ସନ୍ତୋଷିନୀ ନାୟକ ଦ୍ୱିତୀୟ ହୋଇଛନ୍ତି। ସେହିପରି ୫୫ କେ.ଜି.ରେ ପୁରୀର ଦିବ୍ୟଜ୍ୟୋତି ନାୟକ ପ୍ରଥମ, ପୁରୀର ଫିଙ୍ଗା ମହାନ୍ତି ୫୭ କେ.ଜି. ବର୍ଗରେ ପ୍ରଥମ ଓ ୬୨ କେ.ଜି. ବର୍ଗରେ ଢେଙ୍କାନାଳର ମୌସୁମୀ ମଧୁସ୍ମିତା ସଂ ପ୍ରଥମ ହୋଇଛନ୍ତି।

ଉତ୍କଳ କରାଟେ ସ୍କୁଲ ଦ୍ୱାରା ଆୟୋଜିତ ଏହି କୁସ୍ତି ପ୍ରତିଯୋଗିତାକୁ ହରିପ୍ରସାଦ ପଟ୍ଟନାୟକ ପରିଚାଳନା କରିଥିଲେ। ରାଜ୍ୟ କୁସ୍ତି ସାଧାରଣ ସମ୍ପାଦକ ବିନୋଦ ଚନ୍ଦ୍ର ଦାସ ଓ ସଭାପତ ରାମଚନ୍ଦ୍ର ପାଢୀ କୃତୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।




# ସୀମା ବିବାଦ




ଉତ୍କଳର ଯୋଗ୍ୟ ସନ୍ତାନ ନିଜ ଜୀବନକୁ ବାଜି ଲଗାଇ ୧୯୩୬ ଏପ୍ରିଲ ୧ରେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ଭାବେ ପରିଚୟ ଦେଇଥିଲେ। କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, ଗଞ୍ଜାମ ଓ କୋରାପୁଟ ପରି ୬ ଜିଲାକୁ ନେଇ ଏହାର ରୂପରେଖ ସଜେଇ ହୋଇଥିଲା। ପରବର୍ତ୍ତୀ ସମୟରେ ୧୩ ଏବଂ ପରେ ୩୦ ଜିଲାରେ ପରିଣତ ହୋଇଥିବା ଓଡ଼ିଶାକୁ ଇତିମଧ୍ୟରେ ୮୫ ବର୍ଷ ବିତିଯାଇଛି। ଅନେକ ଘାତ ପ୍ରତିଘାତ ଭିତରୁ ମୁକୁଳି ଓଡ଼ିଶା ଆଜି ସମୃଦ୍ଧ ତଥା ବିକାଶ ପଥରେ ଅଗ୍ରସର ହେଉଛି। ହେଲେ ୧୯୫୬ରେ ରାଜ୍ୟ ମାନ୍ୟତା ପାଇଥିବା ଆନ୍ଧ୍ର ଓଡ଼ିଶାର କୋଟିଆ ପଞ୍ଚାୟତର ଅନେକ ଗ୍ରାମପୁଞ୍ଜକୁ ବଳପୂର୍ବକ ନିଜ ଅକ୍ତିଆରକୁ ନେବାକୁ ପ୍ରୟାସ ଜାରି ରଖିଛି, ଯାହା ଓଡ଼ିଶା ସରକାରଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଥିଲେ ମଧ ରାଜନୈତିକ ଓ ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁ କୋଟିଆ ପଞ୍ଚାୟତର ତଳଗଞ୍ଜେଇପଦର, ଫଗୁଣସେନେରୀ, ଫାଟୁସେନେରୀ ଗ୍ରାମରେ ନିକଟରେ ଆନ୍ଧ୍ର ସରକାର ପଞ୍ଚାୟତ ନିର୍ବାଚନ କରିବାରେ ସଫଳ ହୋଇଛି। ଏହା ପଛରେ କେତେକ ଓଡ଼ିଆ ଲୋକଙ୍କ ସମ୍ପୃକ୍ତି ରହିଛି। ଏହି ଅଞ୍ଚଳକୁ ନିଲାମ କରୁଥିବା ସେହି ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ସରକାର ରାଜଦ୍ରୋହ ମାମଲାରେ ଜେଲ ପଠାଇବାକୁ ଗ୍ରାମବାସୀ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ କୋଟିଆ ପଞ୍ଚାୟତର ୩ ଗ୍ରାମକୁ ଖୁବ୍‌ଶୀଘ୍ର ଆନ୍ଧ୍ର ଅକ୍ତିଆର କରିନେବ। କୋଟିଆରେ ଆନ୍ଧ୍ର କିପରି ନିର୍ବାଚନ କରିବାକୁ ସକ୍ଷମ ହେଲା, ଏହାକୁ ଦଖଲ କରିବାରେ ଆନ୍ଧ୍ରର କ'ଣ ସ୍ୱାର୍ଥ ରହିଛି, ସେଠାକାର ସାଲୁର ନିର୍ବାଚନ ମଣ୍ଡଳୀର ଜଣେ ବିଧାୟକଙ୍କ ଇସାରାରେ ଆମ ରାଜ୍ୟର କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଆନ୍ଧ୍ର ସହ କିପରି ହାତ ମିଶାଇ ସମ୍ପୃକ୍ତ ଅଞ୍ଚଳକୁ ଟେକିଦେବାକୁ ଉଦ୍ୟମ ଚଳାଇଛନ୍ତି, ଏପରି କି କୋଟିଆ ପଞ୍ଚାୟତର ଗ୍ରାମଗୁଡ଼ିକରେ ଥିବା ସମସ୍ୟାକୁ ଜିଲା ପ୍ରଶାସନ କିପରି ଅଣଦେଖା କରୁଛି, ସେ ସବୁ ସମ୍ପର୍କରେ 'ଧରିତ୍ରୀ' ପକ୍ଷରୁ ସମ୍ପୃକ୍ତ ଅଞ୍ଚଳ ବୁଲି ଦେଖିବା ପରେ ଆମେ ସାଉଁଟିଥିଲୁ ଏହି ତଥ୍ୟ।



# କୋଟିଆର କାନ୍ଦ

## ଆନ୍ଧ୍ର-ଓଡ଼ିଶାର ଅବହେଳିତ ସୀମା ବିବାଦ



### ୨୧ଗ୍ରାମ ଉପରେ ଉଭୟଙ୍କ ନଜର

ଇତିହାସରୁ ଜଣାଯାଏ ୧୯୩୬ ପୂର୍ବରୁ କୋଟିଆ ଜୟପୁର ଇଷ୍ଟେଟ ଅଧୀନରେ ରହିଥିଲା। ୧୯୪୩ ଓଡ଼ିଶା, ବିହାର ଓ ମଧ୍ୟପ୍ରଦେଶର ମିଳିତ ସର୍ଭେରେ କୋଟିଆର ୭ଟି ଗାଁ ଥୁରିଆ, ବାରବନ୍ଧ, ତଳକଣ୍ଟି, ରୁମେଲପଦର, ମାଥାଲାମ୍ବା, ସୁଲିଆମାରି ଓ କାତ୍ରାଗୁଡ଼ା ପଟାଙ୍ଗୀ ବ୍ଲକର ରାଜସ୍ୱ ଗ୍ରାମଭାବେ ରେକର୍ଡଭୁକ୍ତ ହୋଇଥିଲା। କୋଟିଆ ପଞ୍ଚାୟତରେ ୧୮ଟି ଗ୍ରାମ ରହିଥିବାବେଳେ ଗମନାଗମନ ସମସ୍ୟା କାରଣରୁ ଭୁଲବଶତଃ ୨୧ଟି ଗ୍ରାମ ସର୍ଭେରୁ ବାଦ୍ ପଡ଼ିଥିଲା। ସେହିପରି ଆନ୍ଧ୍ରପ୍ରଦେଶ ଗଠନବେଳେ ଉକ୍ତ ୨୧ଟି ଗ୍ରାମକୁ ଆନ୍ଧ୍ର ସରକାର ସର୍ଭେରେ ସାମିଲ କରି ନ ଥିଲେ। ଫଳରେ ବାହ୍ୟ ଦୁନିଆରୁ ବିଚ୍ଛିନ୍ନ ହୋଇ ଅବହେଳିତ ଜୀବନ ବଞ୍ଚୁଥିବା ୨୧ଟି ଗ୍ରାମର ଜନଜାତି ଉପରେ ନିଜର ଅଧିକାର ସାବ୍ୟସ୍ତ କରିବାକୁ ସେ ସମୟରୁ ବିବାଦ ଚାଲିଆସିଛି।

### ଶିକ୍ଷାରେ ଗମନାଗମନ ସୁବିଧାର ଅଭାବ



ଫଗୁଣସେନେରୀ ସ୍କୁଲ ଶିକ୍ଷକଙ୍କ ଠାରୁ ଆରମ୍ଭ କରି ଅଙ୍ଗନୱାଡ଼ି କର୍ମୀମାନେ ମାସକୁ କାଁ ଭାଁ ଆସୁଛନ୍ତି। ଶିକ୍ଷକମାନେ ଠିକ୍ ସମୟରେ ନ ଆସିବାରୁ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଏହାଛଡ଼ା ଆମର ଫସଲ ପଟାଙ୍ଗୀରେ ବିକ୍ରି କରିବା ଅପେକ୍ଷା ଆନ୍ଧ୍ରର ତଡ଼ମ ବଜାରରେ ବିକ୍ରି କରିବା ସହଜ ହେଉଛି। ପଟାଙ୍ଗୀ ଏଠାରୁ ୪୦ କି.ମି. ଦୂର ହେଉଥିବାବେଳେ ଆନ୍ଧ୍ର ତଡ଼ମ ୬କି.ମି. ଦୂର ରହୁଛି। ତଡ଼ମ ବଜାରକୁ ଆଗରୁ ଚାଲିକରି ଯାଉଥିବାବେଳେ ବର୍ତ୍ତମାନ ଗମନାଗମନ ସୁବିଧା ସହଜ ରହିଛି। ୨ବର୍ଷ ହେବ ପଟାଙ୍ଗୀକୁ ଭଲ ରାସ୍ତା ହୋଇଥିଲେ ସୁଦ୍ଧା ବସ୍ କିମ୍ବା ଗାଡ଼ିମୋଟର ନେଇ ଅନେକ ସମସ୍ୟା ରହୁଛି। ଓଡ଼ିଶା ସରକାର ଯାତାୟାତ ପାଇଁ ବ୍ୟବସ୍ଥା ସୁଦୃଢ଼ କରିବା ବହୁତ ଜରୁରୀ।

**- ଲିବରୀ ହରକା, ଫଗୁଣସେନେରୀ ଗ୍ରାମବାସୀ**



ଫାଟୁସେନେରୀଠାରେ ଥିବା ଓଡ଼ିଆ ସ୍କୁଲ।

### ସୁପ୍ରିମକୋର୍ଟରେ ଓଡ଼ିଶାର ଲଢ଼େଇ

କୋଟିଆ ଗ୍ରାମପୁଞ୍ଜି ଉପରେ ଆନ୍ଧ୍ରର ଦାଦାଗିରି ପରେ ଓଡ଼ିଶା ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବିବାଦୀୟ ୨୧ଟି ଗ୍ରାମର ସ୍ୱତ୍ୱ , ଅଧିକାର ଓ ଅଧିଗ୍ରହଣ ପାଇଁ ୧୯୬୮ରେ ଏକ ମାମଲା ରୁଜୁ କରିଥିଲେ। ସୁପ୍ରିମକୋର୍ଟ ଉକ୍ତ ମାମଲାର ବିଚାର ସରିବା ପର୍ଯ୍ୟନ୍ତ ସାମୟିକ ସ୍ଥିତାବସ୍ଥା ଜାରି କରିଥିଲେ। ରାଜ୍ୟ -ରାଜ୍ୟ ମଧ୍ୟରେ ଉପୁଜୁଥିବା ସୀମା ବିବାଦର ସମାଧାନ ସୁପ୍ରିମ୍‌କୋର୍ଟର ପରିସରଭୁକ୍ତ ନୁହେଁ ବୋଲି ସର୍ବୋଚ୍ଚ ଅଦାଲତ ୨୦୦୬ ମାର୍ଚ୍ଚ ୩୦ରେ ଦର୍ଶାଇଥିଲେ। ଏହାର ସମାଧାନ ପାର୍ଲାମେଣ୍ଟ କରିପାରିବ ବୋଲି ମତ ରଖିଥିଲେ। ଏଥିସହ ସୁପ୍ରିମକୋର୍ଟ ଏହି ବିବାଦୀୟ ସ୍ଥାନ ଉପରେ ସ୍ଥିତାବସ୍ଥା ଜାରି ରଖିଥିଲେ। କୋଟିଆ ଉପରେ ଅଧିକାର ସ୍ୱତ୍ୱ ମାମଲା ଏବେବି ସୁପ୍ରିମକୋର୍ଟରେ ବିଚାରାଧୀନ ଅଛି।

### କାମ, ନିଯୁକ୍ତି ଦିଅନ୍ତୁ



ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ସହ ପାଉଣା ଠିକ୍‌ରେ ମିଳୁ ନାହିଁ। ମାସମାସ ଧରି ଦୌଡିବା ପରେ ମଧ ବିଲ୍ ହେଉନି। ମାସକୁ ୧୫ ଦିନ କାମ ମିଳିଲେ ୧୫ ଦିନ ଘରେ ବସିବାକୁ ପଡୁଛି। ହେଲେ ଆନ୍ଧ୍ର ସରକାରଙ୍କ ଅଧୀନରେ କାମର ଅଭାବ ନାହିଁ। ୬ଦିନ କାମ କରିବାବେଳେ ୭ ଦିନରେ ସମସ୍ତ ଟଙ୍କା ଦେଉଛନ୍ତି। ଜଗନ ରେଡ୍ଡିଙ୍କ ସରକାର ଆସିବା ପରେ କୋଟିଆ ପଞ୍ଚାୟତର ଫଗୁଣସେନେରୀ, ଫାଟୁସେନେରୀ, ତଳଗଞ୍ଜେଇପଦର, ଡଲିଆମ୍ବ ଗ୍ରାମକୁ ଅଯାଚିତ ଭାବେ ସହଯୋଗର ହାତ ବଢ଼ାଉଛନ୍ତି। ଆମ ମାନଙ୍କ ଉନ୍ନତି ଓ ନିଯୁକ୍ତି ଦିଗରେ ଓଡ଼ିଶା ସରକାର ଓ ପ୍ରଶାସନ ଚିନ୍ତା କରନ୍ତୁ।

**- ଶିଙ୍ଗରୁ ଗେମେଲ, କୋଟିଆ**

### ୧୯୫୩ ମାଡ୍ରାସ ପ୍ରେସିଡେନ୍ସିରୁ ଆନ୍ଧ୍ର ଅଲଗା ହେଲା

୧୯୫୩ରେ ଯେତେବେଳେ ମାଡ୍ରାସ ପ୍ରେସିଡେନ୍ସିରୁ ଆନ୍ଧ୍ର ଅଲଗା ହୋଇଥିଲା। ସେତେବେଳେ ଆନ୍ଧ୍ର ସରକାର କୋଟିଆ ଜନଜାତିକୁ ଗୁରୁତ୍ୱ ଦେବା ତ ଦୂରର କଥା ସହଯୋଗର ହାତ ମଧ ବଢାଇ ନ ଥିଲେ। ସେଠାରେ ରହୁଥିବା ଜନଜାତି କୋରାପୁଟ ଓ ପଟାଙ୍ଗୀ ଉପରେ ନିର୍ଭରଶୀଳ ଥିଲେ। ୧୯୬୨-୬୩ରେ କୋଟିଆର ଥୁରିଆ ଓ ଆଖପାଖ ପାର୍ବତ୍ୟାଞ୍ଚଳରେ ମାଟି ଖୋଳିବା ପରେ ସୁନା ପ୍ଲାଟିନମ, ରତ୍ନପଥର ସହ ମାଙ୍ଗାନିଜ, ବକ୍ସାଇଟ, ଖଣିଜପଥର, ଗ୍ରାଫାଇଟ, ଲାଇମ୍‌ଷ୍ଟୋନ ପରି ମୂଲ୍ୟବାନ ଖଣିଜ ପଦାର୍ଥ ରହିଥିବା ଯେତେବେଳେ ଜାଣିବାକୁ ମିଳିଲା, ସେତେବେଳେ ଉକ୍ତ ଅଞ୍ଚଳ ପ୍ରତି ଆନ୍ଧ୍ରର ଅହେତୁକ ଅନୁକମ୍ପା ଓ ଆଗ୍ରହ ବଢ଼ିବାରେ ଲାଗିଥିବା ଦେଖିବାକୁ ମିଳିଥିଲା। ଏଥିସହ ଓଡ଼ିଶା ଉପରେ ପୂର୍ଣ୍ଣ ନିର୍ଭରଶୀଳଥିବା କୋଟିଆର ଗ୍ରାମପୁଞ୍ଜଗୁଡ଼ିକ ଉପରେ ଆନ୍ଧ୍ର ନିଜର ହକ୍ ଜାହିର କରିବାକୁ ଆରମ୍ଭ କଲା। ୧୯୬୪ରେ ପଟାଙ୍ଗୀ ବିଡିଓ ଏବଂ ତହସିଲଦାର ରାଜ୍ୟ ସରକାରଙ୍କୁ ଅବଗତ କରିବା ପରେ ଉକ୍ତ ଅଞ୍ଚଳରେ ପୋଲିସ ମୁତୟନ କରାଯାଇଥିଲା। ଅପରପକ୍ଷେ ଆନ୍ଧ୍ର ପକ୍ଷରୁ କୋଟିଆରେ ଥାନା ନିର୍ମାଣ କରିଥିଲା। ହେଲେ ପରବର୍ତ୍ତୀ ସମୟରେ କୋଟିଆରେ ଥିବା ଆନ୍ଧ୍ର ଥାନାକୁ ହଟାଇ ଦିଆଯାଇଥିଲା।




ଓଡ଼ିଶା-ଆନ୍ଧ୍ର ସୀମା ବିବାଦର ଗ୍ରାଉଣ୍ଡ ଜିରୋର ତଥ୍ୟ

ଦେଖନ୍ତୁ ଭିଡିଓ

YouTube /dharitrilive

### ଫେଲ ମାରୁଛି ପ୍ରଶାସନିକ ନୀତି

କୋଟିଆ ସୀମା ବିବାଦ ମାମଲା ସୁପ୍ରିମକୋର୍ଟରେ ବିଚାରଧୀନ ଥିବା ସତ୍ତ୍ୱେ ଆନ୍ଧ୍ର ବିଭ୍ରାନ୍ତି ସୃଷ୍ଟି କରି ସ୍ଥିତାବସ୍ଥା ବଦଳାଇବାକୁ ଉଦ୍ୟମ ଜାରି ରଖିଛି। ଆନ୍ଧ୍ର ତା'ର ସରକାରୀ ରେକର୍ଡରେ ତଳ ଗଞ୍ଜେଇପଦର, ଫଗୁଣସେନେରୀ ଓ ଫାଟୁସେନେରୀକୁ ସାଲୁର ମଣ୍ଡଳର ୩ଟି ଗ୍ରାମ ପଞ୍ଚାୟତର ମାନ୍ୟତା ଦେଇସାରିଛି। ଏପରି କି ଧୂଳିଆପଦର ଗାଁ ଦେଇ କୋଟିଆ ପର୍ଯ୍ୟନ୍ତ ୧୫ କିମି ରାସ୍ତା ତିଆରି କରିଛି। ସେହିପରି ଗଞ୍ଜେଇପଦରରେ ତେଲୁଗୁ ସ୍କୁଲ ଓ ଉପରସେମ୍ବି ଗ୍ରାମରେ ଆନ୍ଧ୍ର ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ କରିଛି। ଏପରିକି ବର୍ତ୍ତମାନ ଫାଟୁସେନେରୀରେ ଏକ ଅସ୍ଥାୟୀ ଛପର ଘରେ ତେଲୁଗୁ ଶିକ୍ଷା କେନ୍ଦ୍ର ଆରମ୍ଭ ହୋଇଛି। ୧୫ଟି ଗ୍ରାମକୁ ବିଦ୍ୟୁତ୍ ସେବା ଆନ୍ଧ୍ର ଯୋଗାଇଛି। ଅପରପକ୍ଷରେ ଓଡ଼ିଶା ସରକାରଙ୍କ ତରଫରୁ ବର୍ତ୍ତମାନ ବିକାଶ କାର୍ଯ୍ୟ ଚାଲିଥିବାବେଳେ କୁନ୍ଦୁଲିଠାରୁ କୋଟିଆ ଦେଇ ଫାଟୁସିନେରୀ ପର୍ଯ୍ୟନ୍ତ ୪୦ କିମିରୁ ଊର୍ଦ୍ଧ୍ୱ ରାସ୍ତା ତିଆରି ହୋଇଛି। ମାଡକାର ଓ ସୁଲିଆମାରିକୁ ଯୋଗାଯୋଗ ନିମନ୍ତେ ବ୍ରିଜ୍ କାମ ଠାରୁ ଆରମ୍ଭ କରି ଦେଓମାଳି ଓ ତାରପଦର ରାସ୍ତା କାମର ଉନ୍ନତି ଜାରି ରହିଛି। ହେଲେ ପ୍ରଶାସନିକ ଅଧିକାରୀମାନେ ବିକାଶ କାର୍ଯ୍ୟରେ ଅଧିକ ତତ୍ପର ହେବାସହ ପୋଲିସ ଫୋର୍ସ ଦ୍ୱାରା ସୀମା ସୁରକ୍ଷାର ସୁବନ୍ଦୋବସ୍ତ କରିବା ଆବଶ୍ୟକ ହୋଇପଡ଼ିଛି।

### ଚାଇନା ଭଳି ବଳପୂର୍ବକ ପଶୁଛି ଆନ୍ଧ୍ର



ଗଞ୍ଜାମଠାରୁ ମାଲକାନାଗିରି ମାଡ୍ରାସ ପ୍ରେସିଡେନ୍ସି ଆକ୍ଟ ଅଧୀନରେ ରହିଥିଲା। ସେହପରି ପୁରୀ ପଶ୍ଚିମବଙ୍ଗ ପ୍ରେସିଡେନ୍ସି ଆକ୍ଟ ଅଧୀନରେ ରହିଥିବାବେଳେ ସମ୍ବଲପୁର ଗ୍ୱାଲିୟର ପ୍ରେସିଡେନ୍ସି ଆକ୍ଟ ଅଧୀନରେ ରହିଥିଲା। ୧୯୫୩ରେ ଓଡ଼ିଶାର ସୀମା ମାପଚୁପ ହେବା ସହ ଲୋକମାନଙ୍କୁ ଜମିପଟ୍ଟା ଦିଆଗଲା। ସେତେବେ କୋଟିଆ ପଞ୍ଚାୟତର ୨୧ଟି ଗ୍ରାମପୁଞ୍ଜ ସର୍ଭେ ଅନ୍ତର୍ଭୁକ୍ତ କରାଯାଇ ନ ଥିଲା। ସେଠାରେ ସ୍ୱଳ୍ପ ସଂଖ୍ୟକ ଲୋକ ରହୁଥିବାବେଳେ ପାହାଡ଼ ଜଙ୍ଗଲ ଛଡ଼ା ସମତଳଭୂମି ବା ଚାଷ ଜମି ନ ଥିଲା। ଫଳରେ ଉକ୍ତ ସମୟରେ ସେଠାରେ ରହୁଥିବା ଜନଜାତିଙ୍କ ନାମରେ ପଟ୍ଟା କରିବା ସମ୍ଭବପର ହୋଇ ନ ଥିଲା। ପରବର୍ତ୍ତୀ ସମୟରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟ ରାଇଟ ଆକ୍ଟ ଅନୁସାରେ କୋଟିଆ ପଞ୍ଚାୟତର ସମସ୍ତ ଗ୍ରାମ ପୁଞ୍ଜରେ ଥିବା ୧୬୭୨ ପରିବାରକୁ ଜଙ୍ଗଲ ଜମି ପଟ୍ଟା ଯୋଗାଇ ଦିଆଯାଇଥିଲା, ଯାହାକି ଉକ୍ତ ଜମିକୁ ସେମାନେ ଭୋଗ କରିବା ଛଡ଼ା ଅନ୍ୟ କାହାରିକୁ ବିକ୍ରି କରିପାରିବେ ନାହିଁ। ଏଥିସହ କୋଟିଆ ପଞ୍ଚାୟତର ବିବାଦୀୟ ଗ୍ରାମଗୁଡିକ ମଧ ବର୍ତ୍ତମାନ ସୁଦ୍ଧା ଓଡ଼ିଶା ସୀମା ଭିତରେ ରହିଛି। ଆନ୍ଧ୍ର ସରକାର ଚାଇନା ଭଳି ବଳପୂର୍ବକ ଓଡିଶା ସୀମରେ ପଶି ପୋଲିସ ଫୋର୍ସ ଠିଆ କରି ନିର୍ବାଚନ କରିବା ସହ ନିମ୍ନ ସ୍ତରର କାର୍ଯ୍ୟ କରୁଛି। ତେବେ ଆନ୍ଧ୍ରର ହାତବାରସି ସାଜିଥିବା ଲୋକଙ୍କ ସମ୍ପର୍କରେ ପ୍ରଶାସନକୁ ଅବଗତ କରାଯିବା ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

**- ହରିପଦ ମଣ୍ଡଳ, ପଟାଙ୍ଗୀ ତହସିଲ୍‌ଦାର**

### ଓଡ଼ିଶା ଭିତରେ କୋଟିଆ ବଞ୍ଚି ରହୁ



ମୁଁ ଓଡ଼ିଶାର ପିଲା, ଓଡ଼ିଶାରେ ପାଠପଢ଼ି ବଡ଼ ହୋଇଛି। ହେଲେ ଆଜି ଆତ୍ମା କାନ୍ଦୁଛି। ଆନ୍ଧ୍ରର ଜଣେ ନିର୍ଦ୍ଦିଷ୍ଟ ନେତାଙ୍କ ଅଧୀନରେ ଆମ ରାଜ୍ୟର କଛି ଲୋକ ଠିକା କାର୍ଯ୍ୟ କରୁଛନ୍ତି। ସୀମା ଅଞ୍ଚଳରେ ଆମର ଥାନା କି ଫାଣ୍ଡି ନ ଥିବାରୁ ପ୍ରଶାସନର ତାହା ଉପରେ ନଜର ରହିଲା ନାହିଁ। ତେଣୁ ଉକ୍ତ ୪ଟି ବିବାଦୀୟ ଗ୍ରାମରେ ଲୋକମାନେ କ'ଣ ଚାହୁଁଛନ୍ତି, ତାଙ୍କ ପିଲା ଛୁଆଠାରୁ ଆରମ୍ଭ କରି ଶିକ୍ଷା ଓ ଗମନାଗମନ ସହ ଜୀବନଜୀବିକା ପ୍ରତି ଯଦି ଓଡ଼ିଶା ସରକାର ଗୁରୁତ୍ୱ ଦେବେ ସେମାନେ କେବେ ହେଲେ ଆନ୍ଧ୍ର ମୁହାଁ ହେବେ ନାହିଁ। କୋଟିଆ ପଞ୍ଚାୟତର ସବୁ ଗ୍ରାମପୁଞ୍ଜ ଆମ ପୂର୍ବପୁରୁଷ ଓଡ଼ିଶା ସହ ରହିଆସିଛନ୍ତି। ତେଣୁ କୋଟିଆର ସମସ୍ତ ଅଞ୍ଚଳ ଯେପରି ଓଡ଼ିଶା ଭିତରେ ବଞ୍ଚି ରହିବ ଏନେଇ ସରକାର ଚିନ୍ତା ନ କଲେ ଆଗକୁ ବଡ଼ ସମସ୍ୟା ହେବ।

**- ଲକ୍ଷ୍ମଣ ଗେମେଲ, ବ୍ୟବସାୟୀ, କୋଟିଆ**

### ଜାଗା ନେଇଗଲେ, ଚାକିରି ଦେଲେନି



କୋଟିଆରେ ଚାଷବାସ କରିବାକୁ ଜାଗାର ଘୋର ଅଭାବ। ତଥାପି ରାଜ୍ୟ ସରକାର ସ୍ୱାସ୍ଥ୍ୟ କେନ୍ଦ୍ର, ସ୍କୁଲ, ଥାନା, ପଞ୍ଚାୟତ କେନ୍ଦ୍ର, ଗୋଷ୍ଠୀ ଉନ୍ନୟନ କେନ୍ଦ୍ର ସ୍ଥାପନା ପାଇଁ ଆମର ଚାଷଜମି ମାଗିଲେ। ଗ୍ରାମର ଶିକ୍ଷିତ ଯୁବତୀଯୁବକଙ୍କୁ ଚାକିରି ଦେବାର ପ୍ରତିଶ୍ରୁତି ଦେବାରୁ ଆମେ ଆମ ଜାଗା ଦେଲୁ। ହେଲେ ୫ବର୍ଷ ହୋଇଗଲା, ଜଣେ ବି ଚାକିରି ପାଇଲେ ନାହିଁ। ମୋର ପିଲାମାନେ ଯୁକ୍ତ ୩ ପାଠ ପଢି ଚାକିରି ନ ପାଇ ଦୋକାନ କରିଛନ୍ତି। ଏପରି ଅନେକ ପିଲା ୧୦ମ ପାସ୍ କରି ମଜୁରି ଲାଗୁଛନ୍ତି। ସେହିପରି ପାଣି ସୁବିଧା ହୋଇଯିବ କହିଥିଲେ। ତାହା ବି ମିଳିଲା ନାହିଁ। ବସ୍ ଚଳାଚଳରେ ମଧ ବହୁ ଅସୁବିଧା ହେଉଛି। ଗୋଟିଏ ବସ୍ ସକାଳୁ ଗଲେ ରାତିରେ ଫେରୁଛି। ଭୋଟ ବେଳେ ଆସି ସବୁ କରିଦେବୁ କହି ଭୋଟ ନେଇ ଚାଲିଯିବା ପରେ ଆଉ ଦେଖା ଦେଉନାହାନ୍ତି। ଏ ନେଇ ସରକାର ଚିନ୍ତା କରି ଦୁଃଖ ଦୂର କରନ୍ତୁ।

**- ଆସି ଗେମେଲ, କୋଟିଆ**

### ଓଡ଼ିଆ ଜାଣି କହୁନାହାନ୍ତି

ଫଗୁଣସେନେରୀ ଓ ଫାଟୁସେନେରୀ ଗ୍ରାମର ଲୋକମାନେ ଓଡ଼ିଆ ଜାଣିଥିଲେ ମଧ ସରକାରୀ ଅଧିକାରୀ ବା ଜନପ୍ରତିନିଧି ଗଲେ ଗାଁ ପୁରୁଷ ଶୂନ୍ୟ ହୋଇଯାଉଛି। ହାତଗଣତି ଲୋକ ଗାଁ ଦାଣ୍ଡରେ ଗଣମାଧ୍ୟମକୁ ମୁହଁ ଖୋଲୁଥିବାବେଳେ ଅଧିକାଂଶ ନୀରବ ରହୁଛନ୍ତି। ଓଡ଼ିଆ ଜାଣି ମଧ ଅଧିକାଂଶ ତେଲୁଗୁ କହୁଛନ୍ତି। ନିକଟରେ କୋରାପୁଟ ଉପଜିଲାପାଳ ଓ ପଟାଙ୍ଗୀ ତହସିଲଦାର ୩ ବିବାଦୀୟ ଗ୍ରାମବାସୀଙ୍କ ସହ ଆଲୋଚନା କରିବାକୁ ଯାଇଥିବାବେଳେ ଗ୍ରାମବାସୀ ଅନିଚ୍ଛା ପ୍ରକାଶ କରିଥିବା ଦେଖିବାକୁ ମିଳିଥିଲା।

ଉପସ୍ଥାପନା: ଜ୍ୟୋତିରଞ୍ଜନ ମହାପାତ୍ର
ଫଟୋ: ମୌସମ ନନ୍ଦ

### କୋଟିଆର ଚଳଣି








## ଧାନ ବିକି ନ ପାରି ...



ଭଦ୍ରକ ଜିଲା ଚିକିତ୍ସାଳୟରେ ଚିକିତ୍ସାଧୀନ ଚାଷୀ।

ଉକ୍ତ ଧାନ ସଂଗ୍ରହ କେନ୍ଦ୍ରକୁ ଯାଇଥିଲେ। ସେଠାରେ ତାଙ୍କ ଟୋକନ ତାରିଖ ସରିଯାଇଥିବା କହି ଧାନ ନ ନେବାରୁ ସେ କେନ୍ଦ୍ର ଆଗରେ କୀଟନାଶକ ପିଇ ଦେଇଥିଲେ। ତାଙ୍କୁ ଆମ୍ବୁଲାନ୍ସରେ ହସ୍ପିଟାଲକୁ ନିଆଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ଏହି ଘଟଣା ପରେ ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଉପଜିଲାପାଳ ପିତାମ୍ବର ସାମଲ ଓ ଜିଲା ଯୋଗାଣ ଅଧିକାରୀ ରଞ୍ଜନ ସେଠ୍ ଉକ୍ତ ଧାନକ୍ରୟ କେନ୍ଦ୍ରକୁ ଯାଇ ଘଟଣାର ତଦନ୍ତ କରି ଫେରିଛନ୍ତି। ବିଷ ପିଇଥିବା ଚାଷୀଙ୍କ ଟୋକନ ତାରିଖ ସରିଯାଇଥିଲେ ମଧ୍ୟ ଟାର୍ଗେଟ ନ ଥିବାରୁ ତାଙ୍କ ଧାନ କିଣାଯାଇ ପାରି ନ ଥିବା ଉକ୍ତ ସଂଘ ସଭାପତି ମିନତି ବାରିକ କହିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ସାମଲ କହିଛନ୍ତି, ଘଟଣାର ତଦନ୍ତ କରି ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯିବ। ଜିଲାପାଳ ପଦକ୍ଷେପ ନେବେ।

## ଲ୍ୟାମ୍ପସ କର୍ମଚାରୀଙ୍କୁ କାର୍ଯ୍ୟାଳୟରେ ତାଲା ପକାଇଲେ ଚାଷୀ

ପାଟଣା,୨୭।୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ସମବାୟ ସମିତି କେନ୍ଦେଇପଶି ଶାଖା ଅଧୀନ ୨୨ ଜଣ ଚାଷୀ ଶନିବାର ଧାନ ବିକ୍ରି କରି ନ ପାରିବାରୁ ଲ୍ୟାମ୍ପସ ସମ୍ମୁଖରେ ଧାନ ବସ୍ତା ରଖି ଧାରଣାରେ ବସିଛନ୍ତି। ଏଥିସହ ଉତ୍ତେଜିତ ଚାଷୀମାନେ ଲ୍ୟାମ୍ପସ ୨ଜଣ କର୍ମଚାରୀ ସ୍ମୃତିମୟ ମିଶ୍ର ଓ ଗଣେଶ୍ୱର ନାଏକଙ୍କୁ କାର୍ଯ୍ୟାଳୟ ମଧ୍ୟରେ ତାଲା ପକାଇ ଦେଇଥିଲେ। ଖବର ପାଇ ଘୁଷୁରୁଆ ପୋଲିସ ପହଞ୍ଚି ଦୁଇ କର୍ମଚାରୀଙ୍କୁ ଉଦ୍ଧାର କରିଛି। ଖବର ଲେଖାହେବା ବେଳକୁ ଚାଷୀମାନେ ଧାରଣାରେ ବସିରହିଥିଲେ। ସୂଚନା ଅନୁଯାୟୀ, ୨୨ ଜଣ ଚାଷୀଙ୍କର ଜାନୁଆରୀ ୨୨ରେ ଧାନ ବିକ୍ରି କରିବା ପାଇଁ ଟୋକନ ଆସିଥିଲା। ହେଲେ ଟାର୍ଗେଟ ନ ଥିବାରୁ ସେମାନଙ୍କର ଟୋକନ ଲାପ୍ସ ହୋଇଯାଇଥିଲା। ଏ ସମ୍ପର୍କରେ ଲ୍ୟାମ୍ପସ ଏମ୍‌ଡି ହରମୋହନ ମହାନ୍ତଙ୍କୁ ପଚାରିବାରୁ କହିଛନ୍ତି, ସେମାନଙ୍କର ଟୋକନ ଲାପ୍ସ ହୋଇଯାଇଥିଲେ ହେଁ ପୁନର୍ବାର ସେମାନଙ୍କୁ ଟୋକନ ପ୍ରଦାନ କରିବାକୁ ସରକାରଙ୍କୁ ଚିଠି ଲେଖାଯାଇଛି। ସେମାନଙ୍କ ଧାନ ସରକାର କିଣିବାର ବ୍ୟବସ୍ଥା କରାଯିବ।

## ଗୋଦାମ ଅଭାବରୁ ...

ପିପିଲି ମଧ୍ୟରୁ ମାତ୍ର ୪,୦୭,୮୯୪ ଏମ୍‌ଟି କ୍ଷମତା ବିଶିଷ୍ଟ ୧,୮୩୭ ଗୋଦାମ ରହିଛି, ଯାହାକି ଆବଶ୍ୟକତାର ମାତ୍ର ୩୧ ପ୍ରତିଶତ। ଆବଶ୍ୟକ ସ୍ଥଳେ ଗୋଦାମ ଭଡ଼ାରେ ନେବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ରହିଥିଲେ ହେଁ କର୍ତ୍ତୃପକ୍ଷ ତାହାକୁ ଗୁରୁତ୍ୱ ଦେଉନାହାନ୍ତି। ଫଳରେ ମିଲରମାନଙ୍କ ମନମାନି ସହ ନିର୍ଦ୍ଦିଷ୍ଟ ସମୟରେ ଧାନ ଉଠାଣରେ ବିଫଳ ହେଉଥିବାରୁ ଚାଷୀଙ୍କ ପାଇଁ କାଳ ହେଉଛି। ଗୋଦାମର ଆବଶ୍ୟକତାକୁ ଦୃଷ୍ଟିରେ ରଖି ୨୦୧୯-୨୦ ବର୍ଷରେ ଡବ୍ଲ୍ୟୁଆଇଏଫ (ୱେରହାଉସ୍ ଇନ୍‌ଫ୍ରାଷ୍ଟ୍ରକ୍ଚର ଫଣ୍ଡ)ରେ ୨୦୦ ଖାଦ୍ୟାବସ୍ୟା ଗୋଦାମ ନିର୍ମାଣ କରିବାକୁ ଯୋଜନା ରହିଥିଲା। ଏହାବାଦ ଆରଆଇଡିଏଫ (ରୁରାଲ ଇନ୍‌ଫ୍ରାଷ୍ଟ୍ରକ୍ଚର ଡେଭଲପମେଣ୍ଟ ଫଣ୍ଡ)ରେ ରାଜ୍ୟର ୪୭ ପ୍ୟାକ୍ସରେ ୪୭ଟି ଏବଂ ଏନ୍‌ସିଡିସି (ନ୍ୟାସନାଲ କୋପରେଟିଭ ଡେଭଲପମେଣ୍ଟ କର୍ପୋରେଶନ) ଯୋଜନାରେ ୮୪ଟି ଗୋଦାମ ନିର୍ମାଣ କରିବାକୁ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଏହା କାର୍ଯ୍ୟକାରୀ ନ ହେବାରୁ ଚାଷୀଙ୍କ ଦୁର୍ଦ୍ଦଶା ଆହୁରି ବଢ଼ିଥିବା କୁହାଯାଉଛି। ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସହ ସଂଯୋଜକ ନିମାଇଁ ଚରଣ ରାୟ କୁହନ୍ତି, ମଣ୍ଡିଗୁଡ଼ିକରେ ଆବଶ୍ୟକ ଭିତ୍ତିଭୂମିର ଅଭାବ ରହିଛି। ସରକାର ଅନେକ ଯୋଜନା କରୁଥିଲେ ହେଁ ତାକୁ କାର୍ଯ୍ୟକାରୀ କରୁଥିବା ଅଧିକାରୀଙ୍କ ଆନ୍ତରିକତା ନାହିଁ। ସେଥିମଧ୍ୟରୁ ଆବଶ୍ୟକ ଗୋଦାମ ଅଭାବ ଚାଷୀଙ୍କୁ ବ୍ୟଥିତ କରିଛି। ଏପରିକି ଗ୍ରାମୀୟ ନିର୍ବାଚିତ ଲୋକ ପ୍ରତିନିଧି କିମ୍ବା ବିରୋଧୀ ନେତାମାନେ ମଧ୍ୟ ଗୋଦାମ ନିର୍ମାଣରେ କୌଣସି ଆଗ୍ରହ ଦେଖାଉଥିବା ପରିଲକ୍ଷିତ ହେଉନାହିଁ। ଙ୍କ ଭୋଟ ପରେ ଚାଷୀଙ୍କୁ ଛାଡ଼ିଦେଲେ, ସେମାନେ କେବେ ମଣ୍ଡିକୁ ଯାଇ ଧାନ ସଂଗ୍ରହ ବ୍ୟବସ୍ଥା ଦେଖୁନାହାନ୍ତି। ବିଧାନସଭାରେ କେବଳ ଲୋକଦେଖାଣିଆ ପ୍ରତିବାଦ ହେଉଛି। ଏହାର ସୁଯୋଗରେ ମିଲ୍ ମାଲିକମାନେ ଚାଷୀଙ୍କୁ କଟ୍‌ନୀ ଛଟ୍‌ନୀ ଭଳି ଅନେକ ହଇରାଣ ହରକତ କରୁଛନ୍ତି।

ରାଜ୍ୟରେ ପ୍ୟାକ୍ସ ସହିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ପାଣି ପଞ୍ଚାୟତ ଚାଷୀମାନଙ୍କଠାରୁ ଧାନ ସଂଗ୍ରହ କରିବା ପାଇଁ ବ୍ୟବସ୍ଥା ରହିଛି। ଧାନ ସଂଗ୍ରହ ନୀତି ଅନୁଯାୟୀ, ଜିଲାସ୍ତରରେ ଗଠିତ ଡିଷ୍ଟ୍ରିକ୍ଟ ଲେଭଲ ପ୍ରୋକ୍ୟୁରମେଣ୍ଟ କମିଟି ଆବଶ୍ୟକ ହେଉଥିବା ଧାନ ସଂଗ୍ରହ କେନ୍ଦ୍ର ଖୋଲିବା ପାଇଁ ନିଷ୍ପତ୍ତି ନେବାର ବ୍ୟବସ୍ଥା ରହିଛି। ଚାଷୀମାନଙ୍କୁ ଧାନମଣ୍ଡି ସମ୍ପର୍କରେ ଆଗୁଆ ସୂଚନା ଦେବା, ପ୍ରଚାରପ୍ରସାର ପାଇଁ ଡାକବାଜିଯନ୍ତ୍ର, ପ୍ରଚାର ପତ୍ର ଇତ୍ୟାଦି ବ୍ୟବହାର କରିବା ଓ ନିୟନ୍ତ୍ରିତ ବଜାର କମିଟି ଧାନ ମାପ ପାଇଁ ଉପଯୁକ୍ତ ଯନ୍ତ୍ରପାତିର ବ୍ୟବସ୍ଥା ଓ ଧାନ ସଂରକ୍ଷଣ ବ୍ୟବସ୍ଥା ସୁଚାରୁରୂପେ କରାଯିବ ବୋଲି ଜିଲା କ୍ରୟ କମିଟି ବୈଠକରେ ନିଷ୍ପତ୍ତି ହୋଇଛି। ହେଲେ ଆବଶ୍ୟକ ଗୋଦାମ ନ ଥିବାରୁ ହଜାର ହଜାର ଚାଷୀ ଧାନ ମଣ୍ଡିରେ ଦେଇ ନ ପାରି ନୟାନ୍ତ ହେଉଛନ୍ତି। ଯାଜପୁର ଜିଲାକୁ ଏହାର ଉଦାହରଣ ଭାବେ ବିଚାରକୁ ନିଆଯାଇପାରେ। ଏହି ଜିଲାରେ ୧୨୨ ପ୍ୟାକ୍ସରେ ୩୮୫୦ କ୍ଷମତା ବିଶିଷ୍ଟ ୭୭ ଗୋଦାମ ରହିଛି। କିନ୍ତୁ ସେଥିରୁ ମାତ୍ର ୩୭ଟି କାର୍ଯ୍ୟକ୍ଷମ ରହିଛି। ଅଧାରୁ ଅଧିକ ଗୋଦାମ ଅଚଳ ରହିବା କେବଳ ଯାଜପୁର ଜିଲାରେ ନୁହେଁ, ଅନ୍ୟ ଜିଲାଗୁଡ଼ିକରେ ମଧ୍ୟ ସମାନ ସ୍ଥିତି ବୋଲି ସମବାୟ ସମିତିର ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନ ସର୍ତ୍ତରେ କହିଛନ୍ତି। ଏଭଳି ସ୍ଥିତି ଯୋଗୁ କେତେକ ପ୍ୟାକ୍ସରେ ଚାଷୀଙ୍କ ଧାନକୁ ସିଧା ମିଲକୁ ପଠାଇ ଦିଆଯାଉଥିବା ଅଭିଯୋଗ ହେଉଛି। ଏଥିଯୋଗୁ ଚାଷୀ ସରକାରୀ ଅଧିକାରୀଙ୍କ ନିର୍ଘଣ୍ଟ ବାହାରକୁ ଚାଲିଯାଉଛନ୍ତି। ୮।୧୧।୨୦୧୯ରେ ବରୀ ବିଧାୟିକା ସୁନନ୍ଦା ଦାସ ଯାଜପୁର ବ୍ଲକ ସୁଜନପୁର ପ୍ୟାକ୍ସରେ ଡବ୍ଲ୍ୟୁଆଇଏଫ ଯୋଜନାରେ ଏକ ଗୋଦାମ ନିର୍ମାଣ କରିବାକୁ ସମବାୟ ସମିତି ସମୂହ ନିବନ୍ଧକ(ଆରସିଏସ)ଙ୍କୁ ପତ୍ର ଲେଖିଥିଲେ। ସେହିପରି ୧୦।୧୨।୨୦୧୯ରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ସ୍ଥାନୀୟ ପଣସା ପ୍ୟାକ୍ସରେ ଏକ ଅଫିସ ଗୃହ ଓ ଗୋଦାମ ନିର୍ମାଣ କରିବାକୁ ପତ୍ର ଲେଖିଥିଲେ। କିନ୍ତୁ ଆରସିଏସ ପକ୍ଷରୁ ୧୯।୨।୨୦୨୦ରେ ଉପରୋକ୍ତ ଗୋଦାମ ଓ ଅଫିସ ଗୃହ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ଏଆରସିଏସ୍‌ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରୁ ଗୋଦାମ ନିର୍ମାଣ ପାଇଁ ସରକାରୀ ଅଧିକାରୀଙ୍କ ଆନ୍ତରିକତା କେତେ ତାହା ସହଜେ ଅନୁମେୟ।

## ପରିକ୍ରମା ସଂକଳ୍ପ ...

ଶ୍ରୀମନ୍ଦିର ଆସୁଥିବା ସବୁ ଭକ୍ତ ତଥା ଜଗନ୍ନାଥପ୍ରେମୀଙ୍କ ହୃଦୟରେ ଗୋଟିଏ ଇଚ୍ଛା ଥାଏ ଯେ ସେମାନେ କିପରି ଏକ ଶାନ୍ତ, ସୁନ୍ଦର ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ମହାପ୍ରଭୁଙ୍କ ଦର୍ଶନ କରିବେ। ଜଗନ୍ନାଥ ମନ୍ଦିରକୁ ଜୀବନକାଳ ମଧ୍ୟରେ ଥରୁଟିଏ ଆସିବା ଏବଂ ମହାପ୍ରଭୁଙ୍କୁ କିଏ ଝଲକ ପାଇବା ହେଉଛି ଲକ୍ଷ ଲକ୍ଷ ଭକ୍ତଙ୍କର ଏକମାତ୍ର ପ୍ରାର୍ଥନା। ସବୁ ଭକ୍ତ ଯେଭଳି ଏକ ଦିବ୍ୟ ଅନୁଭବ ନେଇ ଫେରିବେ ତାହା ଆମ ସମସ୍ତଙ୍କ ଦାୟିତ୍ୱ। ଏହି ପରିପ୍ରେକ୍ଷୀରେ ଯେତେବେଳେ ଜଷ୍ଟିସ୍ ବି. ପି. ଦାସ କମିଟିର ନିରାପତ୍ତା କଡ଼ାକଡ଼ି ପାଇଁ ସୁପାରିସ କଲେ ସେତେବେଳେ ୩ଟି ଲକ୍ଷ୍ୟ ନେଇ ଶ୍ରୀମନ୍ଦିର ପରିକ୍ରମା ଯୋଜନା ବିଷୟ ଚିନ୍ତା କରାଯାଇଥିଲା। ସେଗୁଡ଼ିକ ହେଲା ଶ୍ରୀମନ୍ଦିର ନିରାପତ୍ତା, ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଲକ୍ଷ ଲକ୍ଷ ଭକ୍ତଙ୍କର ନିରାପତ୍ତା ଓ ଭକ୍ତ ପାଇଁ ଏକ ସୁନ୍ଦର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି। ଗଜପତି ମହାରାଜାଙ୍କ ନେତୃତ୍ୱରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ବିଭିନ୍ନ ଷ୍ଟେକ୍‌ହୋଲ୍ଡରଙ୍କ ସହ ଆଲୋଚନା କରି ଶ୍ରୀମନ୍ଦିର ପରିକ୍ରମା ଯୋଜନା ପ୍ରସ୍ତୁତ କରିଛନ୍ତି। ଏହି ମହାନ କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ଗଜପତି ମହାରାଜାଙ୍କୁ ଧନ୍ୟବାଦ ଦେଇଛନ୍ତି। ସେହିପରି ଏହି ଯୋଜନାକୁ ଆଗେଇ ନେବା ପାଇଁ ସେବାୟତ ତଥା ପୁରୀ ଜନସାଧାରଣଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି। ଏହି ମହାନ କାର୍ଯ୍ୟରେ ଅବଦାନ ପାଇଁ ପଦ୍ମବିଭୂଷଣ ରଘୁନାଥ ମହାପାତ୍ର, ସୁଦର୍ଶନ ପଟ୍ଟନାୟକ ଆଦି ଅନେକ ବିଶିଷ୍ଟ ବ୍ୟକ୍ତିଙ୍କୁ ସେ ଧନ୍ୟବାଦ ଦେଇଛନ୍ତି। ସାଧାରଣ ଭାବେ ସରକାର ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନେଇଥାଆନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ଯୋଜନା କେବଳ ସରକାର କିମ୍ବା ଶ୍ରୀମନ୍ଦିର ପ୍ରଶାସନର ନୁହେଁ, ଏହା ହେଉଛି ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କର ନିଜ ଯୋଜନା। ଏହି ପବିତ୍ର ଗୃହ ସାଢ଼େ ୪ କୋଟି ଓଡ଼ିଆଙ୍କ ପ୍ରତିନିଧିତ୍ୱ କରୁଛି। ଆପଣମାନଙ୍କ ଜରିଆରେ ଓଡ଼ିଶାର ଜନସାଧାରଣଙ୍କ ନିକଟରେ ଶ୍ରୀମନ୍ଦିର କରିଡର ପ୍ରୋଜେକ୍ଟ ପାଇଁ ସମସ୍ତଙ୍କ ଏକ ଧର୍ମ ମନେକରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ହେଉଛି ଓଡ଼ିଆ ଜାତି ତଥା ଆମ ସମସ୍ତଙ୍କ ପାଇଁ ଏକ ଐତିହାସିକ ମୁହୂର୍ତ୍ତ। ଏଭଳି ସୁଯୋଗ ବହୁତ କମ୍ ଆସେ। ବହୁ ଯୁଗ ପରେ ଏଭଳି ମୁହୂର୍ତ୍ତ ଆସେ। ଆମେ ସମସ୍ତେ, ସାରା ଓଡ଼ିଶାବାସୀ ମିଳିତ ଭାବେ ଏହି ଅନନ୍ୟ ମୁହୂର୍ତ୍ତର ଅଂଶ ପାଲଟିଯାଉଛେ। ଶ୍ରୀମନ୍ଦିର ହେଉଛି ଆମ ଆଧ୍ୟାତ୍ମିକ ଐତିହ୍ୟର କେନ୍ଦ୍ର, ଯାହା କି ପୁରୁଷ ପୁରୁଷ ଧରି ଉତ୍ତରାଧିକାର ସୂତ୍ରରେ ଆମେ ପାଇଛେ। ଏହି ଆଧ୍ୟାତ୍ମିକ ସମ୍ପଦକୁ ଆମେ ଉତ୍ତରାଧିକାର ସୂତ୍ରରେ ଆମର ଭବିଷ୍ୟତ ବଂଶଧରମାନଙ୍କ ପାଇଁ ସାଇତି ରଖିବୁ। ଏହି ଲକ୍ଷ୍ୟ ନେଇ ଆମକୁ ଶ୍ରୀମନ୍ଦିର ପରିକ୍ରମା ଯୋଜନାକୁ ଦେଖିବାକୁ ହେବ। ମିଳିତ ଭାବେ କାମ କରି ସାକାର କରିବାକୁ ହେବ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଗୃହରେ ୩ଟି ପ୍ରସ୍ତାବ ରଖିଥିଲେ। ପ୍ରଥମତଃ ମହାପ୍ରଭୁଙ୍କର ଶ୍ରୀମନ୍ଦିର ଯୋଜନାକୁ ସମ୍ପୂର୍ଣ୍ଣ କରିବା ପାଇଁ ସମସ୍ତେ ସଂକଳ୍ପ ନେଇ କାମ କରିବା ଓ କାମ ଶୀଘ୍ର ଶେଷ କରିବାକୁ ନିଷ୍ପତ୍ତି ନେବା ସହ ଉଦ୍ୟମ କରିବା, ଦ୍ୱିତୀୟତଃ ପ୍ରତ୍ୟେକ ଓଡ଼ିଆ, ପ୍ରତି ଜଗନ୍ନାଥପ୍ରେମୀ ସମସ୍ତଙ୍କ ହୃଦୟରେ ଗୋଟିଏ ଇଚ୍ଛା ମହାପ୍ରଭୁଙ୍କର ଏହି କାର୍ଯ୍ୟରେ ସାମିଲ ହେବା ତଥା ଏଥିରେ ନିଜର କିଛି ଅବଦାନ ରଖିବା। ଏଥିପାଇଁ ସମସ୍ତଙ୍କୁ ସୁଯୋଗ ଦେବା। ତୃତୀୟତଃ ଶ୍ରୀମନ୍ଦିର ପରିକ୍ରମା ଯୋଜନା ପାଇଁ ତ୍ୟାଗ କରିଥିବା ପୁରୀବାସୀଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇବା। ଓଡ଼ିଆ ସ୍ୱାଭିମାନ ପାଇଁ ଯେଉଁ

## ପ୍ରଥମ ପୃଷ୍ଠାରୁ...

ମହାପ୍ରଭୁ ଦିନେ କାଞ୍ଚି ଅଭିଯାନରେ ବାହାରିଥିଲେ, ସେହି କାଳିଆଠାକୁର ଜଗନ୍ନାଥଙ୍କ ସେବାରେ ତାଙ୍କ ଧାମର ବିକାଶରେ ଆମେ ଯଦି କିଛି ବି ଅବଦାନ ରଖିପାରିବା ତେବେ ଜଣେ ଓଡ଼ିଆ ଭାବରେ ଏହା ହେବ ଆମର ଶ୍ରେଷ୍ଠ ସୌଭାଗ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ପ୍ରସ୍ତାବକୁ ସମର୍ଥନ କରି ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ କହିଥିଲେ, ମହାପ୍ରଭୁ ଶ୍ରୀଜଗନ୍ନାଥ ଧାମକୁ ସାରା ବିଶ୍ୱରେ ଦେଖିଲା ଭଳି କରିବାର ଆବଶ୍ୟକତା ରହିଛି। ଯେମିତି ଏହା ବିଶ୍ୱରେ ଏକନମ୍ବର ହେବ। ଏହି ପ୍ରକଳ୍ପକୁ ଦଳ ତରଫରୁ ସମ୍ପୂର୍ଣ୍ଣ ସମର୍ଥନ କରାଯାଉଛି ବୋଲି ସେ କହିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଗତ ପ୍ରସ୍ତାବକୁ ମୁଁ ଓ ଆମ ଦଳ ପୂର୍ଣ୍ଣପ୍ରାଣରେ ସମର୍ଥନ କରୁଛୁ। ଏହା ଏକ ମହାନ୍ ଚମତ୍କାର କାର୍ଯ୍ୟ । ରାଜ୍ୟର ବିକାଶ କାର୍ଯ୍ୟରେ ଆମେ ସମ୍ପୂର୍ଣ୍ଣ ସମର୍ଥନ ଯୋଗାଇଦେବୁ। ଏହି କାର୍ଯ୍ୟ ପାଇଁ ରାଜ୍ୟ ସରକାର ଧନ୍ୟବାଦର ପାତ୍ର। ଓଡ଼ିଶା କେବଳ ଜଗନ୍ନାଥଙ୍କ ପାଇଁ ପରିଚିତ ଥିଲା। ଆମର ଏହି ସଂସ୍କୃତି ପାଇଁ ଆସିଥିବା ଉକ୍ତ ଐତିହାସିକ ସଂକଳ୍ପକୁ କଂଗ୍ରେସ ଦଳ ଦୃଢ଼ ଭାବରେ ସମର୍ଥନ କରୁଛି ବୋଲି ସେ କହିଥିଲେ। ବିଜେଡି ସଭ୍ୟ ଦେବୀ ପ୍ରସାଦ ମିଶ୍ର କହିଥିଲେ, ଏହା ଓଡ଼ିଆ ଜାତି ପାଇଁ ଗର୍ବ ଓ ଗୌରବର କଥା। ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଏ ଓଡ଼ିଆ ଜାତିର ଅସ୍ମିତା। ଶେଷରେ ଏହି ସଂକଳ୍ପକୁ ଦଳଗତ ନିର୍ବିଶେଷରେ ପାରିତ କରାଯାଇଥିଲା।

## ୨୫୦ରେ ଟିକା ...

ପ୍ରସ୍ତୁତକାରୀ କମ୍ପାନୀ ୧୫୦ ଟଙ୍କା ପାଇବାକୁ ଥିବାବେଳେ ୟୁଜର ଫି ୧୦୦ ଟଙ୍କା ହସ୍ପିଟାଲକୁ ମିଳିବ। ଉକ୍ତ ୧୦୦ ଟଙ୍କାରୁ ଟିକା ଦେଉଥିବା କର୍ମଚାରୀ ୫୦ ଟଙ୍କା ପାଇବେ ବୋଲି ସ୍ଥିର କରାଯାଇଛି। ନୀତି ଆୟୋଗ ସଦସ୍ୟ (ସ୍ୱାସ୍ଥ୍ୟ)ଙ୍କ ନେତୃତ୍ୱରେ ସରକାରୀ ଅଧିକାରୀମାନଙ୍କ ସହ ଦୁଇ ଉତ୍ପାଦନକାରୀ କମ୍ପାନୀର ପ୍ରତିନିଧିଙ୍କର ଏକାଧିକ ପର୍ଯ୍ୟାୟ ବୈଠକ ପରେ ଟିକା ଦର ଧାର୍ଯ୍ୟ ହୋଇଛି। ସ୍ୱାସ୍ଥ୍ୟ କର୍ମଚାରୀ ଏବଂ ଆଗଧାଡ଼ିର କୋଭିଡ୍ ଯୋଦ୍ଧାମାନଙ୍କ ପାଇଁ ସରକାର ଯେଉଁ ଦରରେ ଟିକା କିଣିଥିଲେ ତାହାଠାରୁ କମ୍ ଦରରେ ଘରୋଇ ହସ୍ପିଟାଲରେ ଜନସାଧାରଣଙ୍କ ପାଇଁ ଉପଲବ୍ଧ ହେବ। କେନ୍ଦ୍ର ସରକାର ଟିକସକୁ ବାଦ୍ ଦେଇ ସିରମ୍ ଇନ୍‌ଷ୍ଟିଚ୍ୟୁଟରୁ କୋଭିଶିଲ୍ଡ ୨୦୦ ଟଙ୍କା ଏବଂ ଭାରତ ବାୟୋଟେକ୍‌ଠାରୁ କୋଭାକ୍ସିନ୍ ୨୯୫ ଟଙ୍କାରେ କିଣିଥିଲେ। ଗତ ମାସରେ କୋଭିଶିଲ୍ଡ ୧୧ କୋଟି ଏବଂ କୋଭାକ୍ସିନ ୫.୫ କୋଟି ଡୋଜ୍ କିଣାଯାଇଥିଲା। ସୋମବାରଠାରୁ ଆରମ୍ଭ ହେଉଥିବା ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣରେ ୨୦ ହଜାର ଘରୋଇ ହସ୍ପିଟାଲରେ କେବଳ କୋଭିଶିଲ୍ଡ ଟିକା ଉପଲବ୍ଧ ହେବ। କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଯୋଜନା ଏବଂ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ତାଲିକାଭୁକ୍ତ ହୋଇଥିବା ହସ୍ପିଟାଲଗୁଡ଼ିକୁ ଟିକାକରଣ ଅଭିଯାନରେ ସାମିଲ କରିବା ଲାଗି ଘରୋଇ ହସ୍ପିଟାଲ ସଂଘ ପକ୍ଷରୁ ସରକାରଙ୍କୁ ଅନୁରୋଧ କରାଯାଇଛି। ଜାନୁୟାରୀ ୧୬ରୁ ଦେଶରେ କୋଭିଡ୍ ଟିକାକରଣ ଅଭିଯାନ ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ସ୍ୱାସ୍ଥ୍ୟ କର୍ମଚାରୀ ଓ ସମ୍ମୁଖ କୋଭିଡ୍ ଯୋଦ୍ଧାମାନଙ୍କୁ ଟିକାଦାନ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ୧.୧୫ କୋଟି କର୍ମଚାରୀ ଟିକା ନେଇଛନ୍ତି। ସଫ୍ଟୱେରକୁ ବିକଶିତ କରିବା ପାଇଁ ଚଳିତ ସପ୍ତାହାନ୍ତରେ ଟିକାଦାନ ବନ୍ଦ ରଖାଯାଇଛି। କୋଭାକ୍ସିନ୍ ନେବାକୁ କର୍ମଚାରୀମାନେ ବିଶେଷ ଆଗ୍ରହ ପ୍ରକାଶ କରୁ ନ ଥିବାରୁ ଟିକାଦାନ ଅଭିଯାନ ମନ୍ଥର ହୋଇଛି। ଟିକା ନେଇଥିବା ଲୋକଙ୍କ ମଧ୍ୟରୁ ମାତ୍ର ୧୧ ପ୍ରତିଶତ କୋଭାକ୍ସିନ ନେବାକୁ ଆଗ୍ରହ ପ୍ରକାଶ କରିଥିଲେ।

## ନଜରରେ ୫ ରାଜ୍ୟ ...

ଏସବୁ ରାଜ୍ୟରୁ ଆସୁଥିବା ଲୋକଙ୍କ ପାଇଁ ବିମାନବନ୍ଦର ଓ ରେଳ ଷ୍ଟେଶନରେ ଥର୍ମାଲ ସ୍କ୍ରିନିଂ ସହ ରାପିଡ୍ ଆଣ୍ଟିଜେନ୍ କିଟ୍‌ରେ କରୋନା ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେମାନଙ୍କ ୭ଦିନିଆ ହୋମ୍ ଆଇସୋଲେସନକୁ ବାଧ୍ୟତାମୂଳକ କରାଯାଇଛି। କିନ୍ତୁ ବୋର୍ଡିଂର ୭୨ ଘଣ୍ଟା ମଧ୍ୟରେ ଆର୍‌ଟିପିସିଆର୍ ରିପୋର୍ଟ ନେଗେଟିଭ୍ ଥିଲେ ପୃଥକବାସ ଜରୁରୀ ନୁହେଁ ବୋଲି କୁହାଯାଇଛି। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖି ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ, ଶୁକ୍ରବାର ରାଜ୍ୟ ସରକାର ୧୧ ରାଜ୍ୟ ଓ ଚଣ୍ଡିଗଡ଼ ଫେରନ୍ତାଙ୍କ ପାଇଁ ୭ଦିନିଆ ହୋମ୍ ଆଇସୋଲେଶନ ବାଧ୍ୟତାମୂଳକ କରିଥିଲେ। ଏହି ସମସ୍ତ ସ୍ଥାନରୁ ଫେରୁଥିବା ଯାତ୍ରୀଙ୍କର ରେଳଷ୍ଟେଶନ ଓ ବିମାନବନ୍ଦରରେ ସ୍କ୍ରିନିଂ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଲକ୍ଷଣ ଥିବା ଯାତ୍ରୀଙ୍କର ଆଣ୍ଟିଜେନ୍ ଟେଷ୍ଟ କରିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ମଧ୍ୟ ଜାରି ହୋଇଥିଲା। ଆଇସୋଲେଶନ ଗାଇଡ୍‌ଲାଇନ୍‌ରେ କିଛିଟା ପରିବର୍ତ୍ତନ ଅଣାଯାଇଥିବାବେଳେ ନିର୍ଦ୍ଦେଶ ଅନୁସାରେ ଶନିବାରଠାରୁ ରେଳ ଷ୍ଟେଶନରେ ସ୍କ୍ରିନିଂ ଓ ଟେଷ୍ଟିଂ ଆରମ୍ଭ ହୋଇଛି।

## ଯାତ୍ରା କଳାକାର ...

କଟକଣାକୁ ଭିତ୍ତିକରି ସିନେମା ହଲ୍ ଚାଲିବ। ନବମ ଓ ଏକାଦଶ ପିଲାଙ୍କ ପାଇଁ ସ୍କୁଲ ଖୋଲିଛି। ସେଥିପାଇଁ ଜାରି କରାଯାଇଥିବା ଏସ୍‌ଓପି ପାଳନ କରିବାକୁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ ପରିସ୍ଥିତିକୁ ଦେଖି କ୍ଲାସ୍ ପ୍ରମୋଶନ ପରୀକ୍ଷା କରିବାକୁ ଅନୁମତି ଦିଆଯାଇଛି। ଆବଶ୍ୟକ ସ୍ଥଳେ ମାତାପିତାଙ୍କ ଅନୁମତି ନେଇ ଅନ୍‌ଲାଇନ ପରୀକ୍ଷା କରିବାକୁ ଗାଇଡ୍‌ଲାଇନରେ ପରାମର୍ଶ ଦିଆଯାଇଛି। ତେବେ ପ୍ରାଥମିକ ଓ ମାଧ୍ୟମିକ ସ୍କୁଲ କେବେ ଖୋଲିବ ସେ ନେଇ ସରକାର କିଛି ସ୍ପଷ୍ଟ କରିନାହାନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ ବିଭାଗ ନିଷ୍ପତ୍ତି ନେବେ । ଏ ନେଇ ବିଭାଗଗୁଡ଼ିକ ଏସ୍‌ଓପି ଜାରି କରିବାକୁ ପରାମର୍ଶ ଦିଆଯାଇଛି। ସ୍କୁଲ ଖୋଲିବା ପୂର୍ବରୁ ବିଭାଗଗୁଡ଼ିକ ସରକାରଙ୍କଠାରୁ ଅନୁମତି ଆଣିବାକୁ କୁହାଯାଇଛି। ସମସ୍ତ ପ୍ରକାର ପରୀକ୍ଷା, ଖାତାଦେଖା ଓ ଅନ୍ୟାନ୍ୟ ପ୍ରଶାସନିକ କାର୍ଯ୍ୟ ଚାଲୁ ରହିବ। ସମସ୍ତ ପ୍ରକାର ଧନ୍ଦାମୂଳକ ତାଲିମ ଜାରିରହିବ। ସମସ୍ତ ପ୍ରକାର ସୁଇମିଂପୁଲ୍ କେନ୍ଦ୍ର ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ ଖୋଲିପାରିବ। ଅନ୍ତର୍ଜାତୀୟ ବିମାନ ଉଡ଼ାଣ ନିଷ୍ପତ୍ତି କେନ୍ଦ୍ର ସରକାର ନେବେ। ଜିଲାପାଳ, ମହାନଗର ନିଗମ କମିଶନର ଭଳି ସ୍ଥାନୀୟ କର୍ତ୍ତୃପକ୍ଷ କେନ୍ଦ୍ର ସରକାରଙ୍କ ଗାଇଡ୍‌ଲାଇନ ଆଧାରରେ ସଂକ୍ରମିତ ଅଞ୍ଚଳ ଘୋଷଣା କରି ପାରିବେ। କରୋନା ମହାମାରୀର ଭୟାବହତା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବାକୁ କୁହାଯାଇଛି।

ଏହାଛଡ଼ା ପୂର୍ବଭଳି କାର୍ଯ୍ୟସ୍ଥଳ ଓ ସାଧାରଣ ପରିବହନ ସେବାରେ ଯାତ୍ରା କଲାବେଳେ ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରାଯାଇଛି। ସର୍ବସାଧାରଣ ସ୍ଥାନରେ ୬ ଫୁଟ ଦୂରତା ବଜାୟ ରଖିବାକୁ କୁହାଯାଇଛି। ସେଲୁନ, ସ୍ପା, ବିୟୁଟି ପାର୍ଲରଗୁଡ଼ିକ କୋଭିଡ୍ ପ୍ରୋଟୋକଲକୁ କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି। ଏହାକୁ ଉଲ୍ଲଂଘନ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରାଜ୍ୟ ଭିତରେ କିମ୍ବା ରାଜ୍ୟ ବାହାରକୁ ଯାନବାହନ ଚଳାଚଳ ପୂର୍ବଭଳି ଅବ୍ୟାହତ ରହିବ। ସର୍ବସାଧାରଣ ସ୍ଥାନରେ ଛେପ ପକାଇବା ଉପରେ କଟକଣା ବଳବତ୍ତର ରହିଛି। ସର୍ବସାଧାରଣ ସ୍ଥାନରେ ମଦ୍ୟପାନକୁ ବାରଣ କରାଯାଇଛି। ୬୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି , ଗର୍ଭବତୀ ମହିଳା ଓ ଶିଶୁମାନଙ୍କୁ ବାହାରକୁ ନ ଆସିବାକୁ ପରାମର୍ଶ ଦିଆଯାଇଛି। ସର୍ବସାଧାରଣ ସ୍ଥାନରେ ପାନ,ଗୁଟ୍‌ଖା ଓ ଅନ୍ୟାନ୍ୟ ମାଦକ ଦ୍ରବ୍ୟ ଖାଇବା ଉପରେ କଟକଣା ଲଗାଯାଇଛି। କୋଭିଡ୍ କଟକଣା ଗାଇଡ୍‌ଲାଇନକୁ କଡ଼ାକଡ଼ି ପାଳନ କରିବାକୁ ଜିଲା ପ୍ରଶାସନଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।

## ପୁଣି ବଢ଼ିଲା ...

ଯଥାକ୍ରମେ ୯୩.୧୧ ଟଙ୍କା, ୯୧.୩୫ ଟଙ୍କା ଏବଂ ୯୭.୫୭ ଟଙ୍କାକୁ ବୃଦ୍ଧି ଘଟିଛି। ସେହିପରି ଏହି ସବୁ ମେଟ୍ରୋ ସହରରେ ଡିଜେଲ ଦର ଲିଟର ପିଛା ୮୬.୪୫ ଟଙ୍କା, ୮୪.୩୫ ଟଙ୍କା ଏବଂ ୮୮. ୬୦ ଟଙ୍କାରେ ବିକ୍ରି କରାଯାଉଥିବା ଜଣାପଡିଛି। ଚଳିତ ବର୍ଷ ଜାନୁୟାରୀ ୨ୟ ସପ୍ତାହରେ ତେଲ ଦର ବଢିବା ଆରମ୍ଭ କରିଥିଲା। ଜାନୁୟାରୀ ୬ ରୁ ଫେବୃୟାରୀ ୨୭ ମଧ୍ୟରେ ମୋଟ ୨୬ ଥର ଦର ବଢ଼ିସାରିଲାଣି। ଏହି ସମୟ ମଧ୍ୟରେ ପେଟ୍ରୋଲ ଲିଟର ପିଛା ୭.୪୯ ଟଙ୍କା ଏବଂ ଡିଜେଲ ୭.୯୨ ଟଙ୍କା ମହଙ୍ଗା ହୋଇଥିବା ବିପିସିଏଲ୍ ପକ୍ଷରୁ ସୂଚନା ମିଳିଛି। ତେଲ ଦର ଅହେତୁକ ଭାବରେ ବୃଦ୍ଧି ପାଉଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କେନ୍ଦ୍ର ସରକାର ଉତ୍ପାଦ ଶୁଳ୍କ ହ୍ରାସ ନେଇ କୌଣସି ପଦକ୍ଷେପ ବା ନିଷ୍ପତ୍ତି ଗ୍ରହଣ କରିନାହାନ୍ତି। ଚଳିତ ମାସରେ ଅନ୍ତଃରାଷ୍ଟ୍ରୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୬୫ ଡଲାର ଅତିକ୍ରମ କରିଥିବା ଜଣାପଡିଛି। ସେହିଭଳି ବର୍ତ୍ତମାନ ସମୟରେ ଦେଶର କେତେକ ସହରରେ ପେଟ୍ରୋଲ ଦର ୧୦୦ ଟପି ସାରିଥିବା ବେଳେ ଆଉ କେତେକ ସହର ୧୦୦ ନିକଟବର୍ତ୍ତୀ ହୋଇଥିବା ଜଣାପଡିଛି। ବର୍ତ୍ତମାନ ସମୟରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ହ୍ରାସ ପାଇବା ଆରମ୍ଭ କରିଛି। ଏହି ସମୟରେ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ ସହ ଯଥାଶୀଘ୍ର ତେଲ ଉପରେ ଲାଗୁ କରୁଥିବା ସରକାରୀ ଶୁଳ୍କର ପରିମାଣ ହ୍ରାସକରି ଦର ବୃଦ୍ଧି ଉପରେ ରୋକ ଲଗାଇଲେ ଖାଉଟି ଉପକୃତ ହୋଇପାରିବେ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।


## Tender Call Notice

No.CAD-1377:- Odisha Rail Infrastructure Development Ltd., (ORIDL) invites sealed tenders from intending contractors/firms for Interior Furnishing works including Electrical and Air Conditioning works in the office space in ORIDL's Corporate Office. Tender Notice & Tender document is available in the website www.oridl.in/tenders.

Last date for submission of tender is 22.03.2021, 03.00 PM.

**Sd./- Director (Project & Planning)**
OIPR-38030/11/0004/2021



**GOVERNMENT OF ODISHA**
**OFFICE OF THE ENGINEER-IN-CHIEF**
**RURAL WATER SUPPLY & SANITATION**
**BHUBANESWAR**
Jal O Parimal Bhawan, Unit – V, Bhubaneswar-751001,
Tel: 0674-2395734, Fax No.0674-2394946, Email: cerwss@nic.in, cerwssodisha@gmail.com

No: 1705 Date:25-02-2021

No.O-1158:- **EXPRESSION OF INTEREST**
**BID. No. EIC/RWSS/**

**EOI for Selection of Implementation Support Agencies (ISAs) For Successful Implementation of Rural Drinking Water Supply Scheme, Panchayati Raj & Drinking Water Department, Government of Odisha.**

The Engineer-in-Chief, RWSS, on behalf of Panchayati Raj & Drinking Water Department, Government of Odisha invites EOI for Selection of Implementation Support Agencies (ISAs) For Successful Implementation of Rural Drinking Water Supply Scheme, Panchayati Raj & Drinking Water Department, Government of Odisha.

The eligibility criteria for selection of Agency/Firms are provided below:

a. Online Registration on JJM Portal.
b. A minimum 3 years' experience as a registered organization under Registration of Societies Act 1860, or a Public Trust registered under Indian Trust Act 1982 or a corporation registered under Section 8 Companies Act.
c. The organization should be a not-for-profit organization or use its profits, if any, or other income in promoting charitable objectives.
d. The organization should have minimum 3 years' experience in any of the below mentioned fields:- 1. Drinking water and community management. 2. Water quality. 3. Rain water harvesting/ recharge, water resources management. 4. Capacity building and awareness generation. 5. Public health engineering. 6. Gender & Water.
e. At least 3 years work experience in the above mentioned fields (Sl. No.-4) of the NGO authority who is proposed to lead the initiative.
f. Working in rural drinking water sector should reflect in their Memorandum of Association as one of the activity.
g. Experience of using Participatory Rural Appraisal (PRA) techniques and other communication tools in community mobilization.
h. Last 03 years duly audited and properly maintained accounts and Income Tax Return and published annual report, reflecting minimum average turnover of Rs. 25 lakhs in last 03 years.
i. Organization should not have been blacklisted by any authority or involved in fraudulent activities.

Interested Organisations may download the RFP document from Government of Odisha website i.e.www.odishapanchayat.gov.in from 26.02.2021 to 17.03.2021. The last date for submission of EoI document is 18-03-21 at 4 PM.

A pre-bid meeting shall be conducted on 11:00 hours of dt. 03.03.2021 at Office of the Engineer-In-Chief, Rural Water Supply & Sanitation, Jal O ParimalBhawan, Unit-V, Bhubaneswar-751001, Odisha. Interested bidders may send their queries to cerwssodisha@gmail.com/pmu.rwss@gmail.com and attend the said pre-bid meeting

The Authority reserves the right to accept or reject any/all RFP without assigning any reason thereof.

OIPR-25040/11/0015/2021 **Sd./- Engineer-In-Chief, RWSS**



**OFFICE OF THE PROJECT ENGINEER** No. A-629
**PROJECT MANAGEMENT UNIT (DRAINAGE), OISIP, JICA**
**ORISSA WATER SUPPLY & SEWERAGE BOARD**
At: Mahanadivihar, P.O.- Nayabazar, Cuttack - 753004, Phone: 0671-2440381, email: pe_cd@owssb.in

**NATIONAL COMPETITIVE BIDDING THROUGH e-PROCUREMENT**
**Invitation for Bids (IFB) Dtd.22.02.2021**

| Sl. No. | Name of Work | Bid Identification No. | Estimated Cost (Rs. in Lakh) | Period of Completion | Availability of Bid Document for Online Bidding From | To |
|---|---|---|---|---|---|---|
| 1 | Drain Cleaning During Monsoon 2021 - Desilting of Drain including disposal of desilted material and Maintenance of Free Flow during Rainy Season, From Revenue Colony to Goshala at Main Drain - 1 and Link Drain (From Seminary Chowk to Rouspatana and From Matrubhawan to Kathjodi River) | OISIP- JICA - Drainage - 01/2020-21 | 80.07 (Excluding GST) | Six Months | 11.00 hrs. of 01.03.2021 | 17.00 hrs. of 15.03.2021 |

**Name & Address of Officer Inviting Bid:** The Project Engineer, Project Management Unit (Drainage), OISIP, JICA, OWSSB, Odisha, At: Mahanadi Vihar, P.O.- Nayabazar, Cuttack - 753004, Phone: 0671-2440381, Email: **pe_cd@owssb.in**

- Further details can be seen from the e-Procurement portal "**https://www.tendersodisha.gov.in**".
- All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

**Sd./- (Bikram Keshari Mishra)**
OIPR-25124/11/0001/2021 **Project Engineer, PMU, Drainage, OISIP, OWSSB, Cuttack**


## ଗୁଣପୁର ହାଇସ୍କୁଲକୁ ସହାୟତା ଦେବ ଇନ୍‌ଫୋସିସ୍

ଗୁଣପୁର,୨୭।୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁରସ୍ଥିତ ଶତାୟୁ ହାଇସ୍କୁଲର ବିକାଶ ନିମନ୍ତେ ଇନ୍‌ଫୋସିସ୍ ଫାଉଣ୍ଡେଶନ ସହାୟତା କରିବ। ଏ ନେଇ ରାୟଗଡ଼ା ଡିଇଓଙ୍କ ନିକଟକୁ ଓଏସ୍‌ଇପିଏର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ(ଏସ୍‌ପିଡି) ତଥା ମୋ ସ୍କୁଲ ଅଭିଯାନର ମେମ୍ବର ସେକ୍ରେଟାରି ଭୂପେନ୍ଦ୍ର ସିଂ ପୁନିଆଙ୍କଠାରୁ ଆସିଥିବା ଚିଠିରୁ ଜଣାପଡ଼ିଛି। ରାୟଗଡ଼ା ଜିଲାର ଏକମାତ୍ର ସ୍କୁଲଭାବେ ଗୁଣପୁର ହାଇସ୍କୁଲର ଭିତ୍ତିଭୂମି ବିକାଶ ଦିଗରେ ଇନ୍‌ଫୋସିସ୍ ଫାଉଣ୍ଡେଶନ ସହାୟତା କରିବ ବୋଲି ଏଥିରେ ଉଲ୍ଲେଖ ରହିଛି। ଏହା ଜଣାପଡ଼ିବା ପରେ ଗୁଣପୁର ଅଞ୍ଚଳରେ ଖୁସି ପ୍ରକାଶ ପାଇଛି। ଏଥିପାଇଁ ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶଶାଙ୍କ ପ୍ରସାଦ ଦାସ କୃତଜ୍ଞତା ଜଣାଇଛନ୍ତି। ସେହିପରି ଏହି ଶତାୟୁ ସ୍କୁଲର ସର୍ବାଙ୍ଗୀନ ବିକାଶ ପାଇଁ ରାଜ୍ୟ ସରକାର ଦୃଷ୍ଟି ଦେଇ ପଦକ୍ଷେପ ନେଇଥିବାରୁ ପୁରାତନ ଛାତ୍ର, ବୁଦ୍ଧିଜୀବୀ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାଧୁବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ସାଧାରଣ ପ୍ରଶାସନ ବିଭାଗର ଯୁଗ୍ମ ସମ୍ପାଦକ ମହମ୍ମଦ ସାଦ୍ଦିକ୍ ଆଲାମ୍ ଏହି ହାଇସ୍କୁଲକୁ ପୋଷ୍ୟ ସ୍କୁଲ ରୂପେ ଗ୍ରହଣ କରିଛନ୍ତି।

## ସ୍କୁଲ ହଷ୍ଟେଲରେ ଛାତ୍ରଙ୍କ ମୃତ୍ୟୁ

ବିଷମକଟକ,୨୭।୨

ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ କପାପଦରସ୍ଥିତ ଏସ୍‌ସି ଓ ଏସ୍‌ଟି କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ହାଇସ୍କୁଲ ହଷ୍ଟେଲରେ ଜଣେ ୯ମ ଶ୍ରେଣୀ ଛାତ୍ରଙ୍କ ଶନିବାର ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ବିଦ୍ୟାଳୟର ଛାତ୍ର ବିଜୁ ହୁଇକା। ତାଙ୍କ ଘର ବେଥିଆପଡ଼ା ପଞ୍ଚାୟତ କର୍ଲାକଣା ଗ୍ରାମରେ ହୋଇଥିବାବେଳେ ସେ ହଷ୍ଟେଲରେ ରହି ପାଠ ପଢୁଥିଲେ। ସୂଚନା ଅନୁଯାୟୀ, ବିଜୁ ଶନିବାର ସକାଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ଖବର ପାଇ ପ୍ରଧାନ ଶିକ୍ଷକ ହଷ୍ଟେଲରେ ପହଞ୍ଚି ଅସୁସ୍ଥ ଛାତ୍ରଙ୍କୁ ଆମ୍ବୁଲାନ୍ସ ଯୋଗେ ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ପହଞ୍ଚିବା ବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିବା ଡାକ୍ତର ସୂଚନା ଦେଇଥିଲେ। ଏ ନେଇ ପ୍ରଧାନ ଶିକ୍ଷକ ବିଷମକଟକ ପୋଲିସକୁ ସୂଚନା ଦେବାପରେ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ଛାତ୍ର ଜଣକ କାହିଁକି ଅସୁସ୍ଥ ହେଲେ ଏବଂ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ଘଟିଲା ସେ ନେଇ ତଦନ୍ତ ଚାଲିଥିବା ପୋଲିସ କହିଛି। ସେହିପରି ମୃତ୍ୟୁ ବିଷୟରେ ବିଜୁଙ୍କ ପରିବାରକୁ ଅବଗତ କରାଯାଇଥିବା ସୂଚନା ମିଳିଛି। ଏ ବିଷୟରେ ପ୍ରଧାନ ଶିକ୍ଷକ ନିଜ ପ୍ରତିକ୍ରିୟାରେ କହିଛନ୍ତି, ସମସ୍ତ ଛାତ୍ରଙ୍କ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ସକାଳେ ବିଜୁ ସୁସ୍ଥ ଥିବାବେଳେ ନିତ୍ୟକର୍ମ ସାରିଥିଲେ। ଏହାପରେ ଛାତ୍ର ଜଣକ ହଠାତ୍ ଅଚେତ ହୋଇପଡ଼ିଥିବା ସେ କହିଛନ୍ତି। ଘଟଣାପରେ ବିଷମକଟକ ମଙ୍ଗଳ ଅଧିକାରୀ ମଧ୍ୟ ଡାକ୍ତରଖାନାରେ ପହଞ୍ଚିବା ସହ ଘଟଣା ବିଷୟରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିବା ଜଣାପଡ଼ିଛି।


**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA**
DIST.: KALAHANDI - 766026, Mob. No. 9437073301, Fax: 252253, E-mail: sgmel_uihep@ohpcltd.com

**ODISHA HYDRO POWER CORPORATION LTD.**
(A GOVERNMENT OF ODISHA UNDERTAKING)
Regd. Office: OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar - 751022, Tel.: 91-0674-2542983, 2542802, 2545526, 2542826, Fax: 2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER No. 48/2020-21 Dated: 25.02.2021**

No. CAD-1386: Sealed tenders are invited in sealed envelopes from 'C' or 'D' Class contractors registered with State Government and contractors of equivalent grade/class registered with Central Government/MED/Railways in two parts i.e. 1) Techno Commercial Bid & 2) Price bid for the following work.

| Description of Work | Cost of Tender Paper (Non-refundable) in Rs. | EMD in shape of DD/Banker's Cheque only (Refundable) in Rs. | Period of sale/ download of tender document | Last date & time of receipt of tender | Date & time of opening of Techno Commercial Bid |
|---|---|---|---|---|---|
| Supply and fitting, fixing of PVC doors and frame at Power House Colony, UIHEP, Mukhiguda | 2,360/- (Inclusive of GST) | 3700/- (Rupees Three thousand seven hundred only) | From 04.03.2021 to 16.03.2021 upto 13.00 hrs. | 16.03.2021 (upto 13.00 hrs.) | 16.03.2021 at 16.30 hrs. |

For details of the tender documents, terms and conditions please visit our website www.ohpcltd.com

OIPR-32136/11/0042/2021 **Sd./- Unit Head, UIHEP, Mukhiguda**



# ବିଜ୍ଞାପିତ ଅଞ୍ଚଳ ପରିଷଦ, ପଦ୍ମପୁର

**କଚେରୀ ରୋଡ଼, ପଦ୍ମପୁର, ଜିଲ୍ଲା: ବରଗଡ଼, ଓଡ଼ିଶା**
**E-mail: nac.padampur@gmail.com**

**ବିଜ୍ଞାପନ**

No. C-542: ଏତଦ୍ଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଦ୍ୱାରା ବିଜ୍ଞପ୍ତି ଜାରି କରାଯାଉଛି ଯେ, ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ବାହ୍ୟ ମଳମୁକ୍ତ ଯୁକ୍ତ ଯୁକ୍ତ (ODF++) ସହର ଘୋଷଣା କରାଯିବ। ଏଣୁ ଆଗକୁ କୌଣସି ବ୍ୟକ୍ତି ବିଶେଷଙ୍କୁ ଖୋଲାରେ ମଳତ୍ୟାଗ କରିବା ପାଇଁ ଦିଆଯିବ ନାହିଁ। ଯଦି କୌଣସି ବ୍ୟକ୍ତି ଖୋଲାରେ ମଳତ୍ୟାଗ କରିବା ଦେଖାଯାଏ, ତାଙ୍କଠାରୁ ୫୦/– ଟଙ୍କା ଜରିମାନା ଓ ନିଜ ପାଇଖାନାରୁ ବାହାରୁଥିବା ମଳମୂତ୍ରକୁ ପରିଷଦର ନାଳ ମଧ୍ୟକୁ କିମ୍ବା ଖୋଲା ଜାଗାରେ ଛାଡ଼ନ୍ତି, ତେବେ ତାଙ୍କଠାରୁ ୫୦୦/– ଜରିମାନା ଆଦାୟ କରାଯିବ।

ସରକାରଙ୍କ ଉପରୋକ୍ତ ପଦକ୍ଷେପ ଉପରେ କୌଣସି ବ୍ୟକ୍ତିଙ୍କର ଯଦି କିଛି ଆପତ୍ତି/ପ୍ରସ୍ତାବ ଥାଏ, ତେବେ ଏହି ବିଜ୍ଞାପନ ପ୍ରକାଶନର ୧୫ଦିନ ମଧ୍ୟରେ ଲିଖିତ ଆକାରରେ ଏନ୍.ଏ.ସି. କାର୍ଯ୍ୟାଳୟରେ ଦାଖଲ କରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ।

ସ୍ୱା./– କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ପଦ୍ମପୁର
OIPR-13118/11/0002/2021



**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA**
DIST.: KALAHANDI - 766026, Ph. No. 06673-252201, Fax: 252253, E-mail: sgmel_uihep@ohpcltd.com

**ODISHA HYDRO POWER CORPORATION LTD.**
(A GOVERNMENT OF ODISHA UNDERTAKING)
Regd. Office: OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar - 751022, Tel.: 91-0674-2542983, 2542802, 2545526, 2542826, Fax: 2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

No. UIHEP/SGM (EL)/HR/890 Date: 23.02.2021

**WANTED CONSULTANT PHYSICIAN (MBBS)**
**TEMPORARILY ON DIRECT CONTRACT BASIS**

No. CAD-1384: Applications in plain paper are invited from the deserving candidates for two nos. of Consultant Physician (MBBS) on direct contract basis in U.I.P. Hospital, Mukhiguda, Dist.- Kalahandi for a period of one year, **on consolidated remuneration of Rs.55,000/- + Rs.20,000/- (Place based Incentive) = Rs.75,000/- (Rupees Seventy Five Thousand) only per month. The candidates should possess the minimum qualification of MBBS. The candidates having above required qualifications 'or' the retired Govt. Doctors, having the age within 70 years may apply** with their full bio-data indicating their names, detail address, qualfications, date of birth, caste, experience, etc. alongwith 01 (one) No. of attested passport size photograph and one set of attested photocopies of all the documents/testimonials with one self-addressed envelope (Size 12 × 20cm). The applications should reach the Office of the **Senior General Manager (Electrical), UIHEP, OHPC Ltd., Mukhiguda, Dist.- Kalahandi (Odisha), PIN No. - 766026 within 05.04.2021**. The authority reserves the right to reject any or all the application(s) or cancel the whole process of engagement without assigning any reason thereof.

**General Information:**
1. The selection is purely on contractual basis and does not confer any claim/right for regularization or permanent absorption in future.
2. Any form of canvassing will lead to disqualification of the candidate.
3. Accommodation facility as per corporation rules will be provided.

**Sd./- Unit Head, UIHEP, Mukhiguda**
OIPR-32136/11/0040/2021

ଧରିତ୍ରୀ
DHARITRI
ରବିବାର, ୨୮ ଫେବୃୟାରୀ, ୨୦୨୧



ବଲିଉଡ୍ ଦେଶୀ ଗର୍ଲ ପ୍ରିୟଙ୍କା ଚୋପ୍ରା ଏବେ ତାଙ୍କ ପୁସ୍ତକକୁ ନେଇ ଅଛନ୍ତି ଚର୍ଚ୍ଚାରେ । ତେବେ ଆମେରିକୀୟ ସିଙ୍ଗର ନିକ ଜୋନସଙ୍କୁ ବିବାହ କରିବା ପରଠାରୁ ଏହି ଯୋଡି ଅଧିକାଂଶ ସମୟରେ ଆସି ଯାଆନ୍ତି ଚର୍ଚ୍ଚାକୁ । ଏବେ ନିକ ତାଙ୍କ ନୂଆ ଗୀତ 'ସ୍ପେସ୍‌ମ୍ୟାନ'କୁ ନେଇ ଚର୍ଚ୍ଚାରେ ରହିଛନ୍ତି । ଏହି ଗୀତ ପୂର୍ବରୁ ଏକ ସାକ୍ଷାତକାରରେ ନିକ୍ କହିଛନ୍ତି ଯେ, ସେ ଅଧିକାଂଶ ଗୀତ ପ୍ରିୟଙ୍କାଙ୍କ ପାଇଁ ଲେଖିଥାନ୍ତି। ଗୀତଗୁଡିକ ତାଙ୍କ ପାଇଁ ସତେ ଯେପରି ପ୍ରେମ ପତ୍ର ଭଳି।



# ଧିମା ଟ୍ରେନ୍ 'ଗ୍ଲେସିୟର ଏକ୍ସପ୍ରେସ୍'

ଉତ୍ତର କୋରିଆରୁ ମସ୍କୋ ଯାଉଥିବା ରୁଷୀୟ କୂଟନୀତିଜ୍ଞଙ୍କୁ ବିମାନ ବଦଳରେ ହାରାହାରି ୩୪ ଘଣ୍ଟା ଟ୍ରେନ୍‌ରେ ଯାତ୍ରା କରିବାକୁ ପଡ଼ିଛି। ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ରାଷ୍ଟ୍ର ଉତ୍ତର କୋରିଆର ଏଭଳି ବିଳମ୍ବିତ ଟ୍ରେନ୍ ସେବାକୁ ନେଇ ଏବେ ବିଭିନ୍ନ ମହଲରେ ସମାଲୋଚନା କରାଯାଉଛି। ତେବେ ପୃଥିବୀର ସବୁଠାରୁ ଧିମା ଗତି ବିଶିଷ୍ଟ ଟ୍ରେନ୍‌ସେବା ସୁଇଜରଲାଣ୍ଡରେ ରହିଛି, ଯାହାର ନାମ 'ଗ୍ଲେସିୟର ଏକ୍ସପ୍ରେସ୍'।



**ବେର୍ନ:** ଏକଛତ୍ରବାଦ ଶାସନକୁ ନେଇ ସବୁବେଳେ ଶିରୋନାମା ସାଉଁଟୁଥିବା କମ୍ୟୁନିଷ୍ଟ ଦେଶ ଉତ୍ତର କୋରିଆ ଏବେ ପୁଣି ଥରେ ଚର୍ଚ୍ଚାରେ। ପୋଙ୍ଗୟାଙ୍ଗସ୍ଥିତ ରୁଷୀୟ ଦୂତାବାସରେ ଅବସ୍ଥାପିତ ୮କୂଟନୀତିଜ୍ଞ ଏବଂ ସେମାନଙ୍କ ପରିବାର ହାତରେ ଠେଲାଯାଉଥିବା ଟ୍ରଲିରେ ସାମଗ୍ରୀ ରଖି ବାହାରିବା ଏବଂ ଦୀର୍ଘ ୩୪ ଘଣ୍ଟାର ଟ୍ରେନ୍ ଯାତ୍ରା କରି ଘରକୁ ବାହୁଡ଼ିବା ପରେ ଦୁଇଦେଶର ସମ୍ପର୍କକୁ ନେଇ ଆଲୋଚନା ହେଉଛି। ଏଥିପାଇଁ ଉତ୍ତର କୋରିଆର ଧିମା ଟ୍ରେନ୍‌ସେବାକୁ ନେଇ ଅନେକେ ସମାଲୋଚନା କରୁଛନ୍ତି। ହେଲେ ପୃଥିବୀର ସବୁଠାରୁ ଧିମାଗତି ବିଶିଷ୍ଟ ଟ୍ରେନ୍ ଗଡୁଛି ସୁଇଜରଲାଣ୍ଡରେ, ଯାହାର ନାମ 'ଗ୍ଲେସିୟର ଏକ୍ସପ୍ରେସ୍'।

ଉତ୍ତର କୋରିଆରେ ଜାଲ ଭଳି ବିଛାଇ ହୋଇଛି ଟ୍ରେନ୍ ଲାଇନ୍। ଯଦିଓ ଏହା ଦେଶର ଗୋଟିଏ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତକୁ ଯୋଡୁଛି, ତଥାପି ରକ୍ଷଣାବେକ୍ଷଣ ମାମଲାରେ ଏହା ବହୁ ପଛରେ। ଯାତ୍ରା ବେଳେ ଟ୍ରେନ୍ କୌଣସି ସ୍ଥାନରେ ଅଟକିବା ଏଠାରେ ସାଧାରଣ ଘଟଣା। ସେହିପରି ଏହାର ଗତି ଅତ୍ୟନ୍ତ ଧିମା। ତେବେ ବିଳମ୍ବିତ ସେବା ପାଇଁ ସ୍ୱିଜରଲାଣ୍ଡର 'ଗ୍ଲେସିୟର ଏକ୍ସପ୍ରେସ୍' ନାମରେ ରେକର୍ଡ ରହିଛି। ସୁଇଜରଲାଣ୍ଡର ଉଚ୍ଚ ପାହାଡ଼ିଆ ଦୁର୍ଗମ ପଥରେ ଦୌଡୁଛି ଗ୍ଲେସିୟର ଏକ୍ସପ୍ରେସ। ଏହା ରେଜମାର୍ଟ ଏବଂ ସେଣ୍ଟ ମୋରିଜ୍ ଷ୍ଟେଶନ ମଧ୍ୟରେ ସେବା ଯୋଗାଇ ଆସୁଛି। ୨୯୦ କିମି ଦୂରତା ଅତିକ୍ରମ କରିବାକୁ ଏହି ଟ୍ରେନ୍ ୧୦ ଘଣ୍ଟାରୁ ଅଧିକ ସମୟ ନେଇଥାଏ। ସମୟ ବଞ୍ଚାଇବା ଲାଗି ବିକଶିତ ଏବଂ ବିକାଶଶୀଳ ଦେଶ ବୁଲେଟ୍ ଟ୍ରେନ୍‌ର ସ୍ୱପ୍ନ ଦେଖୁଥିବାବେଳେ ସୁଇଜରଲାଣ୍ଡର ପାର୍ବତ୍ୟାଞ୍ଚଳର ଭୌଗୋଳିକସ୍ଥିତି ଏବଂ ପର୍ଯ୍ୟଟନ ପାଇଁ 'ଗ୍ଲେସିୟର ଏକ୍ସପ୍ରେସ୍' ଏବେ ବି ଭରସାଯୋଗ୍ୟ ପରିବହନର ମାଧ୍ୟମ ପାଲଟିଛି।

ଉଚ୍ଚ ପାହାଡ଼ିଆ ଅଞ୍ଚଳରେ ଯାତ୍ରୀ ପରିବହନ ପାଇଁ ୧୯୩୦ରେ ଆରମ୍ଭ ହୋଇଥିଲା 'ଗ୍ଲେସିୟର ଏକ୍ସପ୍ରେସ୍'। ବରଫାଚ୍ଛନ୍ନ ପାହାଡ଼ ଉପରେ ଶୀତଦିନେ ମୁଖ୍ୟତଃ ଯାତାୟାତ ବନ୍ଦ ହୋଇଯାଏ। ତେଣୁ ଖରାଦିନେ ହିଁ ଏହି ଟ୍ରେନ୍ ସେବା ଉପଲବ୍ଧ ହେଉଥିଲା। ପ୍ରଥମରେ ଏହି ଟ୍ରେନ୍‌ରେ ପାସେଞ୍ଜର ଡବା ଖଞ୍ଜାଯାଇଥିଲା, ହେଲେ ପାହାଡ଼ିଆ ଅଞ୍ଚଳରେ ଏଥିରେ ଟ୍ରେନ୍ ଯାତ୍ରା କଷ୍ଟକର ଥିଲା। ଏପରିକି ଯାତ୍ରୀଙ୍କ ପାଇଁ ଟଏଲଟ୍ ସୁବିଧା ମଧ୍ୟ ନ ଥିଲା। ତେବେ ସମୟକ୍ରମେ ଏଥିରେ ସୁଧାର ହୋଇଛି। ଟ୍ରେନ୍‌ର ସ୍ୱତ୍ୱାଧିକାରୀ କମ୍ପାନୀ ମଧ୍ୟ ବଦଳିଛି।

## ସବୁଠୁ ଦ୍ରୁତ ସାଂଘାଇ ମାଗ୍‌ଲେଭ୍

ପୃଥିବୀରେ ଦ୍ରୁତ ଟ୍ରେନ୍ ଚଳାଚଳକୁ ନେଇ ଆରମ୍ଭ ହୋଇଛି ପ୍ରତିଯୋଗିତା। ଏ କ୍ଷେତ୍ରରେ ସବୁଠାରୁ ଆଗରେ ରହିଛି ଚାଇନାର ସାଂଘାଇ ମାଗ୍‌ଲେଭ୍ ଟ୍ରେନ୍। ସାଂଘାଇ ଏୟାରପୋର୍ଟରୁ ଲୋଙ୍ଗୟେଙ୍ଗ୍ ଷ୍ଟେଶନକୁ ଯୋଡୁଥିବା ଏହି ଟ୍ରେନ୍‌ର ଘଣ୍ଟାପ୍ରତି ବେଗ ୪୩୧ କି.ମି.। ଅର୍ଥାତ୍ ଏକ ସେକେଣ୍ଡରୁ କମ୍ ସମୟ ଭିତରେ ପାଖାପାଖି ୯ କି.ମି.। ଏହି ଟ୍ରେନ୍‌ର ଟ୍ରାକ୍‌ରେ ବିଦ୍ୟୁତ୍ ଚୁମ୍ବକୀୟ ଶକ୍ତି ବ୍ୟବହାର କରାଯାଇଛି, ଯାହା ଏହାକୁ ଏତେ ଶକ୍ତିଶାଳୀ କରିପାରିଛି। ଏହାର ପଛକୁ ରହିଛି ଜାପାନର ବୁଲେଟ୍ ଟ୍ରେନ୍ 'ସିନ୍‌କାନ୍‌ସେନ୍ ଏଚ୍୫'। ଏହା ଟୋକିଓରୁ ନାଗାସାକୀ ମଧ୍ୟରେ ଗଡୁଛି। ଏବେ ଏହାର ଏକାଧିକ ମଡେଲ ଆସିଗଲାଣି, ଯାହାର ଗତି ଘଣ୍ଟାପ୍ରତି ହାରାହାରି ୩୬୦ କିମି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏକାଧିକ ଷ୍ଟେଶନରେ ରହଣି ସତ୍ତ୍ୱେ ଏହାର ଗତି ଏତେ ଦ୍ରୁତ।

## ପର୍ଯ୍ୟଟନ ବାଟ ଫିଟାଇଛି

ବିଳମ୍ବିତ ଟ୍ରେନ୍ ସେବା ପାଇଁ ଭାରତ ସମେତ ଅନେକ ଦେଶ ଅପବାଦ ମୁଣ୍ଡାଇବା ନୂଆ କଥା ନୁହେଁ। ହେଲେ ସୁଇଜରଲାଣ୍ଡର 'ଗ୍ଲେସିୟର ଏକ୍ସପ୍ରେସ୍' ପର୍ଯ୍ୟଟନର ବାଟ ଫିଟାଇଛି। ଧିମାଗତିରେ ଚାଲୁଥିବା ଟ୍ରେନରେ ବସି ଉଚ୍ଚ ପାହାଡ଼ ଉପରୁ ପ୍ରକୃତିର ଶୋଭା ଉପଭୋଗ କରିବା ଲାଗି ପ୍ରତିବର୍ଷ ଲକ୍ଷାଧିକ ପର୍ଯ୍ୟଟକ ଏଠାକୁ ଆସୁଛନ୍ତି। ୨୯୦ କିଲୋମିଟର ରାସ୍ତାରେ ଯାତ୍ରା କରିବା ସମୟରେ ୯୧ଟି ସୁଡ଼ଙ୍ଗ ଏବଂ ୨୯୧ ପୋଲ ପାର ହେବାକୁ ପଡ଼େ। ଢାଲୁ ଏବଂ ଗଡ଼ାଣିଆ ଟ୍ରାକ୍‌ରେ ଯାତ୍ରୀଙ୍କୁ ଯେଭଳି ପେଟ ଗୋଳମାଳ, ବାନ୍ତି, ମୁଣ୍ଡ ଘୂରାଇବା ଭଳି ସମସ୍ୟା ନ ହୁଏ, ସେଥିଲାଗି ସ୍ୱତନ୍ତ୍ର ମଦ ପରଷାଯାଇଥାଏ।



## ରୋଗର ଲକ୍ଷଣ ହୋଇପାରେ ନଖ ଚୋବାଇବା

**ନୂଆଦିଲ୍ଲୀ:** ଛୋଟ ଥିଲାବେଳେ କିଛି ପିଲା ବେଳେବେଳେ ନଖ ଚୋବାଇଥାନ୍ତି। କିନ୍ତୁ ଅନେକ ସମୟରେ ବଡ଼ ହେବା ପରେ ବି କେତେକଙ୍କର ଏହି ଅଭ୍ୟାସ ରହି ଯାଇଥାଏ। ଏହା ବ୍ୟତୀତ କେତେଜଣ ନର୍ଭସ ହେବା ସମୟରେ ନଖ କାମୁଡିବା ଆରମ୍ଭ କରିଥାନ୍ତି। କିନ୍ତୁ ଅଧିକାଂଶ ସମୟରେ ନଖ ଚୋବାଉଥିବା ବ୍ୟକ୍ତି ଗମ୍ଭୀର ମାନସିକ ରୋଗର ଶିକାର ହେବାର ଲକ୍ଷଣ ହୋଇପାରେ। ଆମେରିକାର ସାଇକୋଲୋଜି ଟୁଡେ ଅନୁସାରେ ନଖ ଚୋବାଇବାର ଅଭ୍ୟାସକୁ ଡାକ୍ତରୀ ଭାଷାରେ ଓନିକୋଫେଜିଆ ବୋଲି କୁହାଯାଇଥାଏ। ଏହି ଅଭ୍ୟାସ ଫଳରେ ନଖ ସହିତ ଆଖପାଖରେ ଥିବା ଟିସୁଗୁଡିକ ମଧ୍ୟ କ୍ଷତିଗ୍ରସ୍ତ ହୋଇଥାଏ। ବେଳେବେଳେ ଅନେକଙ୍କ ଠାରେ ଏହି ଲକ୍ଷଣ ଏକ ଗମ୍ଭୀର ମାନସିକ ରୋଗର ଲକ୍ଷଣ ହୋଇପାରେ। ରିସର୍ଚ୍ଚ ଅନୁସାରେ ସାଧାରଣତଃ କେତେକଙ୍କଠାରେ ଏକୁଟିଆପଣ, ଟେନସନ୍ କିମ୍ବା କୌଣସି ସମସ୍ୟା ଥିଲେ ସେମାନେ ନଖ ଚୋବାଇଥାନ୍ତି। ଭୋକ ଲାଗିଲେ ବି କେତେଜଣ ନଖ ଚୋବାନ୍ତି। ମାନସିକ ରୋଗ ଥିଲେ ବ୍ୟକ୍ତି ନଖ ଚୋବାଇଥାନ୍ତି। ଆଉ କେତେକଙ୍କ ଠାରେ ଏହି ଲକ୍ଷଣ ଜେନେଟିକ୍ ମଧ୍ୟ ହୋଇଥାଏ, ଅର୍ଥାତ ମାଆବାପାଙ୍କଠାରୁ ଏଭଳି ଅଭ୍ୟାସ ପର୍ଚ୍ଚରୁ ଜଣାପଡିଛି। ତେବେ ବାରମ୍ବାର ନଖ ଚୋବାଇବା ଫଳରେ ବିଭିନ୍ନ ପ୍ରକାରର ସମସ୍ୟା ବି ଦେଖାଯାଇଥାଏ। ନଖ ଚାରିପାଖରେ ଘାଆ କିମ୍ବା ଫଙ୍ଗାଲ ଇନ୍‌ଫେକସନ୍ ହେବାର ସମ୍ଭାବନା ରହିଥାଏ। ଏହା ସହ ନଖରେ ଥିବା ବ୍ୟାକ୍ଟେରିଆ ପେଟକୁ ଯାଇ ବିଭିନ୍ନ ସମସ୍ୟା ସୃଷ୍ଟି କରିଥାଏ। ନଖ ଚୋବାଇବା ଫଳରେ ଦାନ୍ତ ବି ଖରାପ ହୋଇଥାଏ। ତେଣୁ ଏଭଳି ଅଭ୍ୟାସ ଅନେକ ସମସ୍ୟାର ଲକ୍ଷଣ ହୋଇପାରେ।

# ହାତ ଚିହ୍ନିବାକୁ ଟାଟୁ




ଯୁବପିଢ଼ିଙ୍କୁ ବର୍ତ୍ତମାନ ଟାଟୁ ମାନିଆ ଘାରିଛି। ସବୁଦିନେ କିଛି ନା କିଛି ଅଜବ ଟାଟୁକୁ ନେଇ ଚର୍ଚ୍ଚା ହୋଇଥାଏ। କେଉଁଠି ଟାଟୁର ପ୍ରକାରକୁ ନେଇ ତ ଆଉ କେଉଁଠି ଟାଟୁର ରଙ୍ଗକୁ ନେଇ। ଏହି ସମୟରେ ଏମିତି ଟାଟୁ ଚର୍ଚ୍ଚାକୁ ଆସିଛି। ଯେଉଁଠି ଜଣେ ଯୁବତୀ ନିଜ ହାତରେ ଅଜବ ଟାଟୁ କରିଛନ୍ତି। ଏଥିରେ ଲେଫ୍ଟ ଏବଂ ରାଇଟ ବା ବାମ ଡାହାଣ ଲେଖିଛନ୍ତି। ଅଷ୍ଟ୍ରେଲିଆର କାନବେରାର ଡିକୋଡିଆ ନାମକ ଜଣେ ଛାତ୍ରୀ ନିଜର ବାମ ହାତରେ ଏଲ ଏବଂ ଡାହାଣ ହାତରେ ଆର୍ ଲେଖିଛନ୍ତି। ଏ ସମ୍ପର୍କରେ ଟାଟୁ ଆର୍ଟିଷ୍ଟ ଲରିନ ବିଞ୍ଚର ତାଙ୍କ ଇନ୍‌ଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି। କାରଣ ଡିକୋଡିଆ ବାମ କେଉଁଟା ଡାହାଣ କେଉଁଟା ସବୁବେଳେ ଭୁଲି ଯାଉଥିଲେ। ତେଣୁ ଏହି ଭ୍ରମ ଦୂର ପାଇଁ ସେ ଏପରି ଟାଟୁ କରିଥିଲେ। ଡିକୋଡିଆ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଟାଟୁ କରିଛନ୍ତି। ତାଙ୍କ ଇନ୍‌ଷ୍ଟାଗ୍ରାମ ଫଟୋ ଦେଖିଲେ ଲାଗିବ ଯେମିତି ଟାଟୁ ପ୍ରତି ତାଙ୍କ ଖୁବ ଦୁର୍ବଳତା ରହିଛି। ଡିକୋଡିଆ ସବୁବେଳେ ତାଙ୍କର ଫଟୋଗୁଡ଼ିକୁ ସୋସିଆଲ ମିଡିଆରେ ଶେୟାର କରିଥାନ୍ତି। ବିଶେଷକରି ତାଙ୍କ ଟାଟୁକୁ ନେଇ ଖୁବ ଚର୍ଚ୍ଚା ହେଉଛି।

## ଗାଈର କ୍ୟାଟ୍‌ୱାକ୍

ସୋସିଆଲ ମିଡିଆରେ ଏକ ଗାଈର ଚାଲିବା ଷ୍ଟାଇଲ ଭାଇରାଲ ହେଉଛି। ଏପରି ଚାଲି କୌଣସି ମଡେଲଙ୍କଠାରୁ ବି କମ ନୁହଁ। ଭିଡିଓରେ ଗାଈଟି ରାସ୍ତାରେ ଧୀରେ ଧୀରେ ଚାଲୁଛି। ଆଉ ବେଳେବେଳେ ଗୋଡ଼ ଏପଟ ସେପଟ ପକାଇ ଏକ ମଡେଲ ପରି ଚାଲୁଛି। ଏହାର ଚାଲି ଦେଖିଲେ କହିବେ ଷ୍ଟେଜ ଉପରେ ଗାଈଟି କ୍ୟାଟ୍‌ୱାକ କରୁଛି। ଭିଡିଓଟିକୁ ଜଣେ ଟୁଇଟର ବ୍ୟବହାରକାରୀ ଶେୟାର କରିଛନ୍ତି। ଭିଡିଓକୁ ଲୋକେ ଖୁବ ପସନ୍ଦ କରୁଛନ୍ତି। ଗତ ୨୨ ତାରିଖରେ ଶେୟାର ହୋଇଥିବା ଏହି ଭିଡିଓଟିକୁ ବର୍ତ୍ତମାନ ସୁଦ୍ଧା ୨୭ ହଜାରରୁ ଅଧିକ ଲୋକ ଦେଖିସାରିଲେଣି। କିଛି ୟୁଜର ଭିଡିଓ ଦେଖି ମଜାଳିଆ କମେଣ୍ଟ ସବୁ ଦେଉଛନ୍ତି।

# ବଡ଼ର ଚିକିତ୍ସା ପାଇଁ ସାନ ଝିଅକୁ ବିକ୍ରି

**ହାଇଦ୍ରାବାଦ:** କୁହାଯାଏ ବାପା ମା'ଙ୍କ ହୃଦୟରେ ସବୁ ସନ୍ତାନଙ୍କର ସମାନ ମହତ୍ତ୍ୱ ରହିଛି। କିନ୍ତୁ ଦାରିଦ୍ର୍ୟର ତାଡନା ଆଗରେ କିଛି ନିୟମ କାମ କରି ନ ଥାଏ। ଅର୍ଥାଭାବରେ ମଣିଷ ଅନେକ ସମୟରେ ବିଚାରଶୂନ୍ୟ ହୋଇ ଭୁଲ୍ ଠିକ୍‌ର ନିଷ୍ପତ୍ତି ନେଇପାରେ ନାହିଁ। ଠିକ୍ ଏମିତି କିଛି ଘଟିଛି ଆନ୍ଧ୍ରପ୍ରଦେଶର ଏକ ଦମ୍ପତିଙ୍କ ସହିତ। ଏହି ଦମ୍ପତି ସେମାନଙ୍କର ଗୋଟିଏ ଝିଅର ଚିକିତ୍ସା ପାଇଁ ଆଉ ଏକ ଝିଅକୁ ବିକ୍ରି କରିବାକୁ ବାଧ୍ୟ ହୋଇଛନ୍ତି। ଆନ୍ଧ୍ରପ୍ରଦେଶର ନେଲୋରଠାରେ ଦିନ ମଜୁରିଆଭାବେ କାମ କରୁଥିବା ଏକ ଦମ୍ପତି ସେମାନଙ୍କର ୧୬ ବର୍ଷର ଝିଅର ଚିକିତ୍ସା ନିମନ୍ତେ ୧୨ ବର୍ଷର ଆଉ ଏକ ଝିଅକୁ ବିକ୍ରି କରି ଦେଇଛନ୍ତି। ଘଟଣା ଅନୁସାରେ ଏହି ଦମ୍ପତିଙ୍କର ବଡ଼ ଝିଅକୁ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ ହେଉଥିଲା। କିନ୍ତୁ ଝିଅର ଚିକିତ୍ସା ନିମନ୍ତେ ସେମାନଙ୍କ ପାଖରେ ଆଦୌ ଅର୍ଥ ନ ଥିଲା। ମଜୁରି ଲାଗି ଯାହା କିଛି ମିଳେ ସେଥିରେ ଗଣ୍ଡେ ଖାଇବା ପାଇଁ ବି ତାଙ୍କୁ ସବୁ ସମୟରେ ମିଳି ନ ଥାଏ। ତେଣୁ ଅର୍ଥ ଯୋଗାଡ଼ କରିବା ପାଇଁ ଅନ୍ୟ କିଛି ଉପାୟ ନ ପାଇ ସେମାନେ ବାଧ୍ୟ ହୋଇ ଅନ୍ୟ ଝିଅଟିକୁ ୧୦ ହଜାର ଟଙ୍କାରେ ଚିନ୍ନା ସୁବେଧା ନାମକ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରି ଦେଇଥିଲେ। ସୂଚନା ଅନୁସାରେ ସୁବେଧା ୧୨ ବର୍ଷୀୟ ଝିଅକୁ କିଣିବା ପରେ ତା' ସହ ବିବାହ କରିବା ପାଇଁ ଯୋଜନା କରିଥିଲା। ବିବାହ ନିମନ୍ତେ ସବୁ ପ୍ରସ୍ତୁତି କରିବା ପରେ ସେ ତା'ର ସମ୍ପର୍କୀୟମାନଙ୍କୁ ଡକାଇ ଥିଲେ। କିନ୍ତୁ ବିବାହ ସମୟରେ ନାବାଳିକାଜଣକର କାନ୍ଦ ଶୁଣି ପଡ଼ୋଶୀମାନେ ଘଟଣା ସମ୍ପର୍କରେ ସ୍ଥାନୀୟ ସରପଞ୍ଚଙ୍କୁ ଖବର ଦେଇଥିଲେ। ଏହାପରେ ପୋଲିସ ପହଞ୍ଚି ନାବାଳିକାକୁ ଉଦ୍ଧାର କରି ବାଳ ବିକାଶ କେନ୍ଦ୍ରରେ ଭର୍ତ୍ତି କରିଥିଲା।

## ବିକନ ଲାଇଟ୍‌ର ପିଛାକଲେ ଡେଲିଭରି ବୟ

ଖାଦ୍ୟ ନେଇ ଆସୁଥିବା ଡେଲିଭରୀ ବୟଙ୍କୁ ଠିକ ଲୋକେଶନ ଦେବା ପାଇଁ ନିଆରା ଉପାୟ ଖୋଜିବାହାର କରିଛନ୍ତି ଜଣେ ବ୍ୟକ୍ତି। ଡେଲିଭରୀ ବୟଙ୍କୁ ବାଟ ଦେଖାଇବା ପାଇଁ ସେ ବ୍ୟବହାର କରିଛନ୍ତି ବିକନ ଲାଇଟ। ଆକାଶରେ ଦେଖାଯାଉଥିବା ବିକନ ଲାଇଟ୍‌କୁ ପିଛା କରିବାକୁ ସେ ଡେଲିଭରୀ ବୟଙ୍କୁ କହିଥିଲେ ୟୁଜର। ଏସବୁର ଫଟୋ ଓ ଡେଲିଭରୀ ବୟ ସହ ୟୁଜରଙ୍କ ଚାଟିଂ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ମୂଳତଃ ରେଡିଟ ପକ୍ଷରୁ ଶେୟାର କରାଯାଇଥିବା ଫଟୋକୁ ପ୍ରାୟ ୭୮୫ ହଜାର ଲାଇକ ଓ ୧ ଲକ୍ଷରୁ ଅଧିକ ରିଟୁଇଟ ହୋଇସାରିଛି।



## ଗ୍ଲାମର୍ସ ଲୁକ୍‌ରେ ହୀନା

ମୁମ୍ବାଇ: ନାୟିକା ହିନା ଖାନ୍ ସୋସିଆଲ ମିଡିଆରେ ଖୁବ ଆକ୍ଟିଭ। ସବୁବେଳେ ହିନା ତାଙ୍କର କିଛି ନା କିଛି ଫଟୋ ଶେୟାର କରି ପ୍ରଶଂସକଙ୍କ ମନ ଜିତନ୍ତି। ନିକଟରେ ସେ ଲାଟେଷ୍ଟ ଫଟୋଶୁଟ୍‌ର କିଛି ଫଟୋ ଶେୟାର କରିବା ପରେ ଏବେ ଏହା ଭାଇରାଲ ହୋଇଛି । ଇନଷ୍ଟାଗ୍ରାମରେ ଶେୟାର କରାଯାଇଥିବା ଏହି ଫଟୋରେ ହିନା ହ୍ୱାଇଟ କଲର ଡ୍ରେସରେ ନଜର ଆସିଛନ୍ତି। ହିନାଙ୍କ ଫ୍ୟାଶନ ସେନ୍ସ ସବୁଠାରୁ ନିଆରା ହୋଇଥିବା ବେଳେ ସେ ଷ୍ଟାଇଲ ଆଇକନ ଭାବେ ମଧ୍ୟ ପରିଚିତ । ସୋସିଆଲ ମିଡିଆରେ ସେ ତାଙ୍କ ଜୀବନ କାହାଣୀ ବେଳେ ବେଳେ ଶେୟାର କରୁଥିବା ବେଳେ ୱାର୍କଆଉଟ, ଫ୍ୟାଶନ ଓ ଫଟୋଶୁଟର ଫଟୋ ମଧ୍ୟ ଶେୟାର କରିଥାଆନ୍ତି। ପ୍ରଥମେ ହିନା 'ୟେ ରିସ୍ତା କ୍ୟା କେହଲାତା ହେ'ରୁ କ୍ୟାରିୟର ଆରମ୍ଭ କରି ଦର୍ଶକଙ୍କ ପସନ୍ଦର ଅଭିନେତ୍ରୀ ପାଲଟି ଯାଇଥିଲେ।

## ଛୁଟି କଟାଉଛନ୍ତି ରାହୁଲ-ଦିଶା

**ମୁମ୍ବାଇ:** ରିଆଲିଟି ଶୋ' 'ବିଗ ବସ-୧୪'ର ରନର୍ ଅପ ହୋଇଥିବା ରାହୁଲ ବୈଦ୍ୟ ବିଗ ବସ ଘର ଉକ୍ତ ସମୟରେ ନିଜର ଭଲ ଇମେଜ ସୃଷ୍ଟି କରିପାରିଥିଲେ। ସେ 'ବିଗ ବସ' ଘରେ ଦିଶା ପାରମାରଙ୍କୁ ପ୍ରେମ ନିବେଦନ କରିଥିଲେ। ଏହି ଶୋ'ରେ ତାଙ୍କୁ ବିବାହ କରିବାକୁ ନିଶ୍ଚିତ ମଧ୍ୟ କରିଥିଲେ। ବର୍ତ୍ତମାନ ବିଗ ବସ ଘରୁ ବାହାରିବା ପରେ ଉଭୟ ମସ୍ତି କରୁଛନ୍ତି । ରାହୁଲ ଏବେ ଦିଶାଙ୍କ ସହ ଛୁଟି କାଟୁଛନ୍ତି। ଏଥିପାଇଁ ସେମାନେ ନିଜର ବ୍ୟକ୍ତିଗତ ହେଲିକପ୍ଟର ଯୋଗେ ଯିବାକୁ ସ୍ଥିର କରିଛନ୍ତି। ନିଜେ ରାହୁଲ ଇନ୍ଷ୍ଟାଗ୍ରାମ ଆକାଉଣ୍ଟରେ ଏହି ସୂଚନା ଦେଇଛନ୍ତି। ଦିଶାଙ୍କ ସହ ରାହୁଲ ନିଜର ଏକ ଫଟୋ ପୋଷ୍ଟ କରି ଲେଖିଛନ୍ତି, 'ଚଲୋ ଲେ ଚଲେ ତୁମ୍ହେ ତାରୋକେ ଶେହର ମେ'। ଫଟୋରେ ରାହୁଲ ଏବଂ ଦିଶା ହେଲିକପ୍ଟରରେ ବସିଥିବାର ନଜର ଆସିଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GALAXY TOWER
ପ୍ରଥମଥର ଓଡିଶାରେ ଏମିତି ଅଫର
ନିଜର ଖାଲିଥିବା ଜମି ଓ ଛାତ
Plot ରେ ଟ୍ୱାଓର 4G/5G ବସାଇ
ଅଗ୍ରୀମ 60,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ + ଚାକିରୀ ପାଆନ୍ତୁ



Bansal Tower B Wing, Bangalore, Karnataka-400021.
9485687401
8901064681

DHANLAXMI FINANCE
(Reg. No. Reg.No.U65910CT1970)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୮୨ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848538

ବିଶ୍ୱ ପ୍ରସିଦ୍ଧ ତାନ୍ତ୍ରିକ ବାବାଙ୍କର ଖୋଲା ଚ୍ୟାଲେଞ୍ଜ
୨ଘଣ୍ଟା ମଧ୍ୟରେ ଗ୍ୟାରେଣ୍ଟି ସମାଧାନ
୨,୮୮,୩୭୪ ପ୍ରକାର ସମସ୍ୟାର ସଫଳ ସମାଧାନ
ତାନ୍ତ୍ରିକ ବାବା ଆଲାମ ଖାନ




9773820765
ସଉତୁଣୀ, ଶତ୍ରୁମୁକ୍ତି, ଲଭ୍ ମ୍ୟାରେଜ୍, ଯାଦୁକରଣ, ହଜି ଯାଇଥିବା ପ୍ରେମକୁ ଫେରିପାଇବା। କଳାଯାଦୁ, ବଶୀକରଣ ସମସ୍ୟାର ଗୁପ୍ତ ସମାଧାନ। କୌଣସି ପଣ୍ଡିତ, ତାନ୍ତ୍ରିକ, ଅଘୋରୀ, କାମକୁ କାଟିପାରିବେ ତେବେ ତାଙ୍କୁ ବାବା ଆଲମ ଖାନଙ୍କ ତରଫରୁ ପୁରସ୍କାର।
Address : ରାମ ମନ୍ଦିର ନିକଟରେ
9910560681

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ମନେ ପଡ଼ନ୍ତି
ମନେପଡନ୍ତି
୫୦ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଗଦାଧର ବିଷୋୟି
ଡେଙ୍ଗାପଦର (ବ୍ରହ୍ମପୁର), ଗଞ୍ଜାମ
ଆଜି ଆପଣଙ୍କର ୫୦ତମ ପବିତ୍ର ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅମର ଆତ୍ମା ପ୍ରତି ଗଭିର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ।
-: ଶୋକସନ୍ତପ୍ତ :-
ଆପଣଙ୍କ ପରିବାରବର୍ଗ
ଧ-୭୦୫୪୨

# ଇଣ୍ଟର୍ନଶିପ୍

**କର୍ମକ୍ଷେତ୍ରରେ ସଫଳତା ହାସଲ କରିବାର ଚାବିକାଠି ହେଉଛି କାର୍ଯ୍ୟଦକ୍ଷତା। ଏହା ଯାହା ପାଖରେ ଯେତେ ଅଧିକ, କର୍ମକ୍ଷେତ୍ରରେ ତା'ର ସ୍ଥିତି ସେତେ ମଜଭୁତ୍ ଏବଂ ସଫଳତାର ମାର୍ଗ ସେତେ ସରଳ। ତେବେ ବର୍ତ୍ତମାନ ଏହାକୁ ହାସଲ କରିବାର ସବୁଠୁ ବେଷ୍ଟ ମାଧ୍ୟମ ପାଲଟିଛି ଇଣ୍ଟର୍ନଶିପ୍ ...**



ଯେକୌଣସି କ୍ଷେତ୍ରରେ ଆଗକୁ ବଢିବାକୁ ହେଲେ ସର୍ବପ୍ରଥମେ ଉକ୍ତ ଫିଲ୍ଡରେ ଭରପୂର ଜ୍ଞାନ ସହ କାର୍ଯ୍ୟଦକ୍ଷତା ରହିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। କାରଣ ମୂଳଦୁଆ ମଜଭୁତ ହେଲେ ସଫଳତା ହାସଲ କରିବା ସହଜ ହୋଇଥାଏ। ଆଉ ଏଥିପାଇଁ ଜବ୍ କରିବା ପୂର୍ବରୁ ନିଜ ଫିଲ୍ଡରେ ଅଧିକ ଜ୍ଞାନ ଆହରଣ କରିବା ସହ କାର୍ଯ୍ୟଦକ୍ଷତା ବୃଦ୍ଧିଲାଗି ବର୍ତ୍ତମାନ ଅଧିକାଂଶ ଯୁବପିଢି ଇଣ୍ଟର୍ନଶିପ୍ କରୁଥିବା ଦେଖିବାକୁ ମିଳୁଛି...

**ମିଳୁଛି ଶିଖିବାର ସୁଯୋଗ:** ପାଠପଢ଼ା ଏବଂ କର୍ମକ୍ଷେତ୍ରରେ କାମ କରିବା ଭିତରେ ଅନେକ ପାର୍ଥକ୍ୟ ରହିଥାଏ। ତେଣୁ କ୍ୟାରିୟର ଭଲ ଥିଲେ ବା ଅଧିକ ନମ୍ବର ରଖିଲେ ଜଣେ ଭଲ ଚାକିରି ପାଇବା ତା' ଭାବିବା ସମ୍ପୂର୍ଣ୍ଣ ଠିକ୍ ନୁହେଁ। କାରଣ ଆଜିର ପ୍ରତିଯୋଗିତାମୂଳକ ଯୁଗରେ ଅନେକ କ୍ଷେତ୍ରରେ ଆଗକୁ ବଢିବାରେ ଥିଓରି ଅପେକ୍ଷା ପ୍ରାକ୍ଟିକାଲ୍ ଜ୍ଞାନ ବେଶି ସହଯୋଗ କରିଥାଏ। ଏଥିପାଇଁ ବିଭିନ୍ନ କ୍ଷେତ୍ରରେ ଇଣ୍ଟର୍ନଶିପ୍ କରିବା ଦ୍ୱାରା ଅଭିଜ୍ଞତା ବଢୁଥିବାରୁ ଅନେକ ଯୁବପିଢି ବେଶ୍ ଉପକୃତ ହେଉଛନ୍ତି। ଏହା ସେମାନଙ୍କୁ ଚାକିରି କରିବା ପୂର୍ବରୁ ଭଲ ଭାବେ କାମ ଶିଖିବା ଏବଂ ନୂଆ ନୂଆ ଜ୍ଞାନ ଆହରଣ କରିବାର ସୁଯୋଗ ଦେଉଛି।





**ବୃଦ୍ଧି ହୁଏ କାର୍ଯ୍ୟଦକ୍ଷତା:** କର୍ମକ୍ଷେତ୍ରରେ ସର୍ବଦା ଜଣେ ଦକ୍ଷ କର୍ମଚାରୀଙ୍କୁ ହିଁ ପ୍ରାଥମିକତା ଦିଆଯାଇଥାଏ। ତେଣୁ ଇଣ୍ଟର୍ନଶିପ୍ କରିବା ଦ୍ୱାରା କାର୍ଯ୍ୟଶୈଳୀଠାରୁ ଆରମ୍ଭ କରି ଆଗକୁ କ'ଣ କଲେ ନିଜ ଫିଲ୍ଡରେ ଅଧିକ ସଫଳ ହୋଇପାରିବେ ସେ ନେଇ ଶିଖିବାର ସୁଯୋଗ ମିଳିଥାଏ। ଅଧିକରୁ ଅଧିକ ଶିଖିବା ଦ୍ୱାରା କାର୍ଯ୍ୟଦକ୍ଷତା ବୃଦ୍ଧି ହୋଇଥାଏ। ଫଳରେ ନୂଆ ଜବ୍ କରିବା ବେଳେ କାମ ଶିଖିବା ଲାଗି ଅନ୍ୟ ଉପରେ ନିର୍ଭର କରିବା, ଉପରିସ୍ଥ କର୍ମଚାରୀଙ୍କଠାରୁ ଗାଳି ଶୁଣିବା ଅବା ସହକର୍ମୀମାନଙ୍କ ନିକଟରେ ଅପଦସ୍ଥ ହେବା ଭଳି ସମସ୍ୟା ଉପୁଜି ନ ଥାଏ।

**ଜବ୍ ମିଳିବା ହୁଏ ସହଜ:** ଅନେକ ସମୟରେ ଇଣ୍ଟର୍ନଶିପ୍‌ରେ ଭଲ ଭାବେ ଶିଖୁଥିବା ଏବଂ ନିଜ କାର୍ଯ୍ୟଦକ୍ଷତା ପ୍ରମାଣିତ କରୁଥିବା ଟ୍ରେନି ଏମ୍ପ୍ଲୋଇମାନଙ୍କୁ ପ୍ରଥମେ ଜବ୍ ମିଳିଥାଏ। ନା କେବଳ ଅନ୍ୟଠାରେ ବରଂ ଇଣ୍ଟର୍ନଶିପ୍ କରୁଥିବା ସଂସ୍ଥାକୁ ମଧ୍ୟ କାର୍ଯ୍ୟ ପସନ୍ଦ ଆସିଲେ ସେହିଠାରେ ହିଁ ଜବ୍ ମିଳିବାର ସମ୍ଭାବନା ଅଧିକ ଥାଏ। ତେଣୁ ଇଣ୍ଟର୍ନଶିପ୍ ଲାଗି ନିର୍ଦ୍ଧାରିତ କମ୍ ସମୟ ସୀମା ମଧ୍ୟରେ ନିଜର ବେଷ୍ଟ ଦେବା ହିଁ ଜଣେ ଦକ୍ଷ କର୍ମଚାରୀର ପରିଚୟ।

**ଦିଏ ରୋଜଗାରର ସୁଯୋଗ:** ଅନେକ ସଂସ୍ଥା ଇଣ୍ଟର୍ନଶିପ୍ ଯୋଗାଇ ଦେବା ସମୟରେ ଟ୍ରେନି ଏମ୍ପ୍ଲୋଇମାନଙ୍କୁ ଷ୍ଟାଇପେଣ୍ଡ ଦେଇଥାନ୍ତି; ଯଦ୍ଵାରା କାମ ଶିଖିବା ସହ ରୋଜଗାରର ମଧ୍ୟ ସୁଯୋଗ ମିଳିଥାଏ। କିଛି ସଂସ୍ଥାରେ ଇଣ୍ଟର୍ନଶିପ୍ ପିରିଅଡ୍ ସରିବା ପରେ ଷ୍ଟାଇପେଣ୍ଡ ଦେଇଥାନ୍ତି ତ ଆଉ କିଛି ସଂସ୍ଥା ଏହାକୁ ପ୍ରତିମାସରେ ଦେଇଥାନ୍ତି। ବର୍ତ୍ତମାନ ଅନେକ ମଲ୍ଟିନ୍ୟାଶନାଲ୍ ସଂସ୍ଥା ଦକ୍ଷ କର୍ମଚାରୀଙ୍କୁ ଚୟନ କରି ଜବ୍ ଦେବା ଲାଗି ଅନ୍‌ଲାଇନ୍‌ରେ ଇଣ୍ଟର୍ନଶିପ୍ ଯୋଗାଇ ଦେଉଛନ୍ତି ଏବଂ ମାସକୁ ୨୦ ହଜାରରୁ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଷ୍ଟାଇପେଣ୍ଡ ମଧ୍ୟ ଦେଉଥିବା ଦେଖିବାକୁ ମିଳୁଛି। ବିଶେଷ କରି ବିଭିନ୍ନ ଇ-କମର୍ସ କମ୍ପାନୀଗୁଡିକ ଏଭଳି ସୁବିଧା ଯୋଗାଇ ଦେଉଛନ୍ତି। ତେଣୁ ଜବ୍ ଆଶାୟୀ ପ୍ରାର୍ଥୀ ଏଭଳି ସଂସ୍ଥାରେ ଇଣ୍ଟର୍ନଶିପ୍ କରି କାର୍ଯ୍ୟ ଶିଖିବା ସହ ରୋଜଗାର କରିବାର ବି ସୁଯୋଗ ପାଇପାରିବେ।

**ମିଳେ ରେଫରେନ୍ସ ସୁବିଧା:** ପ୍ରତ୍ୟେକ ସଂସ୍ଥା ଅଧିକ କାମ ଜାଣିଥିବା ଏବଂ ବିଶ୍ୱସ୍ତ କର୍ମଚାରୀଙ୍କୁ ନିଯୁକ୍ତି ଦେବାକୁ ଚାହାନ୍ତି। ଏମିତିରେ ସେମାନେ ନିଯୁକ୍ତି ଦେବା ସମୟରେ ଅନ୍ୟ ବରିଷ୍ଠ କର୍ମଚାରୀମାନଙ୍କ ରେଫରେନ୍ସକୁ ପ୍ରାଥମିକତା ଦିଅନ୍ତି। ତେଣୁ ଯେଉଁମାନେ ଇଣ୍ଟର୍ନଶିପ୍ କରନ୍ତି ସେମାନଙ୍କର ଲୋକ ସମ୍ପର୍କ ବୃଦ୍ଧି ହେବା ସହ ପରବର୍ତ୍ତୀ ସମୟରେ ଜବ୍ ଖୋଜିବା ବେଳେ ପ୍ରଫେଶନାଲ୍ ରେଫରେନ୍ସ ଲାଗି ବେଶ୍ ସାହାଯ୍ୟ କରିଥାଏ।

### କ'ଣ କରନ୍ତି ଏମାନେ...



**ବିଶ୍ୱଜିତ୍ ଦାଶ**( ଇଞ୍ଜିନିୟର, ସୁନ୍ଦରଗ୍ରାମ, କଟକ)- ଯେକୌଣସି ଫିଲ୍ଡରେ ଜବ୍ କରିବା ପୂର୍ବରୁ ଉକ୍ତ କାମକୁ ଭଲ ଭାବେ ବୁଝିବା ଏବଂ ଶିଖିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏହାଦ୍ୱାରା କାମ କରିବା ସହଜ ହେବା ସହ ଶୀଘ୍ର ଗ୍ରୋଥ୍ କରି ହାୟର ପୋଷ୍ଟକୁ ଯିବାର ମାର୍ଗ ମଧ୍ୟ ସରଳ ହୋଇଯାଇଥାଏ। ନିଜ କଥା କହିବି, ବି.ଟେକ୍ ପଢା ପରେ ସିଧାସଳଖ ଜବ୍ ପାଇଁ ଆପ୍ଲାଏ ନ କରି ପ୍ରଥମେ ହାଇଦ୍ରାବାଦ ଯାଇ କାମ ଶିଖିବା ଲାଗି ଇଣ୍ଟର୍ନଶିପ୍ କଲି। ଏହା ନା କେବଳ ମୋର ସ୍କିଲ୍ ଏବଂ ଟେକ୍ନିକାଲ ନଲେଜ ବୃଦ୍ଧି କରିବାରେ ସାହାଯ୍ୟ କଲା ବରଂ ଇଣ୍ଟର୍ନଶିପ୍ ପିରିଅଡ୍‌ରେ ହିଁ କ୍ୟାମ୍ପସ୍ ସିଲେକ୍ସନରେ ବାଙ୍ଗାଲୋରଠାରେ ଥିବା ଏକ ମଲ୍ଟିନ୍ୟାଶନାଲ୍ କମ୍ପାନୀରେ ଜବ୍ କରିବାର ସୁଯୋଗ ମଧ୍ୟ ମିଳିଲା।



**ପ୍ରଦୀପ କୁମାର ସ୍ୱାଇଁ**(ଏମ୍‌ଜେଏମ୍‌ସି ୨ୟ ବର୍ଷ, ଉତ୍କଳ ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱର)- ପାଠ୍ୟକ୍ରମରେ ଥିବା ସୀମିତ ବିଷୟଗୁଡିକୁ ଭଲ ଭାବେ ବୁଝିଯିବା ହିଁ ଯଥେଷ୍ଟ ବୋଲି ମୁଁ ଭାବେନି। କାରଣ ଜ୍ଞାନର ପରିସର ଯେତେ ବିସ୍ତୃତ ହେବ ମଣିଷ ସେତେ ଉନ୍ନତି କରିବ। ତେଣୁ ପାଠ ପଢା ସହିତ ଅଧିକରୁ ଅଧିକ ପ୍ରାକ୍ଟିକାଲ୍ ଜ୍ଞାନ ଆହରଣ ଲାଗି ଏକ ଇଲେକ୍ଟ୍ରୋନିକ୍ସ ଚ୍ୟାନେଲ୍‌ରେ ଇଣ୍ଟର୍ନଶିପ୍ କରୁଛି। ଏହାଦ୍ୱାରା ମତେ ବହୁତ କିଛି ଶିଖିବାର ସୁଯୋଗ ମିଳୁଛି ଏବଂ ନୂଆ ଯାଗାରେ କାମ କରିବାକୁ ନେଇ ମନ ଭିତରେ ଥିବା ଭୟ ଦୂର ହୋଇଯାଇଛି। ଏହି ଅଭିଜ୍ଞତା ଭବିଷ୍ୟତରେ ମୋର ନିଶ୍ଚେ କାମରେ ଆସିବ ସେଥିରେ ସନ୍ଦେହ ନାହିଁ ।

---

## ଏ ସପ୍ତାହର ପ୍ରଶ୍ନ

୧- ପିଏମ୍‌କେଏସ୍‌ୱାଇର ଫୁଲ୍‌ଫର୍ମ .................. ?
୨- ପ୍ରଥମ ଆମେରିକାନ୍ ଦେଶ ............. ସାଇନ୍ କରିଛି ?
୩- ଡେମେକେ ମେକୋନେନ୍ ............ ଦେଶର ଡେପୁଟି ପ୍ରାଇମ୍ ମିନିଷ୍ଟର ଏବଂ ଫରେନ୍ ମିନିଷ୍ଟର ?
୪- ଲାଇ ହାରାଓବା ପର୍ବ .......... ରାଜ୍ୟରେ ପାଳନ କରାଯାଏ।
୫- ଏସିଆନ୍ ଗେମ୍‌ରେ କୁସ୍ତିରେ ଭାରତ ପାଇଁ ସ୍ୱର୍ଣ୍ଣ ଜିତିଥିବା ପ୍ରଥମ ମହିଳା ଖେଳାଳି......... ?

## ଗତ ଥରର ଉତ୍ତର

୧ ମ୍ୟାଡାମ୍ କ୍ୟୁରୀ
୨ କଲିକତା
୩ ଆସାମ
୪ କାଶୀନାଥ ପଣ୍ଡିତ
୫ ଡାଟା ସିକ୍ୟୁରିଟି କାଉନ୍ସିଲ ଅଫ୍ ଇଣ୍ଡିଆ

## ଉତ୍ତରଦାତା


ଶୁଭାଙ୍ଗୀ ରଥ ପୁରୀ


ଦେବବ୍ରତ କର ପୁରୀ


ନରେଶ କୁମାର କର, ହାଇଦ୍ରାବାଦ


ଶ୍ରାବଣୀ ପରିଡ଼ା, ଜଗତ୍‌ସିଂହପୁର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ସର୍ବବୃହତ୍ କମ୍ପାନୀ ୨୦୨୦



୧- ଆପ୍‌ଲ................ ଆମେରିକା
୨- ସାଉଦି ଆରାମ୍‌କୋ.. .. ସାଉଦି ଆରବ
୩- ଆମାଜନ୍............ ...... ଆମେରିକା
୪- ମାଇକ୍ରୋସଫ୍ଟ........ ...... ଆମେରିକା
୫- ଆଲ୍‌ଫାବେଟ୍........ ..... ଆମେରିକା
୬- ଅଲୀବାବା.......... .......... ଚାଇନା
୭- ଫେସ୍‌ବୁକ୍.................. ଆମେରିକା
୮- ଟେନ୍‌ସେଣ୍ଟ.................. ଚାଇନା
୯- ବର୍କସେୟାର୍ ହାଥାୱେ.................. ଆମେରିକା
୧୦- ତାଇୱାନ୍ ସେମିକଣ୍ଡକ୍ଟର.................. ତାଇୱାନ୍

---

### ଯୁବ ପ୍ରତିଭା

## ଓଡ଼ିଶୀ ନୃତ୍ୟ ଦେଇଛି ପରିଚୟ

କୌଣସି କାର୍ଯ୍ୟ ପ୍ରତି ଉତ୍ସାହ ଏବଂ ଏହାକୁ ନେଇ ନିଜର ପରିଚୟ ସୃଷ୍ଟି କରିବାର ଆଶା ଯେ ମଣିଷକୁ ସଫଳତା ଆଡ଼କୁ ବାଟ କଢ଼ାଇନିଏ ଏକଥା ପ୍ରମାଣିତ ହୋଇଛି ତାଙ୍କ କ୍ଷେତ୍ରରେ। ପିଲା ବେଳୁ ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ ହେବାକୁ ନେଇ ତାଙ୍କର ଥିବା ସ୍ୱପ୍ନକୁ ସେ ନିଜ ନିଷ୍ଠା ଓ ପ୍ରଚେଷ୍ଟା ବଳରେ ସାକାର କରିପାରିଛନ୍ତି। ଆଉ ଶ୍ରୀକ୍ଷେତ୍ରରେ ଜଣେ ଯୁବ ନୃତ୍ୟଶିଳ୍ପୀ ଭାବେ ସୃଷ୍ଟି କରିପାରିଛନ୍ତି ଏକ ସ୍ୱତନ୍ତ୍ର ପରିଚୟ। ସେ ହେଉଛନ୍ତି ପୁରୀ ବାଲି ସାହିରେ ରହୁଥିବା ଉଷାରାଣୀ ଏବଂ ଅର୍ଦ୍ଧେନ୍ଦୁ ମହାନ୍ତିଙ୍କ ଝିଅ ଅନିମା। ପିଲାବେଳୁ ଓଡ଼ିଶାର ପ୍ରତିଷ୍ଠିତ ଓଡ଼ିଶୀ ନୃତ୍ୟଗୁରୁମାନଙ୍କ ନୃତ୍ୟ ଦେଖି ତାଙ୍କ ମନରେ ଏଥିପ୍ରତି ଆଗ୍ରହ ସୃଷ୍ଟି ହୋଇଥିଲା। ବାପାମାଆଙ୍କ ପ୍ରେରଣା ଓ ଉତ୍ସାହ ତାଙ୍କୁ ଏ କ୍ଷେତ୍ରରେ ପାଦ ଥାପିବାରେ ସାହାଯ୍ୟ କଲା। କାଳକ୍ରମେ ଗୁରୁ ସାଗରିକା ମହାପାତ୍ର, ନାରାୟଣ ପାଣ୍ଡେ, ଅଶୋକ ଦାସ ଏବଂ ସୁରଜିତ ମହାପାତ୍ରଙ୍କ ଭଳି ପ୍ରତିଷ୍ଠିତ ଓଡ଼ିଶୀ ନୃତ୍ୟ ଗୁରୁଙ୍କ ନିକଟରେ ଶିକ୍ଷାଲାଭ କରି ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ ଭାବେ ନିଜ ପରିଚୟ ସୃଷ୍ଟି କରିବାରେ ସଫଳ ହେଲେ। ପୁରୀର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ତାଙ୍କ ନୂପୁରର ରୁଣୁଝୁଣୁ ଝଙ୍କାର ଦେଖିବାକୁ ମିଳେ। କଳା, ସଂସ୍କୃତି ପ୍ରତି ବିଶେଷ ରୁଚି ରଖୁଥିବା ଅନିମା କମ୍ପ୍ୟୁଟର ସାଇନ୍ସରେ ଏମ୍.ଏସ୍‌ସି କରି ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରେ କମ୍ପ୍ୟୁଟର ବିଭାଗରେ ଅତିଥି ଅଧ୍ୟାପକ ଭାବେ କାର୍ଯ୍ୟରତ ଅଛନ୍ତି। ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ସେ ପ୍ରୟାଗ ଆଲ୍ଲାହାବାଦରୁ ନୃତ୍ୟ ବିଶାରଦ କରିଛନ୍ତି। କଲେଜରେ ପାଠପଢ଼ା ସହିତ ସେ ନୃତ୍ୟଶିକ୍ଷା ଜାରି ରଖିଛନ୍ତି। ଶ୍ରୀକ୍ଷେତ୍ରର ବିଭିନ୍ନ ସାଂସ୍କୃତିକ ମଞ୍ଚରେ ଓଡ଼ିଶୀ ନୃତ୍ୟଶିଳ୍ପୀ ଭାବେ ନୃତ୍ୟ ପରିବେଷଣ ସହ ବହୁ ପୁରସ୍କାର ଓ ପ୍ରଶଂସା ମଧ୍ୟ ସାଉଁଟିଛନ୍ତି। କଟକ କଳାବିକାଶ କେନ୍ଦ୍ର, କୁମାର ଉତ୍ସବ, ଗ୍ଲୋରୀ ଫେଷ୍ଟ, ଓଡ଼ିଶା ଆଦର୍ଶ ଆୱାର୍ଡ, ପୁରୀ ସାମ୍ବାଦିକ ସଂଘ ପକ୍ଷରୁ ଓଡ଼ିଶୀ ନୃତ୍ୟଶିଳ୍ପୀ ଭାବେ ସମ୍ମାନିତ ହୋଇଛନ୍ତି। ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ଦଳଗତ, ଏକକ ଏବଂ ଲୋକନୃତ୍ୟ ପରିବେଷଣ କରିଛନ୍ତି। ଭବିଷ୍ୟତରେ ଜଣେ ଭଲ ଓଡ଼ିଶୀ ନୃତ୍ୟଶିଳ୍ପୀ ହେବାକୁ ଆଶା ରଖିଥିବା ଅନିମା ଓଡ଼ିଶୀ ନୃତ୍ୟ ପ୍ରତି ଆଗ୍ରହ ରଖୁଥିବା ପିଲାଙ୍କୁ ପ୍ରୋତ୍ସାହିତ ମଧ୍ୟ କରୁଛନ୍ତି।

– ପ୍ରଭାତ ପାଣିଗ୍ରାହୀ



---

### ଯୁଥ୍ ଫ୍ୟାଶନ

## ବାୟୋମ୍ୟାଗ୍ନେଟିକ୍ ଜୁଏଲେରି

# ଫ୍ୟାଶନ୍ ସହ ଫିଟ୍‌ନେସ୍

**ଲାଟେଷ୍ଟ ଫ୍ୟାଶନ୍ ଟ୍ରେଣ୍ଡ ସହ ନିଜକୁ ଅପ୍‌ଡେଟ୍ ରଖିବାରେ ବେଶ୍ ଆଗରେ ଯୁବପିଢ଼ି। ସବୁବେଳେ ସେମାନେ ଫ୍ୟାଶନ୍‌କୁ ନେଇ ନୂଆ ନୂଆ ଏକ୍ସପେରିମେଣ୍ଟ କରିଥାନ୍ତି। ଠିକ୍ ଯେମିତି ବର୍ତ୍ତମାନ ଫ୍ୟାଶନ୍ ସହ ଫିଟ୍‌ନେସ୍‌କୁ ସାମିଲ୍ କରିବା ଆଳରେ ବିଭିନ୍ନ ବାୟୋମ୍ୟାଗ୍ନେଟିକ୍ ଜୁଏଲେରି ପ୍ରତି ସେମାନଙ୍କର ବଢୁଛି କ୍ରେଜ୍...**



➤ଚିକିତ୍ସା ବିଜ୍ଞାନରେ ବିଭିନ୍ନ ଶାରୀରିକ ସମସ୍ୟା ବିଶେଷ କରି ମୁଣ୍ଡ, ଆଣ୍ଠୁ ଗଣ୍ଠି ଆଦି ବିନ୍ଧା, ମାଂସପେଶୀ ଫୁଲା, ଯନ୍ତ୍ରଣା ଭଳି ସମାଧାନ ଲାଗି ଚୁମ୍ବକ ବା ମ୍ୟାଗ୍ନେଟ୍ ବ୍ୟବହାର କରାଯାଇଥାଏ। ଏହାକୁ ଆଖି ଆଗରେ ରଖି ବର୍ତ୍ତମାନ ଜୁଏଲେରିରେ ଏହାକୁ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳୁଛି, ଯାହାକୁ ବାୟୋ- ମ୍ୟାଗ୍ନେଟିକ ଜୁଏଲେରି ବୋଲି କୁହାଯାଉଛି।

➤ପ୍ରଥମେ ଏହି ବାୟୋ- ମ୍ୟାଗ୍ନେଟିକ ଜୁଏଲେରି କେବଳ ଚିକିତ୍ସା ଲାଗି ବ୍ୟବହାର ହେଉଥିବାରୁ ଏହାର ଲିମିଟେଡ୍ ଡିଜାଇନ୍ ହିଁ ମିଳୁଥିଲା ଏବଂ କେତେକ ନିର୍ଦ୍ଦିଷ୍ଟ କମ୍ପାନୀ ଏହାକୁ ପ୍ରସ୍ତୁତ କରୁଥିଲେ। ହେଲେ ବର୍ତ୍ତମାନ ସ୍ୱାସ୍ଥ୍ୟ ସଚେତନ ଯୁବପିଢି ଏହାକୁ ଫ୍ୟାଶନ୍ ଜୁଏଲେରି ଭାବେ ଗ୍ରହଣ କରୁଛନ୍ତି। ତେଣୁ ସେମାନଙ୍କ ଏଥିପ୍ରତି ବଢୁଥିବା ଡିମାଣ୍ଡକୁ ଆଖି ଆଗରେ ରଖି ଅନେକ କମ୍ପାନୀ ମଧ୍ୟ ଏଭଳି ଜୁଏଲେରିର ଭଳିକି ଭଳି ଡିଜାଇନ୍ ପ୍ରସ୍ତୁତ କରୁଛନ୍ତି।

➤ଏଭଳି ଜୁଏଲେରି ଭିତରେ ପେଣ୍ଡେଣ୍ଟ, ବ୍ରେସ୍‌ଲେଟ୍, ନେକ୍‌ଲେସ୍ ଅଧିକ ଡିମାଣ୍ଡରେ ରହିଛି। ବିଶେଷ କରି ଗୋଲ୍ଡେନ୍, ବ୍ଲାକ୍ ବାୟୋ- ମ୍ୟାଗ୍ନେଟିକ୍ ଡିଜାଇନ୍‌ଗୁଡ଼ିକ ବେଶ୍ ଫ୍ୟାଶନେବଲ୍ ବି ଲାଗୁଛି।

➤ ବିଭିନ୍ନ ଅନ୍‌ଲାଇନ୍ ଶପିଂ ସାଇଟ୍‌ରେ ମଧ୍ୟ ଏହା ଉପଲବ୍ଧ ହେଉଛି। ଅନ୍ୟ ଆର୍ଟିଫିସିଆଲ୍ ଜୁଏଲେରି ଭଳି ଏଥିରେ କୌଣସି ଆଲର୍ଜି ସମସ୍ୟା ଦେଖା ଦେଉ ନ ଥିବା ବେଳେ ଏହାର ଦାମ୍ ମଧ୍ୟ ସୁହାଇଲା ଭଳି ହୋଇଥିବାରୁ ଫ୍ୟାଶନ୍ ସହ ଫିଟ୍‌ନେସ୍ ଲାଗି ଅନେକେ ଏହାକୁ ବ୍ୟବହାର କରିବାକୁ ଆଗ୍ରହୀ ହେଉଛନ୍ତି।





ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ୨୮ ଫେବୃୟାରୀ, ୨୦୨୧ Bhubaneswar, Sunday, February 28/2021

# ଦୀପକଙ୍କୁ ରୌପ୍ୟ

**ନୂଆଦିଲ୍ଲୀ, ୨୭।୨ (ପି.ଟି.)**



ବୁଲଗେରିଆର ସୋଫିଆଠାରେ ଚାଲିଥିବା ୭୨ତମ ଷ୍ଟ୍ରାଣ୍ଡଜା ମେମୋରିଆଲ ଟୁର୍ନାମେଣ୍ଟରେ ଭାରତୀୟ ବକ୍ସର ଦୀପକ କୁମାର ରୌପ୍ୟ ପଦକ ସହ ତାଙ୍କ ଅଭିଯାନ ଶେଷ କରିଛନ୍ତି। ଶନିବାର ୫୨ କେଜି ଶ୍ରେଣୀ ଫ୍ଲାଇଓ୍ୱେଟ୍ ଫାଇନାଲରେ ଲଢୁଆ ପ୍ରଦର୍ଶନ ସତ୍ତ୍ୱେ ଦୁଇଥର ୟୁରୋପିଆନ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ ବିଜେତା ବୁଲଗେରିଆର ଡାନିଏଲ ଆସେନୋଭଙ୍କଠାରୁ ସେ ହାରିଯାଇଥିଲେ। ବିଚାରକ ମଣ୍ଡଳୀର ବିଭାଜିତ ରାୟ ସ୍ଥାନୀୟ ଫେଭରାଇଟ୍‌ଙ୍କ ସପକ୍ଷରେ ଯାଇଥିଲା। ସୂଚନାଯୋଗ୍ୟ, ଦୀପକ ସେମିଫାଇନାଲରେ ଅଲିମ୍ପିକ ଓ ବିଶ୍ୱ ଚାମ୍ପିୟନ ଉଜ୍‌ବେକିସ୍ତାନର ଶାଖୋବିଦ୍ଦିନ ଜୋଇରୋଭଙ୍କ ବିପକ୍ଷରେ ଚମକପ୍ରଦ ବିଜୟ ହାସଲ କରିଥିଲେ।

# ଭାରତୀୟ ମହିଳା କ୍ରିକେଟ ଦଳ ଘୋଷିତ

**ନୂଆଦିଲ୍ଲୀ, ୨୭।୨ (ପି.ଟି.)**

**ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ**

ମାର୍ଚ୍ଚ ୭ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଟୁଇନ୍ ସିରିଜ (ଦିନିକିଆ ଓ ଟି୨୦) ପାଇଁ ଭାରତୀୟ ମହିଳା ଦଳ ଘୋଷିତ ହୋଇଛି। ଦିନିକିଆ ଓ ଟି୨୦ ସିରିଜ ଦଳରୁ ଅଭିଜ୍ଞ ଦ୍ରୁତ ବୋଲର ଶିଖା ପାଣ୍ଡେଙ୍କୁ ବାଦ୍ ଦିଆଯାଇଛି। ସେହିପରି ଆଶ୍ଚର୍ଯ୍ୟଜନକ ଭାବେ ଦିନିକିଆ ଦଳର ଧୂଆଁଧାର ଓପନର ଶେଫାଳି ବର୍ମାଙ୍କୁ ବାଦ୍ ଦିଆଇଛି। ନିତୁ ଡେଭିଡ୍‌ଙ୍କ ନେତୃତ୍ୱାଧୀନ ଚୟନ କମିଟି ଶେଫାଳିଙ୍କୁ ବାଦ୍ ଦେଇଥିବାରୁ ଏ ନେଇ ଚର୍ଚ୍ଚା ହେଉଛି। ମିଥାଲି ରାଜ ଓ ପୁନମ ରାଉତଙ୍କ ଷ୍ଟ୍ରାଇକ୍ ରେଟ୍ ନୈରାଶ୍ୟଜନକ ଥିବା ବେଳେ ଦଳରେ ସ୍ଥାନ ପାଇଛନ୍ତି।

ମାତ୍ର ୧୯ଟି ଟି୨୦ ଖେଳିଥିବା ଶେଫାଳି ଗତବର୍ଷ ଟି୨୦ ବିଶ୍ୱକପ୍‌ରେ ଦମ୍‌ଦାର ପ୍ରଦର୍ଶନ କରିଥିଲେ ଓ ଦର୍ଶକଙ୍କ ଭରପୂର ମନୋରଞ୍ଜନ କରିଥିଲେ। ଚୟନକର୍ତ୍ତାମାନେ ଗତବର୍ଷର ଘରୋଇ ସେସନର ପ୍ରଦର୍ଶନ ସହିତ ବାଂଲାଦେଶ ବିପକ୍ଷରେ ସିରିଜରେ ଏ ଓ ବି ଦଳର ପ୍ରଦର୍ଶନକୁ ବିଚାର କରି ଦଳ ଚୟନ କରିଛନ୍ତି। ଦୁଇଟି ଫର୍ମାଟ୍ ପାଇଁ ଉଇକେଟକିପର ବ୍ୟାଟ୍ସମ୍ୟାନ ଶ୍ୱେତା ଭର୍ମା ଓ ସୁଷମା ବର୍ମାଙ୍କୁ ଉଭୟ ଦଳରେ ସାମିଲ କରାଯାଇଛି। ସେହିପରି ଡାହାଣହାତୀ ମିଡିୟମ ପେସର ସି. ପ୍ରତ୍ୟୁଷା ଓ ମୋନିକା ପଟେଲ ଉଭୟ ଦଳରେ ସ୍ଥାନ ପାଇଛନ୍ତି। ସେହିପରି ଯୁବ ଦ୍ରୁତ ବୋଲର ସିମ୍‌ରନ ଦିଲ ବାହାଦୁର ମଧ୍ୟ ଟି୨୦ ଦଳରେ ସ୍ଥାନ ପାଇଛନ୍ତି। ସେହିପରି ଦୁର୍ବଳ ଫର୍ମ ଦେଇ ଗତିକରୁଥିବା ଭେଦା କ୍ରିଷ୍ଣମୂର୍ତ୍ତି ଉଭୟ ଦଳରୁ ବାଦ୍ ପଡିଛନ୍ତି। ଦିନିକିଆ ଦଳରେ ଏକତା ବିଷ୍ଟଙ୍କୁ ବାଦ୍ ଦିଆଯାଇଥିବା ବେଳେ ଯଷ୍ଟିକା ଭାଟିଆ ସାମିଲ ହୋଇଛନ୍ତି।

ଦୁଇଟି ସିରିଜର ସବୁ ମ୍ୟାଚ୍ ଲକ୍ଷ୍ନୌର ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀ ଏକାନା ଅନ୍ତର୍ଜାତୀୟ ଷ୍ଟାଡିୟମରେ ଖେଳାଯିବ। ମାର୍ଚ୍ଚ ୭ରୁ ୧୭ ତାରିଖ ମଧ୍ୟରେ ଦିନିକିଆ ମ୍ୟାଚ୍ ଖେଳାଯିବ। ସେହିପରି ମାର୍ଚ୍ଚ ୨୦ରୁ ୨୩ ମଧ୍ୟରେ ଟି୨୦ ମ୍ୟାଚ୍‌ଗୁଡିକ ଅୟୋଜନ ହେବ। **ଦିନିକିଆ ଦଳ:** ମିଥାଲି ରାଜ (ଅଧିନାୟିକା), ସ୍ମୃତି ମାନ୍ଧନା, ଜେମିମା ରୋଡ୍ରିଗୁଏଜ, ପୁନମ ରାଉତ, ପ୍ରିୟା ପୁନିଆ, ଯଷ୍ଟିକା ଭାଟିଆ, ହରମନପ୍ରୀତ କୌର (ଉପଅଧିନାୟିକା), ଡି. ହେମଲତା, ଦୀପ୍ତି ଶର୍ମା, ସୁଷମା ବର୍ମା (ଉଇକେଟକିପର), ଶ୍ୱେତା ବର୍ମା (ଉଇକେଟକିପର), ରାଧା ଯାଦବ, ରାଜେଶ୍ୱରୀ ଗାଏକ୍ୱାଡ, ଝୁଲଣ ଗୋସ୍ୱାମୀ, ମାନସୀ ଜୋଷୀ, ପୁନମ ଯାଦବ, ସି. ପ୍ରତ୍ୟୁଷା ଓ ମୋନିକା ପଟେଲ। **ଟି୨୦ ଦଳ:** ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମାନ୍ଧନା (ଉପଅଧିନାୟକ), ଶେଫାଳି ବର୍ମା, ଜେମିମା ରୋଡ୍ରିଗୁଏଜ, ଦୀପ୍ତି ଶର୍ମା, ରିଚା ଘୋଷ, ହାର୍ଲିନ ଦେଓଲ, ସୁଷମା ବର୍ମା (ଉଇକେଟକିପର), ନୁଝତ ପରବୀନ (ଉଇକେଟକିପର), ଆୟୁଷୀ ସୋନୀ, ଅରୁନ୍ଧତି ରେଡ୍ଡୀ, ରାଧା ଯାଦବ, ରାଜେଶ୍ୱରୀ ଗାଏକ୍ୱାଡ, ପୁନମ ଯାଦବ, ମାନସୀ ଜୋଷୀ, ମୋନିକା ପଟେଲ, ସି. ପ୍ରତ୍ୟୁଷା ଓ ସିମ୍‌ରନ ଦିଲ ବାହାଦୁର।

**ଘୋଷଣା।**

୧୯୫୬ ମସିହା ରେଜିଷ୍ଟ୍ରେଶନ ଅଫ ନ୍ୟୁଜ ପେପର୍ସ (ସେଣ୍ଟ୍ରାଲ) ନିୟମ ଅନୁସାରେ ଦୈନିକ ଧରିତ୍ରୀର ବିବରଣୀ

(ଚତୁର୍ଥ ଫର୍ମ ଅଷ୍ଟମ ଧାରା)

| | | |
|---|---|---|
| ୧. ପ୍ରକାଶ ସ୍ଥାନ | – | ଭୁବନେଶ୍ୱର |
| ୨. ପ୍ରକାଶ ସମୟ | – | ପ୍ରତ୍ୟହ ପ୍ରଭାତ |
| ୩. ମୁଦ୍ରାକରଙ୍କ ନାମ | – | ତଥାଗତ ସତପଥୀ |
| ଜାତୀୟତା | – | ଭାରତୀୟ |
| ଠିକଣା | – | ବି–୧୫, ଶିଳ୍ପାଞ୍ଚଳ ଭୁବନେଶ୍ୱର–୭୫୧୦୧୦ |
| ୪. ପ୍ରକାଶକଙ୍କ ନାମ | – | ତଥାଗତ ସତପଥୀ |
| ଜାତୀୟତା | – | ଭାରତୀୟ |
| ଠିକଣା | – | ବି–୧୫, ଶିଳ୍ପାଞ୍ଚଳ ଭୁବନେଶ୍ୱର–୭୫୧୦୧୦ |
| ୫. ସମ୍ପାଦକଙ୍କ ନାମ | – | ତଥାଗତ ସତପଥୀ |
| ଜାତୀୟତା | – | ଭାରତୀୟ |
| ଠିକଣା | – | ବି–୧୫, ଶିଳ୍ପାଞ୍ଚଳ ଭୁବନେଶ୍ୱର–୭୫୧୦୧୦ |
| ୬. ସ୍ୱତ୍ୱାଧିକାରୀଙ୍କ ନାମ | – | ନବଜାତ ପ୍ରିଣ୍ଟର୍ସ ଆଣ୍ଡ ମିଡିଆ ପ୍ରାଇଭେଟ ଲିମିଟେଡ |
| ଠିକଣା | – | ୧୦୭, ସୂର୍ଯ୍ୟ ନଗର ଭୁବନେଶ୍ୱର–୭୫୧୦୦୩ |

ଆମ୍ଭେ ତଥାଗତ ସତପଥୀ ଏତଦ୍ୱାରା ଘୋଷଣା କରୁଅଛୁ କି ଉପରୋକ୍ତ ବିବରଣୀମାନ ସତ୍ୟ ବୋଲି ଆମ୍ଭର ବିଶ୍ୱାସ ଓ ହୃଦ୍‌ବୋଧ ହୋଇଅଛି ।

ତଥାଗତ ସତପଥୀ
ପ୍ରକାଶକ, ଧରିତ୍ରୀ
୨୮।୨।୨୦୨୧

# ଫାଇନାଲରେ ତମାଣ୍ଡୋ

**ବାଙ୍କୀ, ୨୭।୨ (ବି.ପ୍ର./ସ୍ୱ.ପ୍ର.)**

ବାଙ୍କୀ ବ୍ଲକ ପଥୁରୀପଡାରେ ଚାଲିଥିବା ୩୩ତମ ରାଜ୍ୟସ୍ତରୀୟ ହରିଶ୍ଚନ୍ଦ୍ର ମିଶ୍ର କ୍ରିକେଟ ଟୁର୍ନାମେଣ୍ଟର ୨ୟ ସେମିଫାଇନାଲ ମ୍ୟାଚ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତମାଣ୍ଡୋ ଫାଇନାଲରେ ପ୍ରବେଶ କରିଛି। ମହାବେରଣା ହାଇସ୍କୁଲ ପଡିଆରେ ଚାଲିଥିବା ଏହି ମ୍ୟାଚରେ ତମାଣ୍ଡୋ ଓ ଦିଶା ବୈଦେଶ୍ୱର କ୍ରିକେଟ କ୍ଲବ ପରସ୍ପରକୁ ଭେଟିଥିଲେ। ତମାଣ୍ଡୋ କ୍ରିକେଟ ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟ୍ ହରାଇ ୨୭୫ ରନ ସଂଗ୍ରହ କରିଥିଲା। ଜବାବରେ ଦିଶା ବୈଦେଶ୍ୱର ୨୦ ଓଭରରେ ୭ ଉଇକେଟ୍ ହରାଇ ୨୭୩ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ତମାଣ୍ଡୋ ଟିମ୍‌ର ଅଭିଶେକ ପଟ୍ଟନାୟକ ୧୩୪ ରନ୍ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମ୍ୟାଚରେ ମୁଖ୍ୟ ଅତିଥିଭାବେ ତାରାଚାନ୍ଦ ପଟ୍ଟନାୟକ ଯୋଗଦେଇଥିଲେ। ମହାବେରଣା କ୍ଲବର ସମ୍ପାଦକ ସଦାଶିବ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଖେଳରେ ବାମନ ଚରଣ ମହାପାତ୍ର, ହରିଶ୍ଚନ୍ଦ୍ର ତ୍ରିପାଠୀ, ଶିବପ୍ରସାଦ ଦେହୁରୀ ଯୋଗଦେଇ ଧାରା ବିବରଣୀ ପ୍ରଦାନ କରିଥିଲେ। ସୁଧୀର ରଞ୍ଜନ ପଣ୍ଡା ଓ କବିନ୍ଦ୍ର ନାୟକ ଖେଳ ପରିଚାଳନା କରିଥିଲେ। ରବିବାର ତମାଣ୍ଡୋ ଓ କୁମାରବସ୍ତ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ସୂଚନା ଦେଇଛନ୍ତି।

# ଚତୁର୍ଥ ଟେଷ୍ଟ ଖେଳିବେନି ବୁମ୍‌ରା

**ଅହମଦାବାଦ, ୨୭।୨ (ପି.ଟି.)**

ବ୍ୟକ୍ତିଗତ କାରଣରୁ ଗୁରୁବାରଠାରୁ ଆରମ୍ଭ ହେବାକୁ ଥିବା ଇଂଲଣ୍ଡ ବିପକ୍ଷ ଚତୁର୍ଥ ତଥା ଅନ୍ତିମ ଟେଷ୍ଟ ମ୍ୟାଚରେ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଖେଳିବେ ନାହିଁ। ଦଳରୁ ତାଙ୍କୁ ରିଲିଜ କରିବା ଲାଗି ସେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ଅନୁରୋଧ କରିଥିଲେ। ତାଙ୍କ ଅନୁରୋଧକୁ ଗ୍ରହଣ କରାଯାଇଥିବା ବିସିସିଆଇ ସମ୍ପାଦକ ଜୟ ଶାହା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଚେନ୍ନାଇରେ ଚଳିତ ଇଂଲଣ୍ଡ ବିପକ୍ଷ ସିରିଜ ଅନ୍ତର୍ଗତ ପ୍ରଥମ ଟେଷ୍ଟରେ ବୁମ୍‌ରା ୪ ଉଇକେଟ ନେଇଥିଲେ। ଏଥିରେ ଭାରତ ୨୨୭ ରନରେ ପରାଜିତ ହୋଇଥିଲା। ପରେ ଚେନ୍ନାଇରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ବୁମ୍‌ରାଙ୍କୁ ବିଶ୍ରାମ ଦିଆଯାଇଥିଲା। ଏଥିରେ ଭାରତ ୩୧୭ରନରେ ବିଜୟୀ ହୋଇଥିଲା। ଗୁରୁବାର ମୋଟେରାଠାରେ ୨ ଦିନରେ ଶେଷ ହୋଇଥିବା ତୃତୀୟ ଟେଷ୍ଟରେ ଏହି ଫାଷ୍ଟ ବୋଲର ଗୋଟିଏ ହେଲେ ଉଇକେଟ ନେଇପାରି ନ ଥିଲେ।

# ଭାରତ ପରାସ୍ତ

**ଡସେଲଡର୍ଫ, ୨୭।୨ (ପି.ଟି.):** ବିଶ୍ୱର ୩ ନମ୍ବର ମାନ୍ୟତାପ୍ରାପ୍ତ ଜର୍ମାନୀ ମହିଳା ହକି ଦଳ ୫-୦ ଗୋଲରେ ଭ୍ରମଣକାରୀ ଭାରତକୁ ପରାସ୍ତ କରିଛି। ଆୟୋଜକ ଦଳ ପକ୍ଷରୁ ପିଆ ମାର୍ଟେନ୍ସ (୧୦ମ ଓ ୧୪ତମ ମିନିଟ), ଲିନା ମାଇକେଲ (୨୦ତମ) ପଲିନ୍ ହେଞ୍ଜ୍ (୨୮ତମ) ଏବଂ ଲିସା ଅଲ୍‌ଟେନବର୍ଗ (୪୧ତମ) ଗୋଲ ସ୍କୋର କରିଥିଲେ। ମ୍ୟାଚରେ ଜର୍ମାନୀ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ତୃତୀୟ କ୍ୱାର୍ଟରରେ ଲଢୁଆ ପ୍ରଦର୍ଶନ ସହ ଭାରତ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିବାକୁ ଚେଷ୍ଟା କରି ବିଫଳ ରହିଥିଲା।















3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ